# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ' ୫/୨୦୨୩ (୧୪ ପୃଷ୍ଠା) | Bhubaneswar, Friday, May 5/2023 | Page 14 ₹ 7.00

୪୯ଶ ଭାଗ ୧୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 159 ମୂଲ୍ୟ₹୭/-




## ଶ୍ରଦ୍ଧାଞ୍ଜଳି ହେଲେ ଜାତୀୟ ଚୟନକର୍ତ୍ତା

ଭାରତୀୟ ମହିଳା ଫୁଟ୍‌ବଲ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତି ପାଇଛନ୍ତି ଓଡ଼ିଶାର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

୧୪

୦୫

## ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି: ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ୩ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଛନ୍ତି। ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି ବୋଲି ସେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।



# ମଣିପୁରରେ ପୋଲିସ ଗୁଳିରେ ୪ ମୃତ

## ହିଂସା ଅଣାୟତ୍ତ: ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ



ଇମ୍ଫାଲରେ ବିକ୍ଷୋଭକାରୀମାନଙ୍କ ପୋଡ଼ାଜଳା।

**ଇମ୍ଫାଲ/ନୂଆଦିଲ୍ଲୀ,୪।୫**

ଭାଜପା ଶାସିତ ରାଜ୍ୟ ମଣିପୁରରେ ମେଇତି ସମ୍ପ୍ରଦାୟ ଅଣଆଦିବାସୀ। ରାଜ୍ୟର ମୋଟ ଜନସଂଖ୍ୟାର ୫୩% ଏହି ବର୍ଗର। ଆଦିବାସୀ ସମ୍ପ୍ରଦାୟର ନାଗା ଓ କୁକିଙ୍କ ସଂଖ୍ୟା ହେଉଛି ୪୦%ରୁ କମ୍। ମେଇତି ସମ୍ପ୍ରଦାୟକୁ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ତାଲିକାରେ ସାମିଲ କରିବା ପାଇଁ ମଣିପୁର ହାଇକୋର୍ଟଙ୍କ ରାୟ ପରେ ନାଗା ଓ କୁକି ଆଦିବାସୀମାନେ ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବୁଧବାରଠାରୁ ରାଜ୍ୟରେ ହିଂସାତ୍ମକ ଆନ୍ଦୋଳନ ଚାଲିଛି। ଆଦିବାସୀ ଓ ଅଣଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଗୁରୁବାର ଉଗ୍ରରୂପ ନେଇଛି। ଆଦିବାସୀଙ୍କ ହିଂସାତ୍ମକ ଆନ୍ଦୋଳନର ନିଆଁ ରାଜଧାନୀ ଇମ୍ଫାଲକୁ ବ୍ୟାପିବା ପରେ ରାଜ୍ୟ ସରକାର ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୫୫ କଲମ୍ ସେନା ଯବାନଙ୍କୁ ମୁତୟନ ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚୁରଚନ୍ଦପୁରରେ ବିକ୍ଷୋଭବେଳେ ପୋଲିସ ଗୁଳିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮୦ ଜଣ ଆହତ ହୋଇଛନ୍ତି। ସେହିପରି କାଙ୍ଗପୋକ୍‌ପିରେ ପୋଲିସ ଗୁଳି ଚଳାଇବାରୁ ଜଣେ ୨୦ ବର୍ଷୀୟ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ଘଟିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍)ର ୫୦୦ ଯବାନଙ୍କୁ ଉତ୍ତର-ପୂର୍ବ ରାଜ୍ୟକୁ ପଠାଯାଇଛି। ୮ ଜିଲାରେ ମୋବାଇଲ ଇଣ୍ଟରନେଟ୍ ସେବା ବାତିଲ କରାଯାଇଛି।

ମେଇତି ସମ୍ପ୍ରଦାୟ ମଣିପୁର ଭୂଖଣ୍ଡର ୧୦% ଅଞ୍ଚଳରେ ବସବାସ କରୁଥିଲେ ହେଁ ସେମାନଙ୍କ ସଂଖ୍ୟା ☞ପୃଷ୍ଠା-୪

ମଣିପୁର ସ୍ଥିତିକୁ ନେଇ ମୁଁ ମର୍ମାହତ। ବୁଧବାର ରାତିରୁ ସ୍ଥିତି ଖରାପ ହେବାରେ ଲାଗିଛି। ମୋ ରାଜ୍ୟ



ଜଳୁଛି। କେତେଜଣ ଲୋକ ସେମାନଙ୍କ ପରିବାର ସଦସ୍ୟଙ୍କୁ ହରାଇଛନ୍ତି। ଯଥାଶୀଘ୍ର ସମ୍ଭବ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଦୟାକରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ।

**-ମେରି କମ୍, ବକ୍ସିଂ ଚାମ୍ପିୟନ୍ ତଥା ରାଜ୍ୟ ସଭା ସଦସ୍ୟା**




# ନିଶା ପାଇଁ ନେଉଛନ୍ତି ନିଷିଦ୍ଧ ଇଞ୍ଜେକ୍ସନ

**ଯେତେ ମାଦକଦ୍ରବ୍ୟ ସେବନ କଲେ ବି ଅଭ୍ୟାସଗତ ନିଶାଡ଼ିଙ୍କୁ ନିଶା ଧରୁନାହିଁ। ସେଥିପାଇଁ ସେମାନେ ଏବେ ଏହାର ବିକଳ୍ପ ଖୋଜିବାରେ ଲାଗିଛନ୍ତି। ଏଥିପାଇଁ ସେମାନଙ୍କୁ ବିପୁଳ ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକ ହେଉନାହିଁ କି ବିଶେଷ କଷ୍ଟ କରିବାକୁ ପଡୁନାହିଁ। କାରଣ ଏବେ ସହଜ ନିଶାର ମାଧ୍ୟମ ସାଜିଛି ଫୋର୍ଟୱିନ, ଫେନରଗାନ୍ ଭଳି ନିଷିଦ୍ଧ ଇଞ୍ଜେକ୍ସନ। ମାତ୍ର ୨ରୁ ୫ ଏମ୍‌ଏଲ୍‌ରେ ଦିନତମାମ ନିଶାରେ ଚୂର ହୋଇ ରହୁଛନ୍ତି ନିଶାସକ୍ତ ବ୍ୟକ୍ତି। ହେଲେ ଥରେ ଅଭ୍ୟାସରେ ପଡ଼ିଗଲେ ସ୍ୱାସ୍ଥ୍ୟବାନ୍ ଶରୀର କଙ୍କାଳସାର ହୋଇଯାଉଛି। ରକ୍ତହୀନତା, ଉଚ୍ଚ ରକ୍ତଚାପ ସମେତ ଜଟିଳ ସ୍ନାୟବିକ ରୋଗ ମାଡ଼ିବସୁଛି। ଆଦିବାସୀ ବହୁଳ ରାୟଗଡ଼ା ଜିଲାର ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏବେ ଏଭଳି ଇଞ୍ଜେକ୍ସନର ବହୁଳ ବ୍ୟବହାର ଚିନ୍ତାର କାରଣ ପାଲଟିଛି।**



**ଆଶିଷ ରଞ୍ଜନ ପଣ୍ଡା**
ରାୟଗଡ଼ା, ୪।୫

ନିଦ୍ରାହୀନତା, ବାନ୍ତି, ମୁଣ୍ଡବ୍ୟଥା, ଶରୀରରେ ହେଉଥିବା ଅସହ୍ୟ ଯନ୍ତ୍ରଣା ଉପଶମ ପାଇଁ ବ୍ୟବହାର କରାଯାଏ ଫୋର୍ଟୱିନ ଏବଂ ଫେନରଗାନ୍ ଇଞ୍ଜେକ୍ସନ। ଅସ୍ତ୍ରୋପଚାର ପରବର୍ତ୍ତୀ ସମୟରେ ହେଉଥିବା ପୀଡ଼ା ଏବଂ ବାନ୍ତିକୁ ରୋକିବାରେ ଏହା ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ରୋଗୀଙ୍କ ପାଇଁ ସେତିକି ଆବଶ୍ୟକତା ଅନୁଭବ କରିବା ପରେ ହିଁ ଡାକ୍ତର ଏଥିଲାଗି ପରାମର୍ଶ ଦେଇଥାଆନ୍ତି। ହେଲେ ଜଟିଳ ପାର୍ଶ୍ୱପ୍ରତିକ୍ରିୟା ଦେଖାଯିବା ଆଶଙ୍କା ଥିବାରୁ ପ୍ରାୟ ୧୦ ବର୍ଷ ହେଲା ବିନା ପ୍ରେସ୍‌କ୍ରିପ୍‌ଶନରେ ଏହି ଦୁଇ ଇଞ୍ଜେକ୍ସନର ଅବାଧ କାରବାର ଉପରେ କଟକଣା ଜାରି କରାଯାଇଛି। ତେବେ ରାୟଗଡ଼ା ଜିଲାର ନିଶା କବଳିତ ଯୁବପିଢ଼ି ଏଭଳି ବିପଜ୍ଜନକ ଇଞ୍ଜେକ୍ସନର ଭୟାବହତା ବିଷୟରେ ସାମାନ୍ୟତମ ସଚେତନ ନାହାନ୍ତି। ଶସ୍ତାରେ ନିଶା ଆବଶ୍ୟକତା ପୂରଣ କରିବାକୁ ଯାଇ ସେମାନେ ସ୍ୱାସ୍ଥ୍ୟକୁ ବିପଦ ମୁହଁକୁ ଠେଲି ଦେଉଛନ୍ତି। ନିଶା ଇଞ୍ଜେକ୍ସନର ଏଭଳି ଅବାଧ କାରବାର ରୋକିବା ଦିଗରେ ଡ୍ରଗ୍ସ ବିଭାଗର ନିୟନ୍ତ୍ରଣ ନ ଥିବାବେଳେ ଏହାର ଚେର ସହର ଡେଇଁ କ୍ରମଶଃ ଗ୍ରାମାଞ୍ଚଳକୁ ମାଡ଼ିଚାଲିଥିବା ଅଭିଯୋଗ ହେଉଛି।

'ଧରିତ୍ରୀ' ପକ୍ଷରୁ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି, ରାୟଗଡ଼ା ଜିଲାର ରାୟଗଡ଼ା, ମୁନିଗୁଡ଼ା ସମେତ ଶିଳ୍ପ ପ୍ରତିଷ୍ଠାନ ଗଢ଼ି ଉଠିଥିବା ଅଞ୍ଚଳରେ ନିଶା କବଳିତ ଯୁବପିଢ଼ି ଅସୁରକ୍ଷିତ ଭାବେ ଫୋର୍ଟୱିନ୍ ଏବଂ ଫେନରଗାନ୍ ଇଞ୍ଜେକ୍ସନ ବ୍ୟବହାର କରୁଛନ୍ତି। ୨ ଏମ୍‌ଏଲ୍ ବିଶିଷ୍ଟ ☞ପୃଷ୍ଠା-୪

## ଭାରତରେ ଜନସଂଖ୍ୟା ବିସ୍ଫୋରଣ: ସଂଘର୍ଷରତ ମା' କାନ୍ଧରେ ପରିବାର ବୋଝ

☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ସମସ୍ୟା

# ମନ୍ତ୍ରୀଙ୍କ ଗଡ଼ରେ ଭାଜପା

■ ୧୧ ନଂ. ଜିଲା ପରିଷଦ ଉପନିର୍ବାଚନରେ ଜିତିଲେ ବିରୋଧୀ

■ ବିଜେଡି ପ୍ରାର୍ଥୀ ୧୭୬ଖଣ୍ଡ ଭୋଟରେ ହାରିଲେ

**ଭୁବନେଶ୍ୱର(ବ୍ୟୁରୋ)/ ଗୋପ,୪।୫(ଡି.ଏନ୍.ଏ.)**

ରାଜ୍ୟର ଜଣେ ଶକ୍ତିଶାଳୀ ମନ୍ତ୍ରୀ ଭାବେ ଜଣାଶୁଣା ସମୀର ରଞ୍ଜନ ଦାଶଙ୍କୁ ପୁରୀ ଜିଲା ଗୋପ ବ୍ଲକ ୧୧ ନମ୍ବର ଜୋନ୍ ଜିଲା ପରିଷଦ ଉପନିର୍ବାଚନରେ ଶକ୍ତ ଝଟ୍‌କା ଲାଗିଛି। ବିଜେଡି ଏବଂ ଭାଜପା ମଧ୍ୟରେ ଏହି ଆସନରେ କଡ଼ା ଲଢେଇ ହୋଇଥିବା ବେଳେ ମନ୍ତ୍ରୀଙ୍କ ଗଡରେ କିନ୍ତୁ ଭାଜପା ବାଜିମାତ କରିଛି। ୧୭୬ ଖଣ୍ଡ ଭୋଟ୍‌ରେ ବିଜେଡି ପ୍ରାର୍ଥୀ ଭାଗୀରଥି ସେନାପତିଙ୍କୁ ହରାଇଛନ୍ତି ଭାଜପା ପ୍ରାର୍ଥୀ ପ୍ରମୋଦ କୁମାର ରାୟ। କଂଗ୍ରେସ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ୧୦୨୪ ଖଣ୍ଡ ଭୋଟ୍ ମିଳିଛି। ୨୦୦୯ ମସିହାରୁ ପ୍ରଥମ କରି ନିମାପଡା ବିଧାନସଭା ଆସନରୁ ବିଧାୟକ ହୋଇ ଆସୁଥିବା ସମୀର ଦାଶ ଲଗାତର ୩ଟି ନିର୍ବାଚନରେ ବିଜୟୀ ହୋଇ ଆସୁଛନ୍ତି। ହେଲେ ମନ୍ତ୍ରୀ ଦାଶଙ୍କ ନେତୃତ୍ୱରେ ଲଢାଯାଉଥିବା ଏହି ଜିଲା ପରିଷଦ ଉପନିର୍ବାଚନରେ ବିଜେଡିର ପରାଜୟ ଜିଲା ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ପଞ୍ଚାୟତ ନିର୍ବାଚନରେ ଏହି ଜିଲା ପରିଷଦ ଆସନରୁ ବିଜୟୀ ହୋଇଥିବା ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପରେ ଏଠାରେ ଉପନିର୍ବାଚନ ହୋଇଥିଲା। ଗତ ୨ ତାରିଖରେ ନିର୍ବାଚନ ହୋଇଥିବାବେଳେ ଗୁରୁବାର ଗଣତି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ପକ୍ଷରୁ ବହୁ ହେଭିୱେଟ୍ ନେତା ଏହି ଜିଲା ପରିଷଦ ଉପନିର୍ବାଚନରେ ପ୍ରଚାର ଦାୟିତ୍ୱ ତୁଲାଇଥିଲେ। ଏହି ଜିଲା ପରିଷଦ ଆସନର କିଛି ପଞ୍ଚାୟତ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ତେଣୁ ସେହି ପଞ୍ଚାୟତଗୁଡ଼ିକର ଭୋଟ ହାତେଇବା ଲାଗି ଦଳ ପକ୍ଷରୁ ବହୁ ଉଦ୍ୟମ କରାଯାଇଥିଲା। ପୁରୀ ବିଜେଡିରେ ଦୁଇ ନେତା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଯୁବ ନେତା ଶୁଭାଶିଷ ଖୁଣ୍ଟିଆ ଏବେ ନିଜ ନିଜର ସମାନ୍ତରାଳ ସଙ୍ଗଠନ ଚଳାଇଛନ୍ତି। ☞ପୃଷ୍ଠା-୪










**ସେନା ହେଲିକପ୍ଟର ଦୁର୍ଘଟଣା: ଟେକ୍ନିସିଆନ୍ଙ୍କ ମୃତ୍ୟୁ**

**ଜମ୍ମୁ:** ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଅନ୍ତର୍ଗତ ଜଙ୍ଗଲ ଅଞ୍ଚଳରେ ଗୁରୁବାର ସୈନ୍ୟବାହିନୀର ଏକ ହେଲିକପ୍ଟର ଦୁର୍ଘଟଣା ଗ୍ରସ୍ତ ହେବାରୁ ଜଣେ ଟେକ୍ନିସିଆନଙ୍କ ମୃତ୍ୟୁ ଘଟିବା ସହ ଦୁଇଜଣ ପାଇଲଟ ଆହତ ହୋଇଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଧ୍ରୁବ ହେଲିକପ୍ଟରଟି ଅବତରଣ ବେଳେ ଭୂମିରେ ପିଟିହୋଇ ଯାଇଥିଲା। ଦୁର୍ଘଟଣାର କୋର୍ଟ ଅଫ୍ ଇନ୍କ୍ୱାରି ନିର୍ଦ୍ଦେଶ ଦିଆଯାଇଛି। ଆହତଙ୍କୁ ଉଦ୍ଧମପୁରସ୍ଥିତ କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଏସ୍‌ୟୁଭି, ଟ୍ରକ୍ ଧକ୍କା : ୧୧ ମୃତ



ବାଲୋଡ, ୪।୫: ଛତିଶଗଡ଼ ବାଲୋଡ ଜିଲା ଜଗତାରା ଗ୍ରାମ ନିକଟରେ ଏସ୍‌ୟୁଭି କାର୍ ଟ୍ରକ୍ ସହ ଧକ୍କା ହେବା ଫଳରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୨ ଶିଶୁ ଅଛନ୍ତି। ପ୍ରାଣ ହରାଇଥିବା ସମସ୍ତ ବ୍ୟକ୍ତି ଗୋଟିଏ ପରିବାରର ହୋଇଥିବା ପୋଲିସ କହିଛି। ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଧାମତାରି ଜିଲା ସୋରାମଭାଟଗାଁଓରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଏସ୍‌ୟୁଭିରେ ବସି ଯାଉଥିବାବେଳେ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ପୋଲିସ କହିଛି।

### କର୍ଣ୍ଣାଟକରେ ଭିଏଚ୍‌ପି, ବଜରଙ୍ଗ ଦଳର ବିକ୍ଷୋଭ

ବେଙ୍ଗାଲୁରୁ,୪।୫: କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରସ୍ତାବ ରଖିଥିବାରୁ ଏହାର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଏବଂ ବଜରଙ୍ଗ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେତେକ ସ୍ଥାନରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ବିକ୍ଷୋଭ ବେଳେ ବଜରଙ୍ଗ ଦଳର କର୍ମୀମାନେ କଂଗ୍ରେସ ଇସ୍ତାହାର ପୋଡ଼ିଥିଲେ। ବେଙ୍ଗାଲୁରୁ ସମେତ ଚିକ୍କାବଲ୍ଲପୁର, ଶ୍ରୀରଙ୍ଗାପାଟନା, ମାଣ୍ଡ୍ୟା, ଚିକ୍କମାଗାଲୁରୁ ଓ ଅନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତେଜିତ ବଜରଙ୍ଗ ଦଳ କର୍ମୀ କଂଗ୍ରେସ ଇସ୍ତାହାର ପୋଡ଼ିବା ସହ ଏହାକୁ ଚପଲରେ ପିଟିଥିଲେ।

ବିଶ୍ୱହିନ୍ଦୁ ପରିଷଦ ସ୍ୱୀକୃତ ଯୁବ ସଂଗଠନ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବାର କୌଣସି ପ୍ରସ୍ତାବ ନାହିଁ ବୋଲି ବିରୋଧ ପରେ କଂଗ୍ରେସ ପକ୍ଷରୁ କୁହାଯାଇଛି। ଉଡୁପିରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏମ୍‌ପି ବୀରାପ୍ପା ମୋଇଲି ଏହା କହିଛନ୍ତି। କର୍ଣ୍ଣାଟକ ସରକାର ବଜରଙ୍ଗ ଦଳକୁ ବ୍ୟାନ୍ କରିପାରିବେ ନାହିଁ ବୋଲି ମୋଇଲି କହିଛନ୍ତି।

### ପାକିସ୍ତାନ ସ୍କୁଲରେ ଗୁଳି: ୭ ଶିକ୍ଷକ ମୃତ

ଇସ୍‌ଲାମାବାଦ,୪।୫: ଉତ୍ତରପଶ୍ଚିମ ପାକିସ୍ତାନର ଏକ ସ୍କୁଲ୍‌ରେ ଗୁରୁବାର ଗୁଳିକାଣ୍ଡ ଘଟି ୭ ଶିକ୍ଷକ ପ୍ରାଣ ହରାଇଛନ୍ତି। ଏହା ପୂର୍ବରୁ ଅନ୍ୟ ଏକ ଗୁଳିକାଣ୍ଡରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମାନ୍ତ କୁରମ ଆଦିବାସୀ ଜିଲାର ପରଚିନାର ଅଞ୍ଚଳରେ ଗୁରୁବାର ଉଭୟ ଗୁଳିକାଣ୍ଡ ଘଟିଛି। ଗୁଳି ଚଳାଇବା ପଛର ଉଦ୍ଦେଶ୍ୟ ଜଣାପଡ଼ି ନ ଥିବାବେଳେ ସମସ୍ତ ମୃତ ଶିକ୍ଷକ ସଂଖ୍ୟାଲଘୁ ଶିୟା ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଶୁଣାଣି ବନ୍ଦ କଲେ ସୁପ୍ରିମକୋର୍ଟ

## ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ନୂଆଦିଲ୍ଲୀ,୪।୫

ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ଶୁଣାଣିକୁ ସୁପ୍ରିମକୋର୍ଟ ଗୁରୁବାର ବନ୍ଦ କରିଦେଇଛନ୍ତି। ବ୍ରିଜଭୂଷଣଙ୍କ ବିରୋଧରେ ଏତଲା ଦାଏର ହେବା ସହ ଆବେଦନକାରିଣୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦିଆଯାଇଥିବା ସର୍ବୋଚ୍ଚ ଅଦାଲତ କହିଥିଲେ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଭାଜପା ଏମ୍‌ପି ବ୍ରିଜଭୂଷଣଙ୍କ ବିରୋଧରେ ଅଭିଯୋଗର ତଦନ୍ତ ପାଇଁ କୁସ୍ତିଯୋଦ୍ଧାମାନଙ୍କ ଓକିଲ କରିଥିବା ନିବେଦନକୁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଥିଲେ। ତେବେ କୁସ୍ତିଯୋଦ୍ଧାମାନେ ଦିଲ୍ଲୀ ହାଇକୋର୍ଟ କିମ୍ବା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇପାରିବେ। ଏତଲା ଦାଏର ପାଇଁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିବାବେଳେ ସେହି ଉଦ୍ଦେଶ୍ୟ ପୂରଣ ହୋଇଥିବା ଖଣ୍ଡପୀଠ କହିଥିଲେ।



ଆନ୍ଦୋଳନ ଜାରି ରହିବା ନେଇ କୁସ୍ତିଯୋଦ୍ଧାମାନେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସେମାନଙ୍କ ପ୍ରତି ଝଟକା ନୁହେଁ ବୋଲି କୁସ୍ତିଯୋଦ୍ଧାମାନେ କହିବା ସହ ସେମାନଙ୍କ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଜଣେ ନାବାଳିକାଙ୍କ ସମେତ ୭ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ବ୍ରିଜଭୂଷଣଙ୍କ ଗିରଫ ଦାବି କରି ସେମାନେ ଏପ୍ରିଲ ୨୩ରୁ ଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରେ ବସିରହିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟକୁ ଆମେ ସମ୍ମାନ ଦେଉଛୁ, ତେବେ ଆନ୍ଦୋଳନ ଜାରି ରହିବ ବୋଲି ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାକ୍ଷୀ ମଲିକ କହିଛନ୍ତି। ବରିଷ୍ଠମାନଙ୍କ ସହ ପରାମର୍ଶ କରି ପରବର୍ତ୍ତୀ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବୁ ବୋଲି ଭିନେଶ ଫୋଗତ କହିଛନ୍ତି।

## କୁସ୍ତିଯୋଦ୍ଧାଙ୍କ ଉପରେ ପୋଲିସର ବଳ ପ୍ରୟୋଗ

ନୂଆଦିଲ୍ଲୀ,୪।୫

କେତେଜଣ ପୋଲିସ କର୍ମଚାରୀ ମଦ ପିଇ ଆନ୍ଦୋଳନରତ କୁସ୍ତିଯୋଦ୍ଧାଙ୍କ ଉପରେ ବଳ ପ୍ରୟୋଗ କରିଥିବା ଅଭିଯୋଗକୁ ଦିଲ୍ଲୀ ପୋଲିସ ଗୁରୁବାର ଖଣ୍ଡନ କରିଛି। ଅନ୍ୟପକ୍ଷରେ ପୋଲିସ ମିଛ କହୁଥିବା ଆମ୍ ଆଦ୍‌ମୀ ପାର୍ଟି ଅଭିଯୋଗ କରିଛି। ଜନ୍ତରମନ୍ତରରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଓ କେତେଜଣ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଏହି ସମୟରେ ମଦ୍ୟପାନ କରିଥିବା କେତେଜଣ ପୋଲିସ କର୍ମଚାରୀ ବଳ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ୫ ଜଣ ପୋଲିସ ଆହତ ହୋଇଥିବା ଦିଲ୍ଲୀ ଡିସିପି କହିଥିବାବେଳେ କୁସ୍ତିଯୋଦ୍ଧାଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପୋଲିସ ମାଡ଼ ମାରିବାରୁ

### ଅଭିଯୋଗକୁ ଡିସିପିଙ୍କ ଖଣ୍ଡନ

୨ କୁସ୍ତିଯୋଦ୍ଧାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ସେମାନେ ଅଭିଯୋଗ କରିଛନ୍ତି। ରାତିରେ ଯଥେଷ୍ଟ ମହିଳା ପୋଲିସ ଡ୍ୟୁଟିରେ ଥିଲେ। କୌଣସି ପୋଲିସ କର୍ମଚାରୀ ମଦ ପିଇ ନ ଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଥିବା ଡିସିପି କହିଛନ୍ତି।

## ସିଙ୍ଘୁ ସୀମାରେ ଚାଷୀଙ୍କୁ ଅଟକାଇଲା ପୋଲିସ

ନୂଆଦିଲ୍ଲୀ,୪।୫(ପି.ଟି.)

ଯନ୍ତରମନ୍ତରଠାରେ ଆନ୍ଦୋଳନରତ କୁସ୍ତିଯୋଦ୍ଧାମାନଙ୍କୁ ସମର୍ଥନ ଜଣାଇବା ପାଇଁ ଦିଲ୍ଲୀ ଆସୁଥିବା ଚାଷୀମାନଙ୍କୁ ପୋଲିସ ସିଙ୍ଘୁ ସୀମାରେ ଅଟକାଇବା ସହ ୨୪ ଜଣଙ୍କୁ ଅଟକ ରଖିଛି। ବୁଧବାର ରାତିରେ ପୋଲିସ ଆନ୍ଦୋଳନରତ କୁସ୍ତିଯୋଦ୍ଧା ଉପରେ ବଳପ୍ରୟୋଗ କରିଥିବା ଅଭିଯୋଗ ହୋଇଥିଲା। ସେମାନଙ୍କୁ ସମର୍ଥନ ପାଇଁ ଆନ୍ଦୋଳନ ସ୍ଥଳରେ ପହଞ୍ଚିବା ଲାଗି କୁସ୍ତିଯୋଦ୍ଧାମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ବୁଧବାର ରାତିରେ ସଂଘର୍ଷ ପରେ ଦିଲ୍ଲୀ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହ ସୀମାରେ ବ୍ୟାରିକେଡ୍ କରିଥିଲା। ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶରୁ ବହୁସଂଖ୍ୟାରେ ଚାଷୀ ଟ୍ରାକ୍ଟର ଯୋଗେ ଦିଲ୍ଲୀ ଆସୁଥିବା ଖବର ପାଇଁ ପୋଲିସ ସୀମାରେ ତୀକ୍ଷ୍ଣ ନଜର ରଖିଥିଲା। ସିଙ୍ଘୁ ସୀମାରେ ପୋଲିସ ୨୪ ଜଣ ଚାଷୀଙ୍କୁ ଅଟକ ରଖିଥିବା କହୁଥିବାବେଳେ ସେମାନଙ୍କୁ ଗିରଫ କରାଯାଇଥିବା କୃଷକ ନେତା ଅଭିମନ୍ୟୁ କୋହର ଅଭିଯୋଗ କରିଛନ୍ତି।

# ଜାତି ଜନଗଣନା ଉପରେ ହାଇକୋର୍ଟଙ୍କ ରୋକ

## ନୀତୀଶ ସରକାରଙ୍କୁ ଝଟ୍‌କା

ପାଟନା, ୪।୫

ବିହାରରେ ଚାଲିଥିବା ଜାତିଭିତ୍ତିକ ଜନଗଣନା ଉପରେ ପାଟନା ହାଇକୋର୍ଟ ଗୁରୁବାର ସ୍ଥଗିତାଦେଶ ଜାରି କରିଛନ୍ତି। ଫଳରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ମହାମେଣ୍ଟ ସରକାରଙ୍କୁ ଶକ୍ତ ଝଟ୍‌କା ଲାଗିଛି। ଜାତି ଜନଗଣନା ବିରୋଧରେ ଦାଏର ୩ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ ମଧୁରେଶ ପ୍ରସାଦଙ୍କ ଖଣ୍ଡପୀଠ ତୁରନ୍ତ ସର୍ଭେ ବନ୍ଦ ରଖିବା ସହ ଏପର୍ଯ୍ୟନ୍ତ ସଂଗୃହୀତ ତଥ୍ୟକୁ ଜୁଲାଇ ୩ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସଂରକ୍ଷିତ ରଖିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଜାତି ଜନଗଣନା ସହ ଅର୍ଥନୈତିକ ସର୍ଭେ ଚଳାଇଛନ୍ତି, ଯାହା ଏହାର କ୍ଷମତା ପରିସରଭୁକ୍ତ ନୁହେଁ



ନୀତୀଶ କୁମାର

ବୋଲି ଆବେଦନକାରୀ ଦିନୁ କୁମାର ତାଙ୍କ ପିଟିଶନରେ ଦର୍ଶାଇଥିଲେ। ସର୍ଭେକୁ କେତେକ ମହଲରୁ ବିରୋଧ କରାଯାଉଥିବାରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସବୁ ରାଜନୈତିକ ଦଳଙ୍କୁ ବିଶ୍ୱାସକୁ ନେଇ ରାଜ୍ୟରେ ଜାତି ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ନୀତୀଶ କହିଛନ୍ତି। ନୀତୀଶ କୁମାର ସରକାର ଗତ ଜାନୁୟାରୀରେ ଜାତି ଜନଗଣନା ଆରମ୍ଭ କରିଥିଲେ। ଜନସାଧାରଣଙ୍କ ସାମାଜିକ-ଅର୍ଥନୈତିକ ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ ଅବହେଳିତଙ୍କ ଲାଗି ସରକାରୀ ନୀତି ପ୍ରଣୟନରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଜନଗଣନା କେନ୍ଦ୍ର ସରକାରଙ୍କ କାର୍ଯ୍ୟ ବୋଲି ୟୁଥ୍ ଫର୍ ଇକ୍ୱାଲିଟି ପକ୍ଷରୁ ଦାଏର ପିଟିଶନରେ କୁହାଯାଇଥିଲା। ହାଇକୋର୍ଟ ଆବେଦନକାରୀଙ୍କ ଯୁକ୍ତିରେ ସହମତ ହୋଇଥିବା ଜଣାପଡ଼ିଛି।

## ନ୍ୟାୟ ପାଇଁ ହାଇକୋର୍ଟରେ ୧୫ ମାସର ଶିଶୁ

ନୂଆଦିଲ୍ଲୀ,୪।୫

ନ୍ୟାୟ ପାଇଁ ୧୫ ମାସର ଶିଶୁ ଗୁରୁବାର ଦିଲ୍ଲୀ ହାଇକୋର୍ଟରେ ହାଜର ହେବା ଚର୍ଚ୍ଚାର ବିଷୟ ହୋଇଛି। ମାତୃ ଯତ୍ନ ଅଧିକାର ପାଇଁ ଶିଶୁ ଜଣକ ଅଦାଲତରେ ଲଢ଼ିଆସୁଛନ୍ତି। କୋର୍ଟ ରୁମ୍‌ରେ ତ୍ରିଗ୍ୟାଂଶ ଜୈନ ନାମକ ଏହି ଶିଶୁ ମାଆ କୋଳରେ ମିଲ୍କ ବଟଲ ସହ ଖେଳୁଥିବା ଦେଖାଯାଇଥିଲା। ତାଙ୍କ ମାଆ ଅମିତା ଜୈନ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ପ୍ରାଥମିକ ସ୍କୁଲ୍ ଶିକ୍ଷୟିତ୍ରୀ। ତ୍ରିଗ୍ୟାଂଶ ତାଙ୍କର ତୃତୀୟ ସନ୍ତାନ ହୋଇଥିବାରୁ ମାତୃତ୍ୱ ଛୁଟି ଦେବା ପାଇଁ ଉତ୍ତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ମନା କରିଦେଇଥିଲା। ଗତବର୍ଷ ତ୍ରିଗ୍ୟାଂଶଙ୍କୁ ୩ ମାସ ହୋଇଥିବାବେଳେ ସେ ମାତୃ ଯତ୍ନ ଅଧିକାର ପାଇଁ ଦିଲ୍ଲୀ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

ସେଣ୍ଟ୍ରାଲ ସିଭିଲ୍ ସର୍ଭିସେସ୍ ଛୁଟି ନିୟମାବଳୀ ଅନୁଯାୟୀ ଚାକିରି କରୁଥିବା ମହିଳାଙ୍କୁ ପ୍ରଥମ ଓ ଦ୍ୱିତୀୟ ସନ୍ତାନ ଜନ୍ମ ସମୟରେ ମାତୃତ୍ୱ ଛୁଟି ମିଳିଥାଏ। ଅମିତାଙ୍କର ପ୍ରଥମ ଓ ଦ୍ୱିତୀୟ ସନ୍ତାନ ଜନ୍ମ ବେଳେ ସେ ଚାକିରି କରୁ ନ ଥିଲେ। ଚାକିରି ସମୟରେ ତୃତୀୟ ସନ୍ତାନ ଜନ୍ମ ହୋଇଥିବାବେଳେ ତାଙ୍କୁ ଛୁଟି ଅନୁମତି ମିଳି ନ ଥିଲା। ସନ୍ତାନ ଜନ୍ମର ପରଦିନ ତାଙ୍କୁ ହସ୍ପିଟାଲ ବେଡ୍‌ରୁ ଫୋନ୍ ଯୋଗେ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ପଢ଼ାଇବାକୁ ପଡ଼ିଥିଲା। ସନ୍ତାନ ଜନ୍ମ ପରବର୍ତ୍ତୀ ୪୫ ଦିନ ତାଙ୍କୁ ଘରେ ରହି ସ୍କୁଲ ପାଇଁ କାର୍ଯ୍ୟ କରିବାକୁ ପଡ଼ିଥିଲା। ତାଙ୍କ ସନ୍ତାନ ମାତୃତ୍ୱ ଯତ୍ନ ଅଧିକାରରୁ ବଞ୍ଚିତ ହୋଇଥିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଚାଇନା ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଜୟଶଙ୍କର



ଏସ. ଜୟଶଙ୍କରଙ୍କ ସହ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ।

ବେନାଉଲିମ, ୪।୫

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ପୂର୍ବ ଲଦାଖର ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ସମ୍ପର୍କରେ ଦୁଇ ରାଷ୍ଟ୍ରର ପ୍ରତିନିଧି କଥା ହୋଇଥିବା କୁହାଯାଉଛି। ଗୋଆର ବେନାଉଲିମସ୍ଥିତ ବିଚ୍ ରିସର୍ଟରେ ବହିର୍ବ୍ୟାପାର ମନ୍ତ୍ରୀଙ୍କ କାଉନ୍‌ସିଲ୍ ବୈଠକ ସାଂଘାଇ କୋଅପରେଶନ୍ ଅର୍ଗାନାଇଜେଶନ୍ (ଏସିସିଓ) ଚାଲିଛି। ଗତ ୨ ମାସରେ ଜୟଶଙ୍କର ଦ୍ୱିତୀୟ ଥର ଲାଗି ଗାଙ୍ଗଙ୍କୁ ଭେଟିଛନ୍ତି। ମାର୍ଚ୍ଚରେ ଜି୨୦ ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକରେ ଗାଙ୍ଗ ସାମିଲ ହୋଇଥିଲେ।

ଅନ୍ୟପକ୍ଷେ ଜୟଶଙ୍କର ରୁଷିଆ ପ୍ରତିପକ୍ଷ ସର୍ଗେ ଲାଭରୋଭଙ୍କ ସହ ସାକ୍ଷାତ୍ କରିଛନ୍ତି। ଦୁଇ ରାଷ୍ଟ୍ରର ଦ୍ୱିପାକ୍ଷିକ ସମ୍ବନ୍ଧୀୟ ଆଲୋଚନା ସାଙ୍ଗକୁ ୟୁକ୍ରେନ୍-ରୁଷିଆ ଯୁଦ୍ଧ ଏବଂ ବୈଶ୍ୱିକ ଘଟଣାବଳୀ ଉପରେ ଦୀର୍ଘ ସମୟଧରି ଆଲୋଚନା ହୋଇଥିଲା।

# ଏନ୍‌କାଉଣ୍ଟରରେ ଗ୍ୟାଙ୍ଗ୍‌ଷ୍ଟର ଅନିଲ ନିହତ

ମିରଟ, ୪।୫

ଉତ୍ତର ପ୍ରଦେଶ ପୋଲିସ ଏନ୍‌କାଉଣ୍ଟରରେ ଗୁରୁବାର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର ଅନିଲ ଦୁଜାନା (୪୩)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ବିରୋଧରେ ୧୮ରୁ ଊର୍ଦ୍ଧ୍ୱ ହତ୍ୟା ମାମଲା ସାଙ୍ଗକୁ ୬୫ଟି ଆପରାଧିକ ମାମଲା ରହିଛି। ନିଜ ଆପରାଧିକ ପ୍ରବୃତ୍ତି ପାଇଁ ଅନିଲ ଏନ୍‌ସିଆର୍ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇଥିଲେ। ଗତ ସପ୍ତାହରେ ଏକ ହତ୍ୟା ମାମଲାରେ ଜାମିନ ପାଇ ଅନିଲ ମୁକୁଳିଥିଲେ। କିନ୍ତୁ ଏହି ହତ୍ୟା ଘଟଣାର ମୁଖ୍ୟ ସାକ୍ଷୀଙ୍କୁ ଡରାଧମକା କରିବା ନେଇ ଅଭିଯୋଗ ହେବା ଉତ୍ତର ପ୍ରଦେଶର ସ୍ପେସାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତାଙ୍କୁ ଗିରଫ କରିବା ପାଇଁ ଖୋଜୁଥିଲା। ଗୁରୁବାର ନିଜ ଗ୍ୟାଙ୍ଗର କେତେଜଣଙ୍କୁ ଭେଟିବା ପାଇଁ ଏସ୍‌ୟୁଭିରେ ଅନିଲ ଯାଉଥିବାବେଳେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ ଘେରି ଯାଇଥିଲା। ଏହି ସମୟରେ ଅନିଲଙ୍କ କାର୍ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇଥିଲା। ନିଜକୁ ରକ୍ଷା କରିବାକୁ ଯାଇ ସେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏସ୍‌ଟିଏଫ୍ ଓ ଅନିଲଙ୍କ ମଧ୍ୟରେ ଗୁଳି ବିନିମୟ କିଛି ସମୟ ଚାଲିଥିବବେଳେ ପୋଲିସ ଗୁଳିରେ ତାଙ୍କ ମୃତ୍ୟୁ ଘଟିଥିବା ଉତ୍ତରପ୍ରଦେଶ ଏସ୍‌ଟିଏଫ୍ ଅତିରିକ୍ତ ଡିଜି ଅମିତାଭ ଯଶ କହିଛନ୍ତି। ଆପରାଧିକ ଜଗତରେ ପାଦ ଥାପିବା ସମୟରେ ଅନିଲ ଉତ୍ତର ପ୍ରଦେଶର ସୁନ୍ଦର ଭାଟି ଗ୍ୟାଙ୍ଗ ସହିତ ମିଶି କାମ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅନିଲ ଗ୍ୟାଙ୍ଗ ଲିଡର୍ ସୁନ୍ଦରଙ୍କ ବିରୋଧରେ ଯାଇଥିଲେ, ଯାହାଫଳରେ ଗ୍ୟାଙ୍ଗ୍‌ୱାର ଆରମ୍ଭ ହୋଇଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ଏପ୍ରିଲରେ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ପୁଅ ଅସଦ ଅହମ୍ମଦ ପୋଲିସ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଥିଲେ। ୨୦୧୭ରୁ ଯୋଗୀ ଆଦିତ୍ୟନାଥ ମୁଖ୍ୟମନ୍ତ୍ରୀ ହେବା ପରଠାରୁ ରାଜ୍ୟରେ ପ୍ରାୟ ୧୮୩ ଗ୍ୟାଙ୍ଗଷ୍ଟରଙ୍କୁ ଏନ୍‌କାଉଣ୍ଟର କରାସରିଛି।



ଅନୀଲ ଦୁଜାନା

# ଗୋଆରେ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ

ବେନାଉଲିମ୍(ଗୋଆ),୪।୫

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀରେ ଯୋଗଦେବା ଲାଗି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଗୁରୁବାର ଗୋଆରେ ପହଞ୍ଚିଛନ୍ତି। ୨୦୧୧ ପରେ କୌଣସି ପାକ୍ ମନ୍ତ୍ରୀଙ୍କର ଏହା ପ୍ରଥମ ଭାରତ ଗସ୍ତ। ସୀମାପାର ଆତଙ୍କବାଦ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଭାରତ-ପାକ୍ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିବାବେଳେ ଏସ୍‌ସିଓ ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବା ପାଇଁ ବିଲାୱଲ ଭାରତ ଆସିଛନ୍ତି। ତେବେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ବୈଠକ ହେବା ଯୋଜନା ନାହିଁ। ଏସ୍‌ସିଓ ସମ୍ମିଳନୀରେ ଯୋଗଦେବା ଲାଗି ପାକିସ୍ତାନୀ ପ୍ରତିନିଧିଙ୍କ ନେତୃତ୍ୱ ନେଇ ବିଲାୱଲ ଗୋଆରେ ପହଞ୍ଚିଥିବାରୁ ଖୁସି ବ୍ୟକ୍ତ କରିବା ସହ ବୈଠକର ସଫଳତା କାମନା କରିଛନ୍ତି।



ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ

# ଭାଗ ହେବ 'ଟାଇମ୍ସ ଗ୍ରୁପ୍'

ମୁମ୍ବାଇ, ୪।୫:

ଭାରତର ସବୁଠୁ ଖ୍ୟାତନାମା ମିଡିଆ କମ୍ପାନୀ 'ଟାଇମ୍ସ ଗ୍ରୁପ୍' ଭାଗ ଭାଗ ହେବାକୁଯାଉଛି। ଦୁଇ ଭାଇ ସମୀର ଓ ବୀନିଥ ଜୈନ ଅନେକ ଦିନ ଏକାଠି କମ୍ପାନୀ ପରିଚାଳନା କରୁଥିବାବେଳେ ଦୁହିଁଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଯାଇଛି, ଯେଉଁ କାରଣରୁ ଟାଇମ୍ସ ଗ୍ରୁପ୍ ମିଡିଆ କମ୍ପାନୀର ଭାଗ ବଣ୍ଟାଯିବ ବୋଲି ଖବର ପ୍ରକାଶ ପାଇଛି। ଏ ନେଇ ଫାଇନାନ୍ସରଙ୍କ ସହିତ କମ୍ପାନୀର ଅର୍ଥକୁ ଭାଗ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖବରକାଗଜ, ଟେଲିଭିଜନ୍, ରେଡିଓ, ଡିଜିଟାଲ, ଚଳଚ୍ଚିତ୍ର, ସଙ୍ଗୀତ, ଶିକ୍ଷା ଏବଂ ବିରତି କ୍ଷେତ୍ରରେ ଟାଇମ୍ସ ଗ୍ରୁପ୍ ବହୁ ବର୍ଷ ଧରି କାର୍ଯ୍ୟ କରିଆସୁଥିବାବେଳେ ଅନେକ ଛାପ ଛାଡ଼ିଛି। ୨୦୨୧ରେ କମ୍ପାନୀ ଭାଗ ହେବା ନେଇ ପ୍ରଥମେ ଗୁଜବ ଶୁଣିବାକୁ ମିଳିଥିଲା। କିନ୍ତୁ ସେ ସମୟରେ ଇଷ୍ଟହ୍ୱାଇଲ୍ ଚେୟାରମ୍ୟାନ୍ ତଥା ସମୀରଙ୍କ ମା' ଇନ୍ଦୁ ଜୈନ ଏହାକୁ ଖଣ୍ଡନ କରିଥିଲେ। ବିନେଟ୍ କୋଲେମାନ ଆଣ୍ଡ କୋ ଦ୍ୱାରା ପରିଚାଳିତ ମିଡିଆ ଗ୍ରୁପ୍‌କୁ ଠିକ୍





ଭାବେ ବାଣ୍ଟିବା ଲାଗି ସମୀର ଓ ବୀନିଥ ସମାଧାନ ଖୋଜୁଛନ୍ତି। ଦେଶର ଲୋକପ୍ରିୟ ଖବରକାଗଜ ଦ ଟାଇମ୍ସ ଅଫ୍ ଇଣ୍ଡିଆ, ଏବଂ ଫାଇନାନ୍ସିଆଲ ଡେଲି ଦ ଇକୋନୋମିକ୍ ଟାଇମ୍ସ ମଧ୍ୟରେ ମଧ୍ୟସ୍ଥତା ବିଭାଜନ ପୂର୍ବ ବର୍ଷ କରାଯାଇଥିଲା। ଏହାକୁ ଗୋପନୀୟ ରଖାଯାଇଥିବାବେଳେ ଏ ନେଇ କୌଣସି ଖବର ପ୍ରକାଶ କରାଯାଇ ନ ଥିଲା। ତେବେ ଦୁଇ ଭାଇଙ୍କ ମଧ୍ୟରେ ଯିଏ ଖବରକାଗଜ ଛପା ବ୍ୟବସାୟ ସମ୍ଭାଳିବେ ସେହିଁ କମ୍ପାନୀ ଅର୍ଥକୁ ବ୍ୟବହାର କରିପାରିବେ ବୋଲି କୁହାଯାଉଛି। ଟାଇମ୍ସ ଗ୍ରୁପ୍ ୩ ଭାଗରେ ବଣ୍ଟାଯିବ। କମ୍ପାନୀ ବଣ୍ଟାଯିବା ପରେ ଇନ୍‌ଭେଷ୍ଟରମାନଙ୍କୁ ନିଜ ୟୁନିଟ୍‌ରେ ରଖିବା ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଛକାପଞ୍ଝା ଦେଖାଯାଇପାରେ। ଏ ନେଇ ସମୀର, ବୀନିଥ ଜୈନଙ୍କ ସହ କମ୍ପାନୀ ପ୍ରତିନିଧି କୌଣସି ଇ-ମେଲ୍ କିମ୍ବା ମେସେଜ୍‌ର ଉତ୍ତର ଦେଉନାହାନ୍ତି। ଅନ୍ୟପକ୍ଷେ ବର୍ତ୍ତମାନ ସମୟରେ ଭାରତୀୟ ମିଡିଆ ଓ ଏଣ୍ଟରଟେନ୍‌ମେଣ୍ଟ ସେକ୍ଟରରୁ ଭଲ ଆୟ ହେଉଛି। ଆସନ୍ତାବର୍ଷ ଏହା ୨.୩ ବିଲିୟନ୍ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି।

# ଆମେରିକାକୁ ଦାୟୀ କଲା ରୁଷିଆ

## କ୍ରେମଲିନ୍‌ରେ ଡ୍ରୋନ୍ ଆକ୍ରମଣ

- ୩୦୦ ମିଲିୟନ୍ ଡଲାରର ସାମରିକ ସହାୟତା ଦେବ ୱାଶିଂଟନ୍
- ମସ୍କୋର ୧୮ ଡ୍ରୋନ୍‌କୁ ନଷ୍ଟ କଲା ୟୁକ୍ରେନୀୟ ସେନା

ମସ୍କୋ/ ୱାଶିଂଟନ୍, ୪।୫

କ୍ରେମଲିନ୍ ଉପରେ ଡ୍ରୋନ୍ ଆକ୍ରମଣ ଜରିଆରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ହତ୍ୟା ଷଡ଼ଯନ୍ତ୍ର ପଛରେ ଆମେରିକା ସମ୍ପୃକ୍ତ ଥିବା ଗୁରୁବାର ମସ୍କୋ ଅଭିଯୋଗ କରିଛି। ଆମେରିକାର ନିର୍ଦ୍ଦେଶରେ ୟୁକ୍ରେନ୍ ପରିଚାଳିତ ହେଉଥିବା ପୁଟିନ୍‌ଙ୍କ ମୁଖପାତ୍ର ଡିମିଟ୍ରି ପେସ୍କୋଭ ଦାବି କରିଛନ୍ତି। କ୍ରେମ୍‌ଲିନ୍ ଉପରେ କରାଯାଇଥିବା ଆତଙ୍କବାଦୀ ଆକ୍ରମଣ ଷଡ଼ଯନ୍ତ୍ର କିଭ୍ ନୁହେଁ, ବରଂ ୱାଶିଂଟନ୍ କରୁଥିବା ଜଣାଅଛି। ଘଟଣାର ତଦନ୍ତ ଚାଲିଥିବାବେଳେ ଆକ୍ରମଣର ଜବାବ ଦିଆଯିବ ବୋଲି ଡିମିଟ୍ରି କହିଛନ୍ତି। ବୁଧବାର କରାଯାଇଥିବା ଡ୍ରୋନ ଆକ୍ରମଣ ବେଳେ ପୁଟିନ୍ କ୍ରେମଲିନ୍‌ରେ ନଥିଲେ।

ରୁଷିଆର ଅଭିଯୋଗକୁ ଗୁରୁବାର ୱାଶିଂଟନ୍ ଖଣ୍ଡନ କରିଛି। ହ୍ୱାଇଟ୍ ହାଉସ୍ ନ୍ୟାଶନାଲ ସିକ୍ୟୁରିଟି ମୁଖପାତ୍ର ଜନ୍ କିର୍ବି କହିଛନ୍ତି, କ୍ରେମ୍‌ଲିନ୍‌ରେ ଡ୍ରୋନ୍ ବିସ୍ଫୋରଣ ପଛରେ ଆମେରିକାର ସମ୍ପୃକ୍ତି ନେଇ ରୁଷିଆ ଯେଉଁ ଦାବି କରୁଛି ତାହା



ମିଛ। ମସ୍କୋ ଉପରେ ଆକ୍ରମଣ ନେଇ ୟୁକ୍ରେନ୍‌କୁ ୱାଶିଂଟନ୍ କେବେ କହି ନାହିଁ। ଡ୍ରୋନ୍ ବିସ୍ଫୋରଣର ଜବାବ ଦେବାକୁ ଯାଇ ୟୁକ୍ରେନ୍‌ର ସାଉଥର୍ନ ଖେରସୋନ୍ ରେଜିୟନ୍ ଉପରେ ରୁଷିଆ ଆକ୍ରମଣ କରିଛି। ଏଥିରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପାଖାପାଖି ୪୮ ଆହତ ହୋଇଥିବା କୁହାଯାଉଛି। ମିଶାଇଲ ମାଡ଼ରେ ବହୁ ଘର, ରେଳ ଷ୍ଟେଶନ୍, ହାର୍ଡୱେର୍ ଷ୍ଟୋର ଏବଂ ଗ୍ୟାସ୍ ଷ୍ଟେଶନ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ୨୪ଟି ଡ୍ରୋନ୍ ଆଟାକ୍ କରିଥିବା ବେଳେ ଏଥିରୁ ୧୮ଟିକୁ ୟୁକ୍ରେନ୍ ସେନା ମିଶାଇଲ୍ ମାଡ଼ କରି ଖସାଇ ଦେଇଥିବା କିଭ୍ ମିଲିଟାରି ଆଡ୍‌ମିନିଷ୍ଟ୍ରେଶନର ମୁଖ୍ୟ ସର୍ଗି ପୋପକୋ ସୂଚନା ଦେଇଛନ୍ତି। ମେ' ମାସରେ କିଭ୍ ଉପରେ ରୁଷିଆ ମୋଟ୍ ୩ ଥର ଡ୍ରୋନ୍ ଆକ୍ରମଣ କରିଛି। ଅନ୍ୟପକ୍ଷେ ଯୁଦ୍ଧ ଲାଗି ଆମେରିକା ୩୦୦ ମିଲିୟନ ଡଲାର ମୂଲ୍ୟର ସାମରିକ ସହାୟତା ୟୁକ୍ରେନ୍‌କୁ ଯୋଗାଇ ଦେବା ଲାଗି ଘୋଷଣା କରିଛି। ସାମରିକ ସାହାଯ୍ୟ ଯୋଗାଇଦେବା ଲାଗି କିଭ୍ ପକ୍ଷରୁ କରାଯାଇଥିବା ଅନୁରୋଧକୁ ରକ୍ଷା କରି ୱାଶିଂଟନ୍ ଏହି ନିଷ୍ପତ୍ତି ନେଇଥିବା ହ୍ୱାଇଟ୍‌ହାଉସ୍ ପ୍ରେସ୍ ସେକ୍ରେଟାରି କହିଛନ୍ତି।



ଡିମିଟ୍ରି ପେସ୍କୋଭ

# ସଂଘର୍ଷରତ ମା’ କାନ୍ଧରେ ପରିବାର ବୋଝ

## ଭାରତରେ ଜନସଂଖ୍ୟା ବିସ୍ଫୋରଣ

ଭାରତର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସଂଘର୍ଷରତ ମା’ମାନଙ୍କ ପାଇଁ ଏକ ବୋଝ ପାଲଟିଛି। ଅଧିକ ପିଲା ଥିଲେ ପରିବାର ପାଇଁ ବେଶି ରୋଜଗାର କରିହେବ ବୋଲି ବିହାରରେ ଅନେକେ ମନେକରନ୍ତି। ଏହି ରାଜ୍ୟରେ ଦେଶର ସର୍ବାଧିକ ଜନ୍ମହାର ରହିଛି। ଏଠାରେ ମହିଳା ସାକ୍ଷରତା ହାର ସର୍ବନିମ୍ନ ହୋଇଥିବାରୁ ମା’ମାନେ ଜନସଂଖ୍ୟା ନିୟନ୍ତ୍ରଣରେ ଗର୍ଭନିରୋଧକର ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିପାରୁନାହାନ୍ତି। ହଂକଂରେ ସର୍ବାଧିକ ପ୍ରସାରିତ ଖବରକାଗଜ ‘ସାଉଥ୍ ଚାଇନା ମର୍ନିଂ ପୋଷ୍ଟ’ରେ ଏ ସମ୍ପର୍କିତ ଉଦ୍‌ବେଗଜନକ ରିପୋର୍ଟ ପ୍ରକାଶ ପାଇଛି।



ବିହାରର ଦରଭଙ୍ଗା ଜିଲାସ୍ଥିତ ଏକ ଗାଁ ଘରେ ନିଜ ପିଲାଙ୍କ ସହ କବିତା ଦେବୀ(ବାମ) ଓ ସବିତା ଦେବୀ। (ଫଟୋ ସୌଜନ୍ୟ: ଏଏଫ୍‌ପି)

**ହଂକଂ,୪।୫**

ଜୟମାଳା ଦେବୀଙ୍କୁ ୧୪ ବର୍ଷ ବୟସରେ ବାହା କରାଇଥିଲେ ମା’ବାପା। ତାଙ୍କ ଉପରେ ସ୍ୱାମୀ ଚାପ ପକାଇଚାଲିଥିଲେ ପୁଅ ଜନ୍ମ କରିବାକୁ। ଦୁଇ ପୁଅଙ୍କୁ ଜନ୍ମ ଦେବା ପରେ ଆଗକୁ ବଢ଼ିବା ନାହିଁ ବୋଲି ସେ କହୁଥିଲେ। ଏପରି ଭାବେ ଜୟମାଳା ୭ ପିଲାଙ୍କ ମା’ ହୋଇଗଲେ। ବିହାରରେ ଜୟମାଳାଙ୍କ ଭଳି ଅନେକ କାହାଣୀର ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ। ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତର ଦରିଦ୍ରତମ ରାଜ୍ୟ ବିହାରରେ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏଠାରେ ପ୍ରାୟ ୧୨୭ ନିୟୁତ ଲୋକ ବସବାସ କରନ୍ତି, ଯାହାକି ମେକ୍ସିକୋ ଜନସଂଖ୍ୟା ସହ ସମାନ।

ଭାରତର ଅର୍ଥନୀତିକୁ ଦେଖିଲେ ମୋଟ ଜନ୍ମହାର ହ୍ରାସ ପାଇଛି। କିନ୍ତୁ ଦାରିଦ୍ର୍ୟ ଓ ଶିଶୁକନ୍ୟା ଜନ୍ମକୁ ନେଇ ରହିଥିବା ପକ୍ଷପାତୀ ମନୋଭାବ ଜାତୀୟ ସ୍ତରରେ ଜନସଂଖ୍ୟା ବୃଦ୍ଧିର କାରଣ ସାଜିଛି। ୭ ପିଲାଙ୍କୁ ନେଇ ଦୈନନ୍ଦିନ ଗୃହକାର୍ଯ୍ୟ ବୁଝିବା ମୋତେ ନିର୍ବୋଧତା ଆଡ଼କୁ ଟାଣିନେଇଛି ବୋଲି କେବେ ନିଜ ଗାଁ ମାଟି ଛାଡ଼ି ନ ଥିବା ୩୦ ବର୍ଷୀୟା ଜୟମାଳା ପ୍ରକାଶ କରିଛନ୍ତି। ଜୟମାଳା ଭାବିଥିଲେ ଗୋଟିଏ କି ଦୁଇଟି ଛୁଆ ଜନ୍ମ ପରେ ଆଉ ଆଗକୁ ବଢ଼ିବେ ନାହିଁ। କିନ୍ତୁ ପ୍ରଥମେ ଲଗାତର ଭାବେ ଝିଅ ଜନ୍ମ ହେବାରୁ ପିଲାଙ୍କ ସଂଖ୍ୟା ୭ରେ ପହଞ୍ଚିଯାଇଛି। ଜୟମାଳାଙ୍କ ଜରାଜୀର୍ଣ୍ଣ କୁଡ଼ିଆ ଘରେ ଏକ ଛୋଟ ଟିଭି ଏବଂ ପୁରୁଣା ପଙ୍ଖା ଲାଗିଛି। ପଲସ୍ତରା ହୋଇ ନ ଥିବା କାନ୍ଥରେ ଝୁଲୁଛି ହିନ୍ଦୁ ଦେବଦେବୀଙ୍କ ଫଟୋ।

ବିହାରରେ କାର୍ଯ୍ୟ ପାଇଁ ଉଚିତ ପାଉଣାର ସୁଯୋଗ ନାହିଁ କହିଲେ ଚଳେ। ଜୟମାଳାଙ୍କ ସ୍ୱାମୀ ସୁଭାଷ ଦାଦନ ଖଟିବାକୁ ଦିଲ୍ଲୀ ଯାଇଛନ୍ତି। ଅଣକୁଶଳୀ ଶ୍ରମିକ ସୁଭାଷ ଘରକୁ କିଛି କିଛି ଟଙ୍କା ପଠାଇଥାଆନ୍ତି। ବେଶି ଅର୍ଥ ଉପାର୍ଜନ ପାଇଁ ପରିବାରରେ ଅଧିକ ସଦସ୍ୟ ରହିବା ଆବଶ୍ୟକ ବୋଲି ଏବେ ମଧ୍ୟ ବିହାରରେ ମନେକରାଯାଏ ବୋଲି ଅଣଲାଭକାରୀ ସଂସ୍ଥା ପପୁଲେଶନ୍ ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ (ପିଏଫ୍ଆଇ)ର ରାଜ୍ୟ ମୁଖ୍ୟ ପିରାମଲ ଚନ୍ଦ୍ରା କହିଛନ୍ତି। ଅଧିକ ସଂଖ୍ୟକ ପୁଅର ଆବଶ୍ୟକତାକୁ ନେଇ ଧାରଣା ମୁରବିଙ୍କ ସାଂସ୍କୃତିକ ଆକାଂକ୍ଷାକୁ ପ୍ରତିଫଳିତ କରେ। ପୁଅମାନେ ବାହାହୋଇ ପିଲାଛୁଆ ଜନ୍ମ କରିବା ପରେ ମଧ୍ୟ ମା’ବାପାଙ୍କୁ ଆର୍ଥିକ ସହଯୋଗ କରିବେ ବୋଲି ସେମାନେ ଧରିନେଇଥାଆନ୍ତି। ଏଠାରେ ଗୋଟିଏ ପୁଅକୁ ଜନ୍ମ ଦେବା ପରିବାର ତଥା ମା’ ପାଇଁ ସମ୍ମାନ ଓ ଗର୍ବର ବିଷୟ ବୋଲି ପିରାମଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଝିଅମାନଙ୍କୁ ସାଧାରଣତଃ ବୋଝ ଓ ଖର୍ଚ୍ଚାନ୍ତ ହେବାର କାରଣ ବୋଲି ଧରିନିଆଯାଏ। କାରଣ ପାରମ୍ପରିକ ବିବାହ ବେଳେ ମା’ବାପା ନିଜ ଝିଅକୁ ଯୌତୁକ ଦେଇଥାନ୍ତି। ଗରିବ ପରିବାରର ମା’ବାପା ଝିଅକୁ ବାଲ୍ୟବିବାହ କରାଇବା ପରେ ଉତ୍ତରଦାୟିତ୍ୱରୁ ମୁକ୍ତ ହୋଇଥିବା ମନେକରନ୍ତି, ଯାହାକି ଜୟମାଳାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି କାରଣରୁ ବିହାରରେ ଅଧିକ ସଂଖ୍ୟକ ଛାତ୍ରୀ ପାଠପଢ଼ାରେ ଡୋରି ବାନ୍ଧି ସ୍କୁଲ ଛାଡ଼ିଥାଆନ୍ତି। ରାଜ୍ୟର ମାତ୍ର ୫୫% ମହିଳା ଲେଖିପଢ଼ି ଜାଣନ୍ତି, ଯାହାକି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଭାରତର ସର୍ବନିମ୍ନ ସାକ୍ଷରତା ହାର।

ପିରାମଲଙ୍କ ମତରେ ଏହି ପରିସଂଖ୍ୟାନ ରାଜ୍ୟର ଉଚ୍ଚ ଜନ୍ମହାରକୁ ଦର୍ଶାଉଛି। ମହିଳାମାନେ ପାଠଶାଠ ପଢ଼ିବାରୁ ବଞ୍ଚିତ ହେଉଥିବାରୁ ପରିବାର କେତେ ଛୋଟ ହେବା କଥା ତାହା ଜାଣିପାରୁ ନାହାନ୍ତି। ଗର୍ଭନିରୋଧ ଜରିଆରେ ପରିବାର ନିୟୋଜନ ବିଷୟରେ ସେମାନଙ୍କ ଜ୍ଞାନ ନାହିଁ। ଏକଦା ବିହାରର ସ୍ଥିତିକୁ ଯନ୍ତ୍ରଣାଦାୟକ ଦାରିଦ୍ର୍ୟର ବୋଝ ସମ୍ଭାଳିଥିବା ସାରା ଭାରତରେ ଦୋହରାଯାଇଥିଲା। କିନ୍ତୁ କିଛି ଦଶନ୍ଧି ହେଲା ଆର୍ଥିକ ଉନ୍ନତି ଯୋଗୁ ଚିତ୍ର ବଦଳିଛି।

ଭାରତରେ ମହିଳାମାନେ ହାରାହାରି ୨ ପିଲା ଜନ୍ମ କରୁଛନ୍ତି। ୧୯୬୦ରେ ଏହି ସଂଖ୍ୟା ସର୍ବାଧିକ ୬ ରହିଥିଲା। ମା’ମାନଙ୍କ ସ୍ୱାସ୍ଥ୍ୟସେବା ଓ ଜୀବନଶୈଳୀରେ ଉନ୍ନତି ଯୋଗୁ ଏହି ପରିବର୍ତ୍ତନ ଆସିପାରିଛି। କିନ୍ତୁ ବିହାର ଅତ୍ୟଧିକ ଜନ୍ମହାର ହେତୁ ଆର୍ଥିକ ଦୃଷ୍ଟିରୁ ପଛେଇଯାଇଛି। ଜଣେ ମା’ ହାରାହାରି ୩ ପିଲା ଜନ୍ମ କରୁଛନ୍ତି। ଭାରତରେ କୁପୋଷଣ, ଶିଶୁ ମୃତ୍ୟୁହାର, ଶିକ୍ଷା ଓ ଡାକ୍ତରୀ ସୁବିଧାର ଅଭାବର ସବୁଠୁ ଦୟନୀୟ ସ୍ଥିତି ଏଥିରୁ ପ୍ରତିଫଳିତ ହେଉଛି।

୫୫ ବର୍ଷୀୟ ରାଜକୁମାର ସଦାଙ୍କ ୫ ସନ୍ତାନଙ୍କ ମଧ୍ୟରୁ ମାତ୍ର ଜଣେ ପୁଅ ଜୀବିତ ଅଛନ୍ତି। ବିହାରରେ ୪, ୫, ୬, ୭ ଏପରିକି ୮ ପିଲା ଜନ୍ମ କରିବା ସାଧାରଣ କଥା ବୋଲି ସେ କହିଛନ୍ତି। ସରକାରୀ ସ୍ୱାସ୍ଥ୍ୟକର୍ମୀ ଇନ୍ଦିରା କୁମାରୀ ପ୍ରତି ମାସରେ ଗ୍ରାମାଞ୍ଚଳର ୪୦୦ ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥାଆନ୍ତି। ସେମାନଙ୍କ ମଧ୍ୟରୁ ଅନେକେ କେତେ ପିଲା ଜନ୍ମ କରିବେ ସେନେଇ ନିଷ୍ପତ୍ତି ନେବା ଅଧିକାର ମହିଳାମାନଙ୍କର ନାହିଁ। ଯଦି କୌଣସି ମହିଳା ପରିବାର ନିୟୋଜନ ଚାହାନ୍ତି, ତେବେ ତାଙ୍କ ଶ୍ୱଶୁର ଘର କିମ୍ବା ସ୍ୱାମୀ ତାଙ୍କୁ ସମର୍ଥନ କରନ୍ତି ନାହିଁ ବୋଲି ଇନ୍ଦିରା କହିଛନ୍ତି।

ରାଜ୍ୟ ସରକାର ଝିଅମାନଙ୍କ ସ୍କୁଲ ଶିକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ‘ଛୋଟ ପରିବାର ସୁଖୀ ପରିବାର’ ସ୍ଲୋଗାନକୁ ଆଗକୁ ବଢ଼ାଇବା ପାଇଁ ମାଗଣାରେ କଣ୍ଡୋମ୍ ବଣ୍ଟନ କରାଯାଉଛି। ବିହାରରେ କିଛି ବର୍ଷ ତଳେ ଏହି ପ୍ରସଙ୍ଗ ଉଠାଇବା ଏକ ଚ୍ୟାଲେଞ୍ଜ ହୋଇଥିବାବେଳେ ବର୍ତ୍ତମାନର ଏହିସବୁ ଉଦ୍ୟମ ମା’ବାପାମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି ବୋଲି ପିଏଫ୍ଆଇ ପ୍ରୋଗ୍ରାମ୍ ଅଫିସର ରିତୁ ସିଂ କହିଛନ୍ତି। ଲିଙ୍ଗଗତ ସମାନତା ପାଇଁ କାର୍ଯ୍ୟ କରୁଥିବା ରିତୁ କହିଛନ୍ତି, ଆମ ଲୋକଙ୍କ ମତରେ ଜଣେ ମହିଳା ବିବାହ ପରେ ପିଲା ଜନ୍ମ କରି ନ ପାରିଲେ ତାଙ୍କ ଜୀବନ ମୂଲ୍ୟହୀନ। ଏବେ ଧାରା ବଦଳିବା ଆରମ୍ଭ ହୋଇଛି। ଜୟମାଳାଙ୍କ ସହ କିଛି ସମ୍ପର୍କ ନ ଥିବା ୨୬ ବର୍ଷୀୟା ପୁନମ୍ ଦେବୀ ଜଣେ ଦିନ ମଜୁରିଆ, ଯିଏକି ଚତୁର୍ଥ ପିଲାକୁ ଜନ୍ମ ଦେବା ପରେ ଅସ୍ତ୍ରୋପଚାର କରାଇଛନ୍ତି। ଏତିକି ପର୍ଯ୍ୟାପ୍ତ। ସେମାନଙ୍କୁ ଶିକ୍ଷାଦୀକ୍ଷା ଦେଇ ଭଲ ମଣିଷ କରିବା ଉପରେ ଆମେ ଗୁରୁତ୍ୱ ଦେବା ଉଚିତ ବୋଲି ପୁନମ୍ ନିଜ ସ୍ୱାମୀଙ୍କୁ ବୁଝାଇଛନ୍ତି। ସ୍ୱାମୀ ମଧ୍ୟ ତାଙ୍କ ପ୍ରସ୍ତାବରେ ସହମତ।

# ଏମ୍ସରେ ବିରଳ ଗଳା କର୍କଟର ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର,୪।୫(ବ୍ୟୁରୋ)**

ଏମ୍ସ ଭୁବନେଶ୍ୱରରେ ବିକିରଣ (ରେଡିଏନ) ଓ କେମୋ ପ୍ରତିରୋଧୀ ବିରଳ ଗଳା କର୍କଟ (ଆଡେନ୍ଏଡ୍ ସିଷ୍ଟିକ କାର୍ସିନୋମା) ରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ପ୍ରାଣଘାତୀ ରୋଗର ଅନ୍ୟ କୌଣସି ବିକଳ୍ପ ଚିକିତ୍ସା ପ୍ରକ୍ରିୟା ନ ଥିବାରୁ ଏମ୍ସ ଯୁବ ଡାକ୍ତରୀ ଦଳ ଅଭିନବ ଉପାୟରେ ଅସ୍ତ୍ରୋପଚାର କରି ଜଣେ ଯୁବତୀଙ୍କ ଜୀବନ ରକ୍ଷା କରିଛନ୍ତି। ଜଗତ୍‌ସିଂହପୁର ଜିଲାର ୨୫ ବର୍ଷୀୟା ଯୁବତୀ ଜଣକ ପ୍ରାୟ ଏକ ବର୍ଷରୁ ଅଧିକ ହେବ ଏହି ଗଳା କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। ସେ ରାଜ୍ୟର ବିଭିନ୍ନ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାକ୍‌ଯନ୍ତ୍ର ଓ ଖାଦ୍ୟନଳୀର ସଂଯୋଗ ସ୍ଥଳରେ ହୋଇଥିବା ଟ୍ୟୁମର ଯୋଗୁ ସେ ଶ୍ୱାସକ୍ରିୟା ତଥା କଥା କହିବାରେ ଭୀଷଣ ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେବେ ଏମ୍ସରେ ଆବଶ୍ୟକ ପରୀକ୍ଷାରୁ ସେ ଆଡେନ୍ଏଡ୍ ସିଷ୍ଟିକ କାର୍ସିନୋମାରେ ପୀଡିତ ଥିବା ଜଣାପଡିବା ପରେ ଅସ୍ତ୍ରୋପଚାର ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏମ୍ସ ଇଏନ୍‌ଟି ଏବଂ ଗ୍ୟାଷ୍ଟ୍ରୋସର୍ଜରି ବିଭାଗର ଯୁବ ଡାକ୍ତରଙ୍କୁ ନେଇ ଗଠିତ ୧୦ଜଣିଆ ଡାକ୍ତରୀ ଦଳ ପ୍ରାୟ ୧୪ ଘଣ୍ଟା ଧରି ଏହି ଅସ୍ତ୍ରୋପଚାର କରିଥିଲେ। ଇଏନ୍‌ଟି ବିଭାଗର ବିଶେଷଜ୍ଞ ଡାକ୍ତର ବାକ୍‌ଯନ୍ତ୍ର, ଶ୍ୱାସନଳୀ ଓ ଖାଦ୍ୟନଳୀର ଉପର ଭାଗ ଏବଂ ଥାଇରଏଡ୍ ଗ୍ରନ୍ଥିର କିଛି ଅଂଶ ଅସ୍ତ୍ରୋପଚାର ଦ୍ୱାରା ବାହାର କରିଥିଲେ।

### ୧୦ଜଣିଆ ଡାକ୍ତରୀ ଦଳଙ୍କ ୧୪ଘଣ୍ଟାର ଚେଷ୍ଟା

ସେହିପରି ଗ୍ୟାଷ୍ଟ୍ରୋସର୍ଜରି ବିଶେଷଜ୍ଞମାନେ ବୃହଦାନ୍ତ୍ର (କୋଲୋନ)ର ଏକ ଅଂଶକୁ କାଟି ବାହାର କରିବା ସହିତ ଏହାକୁ ଛାତି ମଧ୍ୟରେ ସ୍ତନ ତଳେ ଏବଂ ହୃତ୍‌ପିଣ୍ଡ ନିକଟରେ ଏକ କୃତ୍ରିମ ଟନେଲ ସୃଷ୍ଟି କରି ଜିଭର ମୂଳ ସହିତ ପାକସ୍ଥଳୀକୁ ସଂଯୋଗ କରିଥିଲେ। ଏହି ପ୍ରକ୍ରିୟା ଦ୍ୱାରା ଯୁବତୀଙ୍କର ଏକ ନୂତନ ଖାଦ୍ୟନଳୀ ସୃଷ୍ଟି କରାଯାଇପାରିଛି। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଆଇସିୟୁରେ ରଖାଯାଇଥିଲା। ୨ ମାସ ପରେ ଯୁବତୀଜଣକ ବର୍ତ୍ତମାନ ସୁସ୍ଥ ଅନୁଭବ କରିବା ସହିତ ସ୍ୱାଭାବିକ ଭାବେ ଶ୍ୱାସକ୍ରିୟା ସମ୍ପାଦନ କରିବା ଏବଂ ଖାଦ୍ୟ ଗ୍ରହଣ କରୁଛନ୍ତି। ଏହା ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଦଳ ସହିତ ଯୁବତୀଙ୍କ ପରିବାରକୁ ଆନନ୍ଦିତ କରିଥିବାବେଳେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଇଏନ୍‌ଟି ବିଭାଗର ସହଯୋଗୀ ପ୍ରଫେସର୍ ଡ. ଦିଲୀପ କୁମାର ସାମଲ, ଗ୍ୟାଷ୍ଟ୍ରୋସର୍ଜରି ବିଭାଗର ସହକାରୀ ପ୍ରଫେସର ଡ. ତନ୍ମୟ ଦତ୍ତ, ଜରୁରିକାଳୀନ ବିଭାଗର (ନିଶ୍ଚେତକ) ସହକାରୀ ପ୍ରଫେସର ଡ. ଅଜିତେଶ ସାହୁ ଏହାର ନେତୃତ୍ୱ ନେଇଥିଲେ। ଇଏନ୍‌ଟି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ କୁମାର ପରି ନିରୀକ୍ଷଣ କରିଥିଲେ। ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ସୁସ୍ଥ ହୋଇଥିବା ଯୁବତୀଙ୍କ ସହ ଅସ୍ତ୍ରୋପଚାର କରିଥିବା ଏମ୍ସ ଡାକ୍ତରୀ ଟିମ୍।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୫ ମେ’, ୨୦୨୩



## ଚିତ୍ରକୋଣ୍ଡା ଟ୍ରାକ୍ଟର ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟଣା: ୩ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା

ଭୁବନେଶ୍ୱର, ୪।୫(ବ୍ୟୁରୋ): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳରେ ବୁଧବାର ଏକ ଟ୍ରାକ୍ଟର ଦୁର୍ଘଟଣା ଘଟିଥିଲା। ଏଥିରେ ଚାରି ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ମୃତକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖା ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏଥିସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଞ୍ଚୁକୁଞ୍ଚିଆ ମାଗୁର-ନିଶିଆ,**
**ହିଆରେ ନ ଥାଇ ବାଳ;**
**ଏ ତିନିଙ୍କୁ ପରତେ ନ ଯିବ,**
**ବଞ୍ଚିଥିବ ଯେତେ କାଳ ।**

କୁଞ୍ଚୁକୁଞ୍ଚିକା କେଶ, ମାଗୁର ପରିକା ନିଶ ଏବଂ ଛାତିରେ ବାଳ ନ ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତେଣୁ ଏମାନଙ୍କୁ ଭରସା କରିବା ଉଚିତ ନୁହେଁ ବୋଲି ଲୋକକଥା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଟିଲି କଞ୍ଚା ପାଞ୍ଚଣ;**
**ଥାଳିପଟ ମୁହଁ ଶୁଖିଯାଇଛି,**
**ଏ ଯେଉଁ କଟୁ ବଚନ।**

କିଏ ଗାଳି ଦେଲେ ବା ଛିଗୁଲେଇ କରି କଥା କହିଲେ ମନ ଉଦାସ ହୋଇଯାଏ। କଟୁ ଚନ ଶୁଣିବା ଦ୍ୱାରା ତନୁମନ ଆଘାତପ୍ରାପ୍ତ ହେବା ସହ ମୁହଁରେ ବିଷର୍ଣ୍ଣ ଭାବ ପ୍ରକାଶ ପାଇଥାଏ। କଟୁ ବଚନ ଶୁଣି ମୁହଁ ଶୁଖାଇ ବସିଥିବା ତରୁଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରଘୁନାଥ ମୁର୍ମୁଙ୍କ ସମାଧିପୀଠରେ ବିକାଶ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୪।୫(ବ୍ୟୁରୋ)

ଅଲ୍‌ଚିକି ଲିପିର ଉଦ୍ଭାବକ ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସାନ୍ତାଳୀ ସମାଜ ଓ ସାନ୍ତାଳୀ ଭାଷା ଏବଂ ସାହିତ୍ୟ ପ୍ରତି ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅବଦାନ ସର୍ବଜନବିଦିତ। ପଣ୍ଡିତ ମୁର୍ମୁ ଅଲ୍‌ଚିକି ଲିପି ଉଦ୍ଭାବନ କରି ସାନ୍ତାଳୀ ସମାଜର ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିଯାଇଛନ୍ତି। ସାନ୍ତାଳୀ ଲିପି ଏକ ବିଜ୍ଞାନସମ୍ମତ ଲିପି ଭାବରେ ମଧ୍ୟ ସ୍ୱୀକୃତି ପାଇଛି। ସାନ୍ତାଳୀ ଭାଷାରେ ଅଲଚିକି ଲିପିରେ ସେ ଅନେକ କାଳଜୟୀ ସାହିତ୍ୟ ସୃଷ୍ଟି କରିଛନ୍ତି। ତାଙ୍କର କାଳଜୟୀ କୃତି ପାଇଁ ସେ କେବଳ ସାନ୍ତାଳୀ ସମାଜ ନୁହେଁ, ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ସ୍ମରଣୀୟ ହୋଇ ରହିଛନ୍ତି। ସାନ୍ତାଳୀ ସମାଜ ପାଇଁ ତାଙ୍କର ମହାନ ଅବଦାନ ତାଙ୍କୁ ସବୁବେଳେ ପୂଜନୀୟ କରି ରଖିଛି। ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସ୍ମୃତିରେ ରାଜ୍ୟ ସରକାର ବାରିପଦା ମେଡିକାଲ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି। ସାନ୍ତାଳୀ ଜାତି ପ୍ରତି ପଣ୍ଡିତ ମୁର୍ମୁଙ୍କ ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ତାଙ୍କ ଜୟନ୍ତୀ ବୁଦ୍ଧ ପୂର୍ଣ୍ଣିମାକୁ ମଧ୍ୟ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ମାର୍ଚ୍ଚ ୨ ଓ ୩ ଦୁଇ ଦିନ ଧରି ମୟୂରଭଞ୍ଜ ଗସ୍ତରେ ଯାଇଥିବା ବେଳେ ଦାଣ୍ଡବୋସ ଯାଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ପରିଦର୍ଶନ କରିଥିଲେ ଏବଂ ବାରିପଦାସ୍ଥିତ ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ମଧ୍ୟ ଯାଇଥିଲେ। ତାଙ୍କ ସ୍ମୃତିପୀଠର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସାନ୍ତାଳୀ ଭାଇଭଉଣୀଙ୍କ ସହ ଆଲୋଚନା ବେଳେ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବା ପାଇଁ ସେ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧି ଅଞ୍ଚଳର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଯୋଜନାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ତଦନୁଯାୟୀ ଦାଣ୍ଡବୋସ-କାପିବୁରୁଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କର ସମାଧି ପୀଠର ବିକାଶ ପାଇଁ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଆଉ ୭୫ ଲକ୍ଷ ଟଙ୍କା ଖର୍ଚ୍ଚରେ ସେଠାରେ ଧ୍ୟାନକେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏତଦବ୍ୟତୀତ କାପିବୁରୁର ପାଚେରି ଓ ସଂଯୋଗ ରାସ୍ତାର ବିକାଶ ପାଇଁ ୩ କୋଟି ଟଙ୍କା ଖର୍ଚ୍ଚ କରିବାର ଯୋଜନା ଥିବାବେଳେ ସେଠାରେ ଏକ ଅଡିଟୋରିୟମ ଓ ଗବେଷଣା କେନ୍ଦ୍ର ପାଇଁ ୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେଠାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଡର୍ମିଟୋରି ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। କାପିବୁରୁର ସୌନ୍ଦର୍ଯ୍ୟକରଣ ଓ ସ୍ୱାଗତ ତୋରଣ ପାଇଁ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଦାଣ୍ଡବୋସ, ବିଦୁ ଚାନ୍ଦାନ ବାହାଗାଳର ବିକାଶ ତଥା ମାରାଙ୍ଗ-ଆହାରା ପୁଷ୍କରିଣୀ ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏତଦବ୍ୟତୀତ ପାନୀୟ ଜଳ, ବିଦ୍ୟୁତୀକରଣ ପାଇଁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର କରାଯାଇଛି। ୫-ଟି ଉପକ୍ରମରେ ଏ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପାଦନ କରାଯିବ। ଖୁବଶୀଘ୍ର କାମ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁରୀ ସମୁଦ୍ରରେ ୨ ଦିନରେ ୪ ବୁଡ଼ି ମୃତ




## ଦିଲ୍ଲୀରେ ବିଆର୍‌ଏସ୍ କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆଦିଲ୍ଲୀ,୪।୫

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଗୁରୁବାର ନୂଆଦିଲ୍ଲୀର ବସନ୍ତ ବିହାରରେ ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଆର୍‌ଏସ୍ ନେତାମାନଙ୍କ ସମେତ କେତେଜଣ ମନ୍ତ୍ରୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ରୀତିନୀତି ଓ ପୂଜାର୍ଚ୍ଚନା ମଧ୍ୟରେ କେସିଆର୍ ନୂଆ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ବିଆର୍‌ଏସ୍ ଭବନ ନିର୍ମାଣ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସଡ଼କ ଓ ଅଟ୍ଟାଳିକା ମନ୍ତ୍ରୀ ପ୍ରଶାନ୍ତ ରେଡ୍ଡୀ ଏବଂ ରାଜ୍ୟ ସଭା ସଦସ୍ୟ ଯୋଗିନାପାଲ୍ଲି ସନ୍ତୋଷକୁମାର ପରିଚାଳନା କରିଥିଲେ। ୧୧,୦୦୦ ବର୍ଗଫୁଟ ସ୍ଥାନରେ ୪ ମହଲା ବିଶିଷ୍ଟ ବିଆର୍‌ଏସ୍ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଏହାର ତଳ ମହଲାରେ କ୍ୟାଣ୍ଟିନ୍, ରିସେପ୍‌ଶନ ଲବି ସାଙ୍ଗକୁ ସାଧାରଣ ସମ୍ପାଦକମାନଙ୍କ ପାଇଁ ୪ଟି ଚାମ୍ବର ରହିଛି। ପ୍ରଥମ ମହଲାରେ କେସିଆର୍‌ଙ୍କ ଚାମ୍ବର ଓ ସମ୍ମିଳନୀ କକ୍ଷ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ମହଲାରେ ୨୦ଟି ପ୍ରକୋଷ୍ଠ ରହିଛି। ଏହା ବ୍ୟତୀତ ମିଡିଆ ହଲ୍ ଏବଂ ସର୍ଭ୍ୟାଣ୍ଟ କ୍ୱାର୍ଟର୍ସ ମଧ୍ୟ ଉକ୍ତ ବିଲ୍ଡିଂରେ ରହିଛି। ଗତବର୍ଷ ଡିସେମ୍ବର ୧୪ରୁ ଦଳର ଅସ୍ଥାୟୀ କାର୍ଯ୍ୟାଳୟ ଦିଲ୍ଲୀର ସର୍ଦ୍ଦାର ପଟେଲ ମାର୍ଗରେ ଚାଲୁଥିଲା। ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଦଳୀୟ କର୍ମୀମାନଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କେସିଆର୍‌ଙ୍କ ଝିଅ ତଥା ତେଲଙ୍ଗାନା ଏମ୍‌ଏଲ୍‌ସି କେ. କବିତା କହିଛନ୍ତି। ସ୍ୱତନ୍ତ୍ର ତେଲଙ୍ଗାନା ପ୍ରଦେଶ ଗଠନ ଲକ୍ଷ୍ୟ ନେଇ ଦଳ ଗଠନ କରାଯାଇଥିଲା। କଷ୍ଟସାଧ୍ୟ ରାଜନୈତିକ ସ୍ଥିତି ସତ୍ତ୍ୱେ ରାଜ୍ୟ ଗଠନ ସଫଳ ହୋଇଥିଲା। ତେଲଙ୍ଗାନା ବିଚାରଧାରାରେ ବିଶ୍ୱାସ କରୁଥିବା ନାଗରିକଙ୍କଠାରୁ ଦଳକୁ ବିପୁଳ ସମର୍ଥନ ମିଳିଥିଲା। କେସିଆର୍‌ଙ୍କ ରାଷ୍ଟ୍ରନେତୃତ୍ୱ ଏବଂ ଦୃଢ଼ତା ପାଇଁ ଆଜି ଲୋକ ସଭାରେ ବିଆର୍‌ଏସ୍‌ର ୯ ସଦସ୍ୟ ଥିବାବେଳେ ରାଜ୍ୟ ସଭାରେ ୭ ସଦସ୍ୟ ରହିଛନ୍ତି। ଏଥିସହିତ ତେଲଙ୍ଗାନା ବିଧାନସଭାରେ ଦଳର ୧୦୫ ବିଧାୟକ ରହିଛନ୍ତି। ଦଳ ଏବେ ଜାତୀୟ କ୍ଷମତାକେନ୍ଦ୍ର ପାଲଟିଛି ବୋଲି କବିତା କହିଛନ୍ତି। ଦିଲ୍ଲୀରେ ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଜାତୀୟ ରାଜନୀତିରେ ଦଳର ପତିଆରା ବୃଦ୍ଧି ଦିଗରେ ଏକ ବଡ଼ ପଦକ୍ଷେପ।




ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଗୁରୁବାର ନୂଆଦିଲ୍ଲୀର ବସନ୍ତ ବିହାରରେ ବିଆର୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମଣିପୁରରେ ପୋଲିସ ...

ମୋଟ ଜନସଂଖ୍ୟାର ୫୩%। ଅଣଆଦିବାସୀମାନଙ୍କୁ ବିଜ୍ଞପିତ ପାର୍ବତ୍ୟାଞ୍ଚଳରେ ଜମି କିଣିବା ବାରଣ କରାଯାଇଥିବାରୁ ସେମାନେ ମାତ୍ର ୧୦ ଭାଗ ଅଞ୍ଚଳରେ ସୀମିତ ହୋଇ ରହିଛନ୍ତି। ଏହି ସମ୍ପ୍ରଦାୟର ଲୋକେ ଏସ୍‌ଟି ତାଲିକାରେ ସାମିଲ ହେବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ମାର୍ଚ୍ଚ ୨୭ରେ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ଏପ୍ରିଲ ୧୪ରେ ରାୟ ଦେଇଥିଲେ। ମେଇତିଙ୍କୁ ଏସ୍‌ଟି ତାଲିକାରେ ୧୦ ବର୍ଷ ପର୍ଯ୍ୟନ୍ତ ସାମିଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଂଖ୍ୟାବହୁଳ ମେଇତିଙ୍କୁ ଉକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ସୁପାରିସ ନିମନ୍ତେ ଏପ୍ରିଲ ୧୯ରେ ନିର୍ଦ୍ଦେଶ ଦିଆଯାଇଛି। ମେଇତିଙ୍କୁ ଏସ୍‌ଟି ତାଲିକାରେ ସାମିଲ କରାଗଲେ ସେମାନେ ଅନ୍ୟ ସ୍ଥାନଗୁଡ଼ିକରେ ଜାଗା କିଣିପାରିବେ। ଏହାକୁ ନେଇ କ୍ଷୁବ୍ଧ ନାଗା ଓ କୁକି ସମୁଦାୟ ଆନ୍ଦୋଳନ କରୁଛନ୍ତି। ବୁଧବାର ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ ୟୁନିୟନ୍ ମଣିପୁର (ଏଟିଏସ୍‌ୟୁଏମ୍) ପକ୍ଷରୁ ‘ଟ୍ରାଇବାଲ୍ ସୋଲିଡାରିଟି ମାର୍ଚ୍ଚ’ର ଆୟୋଜନ କରାଯାଇଥିଲା। ଏଥିରେ ଅନେକ ହଜାର ଆଦିବାସୀ ସାମିଲ ହୋଇଥିଲେ। ରାତିରେ ସେମାନଙ୍କ ଉପରେ ମେଇତି ସମ୍ପ୍ରଦାୟ ପକ୍ଷରୁ ଆକ୍ରମଣ ହୋଇଥିଲା। ଫଳରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଅନୁସୂୟା ଉଇକେଙ୍କ ପକ୍ଷରୁ ଗୁରୁବାର ଉପଦ୍ରବୀମାନଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଆର୍‌ପିସି ୧୯୭୩ର ନିୟମାନୁସାରେ ରାଜ୍ୟ ସରକାରଙ୍କ ଗୃହ କମିଶନର ଏହି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଛନ୍ତି। ସେନା ଓ ଆସାମ ରାଇଫଲ୍ସର ୫୫ କଲମ୍ ଯବାନଙ୍କୁ ହିଂସା ପ୍ରଭାବିତ ସ୍ଥାନଗୁଡ଼ିକରେ ମୁତୟନ କରାଯାଇଛି। ୯,୦୦୦ ଲୋକଙ୍କୁ ସେମାନଙ୍କ ଗାଁରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମେଇତି ଅଧ୍ୟୁସିତ ୱେଷ୍ଟ୍ ଇମ୍ଫାଲ, ଜିରିବାମ୍, କାକଚିଙ୍ଗ୍, ଥୋଉବାଲ, ବିଷ୍ଣୁପୁର ଏବଂ ଆଦିବାସୀ ବହୁଳ ଚୂରଚନ୍ଦପୁର, କାଙ୍ଗପୋକ୍‌ପି ଓ ଟେଙ୍ଗ୍‌ନୋଉପାଲ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ସାରା ରାଜ୍ୟରେ ୫ ଦିନ ପାଇଁ ମୋବାଇଲ ଇଣ୍ଟରନେଟ ସେବାକୁ ବାତିଲ କରାଯାଇଛି। ବକ୍ସିଂ ଚାମ୍ପିୟନ୍ ତଥା ରାଜ୍ୟ ସଭା ସଦସ୍ୟା ମେରି କମ୍ ମଣିପୁର ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ମେରି କମ୍ ନିଜ ଟୁଇଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ), ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ରିପବ୍ଲିକ୍ ଟିଭି, ଏନ୍‌ଡିଟିଭି ଏବଂ ଇଣ୍ଡିଆ ଟୁଡେ ଚ୍ୟାନେଲକୁ ଟ୍ୟାଗ୍ କରିଛନ୍ତି। ଇତିମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ପୂର୍ବତନ ମହାନିର୍ଦ୍ଦେଶକ କୁଲଦୀପ ସିଂଙ୍କୁ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ୧୯୮୬ ବ୍ୟାଚ୍‌ର ଏହି ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଗତବର୍ଷ ସେପ୍ଟେମ୍ବରରେ ଅବସର ନେଇଥିଲେ। ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ କହିଛନ୍ତି, ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ଲୋକଙ୍କ ଧନ ଜୀବନର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଫୋନ୍‌ରେ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଭାଜପା ଶାସିତ ରାଜ୍ୟ ମଣିପୁରରେ ହିଂସାକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପାକୁ ସମାଲୋଚନା କରିଛନ୍ତି। ଭାଜପା ସରକାର ଗଠନ କରିବାର ୧୫ ମାସ ମଧ୍ୟରେ ସାରା ରାଜ୍ୟରେ ହିଂସାର ନିଆଁ ଦେଖିବାକୁ ମିଳିଛି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା କର୍ଣ୍ଣାଟକରେ ନିର୍ବାଚନ ପ୍ରଚାରରେ ମାତିଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲ କହିଛନ୍ତି, ମଣିପୁର ଜଳୁଥିବାବେଳେ ମୋଦି ପ୍ରଚାରରେ ଲାଗିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ମଣିପୁରକୁ ପ୍ରଥମେ ସୁରକ୍ଷା ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେଇ ଶାନ୍ତି ପୁନଃ ଅବସ୍ଥାପିତ କରନ୍ତୁ ବୋଲି ମମତା କହିଛନ୍ତି।

### ମନ୍ତ୍ରୀଙ୍କ ଗଡ଼ରେ ...

ତେଣୁ ଉଭୟଙ୍କ ଭୋଟ ହାତେଇବା ଲାଗି ଦୁଇ ନେତାଙ୍କୁ ଡାକି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ମହେଶ୍ୱରଙ୍କ ସହ ନିଜେ ମନ୍ତ୍ରୀ ସମୀର ରହି କେତେଜଣଙ୍କୁ ଡାକି ଏକ କାର୍ଯ୍ୟକ୍ରମ କରିଥିବା ବେଳେ ଅନ୍ୟ ଏକ କାର୍ଯ୍ୟକ୍ରମ ପୁରୀ ଏମ୍‌ପି ପିନାକୀ ମିଶ୍ର, ଶୁଭାଶିଷ ଖୁଣ୍ଟିଆ ଏବଂ ସମୀର ରହି କରିଥିଲେ। ଏହିଭଳି ବିଜେଡି ଭୋଟ ଗୋଟାଇବା ଲାଗି ମଧ୍ୟ ଦଳ ପକ୍ଷରୁ ବହୁପ୍ରକାର ଉଦ୍ୟମ କରିଥିଲା। ସେହିପରି ଭାଜପାର ପ୍ରାୟ ସମସ୍ତ ପୁରୀ ଜିଲା ନେତା ଏହି ନିର୍ବାଚନରେ ପ୍ରଚାର କରିଥିଲେ। ଦଳ ପକ୍ଷରୁ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପଛରେ ମନ୍ତ୍ରୀଙ୍କ ହାତ ଥିବା କଥା କହି ଜୋର୍‌ଦାର ପ୍ରଚାର କରିବା ସହ ଲୋକଙ୍କ ଭୋଟ୍ ହାତେଇବାକୁ ଚେଷ୍ଟା କରାଯାଇଥିଲା। କଂଗ୍ରେସ କିନ୍ତୁ ଉପନିର୍ବାଚନରେ ସେତେଟା ଆଖିଦୃଶିଆ ପ୍ରଦର୍ଶନ କରିପାରିନାହିଁ। ଏ ନେଇ ସମୀର କହିଛନ୍ତି, ଭୋଟରମାନଙ୍କୁ ଧନ୍ୟବାଦ ଦେଉଛି। ଭାଜପାର ବିଜୟକୁ ନିଶ୍ଚୟ ଗ୍ରହଣ କରିବାକୁ ହେବ। ୯ଟି ଯାକ ପଞ୍ଚାୟତ ଦାୟିତ୍ୱରେ ଥିବା ନେତାମାନେ ହିଁ ଏହି ଜୋନ୍‌ରେ ବିଜେଡି ପରାଜୟର ମୁଖ୍ୟ କାରଣ। କଂଗ୍ରେସ ଏବଂ ଭାଜପାର ମିଳିତ କାର୍ଯ୍ୟ ପାଇଁ ହାରିଲୁ। ପରବର୍ତ୍ତୀ ସମୟରେ ଏହାର ସମୀକ୍ଷା କରାଯିବ ବୋଲି ସେ କହିଛନ୍ତି। ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସାଧାରଣତଃ ଉପନିର୍ବାଚନଗୁଡିକରେ ବ୍ୟବସ୍ଥା ବିରୋଧରେ ଭୋଟ ଯାଇ ନ ଥାଏ। ପ୍ରଶାସନର ସହଯୋଗ ଏବଂ ପ୍ରବଳ ଅର୍ଥ କାରବାର କରି ସବୁବେଳେ ଶାସକ ଦଳ ଉପନିର୍ବାଚନ ଜିତିଥାଏ। ହେଲେ ନିମାପଡାର ୧୧ ନମ୍ବର ଜୋନ୍‌ର ଜିଲା ପରିଷଦ ଆସନରେ ଯେଉଁଭଳି ଭାବେ ଫଳାଫଳ ଆସିଛି ତାହା ରାଜ୍ୟ ସରକାରଙ୍କ ବିରୋଧରେ ଯାଇଛି। ଅନ୍ୟାୟ ବିରୋଧରେ ଜନତା ଜବାବ ଦେଇଛନ୍ତି। ଏହି ଫଳାଫଳ ଯୋଗୁ ଧର୍ମେନ୍ଦ୍ର ସାହୁଙ୍କ ଅତୃପ୍ତ ଆତ୍ମାକୁ ଶାନ୍ତି ମିଳିପାରିଛି ବୋଲି ସେ କହିଛନ୍ତି। କଂଗ୍ରେସ ନେତା ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି, ବିଜେଡି ଏବଂ ଭାଜପା ଉଭୟ ଦୁର୍ନୀତିଗ୍ରସ୍ତ ଦଳ। ହେଲେ କଂଗ୍ରେସର କେନ୍ଦ୍ରୀୟ ଏବଂ ରାଜ୍ୟ ନେତୃତ୍ୱର ପରିଚାଳନା ଠିକ୍ ନଥିବା ଯୋଗୁ ତାଙ୍କ ପ୍ରାର୍ଥୀ ବିପୁଳ ଭୋଟରେ ପରାଜିତ ହୋଇଥିବା ସେ କହିଛନ୍ତି।

ଗୋପ ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜିଲା ପରିଷଦ ଉପନିର୍ବାଚନ ଗଣତି ନିୟମ ଅନୁଯାୟୀ ସକାଳ ୮ଟା ପରିବର୍ତ୍ତେ ପ୍ରାୟ ୨ ଘଣ୍ଟା ବିଳମ୍ବରେ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିଲା। ଗୋପ ବ୍ଲକ ବୈଠକ ଗୃହରେ ଭୋଟ ଗଣତି କରାଯାଇଛି। ୯ଟି ପଞ୍ଚାୟତ ଲାଗି ୯ଟି ଟେବୁଲ କରାଯାଇଥିବା ବେଳେ ୧୨୮ଟି ବୁଥର ଭୋଟ ଗଣତି ହୋଇଥିଲା। ପ୍ରଥମ ରାଉଣ୍ଡରୁ ୧୧ରାଉଣ୍ଡ ପର୍ଯ୍ୟନ୍ତ ଅଳ୍ପ କିଛି ଭୋଟରେ ବିଜେଡି ପ୍ରାର୍ଥୀ ଭାଗୀରଥି ଆଗରେ ଥିବାବେଳେ ପରେ ଭାଜପା ପ୍ରାର୍ଥୀ ପ୍ରମୋଦ ଅଳ୍ପ ଭୋଟ ବ୍ୟବଧାନରେ ଆଗେଇଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ୧୭୬ ଖଣ୍ଡ ଭୋଟରେ ଆଗେଇ ବିଜେଡି ପ୍ରାର୍ଥୀ ଭାଗୀରଥିଙ୍କୁ ହରାଇ ଭାଜପା ପ୍ରାର୍ଥୀ ପ୍ରମୋଦ ବିଜୟୀ ହୋଇଥିଲେ। ଏହି ଜିଲା ପରିଷଦ ଉପନିର୍ବାଚନରେ ୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ କଂଗ୍ରେସ ପ୍ରାର୍ଥୀ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ୧୦୨୪ ଖଣ୍ଡ ଭୋଟ ମିଳିଥିବା ବେଳେ ବିଜେଡି ପ୍ରାର୍ଥୀ ଭାଗୀରଥିଙ୍କୁ ୧୧,୦୬୪ ଭୋଟ ଓ ଭାଜପା ପ୍ରାର୍ଥୀ ପ୍ରମୋଦଙ୍କୁ ୧୧,୨୪୦ ଭୋଟ ମିଳିଥିଲା। ତେବେ ବ୍ଲକ ପକ୍ଷରୁ ଶାନ୍ତିଶୃଙ୍ଖଳାରେ ଭୋଟ ଗଣତି କରିବା ପାଇଁ ବିଡିଓ ଦୀପ୍ତିରାଣୀ ଦାସ ୯ଟି ଟେବୁଲ ଲାଗି ୫୦ଜଣ ଅଫିସର, କର୍ମଚାରୀଙ୍କୁ ନିୟୋଜିତ କରିଥିଲେ। ଏହି ଭୋଟ ଗଣତି ଲାଗି ମାଜିଷ୍ଟ୍ରେଟ ଦାୟିତ୍ୱରେ ଗୋପ ତହସିଲଦାର ଏସ୍.କେ. ସାର୍ଗି, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଥିବାବେଳେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇ, ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ସହିତ ୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ବିଜୟୀ ପରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ଗୋପ ବଜାର ପରିକ୍ରମା କରିଥିଲା।

### ନିଶା ପାଇଁ ...

ଫେନରଗାନ୍ ଭାଏଲ୍‌ର ଦାମ୍ ୧୩ ଟଙ୍କା ୪୦ ପଇସା ଥିବାବେଳେ ଫୋର୍ଟୱିନ୍‌ର ବଜାର ମୂଲ୍ୟ ରହିଛି ୫ ଟଙ୍କା ୯ ପଇସା। ତେବେ ଏହି ଦୁଇ ଇଞ୍ଜେକ୍ସନର ଶରୀର ଉପରେ ପ୍ରତିକୂଳ ପ୍ରଭାବ ଜଣାପଡ଼ିବା ପରେ ଡାକ୍ତରଙ୍କ ବିନା ପ୍ରେସ୍‌କ୍ରିପ୍‌ଶନ୍‌ରେ ଏହାର ବିକ୍ରି ଉପରେ କଟକଣା ଜାରି କରାଯାଇଥିବା ରାୟଗଡ଼ା ଡ୍ରଗ୍ସ ଇନ୍‌ସ୍ପେକ୍ଟର ପ୍ରିୟରଞ୍ଜନ ନାୟକ କହିଛନ୍ତି। ତେବେ ଡ୍ରଗ୍ସ ବିଭାଗ କେବଳ ନିର୍ଦ୍ଦେଶନାମା ଜାରି କରି ନୀରବ ରହିଯାଇଥିବାବେଳେ ଖୋଲା ବଜାରରେ ଏହାର ଅବାଧ ବ୍ୟବସାୟ ବିଭାଗୀୟ ଅପାରଗତା ବୋଲି ଚର୍ଚ୍ଚା ହେଉଛି।

ଫୋର୍ଟୱିନ୍ ଏବଂ ଫେନରଗାନ୍ ବାହାରୁ ଚୋରାରେ ରାୟଗଡ଼ା ଜିଲାକୁ ଆସୁଥିବା ଜଣାପଡ଼ିଛି। ଅଧିକାଂଶ ଔଷଧ ଦୋକାନରେ ଏହା ଲୁଚାଚୋରାରେ ମିଳିଯାଉଛି। ଇଞ୍ଜେକ୍ସନ ନିଶା କବଳରେ ପଡ଼ିଥିବା ଯୁବକମାନେ ଚିହ୍ନା ପରିଚିତ ଦୋକାନୀଙ୍କଠାରୁ ଏହାକୁ ସଂଗ୍ରହ କରୁଛନ୍ତି। ଅସୁରକ୍ଷିତ ଭାବେ ଇନ୍‌ସୁଲିନ୍ ଦେବାରେ ବ୍ୟବହୃତ ସିରିଞ୍ଜରେ ସେମାନେ ଚମଡ଼ା ତଳେ ଏହି ନିଶା ଇଞ୍ଜେକ୍ସନକୁ ଶରୀରରେ ପୂରାଉଛନ୍ତି। ବିଶେଷ କରି ୨୫ରୁ ୪୦ ବର୍ଷୀୟ ଯୁବପିଢ଼ିଙ୍କ ନିକଟରେ ଏହି ନିଶା ପ୍ରବଣତା ବଢ଼ିବାରେ ଲାଗିଛି। ହେଲେ ଏହା ଯେ ସେମାନଙ୍କୁ ଧୀରେ ଧୀରେ ମୃତ୍ୟୁମୁଖକୁ ଟାଣି ନେଉଛି, ସେ ସମ୍ପର୍କରେ ସେମାନେ ଜାଣିପାରୁନାହାନ୍ତି। ଏ ଦିଗରେ ଡ୍ରଗ୍ସ ବିଭାଗ ପକ୍ଷରୁ ମଧ୍ୟ ଆବଶ୍ୟକ ସଚେତନତା ସୃଷ୍ଟି କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଶେଷଜ୍ଞ ଡ. ସୁରେଶ କୁମାର ଦେ କୁହନ୍ତି, ରୋଗୀଙ୍କ ଯନ୍ତ୍ରଣା ଉପଶମ କ୍ଷେତ୍ରରେ ସେତିକି ଆବଶ୍ୟକ ହେଲେ ଫୋର୍ଟୱିନ, ଫେନରଗାନ୍ ବ୍ୟବହାର ଲାଗି ଡାକ୍ତର ପରାମର୍ଶ ଦେଇଥାଆନ୍ତି। ରୋଗୀଙ୍କ ଲାଗି ଉଭୟ ଇଞ୍ଜେକ୍ସନ୍‌ର ୧ ଏମ୍‌ଏଲ୍ ଡୋଜ୍ ଯଥେଷ୍ଟ। ଫୋର୍ଟୱିନ୍ ଇଞ୍ଜେକ୍ସନ୍ ମେରୁଦଣ୍ଡ ଏବଂ ମସ୍ତିଷ୍କର ସ୍ନାୟୁକୋଷକୁ ସକ୍ରିୟ କରି ଯନ୍ତ୍ରଣା ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା ସ୍ୱାୟବିକ ତନ୍ତ୍ରକୁ ନିୟନ୍ତ୍ରଣ କରି ଯନ୍ତ୍ରଣା ପ୍ରତିରୋଧୀ ଭାବେ କାର୍ଯ୍ୟ କରେ। ହେଲେ ଦୈନିକ ନିଶା ଭାବେ ଗ୍ରହଣ କଲେ ଏହା ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବ ବୋଲି ସେ ସତର୍କ କରାଇଛନ୍ତି।

#### ଦଲାଲ ଗୋଷ୍ଠୀ ସକ୍ରିୟ

ଫୋର୍ଟୱିନ, ଫେନରଗାନ୍ ଭଳି ନିଷିଦ୍ଧ ଇଞ୍ଜେକ୍ସନର ବେଆଇନ କାରବାରରେ ଦଲାଲ ଗୋଷ୍ଠୀ କାମ କରୁଛନ୍ତି। ସେମାନେ ବାହାରୁ ଇଞ୍ଜେକ୍ସନ ମଗାଇ ମହଜୁଦ୍ କରି ରଖୁଛନ୍ତି। ନିଶାସକ୍ତ କଲେଜ ପଢୁଆ ପିଲା, ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିମାନେ ମୁଖ୍ୟତଃ ଏହାକୁ ବ୍ୟବହାର କରୁଥିବାରୁ ସେମାନେ ଔଷଧ ଦୋକାନୀଙ୍କ ଜରିଆରେ ଏହାକୁ କିଣି ନେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରୋଗୀଙ୍କ ପାଇଁ ୫ରୁ ୧୫ ଟଙ୍କାରେ ବଜାରରେ ମିଳୁଥିବା ଏହି ଇଞ୍ଜେକ୍ସନକୁ ୨୦୦ରୁ ୫୦୦ ଟଙ୍କାରେ ନିଶାଡ଼ିଙ୍କୁ ବିକ୍ରି କରାଯାଉଛି। ଏହା ଜାଣିବା ସତ୍ତ୍ୱେ ଇଞ୍ଜେକ୍ସନ ନିଶାରେ ପଡ଼ିଥିବା ଯୁବବର୍ଗ ଏହାକୁ ଅନାୟାସରେ କିଣି ନେଉଛନ୍ତି। ଔଷଧ ଦୋକାନରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରାଗଲେ ଫୋର୍ଟୱିନ, ଫେନରଗାନ୍ ବ୍ୟବସାୟକୁ ନେଇ ଅନେକ ରହସ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

#### କମ୍ ଡୋଜ୍‌ରେ ବେଶି ପ୍ରଭାବୀ

ଏକଦା ଫୋର୍ଟୱିନ, ଫେନରଗାନ୍ କବଳରେ ପଡ଼ିଥିବା ରାୟଗଡ଼ାର ଜଣେ ୩୫ ବର୍ଷୀୟ ଯୁବକ ନାମ ଗୋପନ ରଖିବା ସର୍ତ୍ତରେ ନିଜ ଅନୁଭୂତି ବଖାଣି କହିଛନ୍ତି ଯେ, ତାଙ୍କୁ ଯେତେବେଳେ ୨୦-୨୫ ବର୍ଷ; ସେତେବେଳେ କୁସଙ୍ଗରେ ପଡ଼ି ଏହି ନିଶା ଗ୍ରହଣ କରିବା ଆରମ୍ଭ କରିଥିଲେ। କମ୍ ଡୋଜ୍‌ରେ ବେଶି ନିଶା ହେଉଥିବାରୁ ସମୟକ୍ରମେ ଏହା ଅଭ୍ୟାସରେ ପରିଣତ ହୋଇଗଲା। ଉଚ୍ଚଶିକ୍ଷିତ ହୋଇଥିଲେ ମଧ୍ୟ ଶରୀର ଉପରେ ଏହାର ଖରାପ ପ୍ରଭାବକୁ ସେ ଅଣଦେଖା କରିଥିଲେ। ହେଲେ କିଛିଦିନ ପରେ ତାଙ୍କ ଶରୀର ଜୀର୍ଣ୍ଣଶୀର୍ଣ୍ଣ ହୋଇଗଲା। ବିଭିନ୍ନ ରୋଗ ମାଡ଼ିବସିଲା। ଫଳରେ ଏଭଳି କୁ-ଅଭ୍ୟାସ ଛାଡ଼ିବାକୁ ସେ ଚିନ୍ତା କଲେ। ୮-୧୦ ବର୍ଷ ହେବ ସେ ନିଶା ଛାଡ଼ି ଦେଇଛନ୍ତି ଏବଂ ବିଦ୍ୟୁତ୍ ବିଭାଗରେ ଚାକିରି କରି ଖୁସିରେ ଥିବା ସମ୍ପୃକ୍ତ ଯୁବକ କହିଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟତଃ ପ୍ରେମ ପ୍ରତାରଣା, ପାରିବାରିକ ଅଶାନ୍ତି, ଆର୍ଥିକ ସମସ୍ୟା ଯୁବପିଢ଼ିଙ୍କୁ ନିଶା ଆଡ଼କୁ ଟାଣି ନେଉଛି। ମାନସିକ ଯନ୍ତ୍ରଣା ଦୂରେଇବାକୁ ସେମାନେ ଫୋର୍ଟୱିନ, ଫେନରଗାନ୍ ଭଳି ତୀବ୍ର ନିଶାଯୁକ୍ତ ଔଷଧ ବ୍ୟବହାର କରୁଛନ୍ତି। ଏଭଳି ନିଶା ବ୍ୟବହାରକାରୀ ମୁଖ୍ୟସ୍ରୋତକୁ ଫେରିବା ସାମାନ୍ୟ କଷ୍ଟକର ହେଲେ ମଧ୍ୟ ଅସମ୍ଭବ ନୁହେଁ। ହେଲେ ଜିଲାରେ ନିଶା ନିବାରଣ କେନ୍ଦ୍ର ନ ଥିବାରୁ ଏଥିରେ ସମସ୍ୟା ସୃଷ୍ଟି ହେଉଛି। ଏ ଦିଗରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଡ୍ରଗ୍ସ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପୂର୍ବପରି ରହିବ। କର୍ମକ୍ଷେତ୍ରରେ ଅତ୍ୟଧିକ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିବାର ସୂଚନା ରହିଛି। ଅବଶ୍ୟ ଦ୍ୱିଜା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ।

**ବୃଷ**
ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ରୋହିଣୀ ନକ୍ଷତ୍ରର ଅର୍ଥନୈତିକ ପ୍ରଗତି ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ।

**ମିଥୁନ**
ପରିବାରରେ ପୂର୍ବର ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ବହୁତ ଦିନରୁ ରହିଯାଇଥିବା ଅସମ୍ପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ କରିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଆରର୍ଦ୍ରା ନକ୍ଷତ୍ର ଅଫିସରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ**
ଆଶା ଓ ଆଶଙ୍କା ମଧ୍ୟରେ ସମୟ କଟାଇବା ସାଙ୍ଗକୁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ଅନଟନ ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପୁନର୍ବସୁ ନକ୍ଷତ୍ର ଆରୋଗ୍ୟଲାଭ କରିବା ହେତୁ ସାମୟିକ ଆଶ୍ୱସ୍ତିଲାଭ କରିବେ।

**ସିଂହ**
ଆଜି ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। କିନ୍ତୁ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରି ମାନସିକ ପରିସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ମଘା ନକ୍ଷତ୍ର ଜାତ ବ୍ୟକ୍ତିଙ୍କର ମାନସିକ ଅବସାଦ ଯୋଗୁ କୌଣସି କାମ ଫଳପ୍ରଦ ହେବ ନାହିଁ।

**କନ୍ୟା**
ଆଜି ଯିବା ରାସ୍ତାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡିବେ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ତୁଳା**
କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। ସ୍ୱାତୀ ନକ୍ଷତ୍ର ଅଫିସରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସାମାଜିକ ସ୍ତରରେ ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇବେ।

**ବିଛା**
ବିଭିନ୍ନ ଲୋଭନୀୟ ପ୍ରତିଶ୍ରୁତି ଦେଇ ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଅନୁରାଧାର ବାରମ୍ବାର ଚେଷ୍ଟାର ପରିଣାମ ସ୍ୱରୂପ ଆଜି କାର୍ଯ୍ୟସାଧିତ ହେବ। ଯାତ୍ରା ସମୟରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆଲୋଚନା ପରିସରରେ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଦେଖିବେ ସବୁ କିଛି ଠିକ୍ ହୋଇଯିବ। ମୂଳା ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି,ଏଣୁ ସାବଧାନ ରହିବା ଭଲ। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ କିଛି ଅସୁବିଧା ହେବ ନାହିଁ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବନ୍ଧୁମାନଙ୍କ ସହ ଆଲୋଚନା କରି ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଯୋଜନା କରିବେ। ଶ୍ରବଣା ନକ୍ଷତ୍ର ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ସ୍ଥଗିତ ରହିଯାଇଥିବା କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବାରେ ପ୍ରତିବନ୍ଧକ ରହିବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୂର୍ବଭାଦ୍ରପଦ ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ**
ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପାଇଁ ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। କଳା, ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ବୈଶାଖ ପୂର୍ଣ୍ଣିମା ଶୁକ୍ରବାର, ବୁଦ୍ଧଜୟନ୍ତୀ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ସନ୍ଥକବି ଭୀମ ଭୋଇ ଜୟନ୍ତୀ, ବିପ୍ଳବୀ ଧରଣୀଧର ନାୟକଙ୍କ ଜନ୍ମଦିବସ, (ଆଜି ଉପଚ୍ଛାୟାଜନିତ ଚନ୍ଦ୍ରଗ୍ରହଣ-ଯାହାକି ପାଳନୀୟ ନୁହେଁ), ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୬।୧୦ ମଧ୍ୟେ, ଘ.୦୭।୦୧ ଗତେ ଘ.୦୮।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ।

# ‘ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି’




ହାଟବାଦଡ଼ାସ୍ଥିତ ସାତପଉଟିଆରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ସେଣ୍ଟରରେ ଆଡିକ୍ସନ ଫ୍ରି ଓଡ଼ିଶା ସେଣ୍ଟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେଶନର ଅଧକ୍ଷା ଦୀପିକା ଜିନ୍ଦଲ ଓ ଅନ୍ୟମାନେ।

■ ମୟୂରଭଞ୍ଜ ଜିଲା ଗସ୍ତରେ ରାଷ୍ଟ୍ରପତି

■ ପାରମ୍ପରିକ ବେଶଭୂଷାରେ ସ୍ୱାଗତ କଲେ ଆଦିବାସୀ

ବାରିପଦା ଅଫିସ/ ରାଇରଙ୍ଗପୁର, ୪ା୫(ଡି.ଏନ.ଏ.)

ମୟୂରଭଞ୍ଜ ମାଟିର ଝିଅ ତଥା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ଦିନିଆ ଜିଲା ଗସ୍ତରେ ଆସିଛନ୍ତି। ଗୁରୁବାର ନିର୍ଦ୍ଧାରିତ ସମୟରେ ଶାଶୁଘର ଗାଁ ପାହାଡ଼ପୁରରେ ପହଞ୍ଚିବା ପରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ବର୍ଷବ୍ୟାପୀ ନିଶାମୁକ୍ତି ଅଭିଯାନର ଶୁଭାରମ୍ଭ ଅବସରରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି କହିଛନ୍ତି, ନିଶା ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି। ନିଜ ଲକ୍ଷ୍ୟପଥରୁ ଦୂରେଇ ଯାଉଛନ୍ତି ଯୁବସମାଜ। ଅପକାରିତା ଜାଣି ମଧ୍ୟ ଖରାପ କାର୍ଯ୍ୟ କରୁଛନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ନିଶା ଏକ ଅଭିଶାପ। ନିଶା ଏକ ବ୍ୟାଧି ବୋଲି ସଚେତନତା ସୃଷ୍ଟି କରିବାକୁ ହେବ। ନିଶାଠାରୁ ଦୂରେଇ ରହିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ହାଟବାଦଡ଼ାସ୍ଥିତ ସାତପଉଟିଆରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ସେଣ୍ଟରରେ ଆଡିକ୍ସନ ଫ୍ରି ଓଡ଼ିଶା ସେଣ୍ଟର (ନିଶାମୁକ୍ତ ଓଡ଼ିଶା)କୁ ଉଦ୍‌ଘାଟନ କରି ଉପରୋକ୍ତ ବକ୍ତବ୍ୟ ଦେଇଛନ୍ତି। ସନ୍ଧ୍ୟାରେ ରାଇରଙ୍ଗପୁର ମ୍ୟୁନିସିପାଲିଟି ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଜନ୍ମମାଟି କଥା ମନେପକାଇଛନ୍ତି। ମା’ ମାଟିର ଡାକରା ଅନନ୍ୟ ଓ ନିଆରା ବୋଲି କହିଛନ୍ତି। ଉପରବେଡ଼ାରେ ଜନ୍ମ ହୋଇଥିଲି, କିନ୍ତୁ ରାଇରଙ୍ଗପୁର ମାଟି ମୋତେ ପୁନର୍ଜନ୍ମ ଦେଇଛି। ଜନ୍ମମାଟିର କେତେ ଟେକ ରଖିବି କହି ତ ପାରିବିନି, କିନ୍ତୁ ମା’ ମାଟିକୁ କେବେ ବଦ୍‌ନାମ କରିବି ନାହିଁ ବୋଲି ଭାବବିହ୍ୱଳ ହୋଇ ସେ ପ୍ରକାଶ କରିଛନ୍ତି।

ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ସେ ରାଇରଙ୍ଗପୁରକୁ ଆସିଥିବାରୁ ପାହାଡ଼ପୁର ସମେତ ଆଖପାଖ ଅଞ୍ଚଳରେ ବେଶ୍ ଆନନ୍ଦ ଉଲ୍ଲାସ ଦେଖାଦେଇଥିଲା। ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶଭୂଷାରେ ନୃତ୍ୟ, ଗୀତ ଓ ବାଦ୍ୟ ମାଧମରେ ରାଷ୍ଟ୍ରପତିଙ୍କୁ ପାଛୋଟି ନେବା ସହ ଭବ୍ୟ ସ୍ୱାଗତ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଇଂ.ବିଶ୍ୱେଶ୍ୱର ଟୁଡୁ, ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସ୍ୱାଗତ କରିବା ଲାଗି ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ପାହାଡ଼ପୁର ଗ୍ରାମ ଲୋକାରଣ୍ୟ ହୋଇପଡ଼ିଥିବାବେଳେ ଗାଁର ଚିତ୍ର ବଦଳିଯାଇଥିଲା। ପୂର୍ବାହ୍ନ ୧୦ଟା ୨୫ରେ ରାଷ୍ଟ୍ରପତି ବାଦାମପାହାଡ଼ସ୍ଥିତ ଦିଘିଆବେଡ଼ା ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ। ୧୦ଟା୪୦ରେ ସ୍ୱତନ୍ତ୍ର କାର୍ ଯୋଗେ ଶାଶୁଘର ଗାଁ ପାହାଡ଼ପୁରକୁ ଯାଇ ଦିବଂଗତ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଆଦିବାସୀଙ୍କ ପୂଜାସ୍ଥଳ ଗୋଷାଣି(ଜାହିରା)କୁ ଯାଇ ଆଣ୍ଠୁମାଡ଼ି ପୂଜାର୍ଚ୍ଚନା ସହ ପ୍ରଣାମ କରିଥିଲେ। ସେଠାରୁ ଫେରି ଏଲ୍‌ଆଣ୍ଡଟି କମ୍ପାନି ପକ୍ଷରୁ ଏକ କୌଶଳ ଦକ୍ଷତା କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ପରେ ନାବାର୍ଡ ଦ୍ୱାରା ନିର୍ମିତ ଏସ୍ଏଲ୍ଏସ୍ ସ୍କୁଲର ଏକ କମ୍ୟୁନିଟି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛତୁ ଚାଷ କରି ସ୍ୱାବଲମ୍ବୀ ହେବା ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀର ଯମୁନା ମୁର୍ମୁ ଓ ମିଲୁ ମୁର୍ମୁଙ୍କୁ ଛତୁ ମଞ୍ଜି ଏବଂ ଚାରାରୋପଣ ଲାଗି ବ୍ରଜମୋହନ ମୁର୍ମୁ ଓ ତାଙ୍କ ସାଥୀଙ୍କୁ ଚାରା ପ୍ରଦାନ କରିଥିଲେ। ଏସ୍ଏଲ୍ଏସ୍ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟଗୀତରେ ରାଷ୍ଟ୍ରପତିଙ୍କୁ ପାଛୋଟି ନେଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଗ୍ରାମବାସୀ, ସ୍କୁଲ ପରିଚାଳନା ସମିତି, ଶିକ୍ଷୟିତ୍ରୀ ଶିକ୍ଷକ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗଙ୍କ ସହିତ ସମୟ ଅତିବାହିତ କରିଥିଲେ। ରାଇରଙ୍ଗପୁରସ୍ଥିତ ଡାକବଙ୍ଗଳାରେ ପହଞ୍ଚି ମଧ୍ୟାହ୍ନଭୋଜନ ସାରି ବିଶ୍ରାମ ନେଇଥିଲେ। ଅପରାହ୍ନ ୪ଟାରେ ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଇରଙ୍ଗପୁର କଚେରି ପଡ଼ିଆଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ୪ଟା ୨୫ରେ ବଡ଼ବନ୍ଧଠାରେ ୧୦୦ଫୁଟର ଏକ ଜାତୀୟ ପତାକା ଉଡ଼ାଇଥିଲେ। ୪ଟା ୩୫ରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ୪ଟା ୪୫ରେ ବାହାରି ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଫିସ୍ ପରିଦର୍ଶନ କରିବା ସହ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଇରଙ୍ଗପୁରଠାରେ ବିଭିନ୍ନ ସଙ୍ଗଠନ, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ରାଷ୍ଟ୍ରପତିଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମଞ୍ଚରୁ ଓହ୍ଲାଇ ରାଷ୍ଟ୍ରପତି ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

ସୂଚନାଥାଉ କି ନିଶାମୁକ୍ତି ଅଭିଯାନ ଭାରତ ସରକାରଙ୍କ ସହଯୋଗରେ ବ୍ରହ୍ମାକୁମାରୀ ଦ୍ୱାରା ପରିଚାଳିତ ହେବ। ଜିନ୍ଦଲ ଷ୍ଟେନଲେସ୍ ଉକ୍ତ ଅଭିଯାନର ପ୍ରାଥମିକ ପୃଷ୍ଠପୋଷକ ହୋଇ ଏଭଳି ଏକ ଉତ୍ତମ କାର୍ଯ୍ୟରେ ସହଯୋଗ କରିବ। ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେଶନର ଅଧକ୍ଷା ଦୀପିକା ଜିନ୍ଦଲ କହିଛନ୍ତି, ଦାୟିତ୍ୱବାନ କର୍ପୋରେଟ ସଂସ୍ଥା ଭାବେ ଜିନ୍ଦଲ ଷ୍ଟେନଲେସ ବ୍ରହ୍ମାକୁମାରୀ ଏବଂ ସରକାରଙ୍କ ସହ ମିଳିତ ହୋଇ ଭାରତକୁ ନିଶା ସେବନରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛି। ନିଶାମୁକ୍ତ ଅଭିଯାନ ମାଧମରେ ଆମେ ଆମର ଯୁବକ, ଯେଉଁମାନେ ଦେଶର ଭବିଷ୍ୟତ, ସେମାନଙ୍କୁ ନିଶା ସେବନରୁ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛୁ। ନିଶାର ଖରାପ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶାରେ ବିଭିନ୍ନ କାର୍ଯ୍ୟକ୍ରମ, ରୋଡ୍ ଶୋ, ସେମିନାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ବାଦାମପାହାଡ଼ସ୍ଥିତ ଦିଘିଆବେଡ଼ା ହେଲିପ୍ୟାଡ୍‌ରେ ଅବତରଣ କରିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼।



ରାଇରଙ୍ଗପୁରଠାରେ ଆଦିବାସୀ ମହିଳାମାନେ ସ୍ୱାଗତ କରୁଛନ୍ତି।

## ଖାଲି ଶିକ୍ଷକ ପଦ ତାଲିକା ଦେବାକୁ ଡିଇଓଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୪ା୫(ବ୍ୟୁରୋ)

ରାଜ୍ୟର ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦ ଖୁବ୍‌ଶୀଘ୍ର ପୂରଣ ହେବ। ଜିଲାୱାରୀ କେଉଁ ବିଦ୍ୟାଳୟରେ କେତେ ଶିକ୍ଷକ ପଦ ଖାଲି ରହିଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ କରି ପ୍ରଦାନ କରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ମାଧମରେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୨୦୨୨ ନଭେମ୍ବର ୨୩ରେ ପ୍ରକାଶିତ ବିଜ୍ଞାପନ ଅନୁସାରେ ମାଧ୍ୟମିକ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାର ମନୋନୟନ ଦାୟିତ୍ୱ ଓଏସ୍ଏସ୍‌ସିକୁ ଦିଆଯାଇଥିଲା। ମନୋନୟନ ପ୍ରକ୍ରିୟା ଶେଷ ହେବା ପରେ ଚୂଡ଼ାନ୍ତ ମେଧା ତାଲିକାରେ ୭୫୪୦ଜଣଙ୍କୁ ମନୋନୀତ କରାଯାଇଥିଲା। ଏହି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। ଯେଉଁ ବିଦ୍ୟାଳୟରେ ଉଭୟ ନବମ ଓ ଦଶମ ଶ୍ରେଣୀରେ ସର୍ବାଧିକ ଛାତ୍ରଛାତ୍ରୀ ରହିଥିବେ, ୫-ଟି ଉଚ୍ଚବିଦ୍ୟାଳୟ, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଅନ୍ୟ ସରକାରୀ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ବିଦ୍ୟାଳୟୱାରୀ ଖାଲି ପଦ ଓ କେଉଁ ବିଷୟରେ କେତେ ଶିକ୍ଷକ ଆବଶ୍ୟକ, ତାହାର ବିବରଣୀ ପ୍ରସ୍ତୁତ କରିବା ପରେ ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ଅନୁମୋଦନ ସହ ଏହାକୁ ଆସନ୍ତା ମେ’ ୨୨ ମଧ୍ୟରେ ନିର୍ଦ୍ଦେଶାଳୟକୁ ପଠାଇବାକୁ ଚିଠିରେ କୁହାଯାଇଛି।


## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାର

Social Security & Empowerment of Persons With Disabilities Department, Government of Odisha

No.gg-03

**ଯୁବ ଭିନ୍ନକ୍ଷମ ଏବଂ କିନ୍ନରମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ଏବଂ ସରକାରୀ ପ୍ରତିଯୋଗିତା ମୂଳକ ପରୀକ୍ଷାର ପ୍ରାକ ପ୍ରସ୍ତୁତି।**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ , ଓଡିଶା ସରକାରଙ୍କ ଉଦ୍ୟମରେ ଓଡିଶାର ୧୫ ରୁ ୪୨ ବର୍ଷ ବୟସର ସମସ୍ତ ଯୁବ ଭିନ୍ନକ୍ଷମ ମାନଙ୍କ ପାଇଁ ବିଭିନ୍ନ ଧନ୍ଦାମୂଳକ ଦକ୍ଷତା ବିକାଶ ତାଲିମ ଏବଂ ବିଭିନ୍ନ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରାକ ପ୍ରସ୍ତୁତି ତାଲିମ ନିଶୁଳ୍କରେ ପ୍ରଦାନ କରାଯିବା ସୁବିଧା କରାଯାଇଛି। ଭୁବନେଶ୍ୱରରେ ଥିବା NCSCDA, ପୋଖରୀପୁଟ ର କ୍ୟାମ୍ପସଠାରେ ପାଞ୍ଚ ଗୋଟି ବିଭାଗରେ ଧନ୍ଦାମୂଳକ ଦକ୍ଷତା ବିକାଶ ଏବଂ ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷା ର ପ୍ରସ୍ତୁତି ତାଲିମ ଚାଲୁଅଛି।

| କ୍ର.ନ. | ତାଲିମ ବିଭାଗର ନାମ | ତାଲିମର ଅବଧି | ଶିକ୍ଷାଗତ ଯୋଗ୍ୟତା | ଭିନ୍ନକ୍ଷମତା ବର୍ଗ |
|---|---|---|---|---|
| ୧ | ସେଲ୍ଫ ଏମ୍ପ୍ଲୋଏଡ ଟେଲର | ୭୨ ଦିନ | ୮ମ ପାସ ଏବଂ ଉର୍ଦ୍ଧ | ଶ୍ରବଣ ଶକ୍ତି ବାଧିତ, ଚଳନ ଶକ୍ତି ବାଧିତ |
| ୨ | ଆସିଷ୍ଟାଣ୍ଟ ବିଉଟି ଥେରାପିଷ୍ଟ | ୭୩ ଦିନ | ୮ମ ପାସ ଏବଂ ଉର୍ଦ୍ଧ | ଶ୍ରବଣ ଶକ୍ତି ବାଧିତ, ଚଳନ ଶକ୍ତି ବାଧିତ |
| ୩ | ଡୋମେଷ୍ଟିକ ଡାଟା ଏଣ୍ଟ୍ରି ଅପରେଟର | ୧୦୭ ଦିନ | ୧୦ମ ପାସ ଏବଂ ଉର୍ଦ୍ଧ | ଶ୍ରବଣ ଶକ୍ତି ବାଧିତ, ଚଳନ ଶକ୍ତି ବାଧିତ, ଦୃଷ୍ଟିହୀନ, ଆଂଶିକ ଦୃଷ୍ଟି ବାଧିତ |
| ୪ | ମୋବାଇଲ ଫୋନ ହାର୍ଡୱେର ରିପେୟାର ଟେକିନିସିଆନ | ୭୭ ଦିନ | ୧୦ମ ପାସ ଏବଂ ଉର୍ଦ୍ଧ | ଶ୍ରବଣ ଶକ୍ତି ବାଧିତ, ଚଳନ ଶକ୍ତି ବାଧିତ |
| ୫ | ଫୀଲ୍ଡ ଟେକିନିସିଆନ-ଅଦର ହୋମ ଆପ୍ଲାୟେନ୍ସ | ୭୫ ଦିନ | ୮ମ ପାସ ଏବଂ ଉର୍ଦ୍ଧ | ଆଂଶିକ ଦୃଷ୍ଟି ବାଧିତ, ଶ୍ରବଣ ଶକ୍ତି ବାଧିତ, ଚଳନ ଶକ୍ତି ବାଧିତ, |
| ୬ | ସରକାରୀ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ତାଲିମ | ୯୦ ଦିନ | +୨ ପାସ ଏବଂ ଉର୍ଦ୍ଧ | ସମସ୍ତ ଭିନ୍ନକ୍ଷମ ବର୍ଗ |

ଏତଦ ବ୍ୟତୀତ ଇଚ୍ଛୁକ ଯୁବ କିନ୍ନର ମାନଙ୍କ ପାଇଁ ଏକ ବର୍ଷ ଅବଧିର ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯାଇଛି ।

ବିଭାଗ ତରଫରୁ ମିଳୁଥିବା ସୁବିଧା:-

- ସମସ୍ତ ତାଲିମ ନିଶୁଳ୍କ ଅଟେ ।
- ଉଭୟ ଯୁବକ ଏବଂ ଯୁବତୀ ମାନଙ୍କ ରହଣି ପାଇଁ ମାଗଣା ପୃଥକ ପୃଥକ ହଷ୍ଟେଲର ସୁବିଧା ଅଛି ।
- ହଷ୍ଟେଲରେ ଖାଦ୍ୟ ପାଇଁ କୌଣସି ଦେୟ ପଡିବ ନାହିଁ।
- ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଦକ୍ଷତା ବିକାଶ ତାଲିମ ମିଳେ।
- ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନିଯୁକ୍ତି ମେଳାର ଆୟୋଜନ।

ଇଚ୍ଛୁକ ଥିବା ଭିନ୍ନକ୍ଷମ ଯୁବକ, ଯୁବତୀ ଏବଂ କିନ୍ନର ମାନେ ଅଧିକ ସୂଚନା ଏବଂ ବିବରଣୀ ନିମନ୍ତେ ନିମ୍ନଲିଖିତ ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ କିମ୍ବା Whatsapp ମେସେଜ କରନ୍ତୁ।

ମୋ- ୮୪୮୦୪୭୫୦୪୮ , ଇମେଲ- vrchbbsr.od@gov.in

ଠିକଣା : NCSCDA (ପୂର୍ବରୁ VRCH) ,ପ୍ଲଟ୍- ୧,୨,୫ଏବଂ ୬, ଗଣ୍ଡମୁଣ୍ଡା, ପୋଖରୀପୁଟ, ଭୁବନେଶ୍ୱର-୭୫୧୦୩୦, (ମଧୁସୂଦନ ଦାସ ପାର୍କ ସାମ୍ନା)

ସ୍ୱା/- ଅନୁଶାସନ ସଚିବ
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ , ଓଡିଶା

OIPR-46001/11/0008/2324



DADLS - 12



ଓଡ଼ିଶା ସରକାର

### ମହାନ ବିପ୍ଲବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୫ ମଇ, ୨୦୨୩

ସକାଳ ୮.୦୦ ଘଟିକା -

ଭୁବନେଶ୍ୱର ଇଏସଆଇ ହସ୍ପିଟାଲ ଛକସ୍ଥିତ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬.ଘଟିକା ସାଧାରଣ ସଭା ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ଭାଗିରଥୀ ସେଠୀ, ମାନ୍ୟବର ବିଧାୟକ, ଆନନ୍ଦପୁର

ବିଶିଷ୍ଟ ଅତିଥି - ଶ୍ରୀଯୁକ୍ତ ଜଗନ୍ନାଥ ନାଏକ, ମାନ୍ୟବର ବିଧାୟକ, ପାଟଣା

ସମ୍ମାନନୀୟା ଅତିଥି - କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ

ମୁଖ୍ୟବକ୍ତା - ଡ. ସୁମନ୍ତ୍ର ନାଏକ, ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର

ସାଂସ୍କୃତିକ କାର୍ଯ୍ୟକ୍ରମ -
ବାଡ଼ାମପାଟ ଚାଙ୍ଗୁ ନୃତ୍ୟ ଦଳ, ଫୁଲଝର, ଲହୁଣିପଡ଼ା, ସୁନ୍ଦରଗଡ଼ର କଳାକାରମାନଙ୍କ ଦ୍ୱାରା ଚାଙ୍ଗୁ ନୃତ୍ୟ ଏବଂ ପାରମ୍ପରିକ ଜନଜାତି ନୃତ୍ୟ ଓ ସଙ୍ଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0045/2324



ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

### ବ୍ୟାଙ୍କ ଅଫ୍ ଇଣ୍ଡିଆ

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

### ଦଖଲ ନୋଟିସ୍

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବହୁଗ୍ରାମ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା ୪ ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବହୁଗ୍ରାମ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବହୁଗ୍ରାମ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ହୃଷିକେଶ ପଢିଆରୀ, ପିତା: ବିରବର ପଢିଆରୀ, ସା/ପୋ: ମହାଜନପୁର, ଜିଲ୍ଲା: କଟକ, ପିନ୍-୭୫୪୨୦୦ | ଟ.୩,୪୯,୨୬୯.୬୪ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୭.୦୨.୨୦୨୩ / ୨୯.୦୪.୨୦୨୩ | **ଶ୍ରୀ ହୃଷିକେଶ ପଢିଆରୀ**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେଟେଡ୍ ଖାତା ନଂ.: ୫୧୧/୬୨ ଏବଂ ୫୧୧/୧୭୮, ପ୍ଲଟ୍ ନଂ.: ୬୯୯/୧୭୭୫ ଏବଂ ୬୯୯/୧୮୩୫, **ସମୁଦାୟ କ୍ଷେତ୍ର: ଏକର୦.୦୩୬** |

ଡିସିମିଲି, ମୌଜା: ମହାଜନପୁର, କିସମ: ଘରବାରୀ, ଥାନା: ସାଲେପୁର, ଥାନା ନଂ.: ୩୭, ଏସ୍ଆରଓ: ସାଲେପୁର, ତହସିଲ: ସାଲେପୁର, ତହସିଲ ନଂ.: ୪୮୪, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବାବାଜୀ ମଲ୍ଲ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ବାବାଜୀ ମଲ୍ଲ , ପଶ୍ଚିମ: ସଚିଦାନନ୍ଦ ପଢିଆରୀ

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୫.୦୫.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା

# ବୈଶ୍ୱିକ ଅର୍ଥ ବ୍ୟବସ୍ଥାରେ ସମସ୍ୟା



କୌଶିକ ବସୁ

ବିକାଶଶୀଳ ଦେଶଗୁଡ଼ିକର ଲୋକଙ୍କ ଜୀବନରେ ବିକାଶ ଲାଗି ପ୍ରତିବର୍ଷ ବିଶ୍ୱ ବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଦ୍ୱାରା ଅନେକ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ। ଏହା ସାଧାରଣତଃ ବିଶ୍ୱ ଅର୍ଥ ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ସାମ୍ନାକୁ ଆଣିବା ଲାଗି ବିଭିନ୍ନ ସଂଗଠନ, ନୀତିନିର୍ଦ୍ଧାରକ ଏବଂ ସମୀକ୍ଷକମାନଙ୍କୁ ଏକ ପ୍ଲାଟ୍‌ଫର୍ମ ଯୋଗାଇଦିଏ। ଏହି ସବୁ ସମ୍ମିଳନୀରେ ପୂର୍ବ ବର୍ଷର ବିକାଶ ଉପରେ ବିଚାର କରାଯିବା ସହ ଭବିଷ୍ୟତର ସମ୍ଭାବିତ ସ୍ଥିତି ଉପରେ ଆକଳନ କରାଯାଏ। ଏହି କ୍ରମରେ ଚଳିତବର୍ଷ ଏପ୍ରିଲରେ ୱାଶିଂଟନରେ ଅନୁଷ୍ଠିତ ବୈଠକରେ ଗମ୍ଭୀର ପୂର୍ବାନୁମାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏକ ଦୀର୍ଘମିଆଦୀ ବୈଶ୍ୱିକ ମାନ୍ଦାବସ୍ଥାର ସମ୍ଭାବ୍ୟ ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା। ପୂର୍ବ ୩ ବର୍ଷ ମଧ୍ୟରେ ବିଶ୍ୱ ଏକାଠି ଅନେକ ସଙ୍କଟ ଯଥା କୋଭିଡ୍-୧୯ ମହାମାରୀ, ଯୋଗାଣ ଶୃଙ୍ଖଳରେ ବାଧା, ୟୁକ୍ରେନ୍ ଯୁଦ୍ଧ ଓ ତତ୍‌ଜନିତ ମୁଦ୍ରାସ୍ଫୀତି ସଙ୍କଟ ଓ ବିତ୍ତୀୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ଏହାର ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ଏକ ଆଖିଦୃଶିଆ ତଥା ଅସ୍ଥାୟୀ ପ୍ରଭାବ ପଡ଼ିବ ବୋଲି ବହୁ ବିଶ୍ଲେଷକ ଅନୁମାନ କରିଥିଲେ। ତେବେ ନୂଆ ତଥ୍ୟରୁ ଜଣାଯାଏ ଯେ, ଆର୍ଥିକ କ୍ଷେତ୍ରରେ ଏବେ ହୋଇଥିବା ହଠାତ୍ ବଡ଼ ଧରଣର ପରିବର୍ତ୍ତନ ଯେତିକି ସମୟର ରହିବ ବୋଲି ଅନୁମାନ କରାଯାଉଥିଲା ତା'ଠାରୁ ଅଧିକ ସମୟ ରହିବ।

ଆଇଏମ୍ଏଫ୍‌ର ୱାର୍ଲ୍ଡ ଇକୋନୋମିକ ଆଉଟ୍‌ଲୁକ୍ ଏବଂ ଗ୍ଲୋବାଲ ଫାଇନାନ୍ସ ଷ୍ଟାବିଲିଟି ରିପୋର୍ଟ ସ୍ପଷ୍ଟ କରିଛି ଯେ, ଆଗକୁ କଠିନ ପଥ ଆସୁଛି। ଏହା ମଧ୍ୟ ସତର୍କ କରିଦେଇଛି ଯେ,ବିଶ୍ୱ ଆର୍ଥିକ ଦୃଷ୍ଟିକୋଣ ଅତ୍ୟଧିକ ଧୂମିଳ ହୋଇଯାଇଛି। ଆମେରିକାର ଫେଡେରାଲ ରିଜର୍ଭ ଏବଂ ଅନ୍ୟ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ତ୍ୱରିତ ଲଗାତର ଭାବେ ବୃଦ୍ଧି କରାଯାଇଥିବା ଅତ୍ୟଧିକ ସୁଧ ହାର ଯୋଗୁ ସରକାରୀ ଏବଂ ଘରୋଇ କ୍ଷେତ୍ରର ଋଣ ଦଶନ୍ଧି ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର କାରଣ ପାଲଟିଛି। ଏହାଦ୍ୱାରା ବିତ୍ତୀୟ ଅସନ୍ତୁଳନର ବିପଦ ବୃଦ୍ଧି ହୋଇଛି। ୨୦୨୨ରେ ୨.୭% ଅଭିବୃଦ୍ଧି ହାସଲ କରିଥିବା ବିଶ୍ୱର ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକର ଚଳିତ ବର୍ଷ ୧.୩% ଅଭିବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଏସିଆର ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ୨୦୨୩ରେ ୫.୩% ଅଭିବୃଦ୍ଧି ( ଗତ ବର୍ଷ ୪.୪% ତୁଳନାରେ) ହାସଲ କରିବ ବୋଲି ଆଇଏମ୍ଏଫ୍ ଆଶା କରୁଥିବାବେଳେ ଭାରତର ଅଭିବୃଦ୍ଧି ଆକଳନକୁ ସଂଶୋଧନ କରାଯାଇ (ତୁଳନାତ୍ମକ ଭାବେ ୨୦୨୨ରେ ଥିବା ୬.୮% ଅଭିବୃଦ୍ଧି ହାରଠାରୁ) ୫.୯%କୁ ଖସାଯାଇଛି।

ଏହି ପରିପେକ୍ଷୀରେ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ଏକ ନୂଆ ବହି ଅଧିକ ନିରାଶାଜନକ। ଏହା ସର୍ତକ କରିଦେଇଛି ,ବିଶ୍ୱ ଅର୍ଥ ବ୍ୟବସ୍ଥା ବିଗତ ଦଶନ୍ଧିରେ ଘଟିଥିବା ମାନ୍ଦା ତଥା ନକାରାତ୍ମକ ଆର୍ଥିକ ଅଭିବୃଦ୍ଧିର ନିକଟତର ହୋଇପାରେ। ୧୭୩ଟି ଦେଶରେ କରାଯାଇଥିବା ସମ୍ଭାବ୍ୟ ଅଭିବୃଦ୍ଧି ଆକଳନର ବ୍ୟାପକ ତଥ୍ୟକୁ ଆଧାରକରି ଉକ୍ତ ବହିର ଲେଖକମାନେ ଦର୍ଶାଇଛନ୍ତି ଯେ, ବାର୍ଷିକ ବୈଶ୍ୱିକ ଅଭିବୃଦ୍ଧି ୩ ଦଶନ୍ଧିର ସବୁଠୁ କମ୍ ୨.୨%କୁ ଖସିବ ଓ ଚଳିତ ଦଶନ୍ଧିରେ ଶେଷଯାଏ ଦୁର୍ବଳ ରହିବ । ବିଶ୍ୱର ଧନୀଦେଶଗୁଡ଼ିକ କଠିନ ସ୍ଥିତିର ସମ୍ମୁଖୀନ ହେଲେ ବି ସେମାନଙ୍କର ଅତ୍ୟଧିକ କ୍ଷତି ହୋଇ ନ ପାରେ ଏବଂ ସେମାନେ ତାହାକୁ ସଫଳତାର ସହ ନିୟନ୍ତ୍ରଣ କରିପାରିବେ। କିନ୍ତୁ ଗରିବ ଏବଂ ନିମ୍ନ ଆୟ ବର୍ଗର ଦେଶଗୁଡ଼ିକ କ୍ଷେତ୍ରରେ ସମାନ ସ୍ଥିତି ଆସି ନ ପାରେ ; ସେମାନେ ସମ୍ଭାବ୍ୟ ମାନ୍ଦାବସ୍ଥାରେ ସବୁଠୁ ଅଧିକ ପ୍ରଭାବିତ ହେବେ।



ସାମ୍ପ୍ରତିକ ସମୟର ସମ୍ଭାବ୍ୟ ପରିଣାମକୁ ବୁଝିବାକୁ ହେଲେ ଆମକୁ ନିକଟରେ ସମ୍ମୁଖୀନ ହୋଇଥିବା କୋଭିଡ୍-୧୯ ଓ ୟୁକ୍ରେନ୍ ଯୁଦ୍ଧର ପରିଣାମକୁ ଦେଖିବାକୁ ପଡ଼ିବ। ଦଶନ୍ଧି ଧରି ଲାଗି ରହିଥିବା ତଥା ସମ୍ମୁଖୀନ ହେଉଥିବା ଅନ୍ତର୍ନିହିତ ସମସ୍ୟାଗୁଡ଼ିକୁ ବୁଝିବାକୁ ହେବ। ଏହାସହ ଜଳବାୟୁ ପରିବର୍ତ୍ତନ ସମେତ ଦ୍ରୁତ ଟେକ୍‌ନୋଲୋଜିଭିତ୍ତିକ ନୂତନତ୍ୱ ଦ୍ୱାରା ସୃଷ୍ଟି ହେଉଥିବା ସାମାଜିକ ଓ ରାଜନୈତିକ ବାଧାଗୁଡ଼ିକ ଉପରେ ବିଚାର କରିବାକୁ ପଡ଼ିବ। ତେବେ ବର୍ତ୍ତମାନ ଲଗାତର ଘଟୁଥିବା ଅନେକ ପ୍ରଳୟଙ୍କରୀ ଘଟଣାରୁ ମୁକ୍ତି ପାଇବା ଲାଗି ପଥ ସୁଗମ କରିବା ସହ ବୈଶ୍ୱିକ ଅଭିବୃଦ୍ଧିକୁ ପୁଣି ପୂର୍ବ ସ୍ଥିତିକୁ ଫେରାଇଆଣିବା ଯଦିଓ ସମ୍ଭବ, ତଥାପି ଦୁଇଟି ପ୍ରମୁଖ କାରଣ ପାଇଁ ଏହା ଅତ୍ୟଧିକ ଆହ୍ୱାନପୂର୍ଣ୍ଣ ରହିବ। ପ୍ରଥମରେ, ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ନିବେଶ ହ୍ରାସର ଏକ ସଙ୍କଟଜନକ ଧାରାକୁ ଅନେକ ଦେଶ ଅନୁଭବ କରୁଛନ୍ତି । ନିର୍ଦ୍ଦିଷ୍ଟ ଭାବେ ବିତ୍ତୀୟ ଓ ଆର୍ଥିକ ନୀତିଗୁଡ଼ିକ ପ୍ରମୁଖ ଭୂମିକା ନେଉଥିବାରୁ, ଆର୍ଥିକ ନୀତିସବୁର ଅଧିକ ରାଜନୀତିକରଣ ଦୁର୍ବଳ ନିବେଶର କାରଣ ବୋଲି ମୁଁ ବିଶ୍ୱାସ କରେ। ଏଭଳି ସ୍ଥିତି ସରକାରଗୁଡ଼ିକ ଉପରେ ଥିବା ବିଶ୍ୱାସରେ ଅତ୍ୟଧିକ କ୍ଷତି ପହଞ୍ଚାଇବା ସହ ସମସ୍ୟାଗୁଡ଼ିକ ସମାଧାନ କରିବାରେ ସେମାନଙ୍କ ଦକ୍ଷତାର ଆତ୍ମବିଶ୍ୱାସକୁ କମାଇଦେଇଛି। ଭାରତ ଏହାର ଏକ ଦୃଷ୍ଟାନ୍ତ। ୨୦୧୨ରୁ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ଅଂଶ ଭାବେ ପ୍ରାଇଭେଟ ସେକ୍ଟରର ନିବେଶ ଧୀରେ ଧୀରେ କମିବାରେ ଲାଗିଛି। ରାଜନୈତିକ ଧ୍ରୁବୀକରଣ ଏବଂ ବିଶ୍ୱାସର ଅଭାବ ଯୋଗୁ ଏହି ଧାରା ଜାରି ରହିଛି ବୋଲି ବିଶ୍ୱବ୍ୟାଙ୍କ ଓ ଅନ୍ୟ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗତ ଦଶନ୍ଧିରେ ସାର୍ବଜନୀନ ନିବେଶ ନାଟକୀୟ ଢଙ୍ଗରେ ବୃଦ୍ଧି ପାଇବା ଏକ ବିପଜ୍ଜନକ ଧାରା ହୋଇପାରେ। ନିବେଶ ଉପରେ ସରକାରଙ୍କର ବ୍ୟାପକ ନିୟନ୍ତ୍ରଣ ରହିଥିବାବେଳେ ବହୁ ସମୟରେ ଏହା ଏକ ସମ୍ପର୍କବାଦ ଆଡକୁ ବାଟ କଢ଼ାଇନିଏ। ଏହା ଜ୍ୱଳନ୍ତ ଉଦାହରଣ ହେଉଛି ରୁଷିଆ। ଲୋଭନୀୟ କଣ୍ଟ୍ରାକ୍ଟ ଏବଂ ପ୍ରିୟଜନଙ୍କ ସହ ଘରୋଇକରଣ ଚୁକ୍ତି ବଳରେ ରାଜନୈତିକ ନେତାମାନଙ୍କ ସହ ସମ୍ପର୍କ ବୃଦ୍ଧି କରି ସେଠାରେ ଖୁବ୍‌ଶୀଘ୍ର ଏକ ଏକଚ୍ଛତ୍ରବାଦ ସୃଷ୍ଟି କରାଯାଇପାରିଲା।

ଦ୍ୱିତୀୟ ଆହ୍ୱାନ ହେଉଛି, ସମସ୍ୟା ଦୂର କରି ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି କୌଣସି ସୁଧାରମୂଳକ ନୀତି ଆରମ୍ଭ କରିବାକୁ ଏକ ସମନ୍ୱିତ ଓ ବହୁଦେଶୀୟ ପ୍ରୟାସ ଆବଶ୍ୟକ ହେବ। ବୁଝିବାକୁ ହେବ ଯେ,ଆଭ୍ୟନ୍ତରୀଣ ଯୋଗାଯୋଗଭିତ୍ତିକ ଏକ ବୈଶ୍ୱିକ ଯୋଗାଣ ଚେନ୍ ବା ଶୃଙ୍ଖଳରେ କୌଣସି ବାଧାର ବ୍ୟାପକ ଓ ଶକ୍ତିଶାଳୀ ପରୋକ୍ଷ ପ୍ରଭାବ ରହିଛି । ଏହାସହ ଯୁଦ୍ଧ ରଣନୀତି ରୂପରେ ଧ୍ୱଂସକାରୀ ଅର୍ଥନୀତି ଅଧିକ ଉପଯୋଗ ଯୋଗୁ ଆର୍ଥିକ ଆସେଟଗୁଡ଼ିକ ସୁରକ୍ଷାକୁ ଉତ୍ସାହିତ କରୁଥିବା ଏକ ଚୁକ୍ତି ଉପରେ ବହୁରାଷ୍ଟ୍ରୀୟ ସହଯୋଗର ଆବଶ୍ୟକତାକୁ ଜୋର୍ ଦେବାକୁ ହେବ।

ଏକ ସମୃଦ୍ଧ, ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇବାକୁ ହେଲେ ଜଳବାୟୁ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ଅଧିକ ପଦକ୍ଷେପ ନେବାକୁ ହେବ। ଦେଶ ଭିତରେ ଓ ଦେଶ ଦେଶ ମଧ୍ୟରେ ବଢୁଥିବା ଆର୍ଥିକ ଅସମାନତାକୁ ରୋକିବାକୁ ପଡ଼ିବ। ଡିଜିଟାଲ ଟେକନୋଲୋଜିର ଅତ୍ୟାଧୁନକୀକରଣ ଏବଂ ଯୋଗାଣ ଶୃଙ୍ଖଳର ଜଗତୀକରଣ କାରଣରୁ ଏଭଳି ଆହ୍ୱାନସବୁ ଦୂର କରିବା ଏକାକୀ ଗୋଟିଏ ଦେଶ ପକ୍ଷରେ ସମ୍ଭବ ନୁହେଁ। ଏହିସବୁ ବୈଶ୍ୱିକ ସମସ୍ୟା ସମାଧାନ କରିବା ପାଇଁ ସରକାରଗୁଡ଼ିକ ସେମାନଙ୍କ ଆର୍ଥିକ, ବିତ୍ତୀୟ ଏବଂ ସୁରକ୍ଷା ନୀତି ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦରକାର। ଏହା ନିଶ୍ଚିତ ଯେ, ଏହି କାର୍ଯ୍ୟ କରିବା ସହଜ ନୁହେଁ। କିନ୍ତୁ ଅନ୍ୟପକ୍ଷରେ ବିଚାର କରିବାକୁ ହେବ ଯେ,ମନ୍ଥର ଅଭିବୃଦ୍ଧିର ଏକ ଭବିଷ୍ୟତ, ରାଜନୈତିକ ଅସ୍ଥିରତା ଏବଂ ପରିବେଶଗତ ପ୍ରଳୟ ଅତ୍ୟନ୍ତ ଭୟାନକ। ଏସବୁ ସମସ୍ୟାର ବିକଳ୍ପ ସମାଧାନ ପାଇଁ ଉପାୟ ବାହାର କରିବା ଜରୁରୀ ।

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**
**ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ଭାରତ ସରକାର**

# ସନ୍ଥସାଧକ ଭୀମ ଭୋଇ



ଡ. ଉଦ୍ଧବ ଚରଣ ନାୟକ

ପୁଣ୍ୟ ଭୂମି ତଥା ଦେବଭୂମି ହେଉଛି ଉତ୍କଳ। ଏହି ପବିତ୍ର ଭୂମିରେ ଆବିର୍ଭାବ ଘଟିଛି ଅନେକ ମହାତ୍ମା ମହାପୁରୁଷ ତଥା ସନ୍ଥ ସାଧକମାନଙ୍କର ବିଭିନ୍ନ ସମୟରେ। ସେମାନଙ୍କ ମଧ୍ୟରେ ସନ୍ଥ ସାଧକ ମହାତ୍ମା ଭୀମ ଭୋଇ(୧୮୪୬-୧୮୯୫) ଅନ୍ୟତମ। ତାଙ୍କର ଶାଶ୍ୱତ ବାଣୀ ''ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ '' ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରେ। ଭୀମ ଭୋଇ ଏକାଧାରରେ ଥିଲେ କବି, ପଣ୍ଡିତ, ସାହିତ୍ୟିକ, ବାଗ୍ମୀ, ଧର୍ମ ପ୍ରଚାରକ, ବିପ୍ଲବୀ, ଦାର୍ଶନିକ, ସମାଜସେବୀ, ସମାଜ ସଂସ୍କାରକ, ବହୁ ଭାଷାର କବି ତଥା ଓଡ଼ିଆ ଭାଷା ସାହିତ୍ୟର ସଂରକ୍ଷକ। ଓଡ଼ିଶାର ନିଜସ୍ୱ ଧର୍ମ ମହିମା ଧର୍ମର ସେ ଥିଲେ ମୁଖ୍ୟ ପ୍ରଚାରକ। ମହିମା ଗୋସେଇଁ ଥିଲେ ଏହି ଧର୍ମର ମୁଖ୍ୟ ପ୍ରବନ୍ଧକ। ଭୀମ ଭୋଇ ଥିଲେ ମହିମା ଗୋସେଇଁଙ୍କର ଗୃହୀ ଶିଷ୍ୟ ବା ଭକ୍ତ। ଭୀମ ଭୋଇ ନ ଥିଲେ ମହିମା ଧର୍ମ ଆଜି ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରି ନ ଥା'ନ୍ତା କି ଆନ୍ତର୍ଜାତିକସ୍ତରରେ ପ୍ରସିଦ୍ଧିଲାଭ କରି ପାରି ନ ଥା'ନ୍ତା।

ଭୀମ ଭୋଇ ନିଜର ସ୍ୱଳ୍ପ ଜୀବନ କାଳ ମଧ୍ୟରେ ୧୩୨ ଖଣ୍ଡ ଗ୍ରନ୍ଥ ସମେତ ହଜାର ହଜାର ଭଜନ, ଜଣାଣ, ଚଉତିଶା, ଚଉପଦୀ ଓ ପ୍ରାର୍ଥନା ଆଦି ରଚନା କରିଥିଲେ। ନିଜର ସମସ୍ତ ରଚନାକୁ ସେ କଣ୍ଠସ୍ଥ କରିରଖିଥିଲେ। ରାମାୟଣ, ମହାଭାରତ, ଗୀତା, ଭାଗବତ, ବେଦବେଦାନ୍ତ ଓ ଉପନିଷଦରେ ତାଙ୍କର ଥିଲା ଗଭୀର ଅନୁପ୍ରବେଶ। ଏହିସବୁ ଗ୍ରନ୍ଥର ସାରବତ୍ତାକୁ ଗ୍ରହଣ କରି ସେ ରଚନା କରିଯାଇଛନ୍ତି ଅନେକ ଭଜନ, ଜଣାଣ ଓ ଚଉତିଶା। ଏହା ବ୍ୟତୀତ ପଶ୍ଚିମ ଓଡ଼ିଶାର ଲୋକଗୀତ ସ୍ୱରରେ ସେ ରଚନା କରିଯାଇଛନ୍ତି ସଜନୀ ଗୀତ, ଡାଲଖାଇ, ଜାଇଫୁଲ ଓ ରସରକେଲି ବୃତ୍ତରେ ଅନେକ କବିତା ଓ ଚଉତିଶା। ଓଡ଼ିଆ, ଭଗ୍ନ ବଙ୍ଗଳା, ଭଗ୍ନ ସଂସ୍କୃତ ଭାଷାରେ ରଚନା କରିଯାଇଛନ୍ତି ମହିମା ବନ୍ଦନା ସମେତ ମହିମା ବିନୋଦ ଓ ମନୁସଭା ମଣ୍ଡଳ ଆଦି ଅନେକ ଗ୍ରନ୍ଥ। ତାଙ୍କର ଗ୍ରନ୍ଥଗୁଡ଼ିକ ମଧ୍ୟରେ ଆଦିଅନ୍ତ ଗୀତା, ଶ୍ରୁତି ନିଷେଧ ଗୀତା, ବ୍ରହ୍ମ ନିରୂପଣ ଗୀତା, ଅଷ୍ଟକ ବିହାରୀ ଗୀତା ଓ ସ୍ତୁତି ଚିନ୍ତାମଣି ବେଶ୍ ପାଠକୀୟ ଆଦର ଲାଭ କରିବା ସହ ମହିମା ଧର୍ମର ପ୍ରାମାଣିକ ଗ୍ରନ୍ଥ ଭାବରେ ଗୃହୀତ। ଏହି ସମସ୍ତ ଗ୍ରନ୍ଥରେ ମହିମା ଧର୍ମ ଦର୍ଶନ, ତତ୍ତ୍ୱ, ନୀତିନିୟମ, ସଂସ୍କାରବାଦର କଥା ଓ ମହିମା ଗୋସେଇଁଙ୍କ ଲୀଳାଖେଳା ସମ୍ପର୍କରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି ଭୀମ ଭୋଇ। ଉପକୂଳ ଓଡ଼ିଶାର ଭାଷା ସମେତ କୋଶଳୀ, ଛତିଶଗଡ଼ୀ, ହିନ୍ଦୀ, ଝାଡ଼ଖଣ୍ଡୀ ଭାଷାର ଅନେକ ଶବ୍ଦର ବ୍ୟବହାର ଭୀମ ଭୋଇଙ୍କ ରଚନାରେ ଦେଖିବାକୁ ମିଳେ।

ଭୀମ ଭୋଇ ଥିଲେ ସ୍ୱାଧୀନଚେତା ଓ ସ୍ୱାଭିମାନୀ। ସେ କହିଯାଇଛନ୍ତି- ''ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ସାହୁର ଖାତକ, ଯହିଁ ଗୁରୁ ନେବେ ତହିଁ ଯାଉ ଆମ୍ଭେ କେ ଅବା କରୁ ଅଟକ।'' ଜାତିଭେଦ ପ୍ରଥାକୁ ସମାଜରୁ ଦୂରେଇ ଦେଇ ସେ ଗାଇଥିଲେ-''ଜାତି ଖୋଜିଲେ ମୁକ୍ତି ନାହିଁ, ମୁକ୍ତି ଖୋଜିଲେ ଜାତି ନାହିଁ, ଏକ ଶୂନ୍ୟ ବ୍ରହ୍ମଙ୍କଠାରେ ଶରଣ ପଶ।'' ଜାତିଭେଦ ବିବର୍ଜିତ ସମାଜ ଗଠନ କରି ଦଳିତ ମଣିଷକୁ ସାହା ହେବା ଓ ରାହା ଦେବା ପାଇଁ ମହିମାଧର୍ମ ପ୍ରଚାର ନିମନ୍ତେ ସେ ସଦାବ୍ରତୀ ଥିଲେ। ନାରୀ ପୁରୁଷରେ ସମାନତା, ଅହିଂସା ବ୍ରତ ପାଳନ କରିବା, ମୂର୍ତ୍ତି ପୂଜା, ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ରାହ୍ମଣ୍ୟ ଧର୍ମ ପରିହାର ପୂର୍ବକ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ଥିଲା ମହିମାଧର୍ମ ଓ ଭୀମ ଭୋଇଙ୍କ ମୂଳ ନୀତି ବା ଆଦର୍ଶ। ଭୀମ ଭୋଇଙ୍କ ପୂରାନାମ ଥିଲା ଭୀମସେନ ଭୋଇ ଅରକ୍ଷିତ ଦାସ। ତାଙ୍କର ଆବିର୍ଭାବ ଘଟିଥିଲା ୧୮୪୬ ମସିହା ବୈଶାଖ ପୂର୍ଣ୍ଣିମା ତିଥିରେ ସୋନପୁରର ଜଟାସିଂହା ଗ୍ରାମର ତାଳବଣରେ। ତାଙ୍କ ଜନ୍ମ ରହସ୍ୟ ଏବେ ବି ତମସାଚ୍ଛନ୍ନ। ସେ ଇହଲୀଳା ସମ୍ବରଣ କରିଥିଲେ ୧୮୯୫ ମସିହା ଖଲିଆପାଲି ଆଶ୍ରମଠାରେ।

ମୋ-୯୪୩୮୨୯୯୧୭୪

## ଜୟନ୍ତୀ ଉପଲକ୍ଷେ



## ଏଇ ଭାରତରେ

ନିଯୁକ୍ତି ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏବେ ବହୁ ଉଚ୍ଚ ଡିଗ୍ରୀଧାରୀ କୃଷି କିମ୍ବା ଏହା ସମ୍ପର୍କିତ କ୍ଷେତ୍ରରେ ରୋଜଗାର ସୃଷ୍ଟି କରିବାରେ ଉଦାହରଣ ପାଲଟିଛନ୍ତି । ବେଙ୍ଗାଲୁରୁର ହାସନ ଚୈତନ୍ୟ ଏମ୍‌ବିଏରେ ଡିଗ୍ରୀ ହାସଲ କରି ଜୈବିକ କୃଷି ସହ ଜଡ଼ିତ କୃଷକଙ୍କ ପାଇଁ ଉପଯୋଗୀ ମାର୍କେଟ ବ୍ୟବସ୍ଥା କରିପାରିଛନ୍ତି। ସେ ୨୦୨୧ରେ 'ଅର୍ଗାନିକ ଟ୍ୟାପ୍' ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଜୈବିକ କୃଷକଙ୍କୁ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିଛନ୍ତି। ଏହାଦ୍ୱାରା ମଧ୍ୟସ୍ଥଙ୍କର ଆଉ ଆବଶ୍ୟକ ପଡୁନାହିଁ। ଗ୍ରାହକମାନେ ବି ଉତ୍ପାଦିତ ଶସ୍ୟ ସହଜରେ ପାଇପାରୁଛନ୍ତି। ଆପ୍ ମାଧ୍ୟମରେ ସିଧାସଳଖ କୃଷକମାନେ ସେମାନଙ୍କ ଉତ୍ପାଦ ସମ୍ପର୍କରେ ଅବଗତ କରିପାରୁଛନ୍ତି। ଚୈତନ୍ୟ ଗ୍ରାହକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ମାର୍କେଟ ଖୋଲିଛନ୍ତି। ଗ୍ରାହକମାନେ ଅର୍ଡର କରିବା ପରେ ସେହି ଅନୁସାରେ ସେମାନଙ୍କ ନିକଟରେ ତଟକା ଉତ୍ପାଦ ପହଞ୍ଚାଇ ଦିଆଯାଉଛି। ଏହିସବୁ କାର୍ଯ୍ୟରେ ସେ ଅନେକଙ୍କୁ ନିଯୁକ୍ତ କରିଛନ୍ତି। ଚୈତନ୍ୟ କଲେଜରେ ପଢ଼ିବା ସମୟରେ ବି ପରିବେଶ ଉପଯୋଗୀ କାର୍ଯ୍ୟକଳାପରେ ଜଡ଼ିତ ରହିଥିଲେ ଓ ତାଙ୍କ ସାଙ୍ଗମାନଙ୍କୁ ନେଇ 'ମ୍ୟାନ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ' ଏନ୍‌ଜିଓ ଗଠନ କରିଥିଲେ । ପ୍ରତି ଗଣେଶ ପୂଜାରେ ସେମାନେ ପାଖାପାଖି ୫,୦୦୦ ମାଟିର ଗଣେଶ ମୂର୍ତ୍ତି ଲୋକମାନଙ୍କୁ ମାଗଣାରେ ବାଣ୍ଟୁଥିଲେ। ଶିକ୍ଷା ଶେଷ କରିବା ପରେ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ତାଙ୍କ ପିତାଙ୍କ ପ୍ରେରଣାରେ ସେ ଜୈବିକ କୃଷିକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୫ ମେ ୧୯୯୮

- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବେ ଉପମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ନିଯୁକ୍ତି ପ୍ରଦାନ।
- ମୋରାଦାବାଦର ଚାଣ୍ଡାଉସି ସହର ଅନ୍ତର୍ଗତ ଗଣେଶ ମୋହଲାଠାରେ ଯାତ୍ରୀବାହୀ ବସ ଏକ ଉଚ୍ଚ କ୍ଷମତାସଂପନ୍ନ ବିଦ୍ୟୁତ୍ ତାର ସହ ସଂଯୁକ୍ତ ହୋଇଯିବାରୁ ୩ ମହିଳା ଓ ୮ ପିଲାଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ।

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | 7 | | 9 | | | | | 2 |
| | 8 | | 3 | 4 | | | | 1 |
| 2 | | | | 8 | | | | 5 |
| | 9 | | 6 | | | | 5 | |
| | | 6 | 2 | | | | | |
| | | | | | 5 | | | 3 |
| 7 | | | | 3 | | 8 | | |
| | | 3 | | | 4 | 7 | 1 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 2 | 7 | 5 | 8 | 3 | 1 | 9 |
| 7 | 9 | 8 | 3 | 2 | 1 | 6 | 5 | 4 |
| 5 | 1 | 3 | 9 | 6 | 4 | 8 | 7 | 2 |
| 8 | 5 | 7 | 1 | 4 | 3 | 2 | 9 | 6 |
| 9 | 2 | 4 | 5 | 8 | 6 | 1 | 3 | 7 |
| 1 | 3 | 6 | 2 | 9 | 7 | 4 | 8 | 5 |
| 6 | 8 | 5 | 4 | 3 | 9 | 7 | 2 | 1 |
| 3 | 7 | 9 | 6 | 1 | 2 | 5 | 4 | 8 |
| 2 | 4 | 1 | 8 | 7 | 5 | 9 | 6 | 3 |

ଗତକାଲିର ଉତ୍ତର

# ଅନିଶ୍ଚିତ ଓ ଅସହାୟ



ଶୈଳେନ୍ଦ୍ର ଦ୍ୱିବେଦୀ

ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆମ ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ପରିଚାଳନା ଖୁବ୍ ଭଲ, ଅନାହାର ମୃତ୍ୟୁର ଖବର ବି ନାହିଁ, ତେବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପୁଷ୍ଟିହୀନତା ସମ୍ବେଦନଶୀଳ ସ୍ଥିତିରେ। ରାତିରେ ଶୋଇଲା ବେଳେ କେହି ସମ୍ପୂର୍ଣ୍ଣ ଉପାସରେ ହୁଏତ ଶୋଉନାହାନ୍ତି, ତଥାପି ରାଜ୍ୟରେ ଅଧିକାଂଶ ମହିଳା ଓ ଶିଶୁ ପୁଷ୍ଟିହୀନତା ଓ ରକ୍ତହୀନତାର ଶିକାର। ଏଇ ତାଲିକାରେ ବୟସ୍କମାନେ ମଧ୍ୟ ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁସାରେ ଭାରତରେ ପ୍ରତି ଦୁଇଜଣ ମହିଳାରେ ଜଣେ ଏବଂ ତିନିଜଣ ଶିଶୁରେ ଜଣେ ଅପପୁଷ୍ଟି ଭୋଗୁଛନ୍ତି ଏବଂ ଓଡ଼ିଶା ସେଇ ରାଜ୍ୟଗୁଡ଼ିକ ବନ୍ଧନୀରେ ଅଛି ଯେଉଁଠି ପ୍ରଦର୍ଶନ ଜାତୀୟ ହାରାହାରିଠୁ ଖରାପ। ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର ସର୍ଭେ-୫ ଅନୁଯାୟୀ ପ୍ରତି ହଜାର ଶିଶୁରେ ରାଜ୍ୟରେ ଶିଶୁ ମୃତ୍ୟୁ ହାର (୫ ବର୍ଷରୁ କମ୍) ୪୧.୧ , ୬ ରୁ ୫୯ ମାସ ବୟସ୍କଙ୍କ ମଧ୍ୟରେ ରକ୍ତହୀନତା ଭୋଗୁଛନ୍ତି ୬୪.୨ ଶିଶୁ; ଷ୍ଟଣ୍ଟିଙ୍ଗ (ବୟସ ତୁଳନାରେ କମ ଉଚ୍ଚତା ) ପ୍ରତି ହଜାରରେ ୩୧ ଶିଶୁ ଓ ୱେଷ୍ଟିଙ୍ଗ (ଉଚ୍ଚତା ତୁଳନାରେ କମ୍ ଓଜନ ) ପ୍ରତି ହଜାରରେ ୧୮.୬।

ରିପୋର୍ଟରେ କୁହାଯାଉଛି, ଖାଦ୍ୟ ନିରାପତ୍ତା ଆଇନ, ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମ ଏବଂ ମଧ୍ୟାହ୍ନ ଭୋଜନ ପରି ଏକାଧିକ ଯୋଜନା ସତ୍ତ୍ୱେ ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ସ୍ଥିତିର ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରିନାହିଁ। ଚିନ୍ତା ପ୍ରକଟ କରାଯାଉଛି, ପ୍ରତି ରାଜ୍ୟରେ (ଓଡ଼ିଶା ଅନ୍ତର୍ଭୁକ୍ତ) ଲକ୍ଷ ଲକ୍ଷ ପରିବାର ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀ ହେବାରୁ ବଞ୍ଚିତ ରହିଛନ୍ତି। ଭାରତ ସରକାର ଓଡ଼ିଶା ପାଇଁ ଏହି ଆଇନ ଅନୁସାରେ ରାଜ୍ୟ ଲାଗି ହିତାଧିକାରୀ ସଂଖ୍ୟା ଗ୍ରାମୀଣ ଜନସଂଖ୍ୟାର ୮୨.୧୭ ପ୍ରତିଶତ ସ୍ଥିର କରିଥିବା ବେଳେ ସହରାଞ୍ଚଳ ପାଇଁ ଏହା ୫୫.୭୭ ପ୍ରତିଶତ। ଏହା ବାହାରେ ମଧ୍ୟ ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟର ଯୋଗ୍ୟ ହିତାଧିକାରୀ ଅଛନ୍ତି। ଏକ ସୂତ୍ର ଅନୁସାରେ ଆମ ରାଜ୍ୟରେ ଅନ୍ୟୂନ ୬,୮୬,୨୧୧ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଛନ୍ତି। ଏକଥା ମଧ୍ୟ କୁହାଯାଉଛି ଆଧାର ସିଡ଼ିଙ୍ଗକୁ ବାଧ୍ୟତାମୂଳକ କରାଯିବାରୁ କିଛି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି। ଓଡ଼ିଶା ସମ୍ପର୍କିତ ଏକ ସ୍ୱତନ୍ତ୍ର ରିପୋର୍ଟ ଉଲ୍ଲେଖ କରିଛି ଯେ ଅନୁସୂଚିତ ଜନଜାତି ଅଧ୍ୟୁଷିତ ଗ୍ରାମାଞ୍ଚଳରେ ୯୦ ପ୍ରତିଶତ ପରିବାରଙ୍କ ସ୍ଥିତି ଭଲନୁହେଁ। ସେମାନେ ଭୂମିହୀନ ନଚେତ ନାମକୁ ମାତ୍ର ଚାଷୀ। ଏପରିକି ଖଣିଜ ସମ୍ପଦ ପରିପୂର୍ଣ୍ଣ କେନ୍ଦୁଝର ଓ ଯାଜପୁର ଜିଲାରେ କିଛି ଅଞ୍ଚଳରେ ସ୍ଥିତି ଏକଦମ୍ ଖରାପ। ପାଠକେ,



ନଗଡ଼ା କଥା ସ୍ମରଣ କରିପାରନ୍ତି। ପେସା, ୧୯୯୬ ଏବଂ ଜଙ୍ଗଲ ଅଧିକାର ଆଇନ - ୨୦୦୬ ମଧ୍ୟ ଆଦିବାସୀମାନଙ୍କ କ୍ଷେତ୍ରରେ ଠିକ୍ ଭାବରେ ଲାଗୁ ହେଉନାହିଁ ବୋଲି ଅଭିଯୋଗ ହେଉଛି। ପ୍ରାୟ ଏସବୁ କ୍ଷେତ୍ରରେ ପାଖାପାଖି ୯୦ ପ୍ରତିଶତ ପରିବାର ସେମାନଙ୍କ ଦୁଃସମୟରେ ଯାହାକିଛି ସମ୍ପତ୍ତିବାଡ଼ି ଅଛି ସେସବୁକୁ ବିକିବାକୁ ନଚେତ ବନ୍ଧା ପକେଇବାକୁ ଆପାତତଃ ବାଧ ହୁଅନ୍ତି। ହାତରେ ସେମାନଙ୍କର ନଗଦ ଟଙ୍କା ନ ଥାଏ। ଚାଷ ବ୍ୟତୀତ ରୋଜଗାର ଗ୍ରହଣଯୋଗ୍ୟ ବିକଳ୍ପ ବି ନ ଥାଏ। ଏକ ସର୍ଭେ ଅନୁସାରେ ଗୋଟିଏ ଗ୍ରାମାଞ୍ଚଳ ପରିବାରର ବର୍ଷକୁ ଆୟ ୨୫୦୦ ଟଙ୍କାରୁ ଖୁବ୍ ବେଶିରେ ୫୫୦୦ ଟଙ୍କା। ଅଭିଯୋଗ ହେଉଛି, ଉନ୍ନୟନ ଏବଂ ଜାତୀୟ ନିରାପତ୍ତା ନାଁରେ ଜଙ୍ଗଲ ଜମି ଘରୋଇ ଉଦ୍ୟୋଗମାନଙ୍କୁ ମାଇନିଂ ପାଇଁ ଲିଜ୍‌ରେ ଦିଆଯାଉଥିଲେ ହେଁ ମୂଳ ଜଙ୍ଗଲ ବାସିନ୍ଦାଙ୍କ ପାଇଁ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ନାମକୁ ମାତ୍ର। ସବୁଠୁ ଚିନ୍ତାଜନକ ହେଉଛି ରାଜ୍ୟର ଅନଗ୍ରସର ଅଞ୍ଚଳଗୁଡ଼ିକରେ ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟ। ଓଡ଼ିଶାରେ ସ୍ୱୟଂସହାୟକ ଗୋଷ୍ଠୀ ଯଥେଷ୍ଟ ସକ୍ରିୟ ବୋଲି ଦାବି କରାଯାଉଥିଲା ବେଳେ କିଛି ଅଧ୍ୟୟନ ଦର୍ଶାଇଛି ଯେ ଆଦିବାସୀ ବହୁଳ ଅଞ୍ଚଳରେ ଏମାନଙ୍କର ଯେତିକି ସାମାଜିକ ସମ୍ପୃକ୍ତି ରହିବା କଥା ତାହା ନାହିଁ। ଓଲଟି ଏମାନଙ୍କୁ ମହିଳା ସଶକ୍ତୀକରଣ ନାଁରେ ସରକାର ନିଜର ରାଜନୈତିକ ସଶକ୍ତୀକରଣ ପାଇଁ ରୀତିମତ ବ୍ୟବହାର କରୁଛନ୍ତି। ସ୍ୱଚ୍ଛ ଭାରତ ଅଭିଯାନ ଏବଂ ପାନୀୟ ଜଳ ବ୍ୟବସ୍ଥା ସବୁଠୁ ଯେଉଁମାନଙ୍କୁ ଉପକୃତ କରିବା କଥା ତାହା ହୋଇପାରିନାହିଁ।

ଖୁବ୍ ନିକଟରେ ପ୍ରକାଶିତ ଏକ ଖବର ଅନୁସାରେ ଦାନଗଦୀ ବ୍ଲକ (ଯାଜପୁର)ରେ ଏକ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ପ୍ରାଣ ହରେଇବା ବେଳେ ତା' ଭଉଣୀ ଗୁରୁତର ଅସୁସ୍ଥ। ନିକଟରେ ରାଜ୍ୟ ସରକାର ଶିଶୁମାନଙ୍କ ଭିତରେ ପୁଷ୍ଟିହୀନତା ଦୂରେଇବା ପାଇଁ ପୁଷ୍ଟି ଯୋଜନା ଆଣିଛନ୍ତି, ଯେଉଁଥି ପାଇଁ ବ୍ୟୟ ବରାଦ ୨୦୨୩-୨୪ରୁ ୨୦୨୭-୨୮ ଭିତରେ ହେବ ୩୦୦୦ କୋଟି। ସରକାରଙ୍କ ପଦକ୍ଷେପ ସ୍ୱାଗତ ଯୋଗ୍ୟ, ତେବେ ପର୍ଯ୍ୟବେକ୍ଷକମାନଙ୍କ ମତ ଯେ ପୁଷ୍ଟି ନିରାପତ୍ତା ପାଇଁ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଭିତରେ ଯେମିତି ତଫାତ୍ ନ ରହୁ। ଏକ ନିବନ୍ଧ ନିକଟରେ ସ୍ପଷ୍ଟ କରିଛି ଯେ ୨୦୧୩ରୁ ଏପର୍ଯ୍ୟନ୍ତ ଭାରତରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୫୦ ପ୍ରତିଶତ ବଢିଛି କିନ୍ତୁ ପୃଥିବୀରେ ପୁଷ୍ଟିହୀନତା ଭୋଗୁଥିବା ମୋଟ ଶିଶୁଙ୍କର ୧ ତୃତୀୟାଂଶ ଅଛନ୍ତି କେବଳ ଭାରତରେ। 'ବିଶ୍ୱ କ୍ଷୁଧା ସୁଚକାଙ୍କ'ରେ ୧୨୧ଟି ଦେଶ ତାଲିକାରେ ଭାରତର ସ୍ଥାନ ଥିଲା ୧୦୭। ଆପଣ ଚିନ୍ତା କରିପାରନ୍ତି!

ମୋ-୯୪୩୭୧୩୭୦୬୦

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମୀୟ ସ୍ଥଳୀରେ ବିଶୃଙ୍ଖଳା ଏବଂ ଅଘଟଣ କାହିଁକି

ମହାଶୟ,

ମଠ, ମନ୍ଦିର, ମସ୍‌ଜିଦ, ଗିର୍ଜା କିମ୍ବା ଗୁରୁଦ୍ୱାର ଆଦି ଧର୍ମୀୟ ସ୍ଥଳଗୁଡ଼ିକ ବିଭିନ୍ନ ଧର୍ମାବଲମ୍ବୀମାନଙ୍କୁ ଆଧ୍ୟାତ୍ମିକ ଭାବନାରେ ବଶୀଭୂତ କରିବା ଏବଂ ଶୃଙ୍ଖଳିତ ଜୀବନ ଜିଇବା ଲାଗି ସଚେତନ କରାଇବା ପାଇଁ ଉଦ୍ଦିଷ୍ଟ। ଏଠାରେ ଆରାଧ୍ୟାଙ୍କୁ ଉପାସନା କରିବାକୁ ଲୋକେ ଯାଇଥାନ୍ତି। ଈଶ୍ୱର ଭାବାପନ୍ନ ମଣିଷ ଏହି ସବୁ ଆଧ୍ୟାତ୍ମିକ ଧର୍ମୀୟ ସ୍ଥଳଗୁଡ଼ିକରେ ନିଜ ନିଜ ଉପାସ୍ୟମାନଙ୍କ ସହିତ ଏକାତ୍ମ ହୋଇ ଜଡ଼ ଜଗତଠାରୁ ନିଜକୁ ଟିକେ ଅଲଗା ଅନୁଭବ କରିବା ଲକ୍ଷ୍ୟରେ ସେଠାକୁ ଯାଆନ୍ତି। ଭକ୍ତି ଭାବନା ଓ ଈଶ୍ୱର ବିଶ୍ୱାସ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ସାମାଜିକ ଉତ୍‌ଥାନ , ଶୃଙ୍ଖଳିତ ଜୀବନଯାପନ , ଏକତ୍ର ସହାବସ୍ଥାନ ତଥା ମାନବ ସମାଜରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ପରମ୍ପରା କ୍ରମେ ଏହି ସବୁ ଧର୍ମୀୟ ସ୍ଥଳୀଗୁଡ଼ିକ ଉପଯୋଗ ହୋଇଆସୁଛି। ହେଲେ, ସଂପ୍ରତି ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଅନେକ ଧର୍ମୀୟ ସ୍ଥଳୀରେ ବିଶୃଙ୍ଖଳାଜନିତ ଦଙ୍ଗା ହଙ୍ଗାମା, ଦଳାଚକଟା, ଲୁଟପାଟ, ଚୋରିଚପଟ ସହିତ ଅଶୋଭନୀୟ କ୍ରିୟାକଳାପ ଆଦି ଦେଖିବାକୁ ମିଳୁଛି। ଆଉ କେଉଁଠି ଆଧ୍ୟାତ୍ମିକତା ନାଁରେ ଆଧୁନିକତାର ଚାକଚକ୍ୟ ଓ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଉଛି ତ, ପୁଣି କେଉଁଠି ସୁରା ସାକୀ ସହିତ ନିଶାଡ଼ିଙ୍କ ଆସର ଜମୁଛି। ଭକ୍ତ, ଶ୍ରଦ୍ଧାଳୁମାନଙ୍କ ଧାର୍ମିକ ଚେତନା ପରିବର୍ତ୍ତେ ପରିସର କଳୁଷିତ ହେବାରେ ଲାଗିଛି। ଅନେକ ସମୟରେ ମନୋରଞ୍ଜନ ବାହାନା ଦେଖାଇ ଧର୍ମୀୟ ଅନୁଷ୍ଠାନ ପରିସରରେ ତନୁ ମନକୁ ଉଚ୍ଚାଟ କଲାଭଳି ଅଶ୍ଳୀଳ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଉଛି ; ଯାହାଫଳରେ ଅସାମାଜିକ, ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶୃଙ୍ଖଳା ଓ ଅଘଟଣମାନ ଘଟିବା ସହିତ ବହୁ ଧନଜୀବନ ମଧ୍ୟ ନଷ୍ଟ ହେଉଛି। ଧର୍ମୀୟ ସ୍ଥଳୀରେ ଏପରି ବିଶୃଙ୍ଖଳା ଏବଂ ଅଘଟଣ କାହିଁକି ? ସୁସ୍ଥ ଓ ସଭ୍ୟ ମାନବ ସମାଜ ପାଇଁ ଏହା ବିଡ଼ମ୍ବନା ନୁହେଁ କି ?

**-ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ପୋଖରୀରୁ ମୃତଦେହ ଜବତ

ଯାଜପୁରରୋଡ୍,୪।୫(ଡି.ଏନ.ଏ.): ଯାଜପୁରରୋଡ୍ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ହୁଡ଼ିସାହି ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତବ୍ୟକ୍ତି ଜଳେଶ୍ୱର ଅଞ୍ଚଳର ଭୂଆଁ ଓରଫ୍ ରବି ବାସ୍କେ(୫୩)ବୋଲି ଜଣାପଡିଛି। ଗୁରୁବାର ସକାଳେ ପୋଖରୀକୁ ଗାଧେଇବାକୁ ଯାଇଥିବା ଲୋକେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଭୂଆଁ ଅନେକ ଦିନ ହେବ ହୁଡ଼ିସାହିରେ ରହି ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଏକାକୀ ରହୁଥିବାରୁ ତାଙ୍କ ପରିବାର ବିଷୟରେ ବିଶେଷ କିଛି ସୂଚନା ମିଳି ପାରିନାହିଁ। ପୋଲିସ ତାଙ୍କ ପରିବାର ଲୋକଙ୍କ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରୁଛି। ତେବେ ତାଙ୍କର କିପରି ମୃତ୍ୟୁ ହେଲା ତା'ର କାରଣ ସ୍ପଷ୍ଟ ହେଇନାହିଁ। ପୋଲିସ ନଂ.୧୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ବିଛାଖଣ୍ଡି କଳାପଥର ଖାଦାନରେ ଚଢ଼ାଉ

ଧର୍ମଶାଳା,୪।୫(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି କଳାପଥର ଖାଦାନରେ ଗୁରୁବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଏକ କମ୍ପ୍ରେସର ଓ ଏକ ଜେସିବି ମେଶିନ ଜବତ କରାଯାଇଛି। ବିଛାଖଣ୍ଡି କଳାପଥର ଖାଦାନରେ ବେଆଇନ ଖନନ ହେଉଥିବା ଖବର ପାଇ ତହସିଲଦାର ସ୍ୱାଗତ ଦାସ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ରାଜସ୍ୱ ନିରୀକ୍ଷକ ଚନ୍ଦନ କୁମାର ସାହୁ, ବିରଞ୍ଚି ବୋଇତେଇ, ମାନସ କୁମାର ବେଜ ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ସେଠାରେ କାର୍ଯ୍ୟରତ ଶ୍ରମିକ ଓ ଡ୍ରାଇଭରମାନେ ଫେରାର ହୋଇଯାଇଥିଲେ। ଜବତ ଗାଡି ମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି ତହସିଲଦାର ଦାସ ସୂଚନା ଦେଇଛନ୍ତି।

## ୱାର୍ଡ ସଭ୍ୟ ଉପନିର୍ବାଚନ ଫଳାଫଳ ଘୋଷଣା

ଚଣ୍ଡିଖୋଲ,୪।୫(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅଧୀନରେ ହୋଇଥିବା ୱାର୍ଡ ସଭ୍ୟ ଉପନିର୍ବାଚନର ଗୁରୁବାର ବ୍ଲକ ପରିସରରେ ଫଳାଫଳ ଘୋଷଣା କରାଯାଇଛି। ଏଥିରେ ଅଚ୍ୟୁତବସନ୍ତ ପଞ୍ଚାୟତ ୧ନଂ. ୱାର୍ଡରେ ପ୍ରତାପ ଦଳେଇ, ଅଣକା ପଞ୍ଚାୟତ ୧୯ନଂ ୱାର୍ଡରେ ପ୍ରତାପ ସାହୁ, ବଡ଼ଚଣା ପଞ୍ଚାୟତ ୧୦ନଂ. ୱାର୍ଡରେ ପ୍ରଶାନ୍ତ କୁମାର ସାମଲ, ଚଣ୍ଡିତଳ ପଞ୍ଚାୟତ ୭ନଂ. ୱାର୍ଡରେ ବାଳକୃଷ୍ଣ ସାମଲ, ଚମ୍ପାପୁର ପଞ୍ଚାୟତ ୪ନଂ. ୱାର୍ଡରେ ସନ୍ଧ୍ୟାରାଣୀ ମହାନ୍ତି ଓ କାଇମାଟିଆ ପଞ୍ଚାୟତର ୫ ୱାର୍ଡରେ ବିନୋଦ ମହାନ୍ତି, ଅନନ୍ତ ଚରଣ ସାହୁ, ସୁବାସ ଚନ୍ଦ୍ର ସାହୁ, ମନୋଜ ଦେହୁରୀ ଓ ଅଜୟ କୁମାର ନାୟକ ନିର୍ବାଚିତ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ସସ୍ମିତା, ଲିପନ ବିଜୟୀ

ବିଞ୍ଝାରପୁର/ପ୍ରୀତିପୁର, ୪।୫ (ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ରଣପୁର ଓ ଚନ୍ଦ୍ରମୁଁ ପଞ୍ଚାୟତରେ ହୋଇଥିବା ୱାର୍ଡସଭ୍ୟ ଉପନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏନେଇ ବ୍ଲକ ନିର୍ବାଚନ ଅଧିକାରୀ ମିନତି ଜଗଦ୍ଦେବ ତାଙ୍କ ଚିଠି ନଂ.୩୧୯୭ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିରେ ରଣପୁର ପଞ୍ଚାୟତ ୧୧ନଂ. ୱାର୍ଡର ପ୍ରାର୍ଥୀ ଲିପନ କୁମାର ମହି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିବ୍ୟସିଂହ ସାମଲଙ୍କଠାରୁ ୧୫ ଖଣ୍ଡ ଭୋଟରେ ବୀଜୟୀ ହୋଇଛନ୍ତି। ସେହିପରି ଚନ୍ଦ୍ରମୁଁ ପଞ୍ଚାୟତ ୪ନଂ. ୱାର୍ଡର ପ୍ରାର୍ଥୀନୀ ସସ୍ମିତା ବଳ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୁଲତା ସାମଲଙ୍କଠାରୁ ୪୦ ଖଣ୍ଡ ଭୋଟରେ ବୀଜୟୀ ହୋଇଛନ୍ତି। ବ୍ଲକର ରଣପୁର, ଚନ୍ଦ୍ରମୁଁ, ଓଲେଇଚନ୍ଦନପୁର, ଅଳକୁଣ୍ଡ, ବରପଦା ଓ ଉତ୍ତଙ୍ଗରା ୬ ପଞ୍ଚାୟତରେ ଗୋଟିଏ ଲେଖା ୱାର୍ଡସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ ହୋଇଥିଲା। ସେଥିରୁ ଓଲେଇଚନ୍ଦନପୁର, ଅଳକୁଣ୍ଡ, ବରପଦା ଓ ଉତ୍ତଙ୍ଗରାରେ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ରଣପୁର ଓ ଚନ୍ଦ୍ରମୁଁ ପଞ୍ଚାୟତରେ ୨ ୱାର୍ଡ ପାଇଁ ଭୋଟ୍ ଗ୍ରହଣ କରାଯାଇଥିଲା।

# ଜଳାଶୟ ରୂପାନ୍ତରଣ ପାଇଁ ଦକ୍ଷତା ବୃଦ୍ଧି କର୍ମଶାଳା




କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁର ଟାଉନ,୪।୫(ଡି.ଏନ.ଏ.):** ଯାଜପୁର ଜିଲା ପରିଷଦ ସମ୍ମିଳନୀ ପ୍ରକୋଷ୍ଠରେ ଯାଜପୁର ପୌରପରିଷଦ ଅଧୀନ ୧୨ଟି ମିଶନ୍ ଶକ୍ତି ଗୋଷ୍ଠୀର ୧୨୦ ସଦସ୍ୟାଙ୍କୁ ନେଇ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ସଢ଼େଇ ପୋଖରୀ ଜଳାଶୟ ରୂପାନ୍ତରଣ ପାଇଁ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସହର ମିଶନ ପରିଚାଳକ ବିଶ୍ୱରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଦେବସୁନ୍ଦର ମହାପାତ୍ର, ଯାଜପୁର ପୌର ଅଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ, ପ୍ରସନ୍ନ କୁମାର ମହାରଣା, ସ୍ୱର୍ଣ୍ଣଲତା ସାହୁ, ସୁଚିତ୍ ରଞ୍ଜନ ସିଂହ ଏବଂ ପୌରପରିଷଦର ସମସ୍ତ ପାରିଷଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜଳାଶୟ ରୂପାନ୍ତରିକରଣ ପ୍ରକଳ୍ପ ପରିଚାଳନାରେ ମିଶନ ଶକ୍ତି ଗୋଷ୍ଠୀର ଭୂମିକା ଓ ବୈଷୟିକ ପରାମର୍ଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

## ୫ ୱାର୍ଡରେ ବିଜେଡି, ୨ରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ

**କଳିଙ୍ଗନଗର, ୪।୫(ଡି.ଏନ.ଏ.):** ଦାନଗଦି ବ୍ଲକ୍ ଅଧୀନ ୬ ପଞ୍ଚାୟତର ୭ଟି ୱାର୍ଡରେ ୱାର୍ଡ ସଭ୍ୟ ପଦ ପାଇଁ ହୋଇଥିବା ନିର୍ବାଚନରେ ୫ ୱାର୍ଡରେ ବିଜେଡି ସମର୍ଥିତ ପ୍ରାର୍ଥୀ ଜିତିଥିବାବେଳେ ୨ ୱାର୍ଡରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ବାଙ୍ଗରକୋଟା ପଞ୍ଚାୟତର ୱାର୍ଡ ନମ୍ବର ୩ରେ ବିଜେଡି ସମର୍ଥିତ ପ୍ରାର୍ଥୀ ସୁଷମା ଜେନା, ନଛିପୁରା ପଞ୍ଚାୟତ ୱାର୍ଡ ନମ୍ବର ୫ରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭୀମସେନ ମୁଦୁଲି, ପଙ୍କପାଳର ୱାର୍ଡ ନମ୍ବର ୬ରେ ବିଜେଡି ସମର୍ଥିତ ପ୍ରାର୍ଥୀ ବେଣୁଧର ଦଳାଇ ଏବଂ ୱାର୍ଡ ନମ୍ବର ୧୦ରେ ବିଜେଡି ସମର୍ଥିତ ପ୍ରାର୍ଥୀ କୁଳମଣି ଜେନା, ମଙ୍ଗଳପୁରର ୯ନମ୍ବର ୱାର୍ଡରେ ବିଜେଡି ସମର୍ଥିତ ପ୍ରାର୍ଥୀ ନିରଞ୍ଜନ ନାୟକ, ରାଣୀପଡା ପଞ୍ଚାୟତର ୱାର୍ଡ ନମ୍ବର ୧୧ରେ ଭାଜପା ସମର୍ଥିତ ପ୍ରାର୍ଥୀ ଉତ୍ତମ କାଣ୍ଡି ଓ ଯଖପୁରା ପଞ୍ଚାୟତ ୱାର୍ଡ ନମ୍ବର ୩ରେ ଭାଜପା ସମର୍ଥିତ ପ୍ରାର୍ଥୀ ଅଜୟ ଭୂୟାଁ ବିଜୟ ଲାଭ କରିଛନ୍ତି। ତେବେ ରୋଚକ କଥା ହେଉଛି ୧୦ ନମ୍ବର ଜୋନ ପରିଷଦ ସଭ୍ୟା ତଥା ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀଙ୍କ ଯଖପୁରା ପଞ୍ଚାୟତରେ ଭାଜପା ସମର୍ଥିତ ୱାର୍ଡ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ସେହିପରି ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତିଙ୍କ ପଞ୍ଚାୟତ ରାଣୀପଡାରେ ମଧ ଭାଜପା ସମର୍ଥିତ ସଭ୍ୟ ଜିତିଛନ୍ତି।

# ୮ ୱାର୍ଡ ସଭ୍ୟ ନିର୍ବାଚନ ଫଳାଫଳ ଘୋଷଣା

**ରସୁଲପୁର,୪।୫(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ, ଓଡ଼ିଶୋ, ରାହାମ୍ବା, ଗନ୍ଧଣ, ମୁଗୁପାଳ ଓ ଅର୍ଥଗାଁ ଆଦି ୬ଟି ପଞ୍ଚାୟତର ୮ ୱାର୍ଡରେ ହୋଇଥିବା ନିର୍ବାଚନର ଗୁରୁବାର ଫଳାଫଳ ଘୋଷଣା କରାଯାଇଛି। ଏଥିରେ କଲଣ ପଞ୍ଚାୟତର ୩ ୱାର୍ଡରେ ନିର୍ବାଚନ ହୋଇଥିବାବେଳେ ଅନ୍ୟ ସମସ୍ତ ପଞ୍ଚାୟତର ଗୋଟିଏ ଲେଖାଏ ୱାର୍ଡରେ ନିର୍ବାଚନ ହୋଇଥିଲା। ପ୍ରତ୍ୟେକ ୱାର୍ଡରେ ଦ୍ୱିମୁଖି ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଲଣ ପଞ୍ଚାୟତର ୧୯ ନମ୍ବର ୱାର୍ଡରେ ଚୈତନ୍ୟ ଚରଣ ସାହୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନିତ୍ୟାନନ୍ଦ ସାହୁଙ୍କୁ ୩ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଚୈତନ୍ୟ ୧୦୩ ଖଣ୍ଡ ଭୋଟ ପାଇଥିବାବେଳେ ନିତ୍ୟାନନ୍ଦ ୯୯ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ୫ନମ୍ବର ୱାର୍ଡରେ ସୁଶାନ୍ତ ସାହୁ ୧୧୮ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ମହେଶ୍ୱର ସାହୁ ୬୪ଖଣ୍ଡ ଭୋଟ ପାଇଛନ୍ତି। ୧୪ନମ୍ବର ୱାର୍ଡରେ ବାବାଜୀ ଚରଣ ବାରିକ ୫୮ ଭୋଟ ପାଇଥିବାବେଳେ ପ୍ରତାପ ବାରିକ ୯୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଓଡ଼ିଶୋ ପଞ୍ଚାୟତର ୧୯ନମ୍ବର ୱାର୍ଡରେ କାର୍ତ୍ତିକ ଦାସଙ୍କ ସପକ୍ଷରେ ୧୩୫ଖଣ୍ଡ ଭୋଟ ଯାଇଥିବାବେଳେ ଦୁଃଶାସନ ଦାସଙ୍କ ସପକ୍ଷରେ ୫୮ଖଣ୍ଡ ଭୋଟଯାଇଛି। ଏଠାରେ କାର୍ତ୍ତିକ ୭୭ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ରାହାମ୍ବା ପଞ୍ଚାୟତର ୬ନମ୍ବର ୱାର୍ଡର ନାରାୟଣ ଚନ୍ଦ୍ର ମହାରଣା୧୪୦ ଭୋଟ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁକଦେବ ସାହୁ ୭୬ଖଣ୍ଡ ଭୋଟ ପାଇଛନ୍ତି। ଗନ୍ଧଣ ପଞ୍ଚାୟତ ୨୦ ନମ୍ବର ୱାର୍ଡରେ ଶତ୍ରୁଘନ ବେହେରା ୮୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ପ୍ରଶାନ୍ତ ଦାସ ୩୯ଖଣ୍ଡ ଭୋଟ ପାଇଛନ୍ତି। ମୁଗୁପାଳର ୬ନମ୍ବର ୱାର୍ଡରେ କଳ୍ପନା ନାୟକ ପ୍ରତିଦ୍ୱନ୍ଦ୍ୱୀ ସୁଲୋଚନା ଶତପଥୀଙ୍କୁ ୧୦ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଅର୍ଥଗାଁର ୩ନମ୍ବର ୱାର୍ଡରେ ଆରତି ରାଉତ ଓ ଜୟନ୍ତୀ ରାଉତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଆରତି ୧୦୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଜୟନ୍ତୀଙ୍କ ସପକ୍ଷରେ ୮୧ଖଣ୍ଡ ଭୋଟ ଯାଇଛି ବୋଲି ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଯେନାଙ୍କ ସୂତ୍ରରୁ ଜଣାଯାଇଛି। ବିଜୟୀ ୱାର୍ଡ ସଭ୍ୟାସଭ୍ୟଙ୍କ ସମର୍ଥକ ବିଜୟ ଉତ୍ସବ ମନାଇଛନ୍ତି।

# ସନ୍ଦେହଜନକ ଭାବେ ପାରା ଉଦ୍ଧାର



**ଜେନାପୁର,୪।୫(ଡି.ଏନ.ଏ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ କମାଗଡ଼ ପଞ୍ଚାୟତ ଅଞ୍ଚଳରୁ ଗୁରୁବାର ସନ୍ଧ୍ୟାରେ ସନ୍ଦେହଜନକ ଭାବେ ଏକ ପାରା ଉଦ୍ଧାର କରାଯାଇଛି। ପାରାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିବା ସହ ଜେନାପୁର ଥାନାକୁ ଖବର ଦେଇଥିବା ଜଣାପଡ଼ିଛି। ଉକ୍ତ ପାରା ଗୋଡ଼ରେ ଲାଗିଥିବା ଏକ ନୀଳ ରଙ୍ଗର ରିଙ୍ଗ୍‌ରେ କୌଣସି ଏକ ଭାଷାରେ କିଛି ଲେଖାଯାଇଥିବା ଦେଖିବାକୁ ମିଳିଛି। ପାରାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମନରେ ସନ୍ଦେହ ଉପୁଜିଛି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀ ମହମ୍ମଦ ଶାକିର ହୁସେନଙ୍କୁ ପଚାରିବାରୁ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।


**PARADIP PORT AUTHORITY**
**e-TENDER CALL NOTICE**
**TD/TM/GEN-235(Vol-VII)/23/922, dtd. 03.05.2023**

Name of the Work **"Allotment of 04 (Four) nos. of Mechanical Iron Ore / Iron Ore Pellet plots at IOHP."** License Fees: **Rs.2,89,90,830/-**, Wharfage Fees: **Rs.18,98,620/-**, Last date & time of submission of bid: **23.05.2023 up to 15:00 hrs**, Date and time of opening (Technical bid): **23.05.2023 up to 15:00 hrs.** Refer our website for details **https://eprocure.gov.in/eprocure/app & http://paradipport.gov.in/**

Traffic Manager,
Paradip Port Authority

PPA/PR/11/2023-24 Dt.04/05/2023



**PARADIP PORT AUTHORITY**
**E & M DEPARTMENT**
**PLANNING & DESIGN CELL**
No. EM/PD-11/2022/667 Date:02/05/2023

**CORRIGENDUM - III**
**and**
**Response to Pre-bid Queries**
Implementation and Operation & Maintenance (O&M) of Port Access Control System
**(e-TENDER CALL NOTICE (TCN) NO: EM/PD-06/2023)**

This Corrigendum-III should be read along with the published RFP (all volumes).
Detailed Tender Document is available at the Website: https://eprocure.gov.in/eprocure/app for online bidding.

Sd/- Executive Engineer (EI)
Planning & Design Cell

PPA/PR/10/2023-24 Dt. 04/05/2023



**ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୨୭/୨୮ ତାରିଖ: ୦୩।୦୫।୨୦୨୩**

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ: ୦୨ (ଦୁଇ)** ବର୍ଷ ଅବଧି ପାଇଁ **https://www.ireps.gov.in/**websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍ଏଲ୍ଆର୍/ଏଲ୍ଭିପିଏଚ୍‌ଗୁଡ଼ିକର ଲିଜିଂ।

- **ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୨୭ । ନିଲାମ ତାରିଖ: ୧୨।୦୫।୨୦୨୩ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୭.୨୦ ଘଟିକା ।**
- **ବର୍ଗ: ପାର୍ସଲ । କାଟାଲଗ୍ ନଂ.: ଲିଜ୍-କେଜିପି-୨୩-୨୮ । ନିଲାମ ତାରିଖ: ୧୭।୦୫।୨୦୨୩ । ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା । ନିଲାମ ସମାପ୍ତିର ସମୟ: ୧୬.୫୦ ଘଟିକା ।**

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ: ଖଡ଼ଗପୁର** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**
**ତାରିଖ: ୦୩।୦୫।୨୦୨୩**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-133)



**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

Tender Notice No. TPWODL/SD/O/SER/ 007 Date : 04.05.2023

TP Western Odisha Distribution Limited, invites tender (2part bidding) from eligible vendors for the following package :

**Rate Contract for Civil work at DHH Balangir.**

Interested bidders to submit Tender Participation Fee and Authorization Letter by email on or before **12th May 2023, 1500 Hrs**, after which link from e-Tender system shall be shared.

For detailed tender documents of the above mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**



**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

ई–निविदा आमंत्रण सूचना

ई–निविदा संख्या:- **09/2023-24/RWD/DEOGHAR** दिनांक :- **03.05.2023**

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि |
|---|---|---|---|---|---|
| 1. | RWD/ DEOGHAR/ 01/2023-24 | करैहिया आर0ई0ओ0 पुल से पथलजोर यादव टोला होते हुए बाराबाँक से सुरा पथड्डा तक पथ निर्माण कार्य (लं– 5.035 कि0मी0) | 5,70,70,200.00 | पाँच करोड़ सत्तर लाख सत्तर हजार दो सौ रू0 मात्र | 09 माह |
| 2. | RWD/ DEOGHAR/ 02/2023-24 | पी0डब्लू0डी0 पथ से ओझाडीह तक पथ निर्माण कार्य (लं– 2.055 कि0मी0) | 2,08,88,600.00 | दो करोड़ आठ लाख अठासी हजार छः सौ रू0 मात्र | 09 माह |
| 3. | RWD/ DEOGHAR/ 03/2023-24 | आर0ई0ओ0 पथ कांकी आदिवासी टोला, राना टोला होते हुए ठाड़ी सीमा तक पथ निर्माण कार्य (लं– 2.360 कि0मी0) | 2,07,04,900.00 | दो करोड़ सात लाख चार हजार नौ सौ रू0 मात्र | 09 माह |

2. वेबसाईट में निविदा प्रकाशन की तिथिः– 15.05.2023
3. ई–निविदा प्राप्ति की अंतिम तिथि एवं समयः– 26.05.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, देवघर में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– 29.05.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (29.05.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः– 30.05.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
8. ई–निविदा प्रकोष्ठ का दूरभाष सं0– 0651–2207818
9. निविदा शुल्क झारखण्ड राज्य में अवस्थित भारतीय स्टेट बैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंक ड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, देवघर के पक्ष में एवं देवघर में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल

PR.NO.296550 Rural Work Department(23-24):D



**कार्यपालक अभियंता का कार्यालय, लघु सिंचाई प्रमंडल, गोड्डा**

**अल्पकालीन ई-निविदा आमंत्रण सूचना**

**Short Term e-Tender Reference No.-WRD/MID/GODDA/ F2-01/2023-24** **Date-04/05/2023**

| ग्रुप सं0 | योजना का नाम | प्रखण्ड | प्राक्कलित राशि (लाख में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | वेवसाइट में ई–निविदा प्रकाशन की तिथि | ई–निविदा प्राप्ति की अन्तिम तिथि | अभिलेख प्राप्ति की तिथि | ई–निविदा खोलने की तिथि एवं स्थान | निविदा आमंत्रित करने वाले पदाधिकारी के कार्यालय का नाम एवं पता | ई–निविदा आमंत्रित करने वाले पदाधिकारी का संपर्क नम्बर | कार्य का अवधि |
|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 | 13 |
| 1 | नवडीहा जोरिया में वीयर का निर्माण | पोड़ैयाहाट | 150.171 | 3,01,000.00 | 10,000.00 | 11.05.2023 | 18.05.2023 | 19.05.2023 | 22.05.2023 एवं मुख्य अभियंता, कार्यालय लघु सिंचाई, दुमका | कार्यपालक अभियंता, लघु सिंचाई प्रमंडल, गोड्डा | सम्पर्क नं0 9939708923 10:00 A.M. to 5:00 P.M. | 12 माह |
| 2 | बाडोर फादर नाला में चेक डैम निर्माण | बोआरीजोर | 87.488 | 1,75,000.00 | 10,000.00 | | | | | | | 12 माह |
| 3 | मंगरा नाला में चेक डैम निर्माण | बोआरीजोर | 67.741 | 1,36,000.00 | 10,000.00 | | | | | | | 12 माह |
| 4 | कदवा गढ़ा के नजदीक सरबिन्धा नाला में चेक डैम का निर्माण | पोड़ैयाहाट | 76.499 | 1,53,000.00 | 10,000.00 | | | | | | | 12 माह |
| 5 | सरबिन्धा मोहली टोला जोरिया में समसान घाट के पास चेक डैम का निर्माण | पोड़ैयाहाट | 75.165 | 1,51,000.00 | 10,000.00 | | | | | | | 12 माह |
| 6 | बॉसभीट्टा नाला में चेक डैम निर्माण | बोआरीजोर | 70.426 | 1,41,000.00 | 10,000.00 | | | | | | | 12 माह |
| 7 | धोबई संथाली टोला जोरिया में चेक डैम का निर्माण | पोड़ैयाहाट | 90.633 | 1,82,000.00 | 10,000.00 | | | | | | | 12 माह |
| 8 | कोरिया नदी में चेक डैम का निर्माण | बसंतराय | 89.098 | 1,79,000.00 | 10,000.00 | | | | | | | 12 माह |
| 9 | बेलडीहा नदी श्रृखलाबद्ध चेक डैम का निर्माण | बसंतराय | 157.188 | 3,15,000.00 | 10,000.00 | 11.05.2023 | 18.05.2023 | 19.05.2023 | 22.05.2023 एवं मुख्य अभियंता, कार्यालय लघु सिंचाई, दुमका | कार्यपालक अभियंता, लघु सिंचाई प्रमंडल, गोड्डा | सम्पर्क नं0 9939708923 10:00 A.M. to 5:00 P.M. | 12 माह |
| 10 | कोआ नदी में श्रृखलाबद्ध चेक डैम का निर्माण | ठाकुरगंगटी | 185.669 | 3,72,000.00 | 10,000.00 | | | | | | | 12 माह |
| 11 | बड़ा पुरू जोरिया पर चेक डैम का निर्माण | सुन्दरपहाड़ी | 63.273 | 1,27,000.00 | 10,000.00 | | | | | | | 12 माह |

नोटः–
1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट–बढ़ सकती है।
3. निविदा डालने की अवधि दिनांक–19.05.2023 को 11:00 पूर्वाहन से 3:00 बजे अपराह्न तक परिमाण विपत्र का मूल्य, अग्रधन की राशि, विभागीय निबंधन की छाया प्रति संलग्न की जाय।
4. सक्षम प्राधिकार के द्वारा उक्त निविदा को बिना किसी पूर्व सूचना के कभी भी रद्द की जा सकती है।
5. विस्तृत जानकारी के लिए वेबसाईट http://jharkhandtenders.gov.in पर लॉग आन करें।

कार्यपालक अभियंता
लघु सिंचाई प्रमंडल, गोड्डा

PR 296534 Minor Irrigation (23-24)_D



**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, BHUBANESWAR**
**PLOT NO. GD 2/7, MAITRI VIHAR, C.S.PUR, BHUBANESWAR-23**
**TELEPHONE NO. 2300287, EMAIL -EIBBSR-OD@GOV.IN**
**No.901/Dated Bhubaneswar the 04.05.2023**

**Annexure -I**

**TENDER NOTICE FOR HIRING OF VEHICLE**

**No.AA-05:**Sealed tenders are invited from interested reputed Travel Agencies /tour Operators or private individuals for providing 1 No. BS-IV or above type of AC Petrol driven vehicle of following type of vehicle which shall confirm to the terms and conditions (Annexure-II) for use of the office the A.C.E.-cum-Electrical Inspector, BHUBANESWAR on monthly rent basis .

| SL. No | Tye of Vehicle | Minimum average mileage | Maximum hire charges per month | Remarks |
|---|---|---|---|---|
| 1 | Swift Desire | 12Kmpl | 22000/- | GST shall be reimbursed separately over & above the hire charges. |

1) The vehicle must be in Road Worthy condition , shall not be more than 3 years old from the date of initial registration and must have valid Registration Certificate, Insurance certificate, Fitness Certificate,Polution Certificate, valid contract carriage Permit, proof of up to date tax payment etc. which are mandatory for plying of vehicle.
2) The driver of the vehicle must have valid Driving license for driving light transport passenger vehicle and should be sufficiently experienced in driving transport passenger vehicle.
3) The driver should be well behaved, gentle and obedient in nature, and should stay at Bhubaneswar Head quarter.
4) The successful bidder shall have to submit a performance security of Rs.7920/- (Rupees Seven thousand nine hundred twenty only) only (3% of the annual contract value as per F.D O.M No 8952/f, Dt 18.03.2021) in shape of Demand Draft/Fixed Deposit Receipt from any scheduled Bank / Bank Guarantee from a scheduled Bank situated within Odisha (in an acceptable format at Annexure-IV) drawn in favour of the Additional Chief Engincer-cum-Electrical Inspector,Bhubaneswar at the time of signing of the contract. Failure to comply the terms & conditions of the contract shall constitute sufficient grounds for forfeiture of the Performance Security. The Demand Draft /Fixed Deposit Receipt/Performance Bank Guarantee shall be released after three months of expiery of the contract.No interest shall be paid on the Demand Draft/Fixed Deposit Receipt/performance Bank Guarantee..
5) The monthly rate of hire charge be quoted separately (excluding fuel, lubricant & GST).
6) The vehicle must achieve a fuel efficiency of 12 kms per litre.
7) The details of the make and year of manufacture of the vehicle, registration, mileage (Kms covered per litre) and name of the Driver with Driving license No. and period of validity should be specifically provided in the general bid information to be furnished with the Quotation/Tender (Annexure-III).
8) The Tender paper completed in all respect should reach the undersigned on or before 11.05.2023, 3.30 P.M. and shall be opened on the same day at 4.00 P.M. in presence of the bidders or their authorized representatives, if they desire
9) The application form of tender containing General Bid Information & Terms and conditions for hiring of Vehicles etc. can be had from the office of the Additional Chief Engineer-cum-Electrical Inspector, Bhubancswar on payment of Rs 100/- towards tender document cost in shape of Demand Draft from any scheduled Bank in favour of Additional Chief Engineer-cum-Electrical Insepctor,Bhubaneswar during office hours from dt. 06.05.2023 to 11.05.2023 at Plot No. GD 2/7, Maitri Vihar, Chandrasekharpur, Bhubaneswar.
10) The undersigned shall have the right to cancel the bid at any point of time without assigning any reasons thereof.

**Sd./-Additional Chief Engineer-cum-Electrical Inspector, Bhubaneswar**

**OIPR-04070/11/0002/2324**

# ଚର୍ଚ୍ଚାରେ ସପକ୍ଷ, ବିପକ୍ଷବାଦୀଙ୍କ ଧାରଣା

## ରାହାଡ଼ପୁର ପାହାଡ଼ରେ ବେଆଇନ ଉତ୍ତୋଳନ ଅଭିଯୋଗ

ଯାଜପୁର ଅଫିସ,୪।୫

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଥିବା ମୂଲ୍ୟବାନ କଳାପଥର ଲୁଟ୍ ଅଭିଯୋଗ ମାମଲା ବହୁ ପୁରୁଣା। ଏହି ଲୁଟ ଅଭିଯୋଗରେ ପୂର୍ବରୁ ୧୦ ଜଣ ଲେଖାଏ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ସମେତ ୬ ଜଣ ଉପଜିଲାପାଳ ହରଡ଼ଘଣାରେ ପଡ଼ିଛନ୍ତି। ହାଇକୋର୍ଟ, ଲୋକାୟୁକ୍ତ ଏବଂ ଏନ୍‌ଜିଟିରେ ଏନେଇ ଏକାଧିକ ମାମଲା ବିଚାରାଧୀନ ରହିଛି। ସାଟେଲାଇଟ୍ ମାପଚୁପରେ ଅନୁମତିଠାରୁ ବହୁ ଗୁଣ ଅଧିକ କଳାପଥର ଉତ୍ତୋଳନ ହୋଇଥିବା ପ୍ରମାଣ ମିଳିବା ପରେ ତହସିଲ ପ୍ରଶାସନ ପକ୍ଷରୁ ଏଯାଏ ୧୪ଜଣ ଲିଜ୍‌ଧାରୀଙ୍କ ନାମରେ ପ୍ରାୟ ୨୮୩ କୋଟି ଟଙ୍କାର ଜରିମାନା ଡିମାଣ୍ଡ ନୋଟିସ ହୋଇଛି। ଏଥିରେ ବାଜବାଟି, ବରଡ଼ା, ଉଙ୍କାରୀ, ଅଞ୍ଜିରା, ରାହାଡ଼ପୁର, ଲୁଣିବର ଆଦି କଳାପଥର ଖାଦାନ ରହିଛି। ଏହିକ୍ରମରେ ଅତ୍ୟଧିକ ବ୍ଲାଷ୍ଟିଂ, ବେଆଇନ ଉତ୍ତୋଳନ ଓ ପରିବହନ ସମେତ ପରିବେଶ ପ୍ରଦୂଷଣ ହେଉଥିବା ଅଭିଯୋଗ ହୋଇଛି। ଏହି ବେଆଇନ କାରବାରକୁ ବିରୋଧ କରି ରାହାଡ଼ପୁର ପାହାଡ଼ ନିକଟରେ କେତେଜଣ ଅଞ୍ଚଳବାସୀ ଧାରଣାରେ ବସିଛନ୍ତି। ତେବେ ଏହି ଧାରଣାକୁ ବେଆଇନ ଏବଂ



ରାହାଡ଼ପୁର କଳାପଥର ଖାଦାନ।

ସ୍ୱାର୍ଥ ଜଡ଼ିତ ଥିବା ଦର୍ଶାଇ ବୁଧବାରଠାରୁ ସ୍ଥାନୀୟ ଲୋକପ୍ରତିନିଧି ଏବଂ ଅଞ୍ଚଳବାସୀ ଲିଜ୍‌ଧାରୀଙ୍କ ସପକ୍ଷରେ ଆନ୍ଦୋଳନ କରୁଛନ୍ତି। ଟନ ପିଛା ୧୦ଟଙ୍କା ଚାନ୍ଦା ସମେତ ଗାଡ଼ି, ମେଶିନ ବ୍ୟବହାରକୁ ନେଇ ଉଭୟ ବିପକ୍ଷ ଏବଂ ସପକ୍ଷବାଦୀ ମୁହାଁମୁହିଁ ହୋଇଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।

୨୦୨୨ ନଭେମ୍ବର ପ୍ରଥମ ସପ୍ତାହରେ ଯାଜପୁରର ତତ୍କାଳୀନ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ୍, ତହସିଲଦାର ସ୍ୱାଗତ କୁମାର ଦାସଙ୍କ ନେତୃତ୍ୱରେ ମାପଚୁପ ସଂସ୍ଥା ମାଇ ୱାର୍ଲଡ କନ୍‌ସାଲଟେନ୍ସି ଡ୍ରୋନ କ୍ୟାମେରା ଲଗାଇ କଳାପଥର ଲୁଟ ଉପରେ ଆକଳନ ଆରମ୍ଭ କରିଥିଲା। ଏବେ ବିପକ୍ଷ ଏବଂ ସପକ୍ଷବାଦୀ ଚଳାଇଥିବା ଆନ୍ଦୋଳନସ୍ଥଳ ରାହାଡ଼ପୁର ଖାଦାନରୁ ଅନୁମୋଦନ ଠାରୁ ପ୍ରାୟ ୩୫୦ କୋଟି ଟଙ୍କାର କଳାପଥର ଅଧିକ ଉତ୍ତୋଳନ ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଆଇନ ଅନୁସାରେ ଏହାର ଦୁଇ ଗୁଣ ପ୍ରାୟ ୭୦୦ କୋଟି ଟଙ୍କା ଜରିମାନା ଆଦାୟ ସମ୍ଭାବନା ଥିଲା। ଏହିକ୍ରମରେ ୨୦୧୬-୧୭ରେ ରାହାଡ଼ପୁର ପାହାଡ଼ର ୨୫ ଏକର ଅଞ୍ଚଳରୁ ୫ ବର୍ଷ ପାଇଁ ୨ ଲକ୍ଷ ୩୫ ହଜାର ଘନମିଟର କଳାପଥର ଉତ୍ତୋଳନ କରିବାକୁ ପ୍ରଶାସନିକ ଅନୁମତି ମିଳିଥିଲା। କିନ୍ତୁ ଏହି ୫ ବର୍ଷ ମଧ୍ୟରେ ପ୍ରାୟ ଦେଢ଼ କୋଟି ଘନମିଟର କଳାପଥର ଉତ୍ତୋଳନ ହୋଇଥିବା ଅଭିଯୋଗ ହୋଇଥିଲା। ସରକାରୀ ଭାବେ ଘନମିଟର ପିଛା ୨୪୫ ଟଙ୍କା ଦରରେ ଏହା ୩୬୭ କୋଟି ଟଙ୍କା ହେଉଥିଲା। ଆକଳନ ଅନୁଯାୟୀ ଯେତେ ପରିମାଣର କଳାପଥର ଅଧିକ ଲୁଟ ହୋଇଛି, ତାହାର ୨ ଗୁଣ ଜରିମାନା ଆଦାୟ ନିୟମ ରହିଛି। ତେବେ ଏଥିରେ କେବଳ ଲିଜ୍‌ଧାରୀଙ୍କ ସମ୍ପୃକ୍ତି ନଥିବା ଏବଂ ଲିଜ ପରିମାଣ ଜମି ବାହାରେ ଆଖପାଖ ଅଞ୍ଚଳରୁ ଅନ୍ୟ କେତେକ ପଥର ବେପାରୀ କଳାପଥର ଲୁଟ କରିଥିବା ସେତେବେଳେ ଚର୍ଚ୍ଚା ହେଉଥିଲା। ତେବେ ଜିଲା ପ୍ରଶାସନ ଏହିସବୁ ଦିଗକୁ ତଦନ୍ତ ନ କରି ଏକ ବେସରକାରୀ ମାପଚୁପ ସଂସ୍ଥା ଉପରେ ଆଖିବୁଜି ଭରସା ରଖିଥିଲା। ସମ୍ପୃକ୍ତ ସଂସ୍ଥା ଏହାକୁ ଏକ ସୁଯୋଗ ମନେ କରି ଲିଜ୍‌ଧାରୀଙ୍କ ସହ ସଲାସୁତୁରା କରି ମାପଚୁପରେ ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇଛନ୍ତି। ଏହି ଲୁଟ କାରବାରର ପୁନଃ ତଦନ୍ତ କରିବାକୁ କେତେଜଣ ସାମାଜିକ କର୍ମୀ ଲିଖିତ ଭାବେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଦାବି କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନଥିଲା। ଏଭଳିସ୍ଥିତିରେ ରାହାଡ଼ପୁର ପାହାଡ଼ରେ କିଭଳି ଭାବେ ବେଆଇନ କଳାପଥର ଉତ୍ତୋଳନ ହେଉନାହିଁ ବୋଲି ସପକ୍ଷବାଦୀମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି, ତାହା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଏଥିରେ ଲିଜ୍‌ଧାରୀ ଏବଂ କେତେକ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ଥିବା କୁହାଯାଉଛି। ଅନ୍ୟପକ୍ଷେ ବିପକ୍ଷବାଦୀମାନେ କଳାପଥର ଲୁଟ୍ ସମେତ ପରିବେଶ ପ୍ରଦୂଷଣ ହେବାର ପ୍ରାୟ ୨ ଦଶନ୍ଧି ହେବ କ'ଣ କରୁଥିଲେ ବୋଲି ମତପ୍ରକାଶ ପାଇଛି। ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା କୁହନ୍ତି, ରାହାଡ଼ପୁର ଖାଦାନର ଲିଜ୍ ବାହାରେ ଚୋରାଚାଲାଣ ହୋଇଛି। ଏବେ ସପକ୍ଷ ଓ ବିପକ୍ଷବାଦୀ ନାଟକ କରୁଛନ୍ତି। ସରକାରୀ ଭାବେ ଲିଜ୍ ଅଞ୍ଚଳରେ ପିଲର ପୋତି କୌଣସି ଚିହ୍ନଟ କରି ନାହାନ୍ତି। ଏଥିଯୋଗୁ ପାହାଡ ପାଦଦେଶରେ ଥିବା ରାଣୀବନ୍ଧ ଏବଂ ପାଇକରାପୁର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପୋତି ହେବାକୁ ବସିଛି। ଏହି କାରବାରରେ କେତେକ ପ୍ରଭାବଶାଳୀ ନେତା ଓ ତାଙ୍କ କର୍ମୀଙ୍କ ସହଯୋଗ ରହିଥିବାବେଳେ ତହସିଲଦାର ଏବଂ ଆର୍‌ଆଇ ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ନ୍ୟାୟ ପାଇଁ ଖୁବ୍‌ଶୀଘ୍ର ସେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

## ବରୀ ବ୍ଲକ୍‌ରେ ନିର୍ମାଣ ହେବ ୭ ରାସ୍ତା

ବରୀ,୪।୫(ଡି.ଏନ.ଏ.): ବରୀ ବ୍ଲକ୍ ଅଧୀନ ଅଟିରା, କିମ୍ପିରିଆପାଳ, ଚନ୍ଦନପୁର, ରତ୍ନଗିରି, ଅଙ୍ଗାଳୋ, ବୋଦୁଅ, ମହାକାଳପଡ଼ା ଓ ମଧୁସୂଦନପୁର ପଞ୍ଚାୟତରେ ୭ଟି ରାସ୍ତା ନିର୍ମାଣ କରାଯିବ। ଏହା ମୋଟ୍ ୫୧ କି.ମି. ରହିବ। ଏଥିପାଇଁ ପଞ୍ଚାୟତ ଅଧୀନରେ ଥିବା ରାସ୍ତାଗୁଡ଼ିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱ ନେଇଛି। ଏହି ଖବର ପ୍ରଚାରିତ ହେବାପରେ ବ୍ଲକ୍ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଗମନାଗମନ ପାଇଁ ରାସ୍ତାନାହିଁ। ରାସ୍ତା ନିର୍ମାଣ କ୍ଷେତ୍ରରେ ପାଣ୍ଠି ଅଭାବ ଯୋଗୁ ଏହି ସମସ୍ୟା ଦେଖାଦେଇଛି। ବିଭିନ୍ନ ପଞ୍ଚାୟତର ଲୋକେ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନିକଟରେ ଦାବି କରିଥିଲେ। ଏହାକୁ ଗୁରୁତ୍ୱ ଦେଇ ବିଧାୟିକା ସରକାରଙ୍କୁ ପତ୍ର ଲେଖିଥିଲେ। ତାଙ୍କ ଦାବିମୁତାବକ ସରକାର ପଦକ୍ଷେପ ନେଇଥିବାରୁ ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, କିମ୍ପିରିଆପାଳ ସରପଞ୍ଚ ହରପ୍ରିୟା ସାହୁ, ସମିତିସଭ୍ୟା କାବେରି ମାଝି, ଅଟିରା ସରପଞ୍ଚ କୈଳାସ ମଲିକ, ରତ୍ନଗିରି ସରପଞ୍ଚ ସରଳା ମଲିକ, ଅଟିରା ସମିତିସଭ୍ୟ ପ୍ରୀତିରଞ୍ଜନ ଜେନା ଓ ଅଙ୍ଗାଳୋ ସମିତିସଭ୍ୟା ଜ୍ୟୋସ୍ନାରାଣୀ ସେଠୀଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଯୁବ, ଛାତ୍ର ଓ ମହିଳା ସଂଗଠନ ବିଧାୟିକାଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ୧୯ ୱାର୍ଡ ସଭ୍ୟ ନିର୍ବାଚନ ଫଳାଫଳ ଘୋଷଣା

ଧର୍ମଶାଳା,୪।୫(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଧୀନ ୧୫ ପଞ୍ଚାୟତର ୧୯ ୱାର୍ଡରେ ଅନୁଷ୍ଠିତ ଭୋଟର ଗଣତି କରାଯାଇ ଗୁରୁବାର ଫଳାଫଳ ଘୋଷଣା କରାଯାଇଛି। ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସକାଳ ୮ଟାରେ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଭୋଟ ଗଣତି କରାଯାଇଥିଲା। ଏଥିରେ ନେଉଳପୁର ପଞ୍ଚାୟତର ୧୨ନଂ. ୱାର୍ଡରୁ ସୁବାସ ଚନ୍ଦ୍ର ଗେଡ଼ି, ଅଣ୍ଟିଆ ପଞ୍ଚାୟତ ୧୨ନଂ. ୱାର୍ଡରୁ ସୁନୀଲ ଦଳେଇ, ବଡକାଏମା ୨ନଂ. ୱାର୍ଡରୁ ଚିତ୍ତରଞ୍ଜନ ସାହୁ, ବୃନ୍ଦାଦେଇପୁରର ୩ନଂ.ରୁ ଫକୀର ସାହୁ, ଚୋରମୁହାଁ ପଞ୍ଚାୟତର ୬ନଂ.ରୁ ସୁଶାନ୍ତ ବେହେରା ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ଦେଓଦା ପଞ୍ଚାୟତର ୧୦ନଂ. ୱାର୍ଡରୁ ସନ୍ତୋଷ ସାହୁ, ଗଙ୍ଗାଧରପୁର ୭ନଂ. ୱାର୍ଡରୁ ଅପୂର୍ବ ସାମଲ ଓ ୮ନଂ.ରୁ ବିଦ୍ୟାଧର ବରାଳ, ଜାରକା ପଞ୍ଚାୟତ ୪ନଂ.ରୁ ସନ୍ତୋଷ ସାମଲ, କମାଗଡ ପଞ୍ଚାୟତ ୮ନଂ.ରୁ ମନୋଜ ସ୍ୱାଇଁ, କ୍ଷେତ୍ରପାଳ ପଞ୍ଚାୟତ ୬ନଂରୁ ସୁମିତ କୁମାର ସେନାପତି, କୋଡପୁର ୧୦ନଂ. ୱାର୍ଡରୁ ସୌଦାମିନ ମାହନ୍ତ, ମଙ୍ଗଳପୁର ପଞ୍ଚାୟତ ୧୦ନଂ. ୱାର୍ଡରୁ କିଶୋର ଚନ୍ଦ୍ର ନାୟକ, ମର୍ଜିତାପୁର ୧୮ନଂ. ୱାର୍ଡରୁ ରାଧାକାନ୍ତ ପଣ୍ଡା, ପଟୁଣିଆ ୭ନଂ.ରୁ ପ୍ରମୋଦ ଦଳାଇ, ପୁରୁଣାବଉଳମାଳର ୫ନଂ.ରୁ ଈଶ୍ୱର ଦେଉରୀ, ୭ନଂ.ରୁ ସଞ୍ଜୟ ସାମଲ, ୯ନଂ.ୱାର୍ଡରୁ ବଳରାମ ସାମଲ ଓ ୧୩ନଂ.ୱାର୍ଡରୁ ଆରତ ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି।

### ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ଧର୍ମଶାଳା,୪।୫(ଡି.ଏନ.ଏ.): ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗ୍ରାମର ବିପିନ ମଲିକ (୩୨)। ସେ ତାଙ୍କ ସ୍ତ୍ରୀ ଉଷା ମଲିକଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଉଷା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### କ୍ରସରରୁ ଲୁହା ଚୋରି ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,୪।୫(ଡି.ଏନ.ଏ.): ଜେନପୁର ଥାନା ଅନ୍ତର୍ଗତ କୁସୁନପୁରସ୍ଥିତ ବଜରଙ୍ଗୀ କ୍ରସରରୁ ଲୁହା ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲଣ କରିଛି। ଏଥିସହିତ ଚୋରି ଲୁହାକୁ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଇଛଡା ତଳସାହିର ସୁରେନ୍ଦ୍ର ସାହୁ। କ୍ରସରରୁ ଲୁହା ଚୋରି ହୋଇଥିବା ନେଇ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୦/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବନ ବିଭାଗ ଭିଜିଲାନ୍ସ ସ୍କ୍ୱାଡ୍‌ର ଚଢ଼ାଉ





ଭିଜିଲାନ୍ସ ଟିମ୍ ଜବତ କରିଥିବା ଗାଡ଼ି ଓ ଜେସିବି।

- ୪ ଟ୍ରକ୍ ଓ ୧ ଜେସିବି ମେଶିନ ଜବତ
- ୫ ଗାଡ଼ି ଡ୍ରାଇଭର ଗିରଫ
- ଜବତ ଗାଡ଼ି ଓ କଳାପଥରର ମୂଲ୍ୟ ୧ କୋଟି ୧୦ଲକ୍ଷରୁ ଊର୍ଦ୍ଧ୍ୱ

ଚଣ୍ଡିଖୋଲ/ଛତିଆ,୪।୫(ଡି.ଏନ୍.ଏ.): କଟକ ବନ ବିଭାଗର ଭିଜିଲାନ୍ସ ଫ୍ଲାଇଂ ସ୍କ୍ୱାଡ୍ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମୋରମ ଓ କଳାପଥର ବୋଝେଇ ୪ ଟ୍ରକ୍ ସହ ଏକ ଜେସିବି ମେଶିନ୍ ଜବତ କରିଛି। ଏଥିସହିତ ୫ ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ବିଏଫ୍‌ଓ ରଜନୀକାନ୍ତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଯାଜପୁର ଜିଲା ବୈରୀ ରେଞ୍ଜର ଅମିୟଝରୀଠାରେ ଚଢ଼ାଉ କରି ଏକ ମୋରମ ଖାଦାନରୁ ମୋରମ ବୋଝେଇ ହୋଇଥିବା ୨ ହାଇୱା ଓଆର୍-୧୯-ଇ-୮୧୮୬ ଏବଂ ଓଆର୍-୦୨-ଏପି-୨୪୧୫ ସହ ଏବଂ ଏକ ଜେସିବି ମେଶିନ୍‌କୁ ଜବତ କରିଥିଲା। ଏହି ଚୋରାଚାଲାଣ କରୁଥିବା ଅଭିଯୋଗରେ ଗାଡ଼ି ଡ୍ରାଇଭର କଟକ ଜିଲା ଚୌଦ୍ୱାରା ଥାନା ଅନ୍ତର୍ଗତ ଚାରବାଟିଆ ଗ୍ରାମର ସିଲୁ ବେହେରା, କଟକ ରାଣୀହାଟର ସୁରେନ୍ଦ୍ର କୁମାର ଯାଦବ ଓ ଯାଜପୁର ଜିଲା ବଡ଼ଚଣା ଥାନା କୋହ୍ଲା ଗ୍ରାମର ରଞ୍ଜନ ପ୍ରଧାନଙ୍କୁ ମାମଲା ନଂ. ୧୩, ୧୪ ଓ ୧୫ରେ ଗିରଫ କରାଯାଇକୋର୍ଟ ଚାଲାଣ କରାଯାଇଛି। ସେହିଭଳି ଚଣ୍ଡିଖୋଲ ଛକ ନିକଟରୁ କଳାପଥର ବୋଝେଇ କରି ଯାଉଥିବା ୨ ଟ୍ରକ୍ ଓଆର-୦୯-କ୍ୟୁ-୫୧୯୬ ଏବଂ ଓଆର୍-୦୯-ଇ-୧୮୯୮)କୁ ଜବତ କରାଯାଇଛି। ଏହି ୨ ଗାଡ଼ି ଡ୍ରାଇଭର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ସନ୍ତୋଷ କୁମାର ପାତ୍ର, ଧର୍ମଶାଳା ଥାନା ଅନ୍ତର୍ଗତ ନାକପୋଲ ଗ୍ରାମର ଗଣେଶ୍ୱର ଦାସଙ୍କୁ ଫରେଷ୍ଟ କେସ୍ ନଂ.୧୬ ଏବଂ ୧୭ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଗାଡ଼ିଗୁଡ଼ିକୁ ବୈରୀସ୍ଥିତ ଡାଳିଯୋଡା ରେଞ୍ଜ ଅଫିସରେ ରଖାଯାଇଛି।

ବିଭାଗ ତରଫରୁ ଜାରି ପ୍ରେସ୍ ନୋଟ୍‌ରେ ଜବତ ଗାଡ଼ି ଓ ଏଥିରେ ବୋଝେଇ ହୋଇଥିବା କଳାପଥର ଏବଂ ମୋରମର ମୂଲ୍ୟକୁ ମିଶାଇ ୧ କୋଟି ୧୦ଲକ୍ଷ ୩୭ହଜାର ୪ଶହ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ବୁଧବାର ରାତିରେ ପ୍ରବଳ ବର୍ଷା ହେବାଯୋଗୁ ମାଙ୍କଡ଼ା ପଥର ବେଆଇନ ଖାଦାନଗୁଡ଼ିକରେ ଗାଡ଼ି ନ ଥିଲା। ଗୁରୁବାର ଭୋର ସମୟରେ ଚଢାଉ କରାଯାଇଥିବା ବନବିଭାଗ ତରଫରୁ କୁହାଯାଇଛି। ସୂଚନା ଥାଉକି 'ଦର୍ପଣ ତହସିଲ ଅଞ୍ଚଳରେ ବେଆଇନ ମାଙ୍କଡ଼ା ଖାଦାନ' ଶୀର୍ଷକ ଖବର ଧରିତ୍ରୀରେ ୩ତାରିଖରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପରେ ବନ ବିଭାଗ ତରଫରୁ ଚଢ଼ାଉ କରାଯାଇଛି।

## ରାସ୍ତା ଜବରଦଖଲ ଉଚ୍ଛେଦ ଦାବି

ବରୀ,୪।୫(ଡି.ଏନ.ଏ.): ବରୀ ତହସିଲ ଅଧୀନ ଅଲିଆବାଦ ଓ ରତ୍ନଗିରି ଗ୍ରାମର କେତେଜଣ ଲୋକ ଅଲିଆବାଦ-ମହାକାଳପଡ଼ା ରାସ୍ତାର କେତେକ ସ୍ଥାନକୁ ଜବରଦଖଲ କରିଛନ୍ତି। ଫଳରେ ଉକ୍ତ ରାସ୍ତା ସମ୍ପ୍ରସାରଣରେ ବାଧା ସୃଷ୍ଟି ହୋଇଛି। ତେଣୁ ଜବରଦଖଲ ହୋଇଥିବା ସ୍ଥାନକୁ ଚିହ୍ନଟକରି ତୁରନ୍ତ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ବରୀ ତହସିଲଦାରଙ୍କ ସମେତ ଯାଜପୁର ଜିଲାପାଳ ଓ ପୂର୍ତ୍ତ ବିଭାଗ ସଚିବଙ୍କ ନିକଟରେ ଦାବି କରିଛନ୍ତି। ସେମାନେ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଏବେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଲୋକ ସରକାରୀ ରାସ୍ତାକୁ ମଡ଼ାଇ ବ୍ୟକ୍ତିଗତ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ କରିଥିବାରୁ ରାସ୍ତା ସମ୍ପ୍ରସାରଣ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଚରଣ ଦାସଙ୍କ ଘରଠାରୁ ପମ୍ପ ହାଉସ ପର୍ଯ୍ୟନ୍ତ ରାସ୍ତାର ମାପଚୁପ୍ କରାଯାଇ ଜବରଦଖଲ ଉଚ୍ଛେଦ କରାଗଲେ ରାସ୍ତା ପ୍ରଶସ୍ତୀକରଣ ହୋଇପାରିବ। ଯୁବ ସାମାଜିକ କର୍ମୀ ତରୁଣ କୁମାର ଦାସଙ୍କ ନେତୃତ୍ୱରେ ରବୀନ୍ଦ୍ର ମଲିକ, ଶରତ ଚନ୍ଦ୍ର ଶାନ୍ତି, ଉମେଶ ଚନ୍ଦ୍ର ମହାନ୍ତି, ଦାଶରଥି ଶାନ୍ତି, ନାରାୟଣ ଜେନା, ବାବୁଲି କୁମାର ଦାସ, ମାଧବ ଚରଣ ଜେନା, ରାମଚନ୍ଦ୍ର ମଲିକ ଓ ଜଗବନ୍ଧୁ ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବରୀ ତହସିଲଦାର ତିଲୋତ୍ତମା ପୃଷ୍ଟିଙ୍କୁ ପଚାରିବାରେ ସେ କହିଛନ୍ତି, ଉଭୟ ଗ୍ରାମବାସୀଙ୍କ ଅଭିଯୋଗ ମିଳିଛି। ଲୋକଙ୍କ ହିତ ଦୃଷ୍ଟିରୁ ମାପଚୁପ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯିବ।

## ଛତିଆ ଯୁଥ୍ କ୍ଲବ ପକ୍ଷରୁ ନାଟ୍ୟ ମହୋତ୍ସବ

ଛତିଆ,୪।୫(ଡି.ଏନ.ଏ.): ବଡ଼ଚଣା ବ୍ଲକ୍ ଅଧୀନ ଛତିଆଠାରେ ବାବା ଅମରେଶ୍ୱର ନାଟ୍ୟ କଳା ପରିଷଦ ଯୁଥ୍ କ୍ଲବ ପକ୍ଷରୁ ଦୁଇ ଦିନ ଧରି ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ଶ୍ରୀଧର ମହାନ୍ତି ଓ ତପନ ପୃଷ୍ଟିଙ୍କ ନିର୍ଦ୍ଦେଶନାରେ ପ୍ରଥମ ରାତ୍ରି ନାଟକ ଏତେ ଦୁଃଖ କାହିଁ ଦେଲୁ ଦଇବ ଓ ଦ୍ୱିତୀୟ ରାତ୍ରିରେ ଫଗୁଣ ଅଧେକୁ ଶ୍ରାବଣ ଅଧେ ମଞ୍ଚସ୍ଥ ହୋଇଥିଲା। ନାଟକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଅମର ନାୟକ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ କରି ଏହି ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଭରପୁର ଦର୍ଶକ ଏହାର ମଜା ନେଇଥିଲେ। କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଯୁଥ କ୍ଲବର ସଭାପତି ବିନୟ ପ୍ରସାଦ ନନ୍ଦ, ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୭ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ଫଳାଫଳ ଘୋଷଣା



ସମର୍ଥକଙ୍କ ସହ ଅଟିରା ପଞ୍ଚାୟତର ୨ନଂ. ୱାର୍ଡରୁ ବିଜୟୀ ହୋଇଥିବା ସଞ୍ଜୁକ୍ତା ମଲିକ।

ବରୀ,୪।୫(ଡି.ଏନ.ଏ.): ବରୀ ବ୍ଲକ୍‌ର ୭ ୱାର୍ଡ ସଭ୍ୟାସଭ୍ୟ ପ୍ରାର୍ଥୀଙ୍କ ନିର୍ବାଚନ ଫଳାଫଳ ଗୁରୁବାର ଘୋଷଣା କରାଯାଇଛି। ଏଥିରେ ବ୍ଲକ୍ ଅଧୀନ ଅଟିରା ପଞ୍ଚାୟତର ୨ନଂ. ୱାର୍ଡରୁ ସଞ୍ଜୁକ୍ତା ମଲିକ, ଚନ୍ଦନପୁର ପଞ୍ଚାୟତର ୧ନଂ. ୱାର୍ଡରୁ ଧୀରେନ୍ଦ୍ର କୁମାର ମହାରଣା, ବରୀ ପଞ୍ଚାୟତର ୮ନଂ. ୱାର୍ଡରୁ ତୋଫାନ ସାହୁ, ବାଇଁଶିରିଆ ପଞ୍ଚାୟତର ୮ନଂ. ୱାର୍ଡରୁ ଶିବ ଦାସ, ବୋଦୁଅ ପଞ୍ଚାୟତର ୩ ନଂ. ୱାର୍ଡରୁ ପ୍ରଦୀପ୍ତ କୁମାର ବିଶ୍ୱାଳ, ୭ନଂ. ୱାର୍ଡରୁ ପ୍ରଶାନ୍ତ କୁମାର ପଡ଼ିହାରୀ ଏବଂ ରତ୍ନଗିରି ପଞ୍ଚାୟତର ୯ନଂ. ୱାର୍ଡରୁ ଖଗେଶ୍ୱର ମଲିକ ନିର୍ବାଚିତ ହୋଇଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ନିର୍ବାଚନ ୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶଥାଉକି, ସାଧାରଣରେ ୱାର୍ଡ ସଭ୍ୟ/ସଭ୍ୟାଙ୍କ ନିର୍ବାଚନକୁ ଗୁରୁତ୍ୱ ଦିଆଯାଉ ନ ଥିବା ବେଳେ ଚଳିତ ଥର ବିଭିନ୍ନ ରାଜନୈତିକ ଦଳ ତରଫରୁ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ବିଜୟଲାଭ କରିବା କ୍ଷେତ୍ରରେ ଛକା ପଞ୍ଝା ଲାଗି ରହିଥିଲା।

## ବରୁଣେଇ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି




ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ବିଞ୍ଝାରପୁର,୪।୫(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଫତେପୁରସ୍ଥିତ ବରୁଣେଇ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ମୋ ସ୍କୁଲ ଅଭିଯାନ କମିଟି ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ପୁରାତନ ଛାତ୍ର ପଦ୍ମାକର ଗୁରୁ ସଞ୍ଚାଳନ କରିଥିଲେ। ଅତିଥିଭାବେ ପ୍ରାଧାପକ ଚତୁର୍ଭୁଜ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ପୁରୁଷୋତ୍ତମ ନାୟକ, ସୁଧୀର ଆଚାର୍ଯ୍ୟ, ବନମାଳୀ ପତି, ସର୍ବେଶ୍ୱର ଧଳ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାମଲ ପ୍ରମୁଖଙ୍କ ସମେତ ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସର୍ବସମ୍ମତି କ୍ରମେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କ ମିଳିତ ସହଯୋଗରେ ମହାଆଡମ୍ବରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ପାଇଁ ବିଶେଷ ଆଲୋଚନା ହୋଇଥିଲା। ଏହାର ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି।

## ୭ ୱାର୍ଡ ସଭ୍ୟ ଫଳାଫଳ ଘୋଷଣା

ଯାଜପୁର ଟାଉନ,୪।୫(ଡି.ଏନ.ଏ.): ଯାଜପୁର ବ୍ଲକ୍ ଅଧୀନ ୬ ପଞ୍ଚାୟତର ୭ ୱାର୍ଡ ସଭ୍ୟ ନିମନ୍ତେ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମ୍ପନ୍ନ ହୋଇଛି। ୭ ସଭ୍ୟ ପଦ ପାଇଁ ୧୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସକାଳ ୮ଘଟିକାରେ ଭୋଟ୍ ଗଣତି ହୋଇ ୧୨ଟାରେ ଶେଷ ହୋଇଥିଲା। ଫଳାଫଳ ଅନୁଯାୟୀ ଭରବଭପୁର ପଞ୍ଚାୟତର ୨୧ନଂ. ୱାର୍ଡରେ କରୁଣାକର ଦାସ, ବେରୁଦା ପଞ୍ଚାୟତର ୧୨ ନଂ. ୱାର୍ଡରେ ସୌମ୍ୟରଞ୍ଜନ ଘଡେଇ, ସିମିଳିଆର ୨୧ନଂ. ୱାର୍ଡରେ ଅନିତା ରାଉତ, ୧୪ନଂ. ୱାର୍ଡର ପ୍ରଶାନ୍ତ ନାୟକ, ଛତିଶିଦେବିଲ ପଞ୍ଚାୟତର ୨ନଂ. ୱାର୍ଡରେ କୈଳାସ ଚନ୍ଦ୍ର ବିଶ୍ୱାଳ, ପଣସାର ୬ନଂ. ୱାର୍ଡର ଫନିନ୍ଦ୍ର କୁମାର ମହାନ୍ତି, ବିଚିତ୍ରପୁରର ୧୧ନଂ. ୱାର୍ଡର କ୍ଷୀରୋଦ ସାହୁ ପ୍ରମୁଖ ନିଜ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅଧିକ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି।

# ନଗଡ଼ାରେ ପୋଡୁଚାଷ ପାଇଁ ଜଙ୍ଗଲ କଟା ଆରମ୍ଭ

## ନିଷ୍କ୍ରିୟ ହୋଇଗଲାଣି ବନ ବିଭାଗ

କାଳିଆପାଣି,୪।୫(ଡି.ଏନ.ଏ.): ସୁକିନ୍ଦା ବନାଞ୍ଚଳ ଅଧୀନ ଚିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ା ଜଙ୍ଗଲକୁ ଜୁଆଙ୍ଗମାନେ ପୋଡୁଚାଷ ପାଇଁ ବ୍ୟବହାର କରୁଛନ୍ତି। ସେଥିପାଇଁ ନଗଡ଼ାରେ ଆରମ୍ଭ ହେଲାଣି ଜଙ୍ଗଲ କଟା। ବର୍ଷା ଦିନେ ଉକ୍ତ ଚାଷ କରିବା ପାଇଁ ପାହାଡ଼ର ଜଙ୍ଗଲ କାଟି ସଫା କରାଯାଉଛି। ଜଙ୍ଗଲରେ ବସବାସ କରୁଥିବା ଜନଜାତି ଜୁଆଙ୍ଗମାନେ ଶହଶହ ଏକର ପାହାଡ଼ରୁ ଗଛ କାଟି ସେଥିରେ ନିଆଁ ଲଗାଇ ଚାଷ ଉପଯୋଗୀ ଭାବେ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ତେବେ ଜଙ୍ଗଲ ସୁରକ୍ଷା ନିମନ୍ତେ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରିବା ସହିତ ଦକ୍ଷ ପଦାଧିକାରୀ, ସ୍କ୍ୱାଡ୍ ଓ ବନ ଜଗୁଆଳି ନିଯୁକ୍ତି ଦେବା ଶହ



ନଗଡ଼ାରେ ପୋଡୁଚାଷ ପାଇଁ ଜଙ୍ଗଲ କଟାଚାଲିଛି।

ଆବଶ୍ୟକ ଯନ୍ତ୍ରପାତି ଏବଂ ଯାନବାହନ ଯୋଗାଇ ଦେଇଥିଲେ ମଧ୍ୟ ସେ ସବୁ ଫେଲ୍ ମାରିଛି। ଜଙ୍ଗଲକୁ ବନ ବିଭାଗର ବହୁ କର୍ମଚାରୀ ଜଗି ରହିଥିବାବେଳେ ୪ ଚକିଆ ଗାଡ଼ିରେ ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ହେଲେ ନଗଡ଼ାରେ ପାହାଡ଼ରୁ ଗଛ କାଟି ସେଥିରେ ନିଆଁ ଲଗାଇ ସଫା କରା ଯାଉଥିଲେବି ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହା ଏକ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି।

ବିଗତ ଦିନରେ ନଗଡ଼ା ପାର୍ବତ ଅଞ୍ଚଳରେ ପୋଡୁଚାଷର ଏକ ଭୂସ୍ୱର୍ଗ ଥିଲା। ହେଲେ ନଗଡ଼ାରେ ଅପପୁଷ୍ଟି ଶିଶୁ ମୃତ୍ୟୁ ପରେ ରାଜ୍ୟ ସରକାରଙ୍କ ବଡ଼ ଅଧିକାରୀ ନଗଡ଼ାଗସ୍ତରେ ଆସିଥିଲେ। ତେଣୁ ବନ ବିଭାଗର ଅଧିକାରୀମାନେ କାଠଚୋରି ରୋକିବା ସହ ପୋଡୁଚାଷରେ ଲଗାମ ଲଗାଇ ଲଣ୍ଡା ପାହାଡ଼ରେ ଚାରାରୋପଣ କରି ସବୁଜିମା ସୃଷ୍ଟି କରିଥିଲେ। ଏବେ ବନ ବିଭାଗର ନିଷ୍କ୍ରିୟତା ଯୋଗୁ ଜୁଆଙ୍ଗମାନେ ପୁଣି ସବୁଜ ଶ୍ୟାମଳ ପାହାଡ଼କୁ କାଟି ଲଣ୍ଡା କରିବାର ପନ୍ଥା ଆପଣେଇଥିବା ଅନୁମାନ କରାଯାଉଛି। ତୁରନ୍ତ ବନ ବିଭାଗ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ପୋଡୁଚାଷ ପାଇଁ ପାହାଡ଼ ଧ୍ୱଂସ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଫରେଷ୍ଟର ନରେଶ କୁମାର ଟୁଡୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ମାଙ୍କଡ଼ ଘଉଡ଼ାଇବାକୁ ଯାଇ ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ, (ଡି.ଏନ.ଏ.):** ଗଛରେ ମାଙ୍କଡ଼ ଚଢ଼ି ଆମ୍ବ ଖାଉଥିଲା। ଘଉଡ଼ାଇବାକୁ ଗଛ ଉପରକୁ ଚଢ଼ିଗଲେ। ମାଙ୍କଡ଼ କାମୁଡ଼ିବାକୁ ଗୋଡ଼ାଇବାରୁ ତଳକୁ ଖସି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟିଛି ମାର୍ଶାଘାଇ ଥାନା ଅନ୍ତର୍ଗତ ବାହାକାଣ୍ଡିଆ ଗାଁର ରବୀନ୍ଦ୍ର ନାଥ ସ୍ୱାଇଁ (୫୫)ଙ୍କ କ୍ଷେତ୍ରରେ। ଗୁରୁବାର ମଧ୍ୟାହ୍ନରେ ନିଜ ବାଡ଼ିରେ ଥିବା ଗଛରେ ମାଙ୍କଡ଼ ଆମ୍ବ ଖାଉଥିବା ଦେଖି ତାକୁ ଘଉଡ଼େଇବା ଟେକା ପଥର ପକାଇଲେ । ହେଲେ ମାଙ୍କଡ଼ ନ ଯିବାରୁ ଗଛ ଉପରକୁ ଚଢ଼ିଥିଲେ। ମାତ୍ର ମାଙ୍କଡ଼ ତାଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା। ଫଳରେ ସେ ଗଛରୁ ଖସି ପଡ଼ିଥିଲେ। ପରିବାର ଲୋକ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

### ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**ଏରସମା,୪।୫(ସ୍ୱ.ପ୍ର.):** ଏରସମା ବ୍ଲକରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଗୁରୁବାର କାଣିପଦା ଗ୍ରାମର ଜାମୁମଠରେ ଅନୁଷ୍ଠିତ ହୋଇଯାଇଛି। ୨୦୦୧ରୁ ୨୦୧୫ ମଧରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ନିର୍ବାଚନରେ ଅଶୋକ କୁମାର ଖଣ୍ଡୁଆଳ ସଭାପତି, ନୀହାର ରଞ୍ଜନ ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ସରୋଜ କୁମାର ବେହେରା ଓ ଲୀନା ନନ୍ଦ ଯୁଗ୍ମ ଉପସଭାପତି, ବୈଷ୍ଣବ ଚରଣ ବିଶ୍ୱାଳ ସମ୍ପାଦକ, ଜିତେନ୍ଦ୍ର କୁମାର ଖଟୁଆ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ଦିଲୀପ କୁମାର ଦାସ, ଶ୍ରୀକାନ୍ତ ରାଉତ, ବିଶିକେଶନ ବାରିକ, ସଞ୍ଜୀବ ଗୁରୁ, ସୁବାସ ସେଠୀ ଓ ମନୋରମା ସାମଲ ପ୍ରମୁଖ ମନୋନୀତ ହୋଇଛନ୍ତି।

### କଲେଜର ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ

**ରାଜନଗନିକା, ୪।୫(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଓଲାଭର ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ପ୍ରାଧାପକ ହଳଧର ବେହେରା ଯୋଗଦାନ କରିଛନ୍ତି। ଦାୟିତ୍ୱ ନେବା ପରେ ମହାବିଦ୍ୟାଳୟର ଅଧାପିକାଅଧାପକଙ୍କ ସମେତ କର୍ମକର୍ତ୍ତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧରେ ମନୋଜ ସାହୁ, ସୁକାନ୍ତ ପ୍ରଧାନ, ଅଧାପକ ମୂରଲୀଧର କର, ରମାକାନ୍ତ ପରିଡା, ମଧୁସ୍ମିତା ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

### ଶୀତଳ ଷଷ୍ଠୀ ପାଇଁ ନିର୍ବନ୍ଧ ଉତ୍ସବ

**ଏରସମା,୪।୫(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ତଥା ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମର ଗ୍ରାମେଶ୍ୱର ପୀଠରେ ଶୀତଳ ଷଷ୍ଠୀ ପାଇଁ ଗୁରୁବାର ନିର୍ବନ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବର ପକ୍ଷରୁ ବାପା ଭାବେ ନାରଦିଆ ଗ୍ରାମର ତପନ ମିଶ୍ର ଓ କନ୍ୟା ପକ୍ଷରୁ ବାପା ଭାବେ ପାଟଣାଗ୍ରାମର ଜଟାଧାରୀ ଜେନାଙ୍କୁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମନୋନୀତ କରାଯାଇଛି । ପରମ୍ପରା ଅନୁସାରେ ଗ୍ରାମେଶ୍ୱର ମନ୍ଦିରରୁ ବରପକ୍ଷ ଶୋଭାଯାତ୍ରାରେ ବାହାରି ଗୋବିନ୍ଦପୁର ଗ୍ରାମ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ମା’ ନାରାୟଣୀଙ୍କ ପୀଠରେ ନିର୍ବନ୍ଧ କାର୍ଯ୍ୟ ସମାପନ ହୋଇଥିଲା। ଆସନ୍ତା ୨୪, ୨୫ ତାରିଖ ଦୁଇଦିନ ଧରି ଶୀତଳ ଷଷ୍ଠୀ ଉତ୍ସବ ତଥା ଦେବ ଦମ୍ପତିଙ୍କ ବିବାହ ସମାରୋହ କରାଯିବ ବୋଲି ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର କହିଛନ୍ତି।

# ମୌଳିକ ସୁବିଧାରୁ ପଟ୍ଟାମୁଣ୍ଡାଇ ସହରବାସୀ ବଞ୍ଚିତ

**ପଟ୍ଟାମୁଣ୍ଡାଇ, ୪।୫(ସ୍ୱ.ପ୍ର.)**

- ପୌରା ପରିଷଦ ଘୋଷଣାକୁ ୩୫ ବର୍ଷ
- ନଦୀ, ପୋଖରୀକୁ ବର୍ଦ୍ଧିତ ସହର ମାଡୁଛି
- ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ନେଇ ଚିନ୍ତା

କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇକୁ ୧୯୮୮ରେ ରାଜ୍ୟ ସରକାର ଏନ୍ଏସ୍‌ସି ଓ ପରେ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରିଥିଲେ। ଇତିମଧରେ ଏହି ମ୍ୟୁନିସିପାଲିଟି ଘୋଷଣାକୁ ୩୫ବର୍ଷ ପୂରିଛି। କ୍ରମବର୍ଦ୍ଧିଷ୍ଣୁ ସହର ଏବେ ନଦୀ, ନାଳ, ପୋଖରୀକୁ ମାଡ଼ିବାରେ ଲାଗିଛି। ସରକାରୀ ଜମି ଜବରଦଖଲ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଛି। ନଦୀ, ନାଳ ଓ ପୋଖରୀ ଅଳିଆ ଆବର୍ଜନାରେ ଭରି ରହିବା ହେତୁ ବର୍ଷ ସାରା ମଶା ଓ ମାଛିଙ୍କ ବାସସ୍ଥଳ ପାଲଟିଛି। ଏହି ସହରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଟ୍ଟମୁଣ୍ଡାଇ ସହରବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପାରେଶ୍ୱର ସେଠୀ କହିଛନ୍ତି, ୬।୧୨।୧୯୮୮ରେ ପଟ୍ଟାମୁଣ୍ଡାଇ ସମେତ କଷଣଅଣ୍ଡା, ମାଟିଆ, ବାଲିପାଟଣା, ନୀଳକଣ୍ଠପୁର ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ନେଇ ଏନ୍ଏସିର ମାନ୍ୟତା ପ୍ରଦାନ କରାଯାଇଥିଲା। ପରେ ୨୪।୨।୨୦୧୪ରେ ପଟ୍ଟାମୁଣ୍ଡାଇ ଏନ୍ଏସିରୁ ମ୍ୟୁନିସିପାଲିଟିର ମାନ୍ୟତା ମିଳିଥିଲା। ବର୍ତ୍ତମାନ ଏହାର ଜନସଂଖ୍ୟା ୪୪,୫୨୮ ହୋଇଥିବାବେଳେ ମୋଟ ୨୦ଟି ୱାର୍ଡ ରହିଛି। ଜନସଂଖ୍ୟା ବୃଦ୍ଧି ଆଖି ଆଗରେ ରଖି ୱାର୍ଡ ପୁନଃ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇନାହିଁ। ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଲୋକମାନଙ୍କର ବିଭିନ୍ନ ସମସ୍ୟା ରହିଛି। ତନ୍ମଧ୍ୟରୁ ପାଣି ନିଷ୍କାସନ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବଜାର, ଟ୍ରାଫିକ ସମସ୍ୟା ସମେତ ପାଠାଗାର ପ୍ରତିଷ୍ଠା ସହରବାସୀଙ୍କର ମୌଳିକ ସମସ୍ୟା ରହିଛି। ସାମାଜିକ କର୍ମୀ ଲକ୍ଷ୍ମୀଧର ବାରିକ କୁହନ୍ତି, ମାତ୍ର ୫ଟି ପଞ୍ଚାୟତ ନେଇ ପଟ୍ଟାମୁଣ୍ଡାଇ


ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ।

ଏନ୍ଏସି ଗଠନ ହୋଇଥିଲା। ତତ୍କାଳୀନ ସମୟରେ ଜଳପଥକୁ ବ୍ୟବହାର କରାଯାଉଥିଲା। ଏପରିକି ୧୮୮୬ ନଅଙ୍କ ଦୁର୍ଭିକ୍ଷ ପରେ ଜଗତପୁର-ପଟ୍ଟାମଣ୍ଡାଇ ଓ ଗୋବରୀ ସମ୍ପ୍ରସାରିତ କେନାଲ, ଗୋବରୀ ନଦୀ ଆଦିରେ ନୌପରିବହନ ହେଉଥିଲା। ଇତିମଧରେ ସହରର ୨୦ ୱାର୍ଡରେ ମାତ୍ର ଗୋଟିଏ ୨ଟି ପୋଖରୀ ଦେଖାଯାଉଛି। ପ୍ରାୟ ୧୫ଟି ପୁରାଣ ପ୍ରସିଦ୍ଧ ପୋଖରୀ, ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ନାଳ ଓ ପୋଖରୀଗୁଡିକ ଆବର୍ଜନାରେ ଭର୍ତ୍ତି ହୋଇଛି। ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ସହ ପରିବେଶ ଦୂଷିତ ହେଉଛି। କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରୀ ଓ ନାଳର ପୁନରୁଦ୍ଧାର ହୋଇପାରନ୍ତା। ତେବେ ସ୍ଥାନୀୟ ନେତୃତ୍ୱଙ୍କ ମନଭାବ ଅଭାବ ସହ ପ୍ରଶାସକଙ୍କ ଏଥିପ୍ରତି ଦୃଷ୍ଟି ପଡୁନାହିଁ। ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇର ମୁଖ୍ୟ ସମସ୍ୟା ମଧ୍ୟରେ ଟ୍ରାଫିକ୍ ବ୍ୟବସ୍ଥା ଗୁରୁତର ହୋଇଛି। ବୁଲା ଗୋରୁ, ଛେଳିମେଣ୍ଢା ଯୋଗୁ ଟ୍ରାଫିକ ନିୟନ୍ତ୍ରଣ ବେହାଲ ହେଉଛି। ସେହିପରି ସହରାଞ୍ଚଳରେ ନିର୍ଦ୍ଧାରିତ ସ୍ଥାନରେ ବଜାର ଭେଣ୍ଡି ଜୋନ ଖୋଲା ନ ଯିବା ଆଉ ଏକ ସମସ୍ୟା। ବର୍ଷାଦିନେ ସହରାଞ୍ଚଳ ବହୁ ସ୍ଥାନ ଜଳାର୍ଣ୍ଣବ ହେଉଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜ ସିଷ୍ଟମକୁ ଅଦ୍ୟାବଧି ସଜଡ଼ା ଯାଇ ପାରିଲା ନାହିଁ। ପୌରାଞ୍ଚଳର ବିଭିନ୍ନ ସାହିବସ୍ତିରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି। ପୌରାଞ୍ଚଳ ରାସ୍ତାପାର୍ଶ୍ୱର ଆଲୋକୀକରଣ ବ୍ୟବସ୍ଥା ସଜାଡ଼ିବା ପାଇଁ କିଣା ଯାଇଥିବା ଗାଡ଼ି ଏବେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପଡ଼ି ଖତ ଖାଉଛି। ଆଲୋକୀକରଣ ବ୍ୟବସ୍ଥାକୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବାରୁ ସହରବାସୀ ବହୁ ସମୟରେ ରାତ୍ରକାଳରେ ଷ୍ଟ୍ରିଟ ଆଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି। ସୌମ୍ୟରଞ୍ଜନ ଧଳ କୁହନ୍ତି, ପୌରପାଳିକା ଅଧୀନରେ ବିଭିନ୍ନ ପୋଖରୀ ଥିଲେ ମଧ ସଫା ହୋଇପାରୁନାହିଁ। ଏପରି କି ତହସିଲ କାର୍ଯ୍ୟାଳୟ ପରିସରରେ ଥିବା କଚେରୀ ପୋଖରୀର ପୁନରୁଦ୍ଧାର ପାଇଁ ପ୍ରାୟ ଦେଢ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲେ ମଧ ଅଧାପନ୍ତରିଆ ହୋଇ ପଡ଼ିରହିଛି। ସୁଚିନ୍ତିତ ଯୋଜନା ନ ଥିବାରୁ ରାସ୍ତାଗୁଡିକ ସଙ୍କୁଚିତ ହୋଇରହିଛି। ଗୋବରୀ ନଦୀ ପଠା,ସରକାରୀ ଜମି ଓ ଦକ୍ଷିଣଦିଆ ମାଆବିଣା ଗୋଚର ପଡ଼ିଆ ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି। କ୍ଷୀରୋଦ ମଲ୍ଲିକ କହିଛନ୍ତି, ପୌରାଞ୍ଚଳ ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅନୁଦାନ ଯୋଗାଇ ଦେବା କଥା। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ମାନ୍ୟତା ପାଇଥିଲେ ମଧ ବହୁ ପଛରେ ପଡିଛି। ଏ ସମ୍ପର୍କରେ ପୌରାଧକ୍ଷା ହେମନ୍ତ ସାହୁଙ୍କୁ ପଚାରିବାରେ କିଛିବର୍ଷ ମଧରେ ସହରର ରୂପରେଖ ବଦଳିଛି। ଆଲୋକୀକରଣ, ରାସ୍ତାଘାଟର ଉନ୍ନତି ସହ ପାର୍କ ଆଦି ସ୍ଥାପନ ହୋଇଛି। ପ୍ରତି ୱାର୍ଡ ମଧରେ ଥିବା ସ୍ଥାନୀୟ ସମସ୍ୟାଗୁଡିକ କାଉନସିଲରଙ୍କ ସହ ପୌର ପ୍ରଶାସନ ଅନୁଧ୍ୟାନ କରୁଛି। ଖୁବ୍‌ଶୀଘ୍ର ଏହି ସହରକୁ ରାଜ୍ୟର ଉନ୍ନତ ସହର ମଧରେ ରଖିବାକୁ ପ୍ରକ୍ରିୟା ଜାରି ରହିଛି।

# ପାରାଦୀପ ବନ୍ଦରରେ ମିଳିତ ଏଜେନ୍ସିର ମକ୍‌ଡ୍ରିଲ

**ପାରାଦୀପ,୪।୫(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ସିଆଇଏସଏଫ ୟୁନିଟ ପରିସରରେ ଗୁରୁବାର ମିଳିତ ଏଜେନ୍ସି ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ଏନ୍‌ଡିଆରଏଫ, ଡବ୍ଲ୍ୟୁସେଫ୍ଟି, ସିଆଇଏସ୍ଏଫ, ଓଡିଶା ଅଗ୍ନିଶମ ବିଭାଗ, ତୈଳ ବିଶୋଧନାଗାର, ଇଫ୍‌କୋ, ପିପିଏଲ୍, ଏଏମ୍ଏନ୍ଏସ୍, ଆଇଓସିଏଲ, ବିପିସିଏଲ, ଏଚପିସିଏଲ ସମେତ ଅନ୍ୟ ଶିଳ୍ପ ସଂସ୍ଥାର ଫାୟାର ୟୁନିଟଗୁଡ଼ିକ ଏଥିରେ ସାମିଲ ହୋଇଥିଲେ। ବାତ୍ୟା, ଆତଙ୍କବାଦୀ ଘଟଣା, ଆଗ୍ନିକ ବିପଦ ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ମୁକାବିଲା ଏବଂ ପରିଚାଳନା କରାଯିବ ସେ ସମ୍ପର୍କିତ ଅଭ୍ୟାସ ଓ ଆଲୋଚନା ହୋଇଥିଲା। ବନ୍ଦର ସଚିବ ପି.ଏନ୍ ବେହକର ଏହାକୁ ଆରମ୍ଭ କରିଥିଲେ।



ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ସିଆଇଏସ୍ଏଫ ୟୁନିଟ ପରିସରରେ ମିଳିତ ଏଜେନ୍ସି ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି।

ଏନଡିଆର୍ଏଫ୍ କମାଣ୍ଡାଣ୍ଟ ବର୍ଦ୍ଧମାନ ମିଶ୍ର ଓ ସିଆଇଏସ୍ଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ଏହାକୁ ସମୀକ୍ଷା କରିଥିଲେ। ଶେଷରେ ସିଆଇଏସ୍ଏଫ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ କୁମାର ସମସ୍ତ ଏଜେନ୍ସି ପ୍ରତିନିଧିଙ୍କୁ ଧନ୍ୟବାଦ ଦେଇଥିଲେ।

# ଆଶୁ କବିତା, କଥା ଚାତୁର ଲୋକଙ୍କୁ ଅପଣାଉଥିଲେ

**ଡେରାବିଶ,୪।୫ (ସ୍ୱ.ପ୍ର.)**

### ହୃଦ୍‌ଘାତରେ ଦହିବରା ବିକାଳିଙ୍କ ପରଲୋକ

କେନ୍ଦ୍ରାପଡ଼ା ବ୍ଲକ ଭାଗବପୁର ପଞ୍ଚାୟତ ଅନ୍ତର୍ଗତ ପୋଇଲୋ ଗାଁର ଦହିବରା ବିକାଳି ବୈରାଗୀ ସାହୁ (୫୫)ଙ୍କ ବୁଧବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଶୁ କବିତା ଓ ନିଜର କଥାର ଚାତୁରୀରେ ସକାଳୁ ସନ୍ଧ୍ୟାଯାଏ ନିଜର ଦହିବରା ପ୍ରତି ଲୋକଙ୍କ ମଧ୍ୟରେ ସେ ଆଗ୍ରହ ସୃଷ୍ଟି କରୁଥିଲେ। ଏଥି ପାଇଁ ଅଞ୍ଚଳରେ ଜଣେ ଲୋକପ୍ରିୟ ଦହିବରା ବିକାଳି ଭାବେ ପରିଚିତ ଥିଲେ। ସାହୁଙ୍କଠାରୁ ଦହିବରା ଖାଇବାକୁ ଏ ଅଞ୍ଚଳରେ ଯେପରି ସମସ୍ତେ ଅପେକ୍ଷା କରିଥାନ୍ତି। ବିଶେଷ କରି ବାଲିଆ ଓ ଚାନ୍ଦୋଳ ବଜାର ସମେତ ଆଖପାଖ ଗାଁରେ ପରିଚିତ ଥିଲେ। ବୈରାଗୀ ବୁଧବାର ସନ୍ଧ୍ୟାରେ ବାଲିଆ ବଜାରରେ ତାଙ୍କର ଦହିବରା ପ୍ରସ୍ତୁତି ପାଇଁ ଦୋକାନରୁ ସାମଗ୍ରୀ କିଣୁଥିବା ବେଳେ ହଠାତ୍ ପଡ଼ି ଯାଇଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ଶୋକାକୁଳ ପରିବେଶରେ ବୈରାଗୀଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ମୁଗ ଭାଗ ନ ଆଣିବାରୁ ବୋହୂପୁଅଙ୍କୁ ବାପା ହାଣିଲେ

**ଆଳି,୪।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଗୁରୁବାର ନିଜ ଜମିରୁ ମୁଗ ଭାଗ ନ ଆଣିବାରୁ ବୋହୂପୁଅଙ୍କୁ ଭୁଜାଲିରେ ବାପା ହାଣଛନ୍ତି। ପୋଲିସ ଅଭିଯୁକ୍ତ ବାପାଙ୍କ ନିକଟରୁ ଭୁଜାଲି ଜବତ କରିବା ସହ ଗିରଫ କରିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଥାନା ଅନ୍ତର୍ଗତ ସାନଆଙ୍ଖୋ ଗାଁରେ। ଗ୍ରାମର ବାସନ୍ତୀ ବେହେରା ଆଳି ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଶ୍ୱଶୁର ପଞ୍ଚାନନ ତାଙ୍କ ଚାଷ ଜମିକୁ ଗ୍ରାମରେ ଜଣେ ଚାଷୀକୁ ଭାଗରେ ଦେଇଥିଲେ। ଜମିରେ ହୋଇଥିବା ମୁଗ ଫସଲରୁ ତାଙ୍କ ଭାଗ ଆଣିବା ନିମନ୍ତେ ତାଙ୍କୁ ଓ ତାଙ୍କ ସ୍ୱାମୀ ସହଦେବଙ୍କୁ କହିବାରୁ ସେମାନେ ଭାଗ ଆଣିବା ନିମନ୍ତେ ମନା କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ତାଙ୍କ ଶ୍ୱଶୁର ଏକ ଭୁଜାଲି ଆଣି ତାଙ୍କ ମୁଣ୍ଡକୁ ଲକ୍ଷ କରି ହାଣି ଥିଲେ। ସେ ଚିତ୍କାର କରିବାରୁ ସ୍ୱାମୀ ଚାଲି ଆସିବାରୁ ତାଙ୍କ ହାତକୁ ମଧ ହାଣି ଦେଇଥିଲେ। ଏହି କାଣ୍ଡ ଶ୍ୱଶୁରୁ ଭିଆଇବା ଓ ପାଟି ଶୁଣି ଗ୍ରାମବାସୀ ସେମାନଙ୍କ ନିକଟରେ ପହଞ୍ଚି ଯିବା ପରେ ପଞ୍ଚାନନ ଭୁଜାଲି ଧରି ଘରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୋଲିସ ଖବର ପାଇ ଶ୍ୱଶୁର ପଞ୍ଚାନନଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଭୁଜାଲି ଜବତ କରିଥିଲା। ଭୁଜାଲି ଛାଡାଛଡିରେ ପଞ୍ଚାନନଙ୍କ ଦେହରେ କ୍ଷତ ସୃଷ୍ଟି ହୋଇଥିବାରୁ ତାଙ୍କୁ ଚିକିତ୍ସା କରି ଥାନାରେ ଅଟକ ରଖିଛି। ସହଦେବଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବାସନ୍ତୀଙ୍କ ଚିକିତ୍ସା କରାଯିବା ପରେ ଘରକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ନଂ.୪୨୭/୨୩ରେ ମାମଲା ରୁଜୁହୋଇଛି। ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି।


ସ୍ୱାସ୍ଥ୍ୟକେନ୍ଦ୍ରରେ ବାସନ୍ତୀ ବେହେରା ଚିକିତ୍ସିତ ହେଉଛନ୍ତି।

### ଯୌତୁକ ନିର୍ଯାତନା ପାଇଁ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ପାରାଦୀପ,୪।୫ (ସ୍ୱ.ପ୍ର.)**

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚୂନବେଲାରୀ ଗ୍ରାମରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତକ ହେଲେ ଏହି ଗ୍ରାମର ରୋଜାଲିନ୍ ପ୍ରଧାନ (୨୪)। ଯୌତୁକ ପାଇଁ ସ୍ୱାମୀ ଓ ପରିବାର ଲୋକେ ମାନସିକ, ଶାରୀରିକ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଛନ୍ତି ବୋଲି ମହିଳାଙ୍କ ମା’ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୭୮/୨୩) ରୁଜୁ କରିବା ସହ ସ୍ୱାମୀଙ୍କୁ ଅଟକ ରଖିଛି। ରୋଜାଲିନ୍ ୪ ବର୍ଷ ତଳେ ନିକଟସ୍ଥ ବାଲିଡିଆ ଗ୍ରାମର ହିମାଂଶୁ ରଣାଙ୍କ ସହ ପ୍ରେମ ବିବାହ କରିଥିଲେ। ତାଙ୍କର ଦେଢ଼ ବର୍ଷର ପୁତ୍ର ସନ୍ତାନ ଅଛି। ବୁଧବାର ରୋଜାଲିନଙ୍କୁ ଶାଶୁଘର ଲୋକେ ମାଡ଼ ଗାଳି ଦେଇ ବାହାର କରି ଦେଇଥିଲେ। ସେ ଅତ୍ୟଧିକ ମାନସିକ ଚାପରେ ବାପଘରେ ଥିଲେ। ଗୁରୁବାର ସକାଳେ ଘରେ କେହି ନ ଥିବାବେଳେ ପିନ୍ଧା ଶାଢ଼ି ଯୋଗେ ରୋଜାଲିନ୍ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି।

# ଜାତୀୟ ମେଧାବୃତ୍ତି ପରୀକ୍ଷାରେ ସୂର୍ଯ୍ୟକାନ୍ତଙ୍କ ସଫଳତା

**କୁଜଙ୍ଗ,୪।୫ (ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସୂର୍ଯ୍ୟକାନ୍ତ ରାୟ (ସିପୁନୁ) ଜାତୀୟ ଆୟ ମେଧାବୃତ୍ତି ପରୀକ୍ଷା ୨୦୨୩ରେ ସଫଳତା ପାଇଛନ୍ତି। ସେ ଏହି ପରୀକ୍ଷାରେ ଜିଲାସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେ ହେଲେ ବାଲିତୁଠ ଗ୍ରାମର ନିବାସ ରାୟ ମା’ ଗାୟତ୍ରୀ ସାହୁଙ୍କ ପୁତ୍ର । ତାଙ୍କର ଏହି ସଫଳତାପାଇଁ ବିଦ୍ୟାଳୟ ତରଫରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ କନକ ଲତା ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂର୍ଯ୍ୟକାନ୍ତଙ୍କୁ ଫୁଲତୋଡା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଲିତୁଠ ପଞ୍ଚାୟତର ଛାତ୍ର ଆଜି ଜିଲା ପାଇଁ ଗୌରବ ଆଣିଦେଇଛି ବୋଲି ସେ କହିବା ସହ ସୂର୍ଯ୍ୟକାନ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସେଠୀ ସୂର୍ଯ୍ୟକାନ୍ତଙ୍କ ସଫଳତାକୁ ପ୍ରଶଂସା କରିବା ସହ ଆମ ଶିକ୍ଷକତା ଜୀବନକୁ ଚରିତାର୍ଥ କରିଛି ବୋଲି କହିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ ସ୍ୱାଇଁ ଯୋଗଦେଇ ତାଙ୍କ ବିଦ୍ୟାଳୟର ଛାତ୍ର ସଫଳତାର ଶୀର୍ଷରେ ପହଞ୍ଚି ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର,୪।୫(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ବଡ଼ତିହଡ଼ା ଗ୍ରାମର ନୃସିଂହନାଥ ମନ୍ଦିର ନିକଟରେ ସୋମବାରଠାରୁ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଶୁକ୍ରବାର ପୂର୍ଣ୍ଣାହୁତି ହେବ। ଏହି ମହାଯଜ୍ଞ ଉପଲକ୍ଷେ ଅଙ୍କୁରାରୋପଣ ଓ କଳସ ଯାତ୍ରା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇ ଆହୁତି ପ୍ରଦାନ, ମହାବୀରଜୀଉଙ୍କ ଷୋଡ଼ଶ ଉପଚାର ପୂଜା, ରୁଦ୍ରାଭିଷେକ ଓ ପାରାୟଣ ଆଦିବିଧି କରାଯାଇଛି। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ନରେନ୍ଦ୍ରନାଥ ରାଉତ ଓ ଚିନ୍ମୟୀ ରାଉତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏନେଇ ପ୍ରତିଦିନ ଭଜନ ସନ୍ଧ୍ୟା ସହ ପ୍ରବଚନ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ସାନତିହଡ଼ା, ବଡତିହଡ଼ା ଓ ବିଶ୍ୱନାଥପୁର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

# ଟ୍ରକ୍ ଚାଳକମାନଙ୍କୁ ୧୦୦ ଦିନ ପାଇଁ ପାଣି, ବିସ୍କୁଟ ବଣ୍ଟନ

**କୁଜଙ୍ଗ,୪।୫ (ଡି.ଏନ୍.ଏ.)**

ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ରାଜ୍ୟ ବାହାରୁ ତଥା ଦୂର ଦୂରାନ୍ତ ଖଣି ଅଞ୍ଚଳରୁ ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ବହନକରି ଆସୁଥିବା ଟ୍ରକଗୁଡ଼ିକ ଦୀର୍ଘ ସମୟଧରି ବନ୍ଦର ଫାଟକରେ ପ୍ରବେଶ ନିମନ୍ତେ ରାସ୍ତାରେ ଅପେକ୍ଷା କରୁଛନ୍ତି । ଏହି ସମୟରେ ସେମାନେ ଖାଦ୍ୟ ପାନୀୟ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପିପିପିଏଲ୍‌କୁ ଆସୁଥିବା ଟ୍ରକ ଚାଳକମାନଙ୍କୁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିସ୍କୁଟ ଓ ପାଣି ବୋତଲ ବଣ୍ଟନ କରାଯାଉଛି । ପ୍ରତିଦିନ ଦୁଇବେଳା ଏହା ଯୋଗାଇ ଦିଆଯାଉଛି । ଦୈନିକ ପ୍ରାୟ ୬୦୦ ଚାଳକଙ୍କୁ ଏହି ସହାୟତା ଯୋଗାଇ ଦିଆଯାଉଛି। କମ୍ପାନୀ ପକ୍ଷରୁ ୬୦ହଜାର ବିସ୍କୁଟ ପ୍ୟାକେଟ ଓ ସେହି ପରିମାଣର ପାଣି ବୋତଲ ୧୦୦ଦିନ ମଧରେ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଜେଏସଡବ୍ଲ୍ୟୁର ଏହି କାର୍ଯ୍ୟକୁ ଚାଳକ ନରୋତ୍ତମ ସାହୁ, ପ୍ରଶାନ୍ତ ପାତ୍ର, ବିଏ ହେମ୍ବ୍ରମ ଓ ଚନ୍ଦନ କୁମାର ଭୋଇ ପ୍ରମୁଖ ପ୍ରଶଂସା କରିଛନ୍ତି ।



ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଟ୍ରକ ଚାଳକମାନଙ୍କୁ ପାଣି, ବିସ୍କୁଟ ବଣ୍ଟନ କରାଯାଉଛି।

# ୪ ବର୍ଷ ପରେ ବି ମିଳିନି ଫନୀ ସହାୟତା

**ଜଗତ୍‌ସିଂହପୁର ଅଫିସ, ୪।୫**

- ବାତ୍ୟା ଆଶଙ୍କାରେ ଚାଷୀ ଭୟଭୀତ
- ୨୨୨୪୫.୪୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିଲା
- ଆନ୍ଦୋଳନ ପାଇଁ ଚେତାବନୀ

୨୦୧୯ରେ ଫନୀ ବାତ୍ୟାରେ ଜଗତ୍‌ସିଂହପୁର ସମେତ ମୋଟ ୧୦ ଜିଲା ପ୍ରଭାବିତ ହୋଇଥିଲା। ବାତ୍ୟା ପରେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବେ ବୋଲି ଘୋଷଣା କରିଥିଲେ। ଇତିମଧରେ ୪ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଜିଲାର ସହସ୍ରାଧିକ ଚାଷୀ ବିପର୍ଯ୍ୟୟ ସହାୟତା ପାଇପାରିଲେ ନାହିଁ। ଏନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଆଗକୁ ଆଉ ଏକ ବାତ୍ୟା ଆଶଙ୍କା ଥିବାରୁ ଚାଷୀକୁଳ ଭୟରେ ଦିନ କାଟୁଛନ୍ତି। ଏହା ଜିଲା ପ୍ରଶାସନର ଅପାରଗତାକୁ ପାଦରେ ପକାଇଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଆଗାମୀ ଦିନରେ ଚାଷୀଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଚେତାବନୀ ଦେଇଛନ୍ତି।

ସ୍ୱାଇଁ କହିଛନ୍ତି, ଫନୀ ପ୍ରଭାବରେ ଜିଲାର ବହୁ ସଂଖ୍ୟକ ବାସଗୃହ, ଗୁହାଳ, ଉଦ୍ୟାନ କୃଷି କ୍ଷତିଗ୍ରସ୍ତ ହୋଇଥିଲା। ଜିଲାର ୧୮୩ ପଞ୍ଚାୟତର ୧୦୫୦ ରାଜସ୍ୱ ଗ୍ରାମ ଓ ଗୋଟିଏ ପୌର ପରିଷଦର ମୋଟ ୨୨୨୪୫.୪୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିଲା ବୋଲି ଆକଳନରୁ ଜଣାଯାଇଥିଲା। ଏ ପରିପ୍ରେକ୍ଷୀରେ ବିପର୍ଯ୍ୟୟ କ୍ଷୟକ୍ଷତିର ଠିକ୍ ଆକଳନ ସହ କ୍ଷତିଗ୍ରସ୍ତଙ୍କୁ ଠିକଣା ସମୟରେ ଉପଯୁକ୍ତ ସହାୟତା ରାଶି ପ୍ରଦାନ ପାଇଁ ଦାବି ହୋଇଥିଲା। ଜିଲାପାଳଙ୍କ ପକ୍ଷରୁ କ୍ଷେତ୍ର ପରିଦର୍ଶନ ରିପୋର୍ଟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ପହଞ୍ଚିଲା ପରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏ ପର୍ଯ୍ୟନ୍ତ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ମିଳିପାରିନାହିଁ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ନବ କିଶୋର ମହାପାତ୍ରଙ୍କୁ ପଚାରିବାରୁ,ସେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ବାସ୍ତବସ୍ଥିତି ଉପରେ ସମ୍ପୂର୍ଣ୍ଣଭାବେ ଅବଗତ ନାହାନ୍ତି। ତଥାପି କେତେଜଣ କ୍ଷତିଗ୍ରସ୍ତ ସହାୟତା ପାଇନାହାନ୍ତି ତାହାବୁଝି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ କହିଛନ୍ତି, ପ୍ରକୃତରେ ଅନେକ ଚାଷୀ ସହାୟତା ରାଶିପାଇନାହାନ୍ତି। ତେଣୁ ସେମାନଙ୍କୁ ସହାୟତା ମିଳିବା ପାଇଁ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି।

# ନକଲି ଜବ୍‌କାର୍ଡଧାରୀ ଚିନ୍ତାର କାରଣ

ନୟାଗଡ଼ ଅଫିସ,୪।୫

- ଅଣଶ୍ରମିକଙ୍କ ଦୌରାତ୍ମ୍ୟ ବଢ଼ୁଛି
- ପେଟପାଟଣା ପାଇଁ ଅସଲି ଶ୍ରମିକ ଦାଦନରେ
- ପରିଶ୍ରମ ନକରି ପାରିଶ୍ରମିକ ଦେଉଛି ଜବ୍‌କାର୍ଡ

ନୟାଗଡ଼ ଜିଲାରେ ଜବ୍‌କାର୍ଡ ପାଇଥିବା ବ୍ୟକ୍ତି ଶ୍ରମିକ ନାଁ ଅଣଶ୍ରମିକ ଯାଞ୍ଚ ହେଉ ନ ଥିବାରୁ ଅସଲି ଶ୍ରମିକ ଉପେକ୍ଷିତ, ଅସୁରକ୍ଷିତ ଓ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଅନ୍ୟପକ୍ଷେ ଅଣଶ୍ରମିକମାନେ ଧରାଧରି କରି ଜବ୍‌କାର୍ଡକୁ ହାତେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ ନ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ମଷ୍ଟର ରୋଲ ଦର୍ଶାଉଛି ଜବ୍‌କାର୍ଡଧାରୀଙ୍କୁ କାମର ଅଭାବ ନାହିଁ। ହେଲେ ମଷ୍ଟର ରୋଲରେ ଥିବା ଶ୍ରମିକ ଅସଲି ନାଁ ନକଲି ତା'ର ଚିହ୍ନଟ ହେଉନି। ଏଣୁ ବଣପାହାଡ଼ ଘେରା ନୟାଗଡ଼ ଜିଲାର ଅସଲି ଶ୍ରମିକମାନେ କାମ ପାଇଁ ରାଜ୍ୟ ବାହାରକୁ ଚାଲି ଯାଉଛନ୍ତି। ଜିଲାରେ ୧ଲକ୍ଷ ୬୩ ହଜାର ୬୨୬ ଜବ୍‌କାର୍ଡଧାରୀ ଅଛନ୍ତି। ଏଥିରୁ ଭାପୁର ବ୍ଲକରେ ୨୧,୭୯୫, ଦଶପଲ୍ଲାରେ ୧୭,୪୪୧, ଗଣିଆରେ ୭,୩୫୦, ଖଣ୍ଡପଡ଼ାରେ ୨୧,୦୪୬, ନୟାଗଡ଼ରେ ୨୨,୪୨୪, ନୂଆଗାଁରେ ୨୦,୧୭୧, ଓଡ଼ଗାଁରେ ୨୫,୨୪୪ ଓ ରଣପୁର ବ୍ଲକରେ ୨୮,୭୨୬ ଜବ୍‌କାର୍ଡଧାରୀ ଅଛନ୍ତି।

ଜଣେ ପଞ୍ଚାୟତ ସ୍ତରୀୟ ଲୋକ ପ୍ରତିନିଧିଙ୍କ ସୂଚନା ଅନୁସାରେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆସୁଥିବା ଅର୍ଥକୁ ଲୁଟିଲେ କେହି ପ୍ରତିବାଦ କରନ୍ତି ନାହିଁ। କାରଣ ସମସ୍ତଙ୍କୁ ଊଣା ଅଧିକେ ଭାଗ ମିଳିଥାଏ। ପ୍ରଥମତଃ ସରକାରୀ ବାବୁ ଓ ଲୋକ ପ୍ରତିନିଧିମାନେ ମୋଟା ଅଙ୍କର ଭାଗ ନେଉଛନ୍ତି। ୨ୟରେ କିଛି ଟଙ୍କା ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ଦିଆଯାଉଛି। ଯେଉଁମାନେ କାମ ଚାଲୁଥିବା ସମୟରେ ସୁରକ୍ଷା ଦିଅନ୍ତି। କିଛି ଅର୍ଥ ଗାଁକୁ ଯାଏ। କିଛି ବିରୋଧୀ ବି ପାଇଥାନ୍ତି। ଆଉ କିଛି ଅର୍ଥ ଜବ୍‌କାର୍ଡଧାରୀ ପାଆନ୍ତି। ଜବ୍‌କାର୍ଡଧାରୀ ପ୍ରକୃତ ଶ୍ରମିକ ହୋଇ ନ ଥିବାରୁ ଘରେ ବସି ରୋଜଗାର କରୁଥିବାରୁ ସେମାନଙ୍କର ଅଭିଯୋଗ ନ ଥାଏ। ଅନ୍ୟପକ୍ଷେ ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ସବୁ ଟଙ୍କା ଯାଉଛି। ଏଥିଲାଗି ବିଶ୍ୱସନୀୟ ଜବ୍‌କାର୍ଡଧାରୀଙ୍କୁ ସବୁ ଗାଁରେ ଖୋଜା ପଡେ। ଟଙ୍କା ଆସିଲା ପରେ କିଛି ଅର୍ଥ ଜବ୍‌କାର୍ଡଧାରୀଙ୍କୁ ଧରାଇ ଦେଇ ବଳକା ଅର୍ଥ ଭାଗ ବାଣ୍ଟି ଦିଆଯାଏ। ଯଦି କେହି ଜବ୍‌କାର୍ଡଧାରୀ ପ୍ରତିବାଦ କରନ୍ତି ସେମାନଙ୍କୁ ଜେନତେନ ପ୍ରକାରେଣ ବୁଝାଇ ଦିଆଯାଏ। ନ ବୁଝିଲେ ଧମକଚମକ ଓ ମାରପିଟ୍ କରି ମୁହଁ ବି ବନ୍ଦ କରାଯାଏ। ପ୍ରତି ସ୍ତରରେ ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଥିବାରୁ ବିଲ୍ ମଞ୍ଜୁରରେ ଅସୁବିଧା ହୋଇ ନ ଥାଏ। ଅଭିଯୋଗ ହେଲେ ସମୟ ଗଡ଼ାଇ ସବୁ କିଛି ଠିକ୍‌ଠାକ ଚାଲିଛି କୁହାଯାଏ। ପ୍ରମାଣ ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ହେଲାନି ବୋଲି ସଫେଇ ଦିଆଯାଏ।

ଏ ନେଇ ଗଣିଆର ରାମଚନ୍ଦ୍ର ପ୍ରଧାନ, ଭାପୁରର ସୁଦାମ ନାୟକ, ନୟାଗଡ଼ର ରଣଜିତ୍ ପଟ୍ଟନାୟକ କୁହନ୍ତି, ଅନେକ ନକଲି ଶ୍ରମିକ ଜବ୍‌କାର୍ଡ ହାତେଇଛନ୍ତି। ଏହାର ତଦନ୍ତ ହେବା ଦରକାର। ଯେଉଁ ଶ୍ରମିକମାନେ ଜବ୍‌କାର୍ଡ ପାଇଛନ୍ତି ସେମାନଙ୍କୁ ଯେକୌଣସି କାମ କରିବାକୁ କୁହାଯାଉ। ଶ୍ରମିକ କାମ ନ କଲେ ସେମାନଙ୍କର ଜବ୍‌କାର୍ଡ ରଦ୍ଦ କରାଯାଉ। ଗାଁରେ ଅଣଶ୍ରମିକଙ୍କ ଦୌରାତ୍ମ୍ୟ ଅଧିକ। ଶ୍ରମିକ ନ ହୋଇ ବି ଜବ୍‌କାର୍ଡ ହାତେଇଥାନ୍ତି। ଗାଁରେ ରାଜନୀତି ଅଧିକ। ପଞ୍ଚାୟତରେ କାମ ମାଗିଲେ ମିଳେନା। କାରଣ ବିନା କାମରେ ପାରିଶ୍ରମିକ ମିଳେ। ଏଥିପାଇଁ ଶାସକ ଦଳର ସମର୍ଥକ ହେବା ଦରକାର। ସେମାନଙ୍କର କାମ କରିବା ଦରକାର। ସେମାନଙ୍କ ପଛରେ ଗୋଡ଼ାଇ କାମ କରୁ କରୁ ପରିବାର ଲୋକମାନେ ଭୋକରେ ରହିବାକୁ ପଡ଼ିଥାଏ। ଏଣୁ ଗାଁ ରାଜନୀତିରେ ସାମିଲ ନ ହୋଇ ପେଟ ପାଇଁ ଅସଲି ଶ୍ରମିକକୁ ବାହାରକୁ ଯିବାକୁ ପଡ଼େ। ଅଣଶ୍ରମିକମାନେ ଗାଁ ରାଜନୀତିରେ ନିଜକୁ ସାମିଲ କରି ପାରିଥିବାରୁ ଶାସକ ଦଳର ବୋଲକରା ହୋଇ ରହିଥାନ୍ତି। ଏଣୁ ଟେନସେନ ନ ନେଇ ବାହାରକୁ ଚାଲିଯାଉ। ସେଠାରେ କାମ କରି ଘରକୁ ଟଙ୍କା ପଠାଉ। ସରକାରଙ୍କ ସୁଫଳ ଆମେ ପାଇପାରୁନି। ଶ୍ରମିକ ବଦଳରେ ଯନ୍ତ୍ର ଦ୍ୱାରା କାମ କରିବାକୁ ଆଇନ କରି ଦେଲେ ଭଲ ହୁଅନ୍ତା। ଯାହାଦ୍ୱାରା ସରକାର ସ୍ୱଳ୍ପ ସମୟରେ ଅଧିକ କାମ ପାଇ ପାରନ୍ତେ। ପୁଣି କମ୍ ଟଙ୍କା ଖର୍ଚ୍ଚ ହୁଅନ୍ତା। ଏ ସମ୍ପର୍କରେ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କୁ ପଚାରିବାରେ କିଏ ଅସଲି ଓ କିଏ ନକଲି ଜାଣିବା କାଠିକର ପାଠ। ତେବେ ନକଲି ଶ୍ରମିକ ଅଭିଯୋଗ ମିଳିଲେ ଧରପଗଡ଼ କରାଯାଇ କଟା ଯାଇପାରିବ। କେତେଜଣ ଜବ୍‌କାର୍ଡଧାରୀଙ୍କୁ କଟାଯାଇଛି। ତେବେ ବର୍ଷେ ହେଲା ସେପରି କିଛି ଅଭିଯୋଗ ହୋଇନାହିଁ ବୋଲି ସେ କହିଛନ୍ତି। ଏ ନେଇ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରେ ଜିଲାରେ ଅନେକ ଅଣଶ୍ରମିକ ଜାଲିଆତି କରି ଜବ୍‌କାର୍ଡଧାରୀ ହାତେଇ ନେଇଥିବା ଅଭିଯୋଗ ମିଳିଛି। ବିଭିନ୍ନସ୍ଥାନରେ ମଧ୍ୟ ନକଲି ଜବ୍‌କାର୍ଡଧାରୀ ଥିବାର ଅନୁଭବ କରାଯାଉଛି। ଖୁବ୍‌ଶୀଘ୍ର ନକଲି ଜବ୍‌କାର୍ଡଧାରୀଙ୍କୁ ଚିହ୍ନଟ କରି ବିଦା କରାଯିବ ବୋଲି ସେ କହିଛନ୍ତି।

# ମା'ଆଙ୍କୁଲେଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ମହାଯଜ୍ଞ ପାଇଁ ମହିଳାପୁରୁଷଙ୍କ କଳସ ଶୋଭାଯାତ୍ରା।

ଶରଣକୁଳ,୪।୫(ଡି.ଏନ.ଏ.)

ଶରଣକୁଳ ନିକଟବର୍ତ୍ତୀ ଅସୁରଢିପା ଗାଁରେ କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଥିବା ମା'ଆଙ୍କୁଲେଇଙ୍କ ପୀଠରେ ପ୍ରତିବର୍ଷ ଭଳି ବୁଧବାରଠାରୁ ବିଶ୍ୱଶାନ୍ତି ଯଜ୍ଞ ଆରମ୍ଭ ହୋଇଛି। ବହୁ ମହିଳାପୁରୁଷ ନିକଟସ୍ଥ କୁସୁମୀ ନଦୀରୁ କଳସରେ ଜଳ ନେଇ ନାମ ସଙ୍କୀର୍ତ୍ତନ ଦଳ, ଢୋଲ, ଘଣ୍ଟ ଏବଂ ବାଣ ଫୁଟାଇ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ନେଇଥିଲେ। ଏହି ସମୟରେ ଗ୍ରାମର ମହିଳାମାନଙ୍କ ହୁଳହୁଳି ଏବଂ ହରିବୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ଏହି ଯଜ୍ଞ ୪ଦିନ ଧରି ଚାଲିବ। ନିକଟସ୍ଥ ଭିକାରିପଡ଼ା ବ୍ରାହ୍ମଣ ଶାସନରୁ ବ୍ରାହ୍ମଣମାନେ ଆସି ଯଜ୍ଞ କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଯଜ୍ଞ କାର୍ଯ୍ୟ ଅସୁରଢିପା ଯଜ୍ଞ କମିଟିର ସମସ୍ତ କର୍ମକର୍ତ୍ତା ଏବଂ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି।

# ଗଞ୍ଜେଇ ଜବତ: ଟ୍ରକ, କାର, ୨ ବାଇକ୍ ସହ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୪।୫: ଗଞ୍ଜାମ ଜିଲା ଟିକିଟି ଧାନଘର ନିକଟରୁ ଅବକାରୀ ଗୋଇନ୍ଦା ଟିମ୍ ଗୁରୁବାର କୋଟିଏ ଟଙ୍କାର ଗଞ୍ଜେଇ ଜବତ କରିଛି। ଏକ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରାଯାଇ ଚାଲାଣ ହେବା ବେଳେ ଟିମ୍ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ଗୋଟିଏ ଟ୍ରକ, କାର, ଦୁଇଟି ବାଇକ୍ ଜବତ କରାଯାଇଛି। ଗଞ୍ଜେଇ ଚାଲାଣକାରୀ ହେଉଛନ୍ତି ଦିଗପହଣ୍ଡି ଥାନା ଅନ୍ତର୍ଗତ ଅଡ଼ାସିଙ୍ଗି ଗ୍ରାମର ବିକ୍ରମ କୁମାର ସୁବୁଦ୍ଧି(୨୬)। ଏହି ରାକେଟରେ ସାମିଲ ଥିବା କିଙ୍ଗପିନ୍‌ଙ୍କ ଅନ୍ୟ ୩ ଜଣ ସହଯୋଗୀ ଅବକାରୀ ଟିମ୍‌କୁ ଚକମା ଦେଇ ଫେରାର ହୋଇଯାଇଛନ୍ତି। ଉକ୍ତ ଜବତ ଗଞ୍ଜେଇ ମୁମ୍ବାଇ ଚାଲାଣ ହୋଇଥାନ୍ତା ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଟିମ୍ ଜାଣିବାକୁ ପାଇଛି। ଗଜପତି ଅଞ୍ଚଳରୁ ଗଞ୍ଜେଇ ଅଣାଯାଇ କନିଷି ଅଞ୍ଚଳରେ ମହଜୁଦ ରଖାଯାଇଥିଲା। ବୁଧବାର ରାତିରେ ଏହାକୁ ଟିକିଟି ଅଞ୍ଚଳକୁ ନିଆଯାଇ ସେଠାରେ ଏକ ଟ୍ରକରେ ଭର୍ତ୍ତି କରାଯାଇ ତାକୁ ଚାଲାଣ କରାଯାଉଥିବା ଜଣାପଡିଛି। ଅବକାରୀ ମାମଲା ନମ୍ବର ୬୫/୨୩-୨୪ରେ ବିକ୍ରମଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୁଧବାର ଭୋର ପ୍ରାୟ ୪ଟାରେ ଟିକିଟି ଧାନଘର ଛକରୁ କେଲୁଆ ଛକ ମଧ୍ୟରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକରେ ଗଞ୍ଜେଇ ଭର୍ତ୍ତି କରାଯାଉଥିବା ନେଇ ଅବକାରୀ ଟିମ୍ ଖବର ପାଇଥିଲା। ସେଠାରେ ଚଢ଼ାଉ କରି ଏକ ଟ୍ରକକୁ ଯାଞ୍ଚ କରିଥିଲା। ସେଥିରେ ଥିବା ୬୪ ପକେଟରେ ଗଞ୍ଜେଇ ରହିଥିବା ବେଳେ ମୋଟ ୩୨୦ କେଜି ଗଞ୍ଜେଇ ଜବତ କରିଛି।

# ନିମାଣୀ ପଞ୍ଚାୟତରେ ଆବାସ ହଡ଼ପ

ଭାପୁର, ୪।୫(ଡି.ଏନ.ଏ.)


ପଲିଥିନ ଘର ସମ୍ମୁଖରେ ଆବାସ ହଡ଼ପ ହୋଇଥିବା ସୁରେଶ, ପତ୍ନୀ ମାନସୀ ଓ ଝିଅପୁଅ।

କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି। କୌଣସି ଗରିବ ଓ ଅସହାୟ ବ୍ୟକ୍ତି ଚାଳ ଘରେ ରହିବ ନାହିଁ ବୋଲି ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକ ନିମାଣୀ ପଞ୍ଚାୟତରୁ ଆସିଛି ଏକ ସଙ୍ଗୀନ ଅଭିଯୋଗ। ଜଣେ ହିତାଧିକାରୀଙ୍କ ଅଗୋଚରରେ ଆବାସ ଯୋଜନା ହଡ଼ପ କରାଯାଇଥିବା ନେଇ ଜଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ନିମାଣୀ ଗାଁର ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ୨୦୧୭-୧୮ ଆର୍ଥିକ ବର୍ଷରେ ନିମାଣୀ ପଞ୍ଚାୟତ ମାଧ୍ୟମରେ ଭାପୁର ବ୍ଲକରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳିଥିଲା। ସୁରେଶ ଗୃହ ନିର୍ମାଣ କରି ନ ଥିବା ବେଳେ କେତେଜର ଅସାଧୁ ବ୍ୟକ୍ତି ଟଙ୍କା ଉଠାଇ ଅନ୍ୟ ନାମରେ ହଡ଼ପ କରି ନେଇଛନ୍ତି। ସନ୍ୟାସୀ ସ୍ୱାଇଁଙ୍କ ସାନପୁଅ ସୁରେଶ ଚନ୍ଦ୍ର ସ୍ୱାଇଁ ନାମରେ ଆବାସ ଯୋଜନା ଆସିଥିଲେ ମଧ୍ୟ ତାଙ୍କ ଅଗୋଚରରେ ତାଙ୍କ ନାମରେ ମିଥ୍ୟା ସତ୍ୟପାଠ କରି ପଞ୍ଚାୟତର କେତେଜର ବ୍ୟକ୍ତି ବଡ଼ଭାଇ ସତ୍ୟାନନ୍ଦ ସ୍ୱାଇଁ ତାଙ୍କ ପତ୍ନୀ ବାସୀଙ୍କ ନାମରେ ନେଇଯାଇଥିଲେ। ସୁରେଶଙ୍କ ପତ୍ନୀ ମାନସୀ କହିଥିଲେ, ଆମେ ଗରିବ ଅସହାୟ ଅଟୁ। ସ୍ୱାମୀ ମୁଲ ଲାଗି ଯାହା ରୋଜଗାର କରି ଆଣନ୍ତି ସେଥିରେ ପୁଅ ଓ ଝିଅଙ୍କୁ ମିଶାଇ ୪ ପ୍ରାଣୀ ବହୁ କଷ୍ଟରେ ଚଳୁ। ତାଙ୍କ ନାମରେ ଆସିଥିବା ଆବାସ ନେଇ ତାଙ୍କ ଭାଇ ଗୃହ ନିର୍ମାଣ କରି ସମସ୍ତ ଟଙ୍କା ଉଠାଇ ନେଇଛନ୍ତି। ସୁରେଶ ବର୍ତ୍ତମାନ ତାଙ୍କ ପରିବାରକୁ ନେଇ ଗାଁ ମୁଣ୍ଡ ଶାଳ ଜଙ୍ଗଲ ନିକଟରେ ମାଟି କାନ୍ଥ ଘରେ ଜରି ପାଲ ପକାଇ ପରିବାର ସହ ରହୁଛନ୍ତି। ଏ ନେଇ ସୁରେଶ ନୟାଗଡ଼ ଜିଲାପାଳ, ସ୍ଥାନୀୟ ବିଧାୟକ ଓ ଭାପୁର ବିଡିଓ ରଞ୍ଜିତ କୁମାର ମଲ୍ଲିକଙ୍କୁ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗ ପାଇଛି, ଖୁବ୍‌ଶୀଘ୍ର ଏହାର ତଦନ୍ତ କରିଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ପୂର୍ବରୁ ସେହି ପଞ୍ଚାୟତ ସୁଦାମ ନାୟକ ୨୦୧୭-୧୮ ମସିହାରେ ଆବାସ ଯୋଜନା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ତେବେ ତାଙ୍କ ଅଜଣାତରେ ଆସିଥିବା ଆବାସ ଯୋଜନାର ଅର୍ଥ ହଡ଼ପ ହେବା ସହ ସେ ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଥିଲେ। ତେବେ ବ୍ଲକ୍ ପ୍ରଶାସନ ସୁଦାମଙ୍କ ଚାଳଛପର ଘର ଦେଖି ତାଜୁବ ହୋଇଯାଇଥିଲେ। ବ୍ଲକ ପ୍ରଶାସନର ଖୋଳତାଡରୁ ତତ୍କାଳୀନ ଜିଆର୍‌ଏସ୍ ଅର୍ଥ ଲୋଭରେ ଚତୁରତାର ସହିତ ଅର୍ଥ ହଡପ କରିଥିଲେ। ଆବାସ ଜାଲିଆତି ଘଟଣାରେ ଜାଲ କାଗଜପତ୍ରରେ ଅର୍ଥ ହଡପ ପାଇଁ ଜିଆରଏସ୍‌କୁ ଜିଲା ପ୍ରଶାସନ ସେହି ସମୟରେ ଚାକିରିରୁ ବିଦା କରିଥିଲେ। ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିଛି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

# ଓଡ଼ଗାଁ ତହସିଲ କର୍ମଚାରୀ, ଆର୍‌ଆଇଙ୍କ କଲମ ଛାଡ଼ ଆନ୍ଦୋଳନ

ଓଡ଼ଗାଁ, ୪।୫(ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଆଇଆଇସିଙ୍କ ଆର୍‌ଆଇ ବିଷ୍ଣୁ ପ୍ରସାଦ ମଲ୍ଲିକଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ତହସିଲ ଅନ୍ତର୍ଗତ ୧୩ ରାଜସ୍ୱ ଅଞ୍ଚଳର ୧୧ଜଣ ଆର୍‌ଆଇଙ୍କ ସହ ତହସିଲ କର୍ମଚାରୀମାନେ ଗୁରୁବାରଠାରୁ କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାର ସାମାଧାନ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ତହସିଲଦାର ଅନିଲ ଆଚାର୍ଯ୍ୟଙ୍କୁ ଦେଇଥିବା ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଜିଲାପାଳଙ୍କୁ ଜଣାଇଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ୩ଟାରେ ଓଡ଼ଗାଁ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଏବଂ କର୍ମଚାରୀମାନେ ଓଡ଼ଗାଁ କଦଳୀବନ୍ଧଠାରେ ଥିବା ଏକ ଢାବା ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରୁ ମଦ ଜବତ କରିବା ସହ ଖାଇବା ସମୟରେ ଓଡ଼ଗାଁ ସଦର ଆର୍‌ଆଇଙ୍କ ସହ କାଳୁଚରଣ ପୃଷ୍ଟି, ମାନସ ରଞ୍ଜନ ପଣ୍ଡା ଓ ଦଣ୍ଡପାଣି ଦୋରାଙ୍କୁ ଥାନାକୁ ନେଇ ଆସିଥିଲେ। ସଦର ଆରଆଇ ଆଦୌ ମଦ୍ୟପାନ କରି ନ ଥିବା କହିଥିଲେ ମଧ୍ୟ ତାଙ୍କ କଥାକୁ ପୋଲିସ ବିଶ୍ୱାସକୁ ନେଇ ନ ଥିଲେ। ବରଂ ପୋଲିସ ଦୁର୍ବ୍ୟବହାର କରିଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୋଲିସ ଚଢ଼ାଉ ବେଳେ ଆମେ ମଦ୍ୟପାନ କରୁଥିବା ଦେଖି ଆଇଆଇସି ଆମମାନଙ୍କୁ ଥାନାକୁ ଆଣିଥିଲେ ବୋଲି କର୍ମଚାରୀଙ୍କ ସାଙ୍ଗରେ ଥିବା ଦଣ୍ଡପାଣି ପୋଲିସକୁ ଦେଇଥିବା ଉକ୍ତିରେ ଦର୍ଶାଇଛନ୍ତି । ଅନ୍ୟମାନେ ଭୁଲ ସ୍ୱୀକାର କରି ଆଉ କେବେ ଢାବାରେ ଖାଇବେ ନାହିଁ ବୋଲି ସ୍ୱୀକାର କରିବା ସହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରି ଥାନାରୁ ଫେରିଥିଲେ। ହେଲେ ପୋଲିସ ବେଆଇନ ମଦ ବିକ୍ରି ଅଭିଯୋଗରେ ନଂ. ୭୪/୨୩ରେ ମାମଲା ରୁଜୁ କରି ଢାବା ମାଲିକ ଆରଡ଼ାର ଜିତେନ୍ଦ୍ର କୁମାର ପରିଡ଼ା (୩୭)ଙ୍କୁ ପୋଲିସ ଅଟକ ରଖି ପରେ ଥାନାରୁ ଜାମିନ ଛାଡି ଦେଇଥିଲେ।

# ଗଞ୍ଜେଇ ଚାଲାଣ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୪।୫

ବ୍ରହ୍ମପୁର ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ)-୩ ଗୁରୁବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ବିହାର ରୋହତାସ ଜିଲା ଅଧୀନ ନଟୱର କାଲୁ ଥାନା ଅଞ୍ଚଳର ଶିବଜୀ ତୁରା (୨୮)। ଏଡିଜେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ତାଙ୍କୁ ୧ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ କାରାଦଣ୍ଡରେ ସେ ଦଣ୍ଡିତ ହେବେ ବୋଲି ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି। ୨୦୧୮ ଏପ୍ରିଲ ୪ରେ ଶିବଜୀ ବ୍ରହ୍ମପୁର ରେଳଷ୍ଟେଶନ ୪ ନମ୍ବର ପ୍ଲାଟଫର୍ମ ନିକଟ ଗୁଡ୍‌ସସେଡ଼ ରୋଡ କଡରେ ଥିବା ଏକ ଗଛ ମୂଳେ ସନ୍ଦେହଜନକ ଅବସ୍ଥାରେ ଛିଡା ହୋଇଥିଲେ। ଅବକାରୀ ଟିମ୍ ସେଠାରେ ଚଢ଼ାଉ କରି ଶିବଜୀ ଦୁଇଟି ଏୟାର ବ୍ୟାଗରେ ଧରିଥିବା ୨୯କେଜି ଗଞ୍ଜେଇ ଜବତ କରିଥିଲା। ସେ ଏହାକୁ ବିହାର ଚାଲାଣ ପାଇଁ ଯୋଜନା କରିଥିଲେ। ଅବକାରୀ ମାମଲା ନଂ. ୧/୧୮-୧୯ ରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏଡିଜେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ତ୍ରିପତି ପ୍ରସାଦ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ଆଇନ ମହାବିଦ୍ୟାଳୟରେ ଜାତୀୟସ୍ତରୀୟ କର୍ମଶାଳା

ବ୍ରହ୍ମପୁର ଅଫିସ,୪।୫

ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ଗୁରୁବାର ଜାତୀୟ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସରୋଜ କୁମାର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ଆଇନ ବୃତ୍ତିରେ ଉଦୀୟମାନ ଧାରା ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. କମଲଜିତ ସିଂ ଯୋଗଦେଇଥିଲେ। ସେ ଆଇନର ବିଭିନ୍ନ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭିଆଇଟି ଏପି ସ୍କୁଲ ଅଫ ଲ' ଡିନ୍ ପ୍ରଫେସର ଡ. ବାନାର୍ଜୀ ଚକ୍ରା ଯୋଗଦେଇ ଆଇନଜୀବୀମାନେ ନୂତନ ବୈଷୟିକ ଜ୍ଞାନ କୌଶଳ ସହ ନିଜକୁ ଯୋଡିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ପ୍ରବୀଣ କୁମାର ତ୍ରିପାଠୀ, କୋଲକାତା ଆଦମାସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଏବଂ ଡିନ ପ୍ରଫେସର ଶିଳା ରାମ ସୁନ୍ଦର, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଡିଏସ୍‌ଡବ୍ଲ୍ୟୁ ବିଭାଗ ମୁଖ୍ୟ ଡ. ନିଧି ଚୌହାନ ଓ ଆଇନ ବିଭାଗ ମୁଖ୍ୟ ହିରଣ୍ମୟୀ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଆଇନ ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ବିନାୟକ ପଟ୍ଟନାୟକ, ଆସିଷ୍ଟାଣ୍ଟ ପ୍ରଫେସର ମନୋଜ କୁମାର ଜେନାସାମନ୍ତ, ମୋନିସା ବିଶ୍ୱାଳ, ସୁଦାତା ରଥ, ଜ୍ୟୋତିର୍ମୟୀ ବାରୁହ ଓ ଡ. ଶ୍ୟାମକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରୋଗୀଙ୍କ ଲମ୍ବା ଧାଡ଼ି, ଡାକ୍ତରଙ୍କ ଚେୟାର ଖାଲି

## ମହୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ନୂଆଗାଁ, ୪।୫ (ଡି.ଏନ.ଏ.)


ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଚେୟାର ଖାଲି ପଡ଼ିଛି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରୋଗୀଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ଡାକ୍ତରଙ୍କ ଚେୟାର ଖାଲି ପଡ଼ିଥିବା ଅଭିଯୋଗ ହୋଇଛି।

ସରକାର ଡାକ୍ତରଖାନାରେ ମାଗଣାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବ୍ୟବସ୍ଥା କୁହାଯାଉବେଳେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିରେ ବ୍ୟତିକ୍ରମ ଘଟୁଥିବା ନେଇ ଅଭିଯୋଗ ହେଉଛି। ସକାଳ ୮ଟାରେ ଆଉଟ୍ ଡୋର୍‌ରେ ଡାକ୍ତର ରୋଗୀ ଦେଖିବାର ବ୍ୟବସ୍ଥା ରହିଛି। କିନ୍ତୁ ବହୁ ବିଳମ୍ବରେ ଡାକ୍ତର ଆସୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ନୁଆଗାଁ ବ୍ଲକର କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଅଗ୍ନିଶମ ବାହିନୀ ଗାଡ଼ି କିମ୍ବା ଅନ୍ୟ କୌଣସି ରୋଗୀକୁ ୧୦୮ ଆମ୍ବୁଲାନ୍ସ ପ୍ରଥମେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଆବଶ୍ୟକ ସ୍ଥଳେ ସେଠାରୁ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। କିନ୍ତୁ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଯିବା ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ରୋଗୀଙ୍କ ସମ୍ପର୍କୀୟଙ୍କୁ ବିଚଳିତ କରିଛି। ସିଙ୍ଗାରପଲି ପଞ୍ଚାୟତ ଓଡ଼କପା ଗ୍ରାମର ମୀରା ଖିଲାର ରୋଗରେ ଛଟପଟ ହେବାରୁ ସମ୍ପର୍କୀୟମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ସକାଳ ୮ଟାରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେତେବେଳକୁ ଅନେକ ରୋଗୀ ଡାକ୍ତରଙ୍କୁ ଅପେକ୍ଷା କରିଥିଲେ ମଧ୍ୟ ଡାକ୍ତର ଆସି ନ ଥିଲେ। ଏ ବାବଦରେ ଫୋନ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଜଣାଯାଇଥିଲା। ପରେ ଡାକ୍ତର ଆସି ମୀରାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ସମ୍ପର୍କରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସତୀଶ ନିବେଦନଙ୍କୁ ପଚାରିବାରେ ଡାକ୍ତର ଶୌଚାଳୟ ଯାଇଥିଲେ। ତେଣୁ ସିକ୍ୟୁରିଟିକୁ କହି ମ୍ୟାନେଜ କରିଛି ବୋଲି ସେ କହିଥିଲେ।

# କୁମ୍ଭୀ ପୋଲ ନିର୍ମାଣ ପାଇଁ ପଞ୍ଚାୟତବାସୀଙ୍କ ଦାବି

## ପଦ୍ମାବତୀ-ରାକମା ରାସ୍ତା ସଂଯୋଗ

ଭାପୁର,୪।୫(ଡି.ଏନ.ଏ.)


କୁମ୍ଭୀ ନାଳ ଉପରେ ପୋଲ ନିର୍ମାଣ ପାଇଁ ଦାବି ହେଉଛି।

ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ଜନସାଧାରଣ ଝଗଡ଼ପଡ଼ାଠାରେ ଥିବା କୁମ୍ଭୀ ନାଳ ଦେଇ ଭାପୁର ବ୍ଲକକୁ ଯାତାୟାତ କରିଥାନ୍ତି। ରାକମା ପଞ୍ଚାୟତ ଓ ଅନ୍ୟ ପାଖ ପଡୋଶୀ ପଞ୍ଚାୟତର ଛାତ୍ରୀଛାତ୍ର ମଧ୍ୟ ଏହି ବାଟ ଦେଇ ଯାତାୟାତ କରନ୍ତି। ହେଲେ ବର୍ଷାଦିନ ହେଲେ ସେହି କୁମ୍ଭୀ ନାଳରେ ପାଣି ଆସିବା ଫଳରେ ଯାତାୟାତ କରିବା ଅସମ୍ଭବ ହେଉଛି। କୁମ୍ଭୀ ନାଳ ଉପରେ ଏକ ପୋଲ ନିର୍ମାଣ ହୋଇ ପାରିଲେ ଉଭୟ ପଞ୍ଚାୟତର ଜନସାଧାରଣ, ପାଖ ପଡ଼ୋଶୀ ବାଟୋଇଙ୍କର ଓ ଛାତ୍ରୀଛାତ୍ରମାନେ ଯାତାୟାତ କରିବା ସମ୍ଭବ ହୋଇପାରନ୍ତା। ପୋଲ ନିର୍ମାଣ ପାଇଁ ଉଭୟ ପଞ୍ଚାୟତର ଜନସାଧାରଣ ଭାପୁର ବିଡିଓ ରଞ୍ଜିତ କୁମାର ମଲ୍ଲିକ ଓ ସ୍ଥାନୀୟ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରତିଦିନ ପଦ୍ମାବତୀ, ଶାସନ, ରାକମା, ବିଜିପୁର ଅନେକ ପଞ୍ଚାୟତର ଶହଶହ ଜନସାଧାରଣ ଏହି ନାଳ ରାସ୍ତା ଦେଇ ପାଦରେ ଯାତାୟାତ କରିଥାନ୍ତି। ହେଲେ ଅଧିକାଂଶ ସମୟରେ ପାଣି ରହୁଥିବାରୁ ଜନସାଧାରଣ ୮ରୁ୧୦ କିଲୋମିଟର ବୁଲି କିମ୍ବା ବିଜିପୁର ଛକ ଦେଇଯିବା ଆସିବା କରିବାକୁ ବାଧ୍ୟ ହୋଇଥାନ୍ତି। ଏହି ନାଳ ଉପରେ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇ ମାପଚୁପ ସହ ସ୍ଥାନ ନିରୂପଣ ପରେ ମଧ୍ୟ ଦୀର୍ଘବର୍ଷ ଧରି ପୋଲ ନିର୍ମାଣ ହୋଇପାରିଲା ନାହିଁ। ୨୦୧୭-୧୮ରେ ଦୁବପଲ୍ଲୀ-ବାଦିଲୋ ରାସ୍ତାଟି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହୋଇ ୨କୋଟି ୫୩ ଲକ୍ଷ ଟଙ୍କା ମଞ୍ଜୁର ହେଲା। ଏହି ଅର୍ଥରେ ପକ୍କା ସଡ଼କ ନିର୍ମାଣ ସହ ଝଗଡ଼ପଡ଼ା ନାଳ ଉପରେ ପୋଲ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ମଞ୍ଜୁର ହୋଇଥିଲା। ଜନସାଧାରଣ ପୋଲ ନିର୍ମାଣ ଖୁବ୍‌ଶୀଘ୍ର ହେବ ବୋଲି ଖୁସି ହୋଇଥିଲେ। ମାତ୍ର ରାସ୍ତା ନିର୍ମାଣ ହେଲା ସତ ହେଲେ ନାଳ ଉପରେ ପୋଲ ନିର୍ମାଣ ହେଲା ନାହିଁ। ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ପୋଲ ନିର୍ମାଣ କାର୍ଯ୍ୟ ହୋଇପାରିଲା ନାହିଁ। ସେହି ସମୟରେ ତତ୍କାଳୀନ ସରପଞ୍ଚ ଓ ସ୍ଥାନୀୟ ରାଜନୈତିକ ବ୍ୟକ୍ତିବିଶେଷ ନାଳ ଉପରେ ପୋଲ ନିର୍ମାଣ ପାଇଁ ତତ୍ପର ହୋଇ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତରେ ଚିହ୍ନଟ ପ୍ରକ୍ରିୟା ସରିଥିଲା। ମାପଚୁପ ପରେ ଚିହ୍ନ ଦିଆଯାଇଥିଲା। ହେଲେ ଦୀର୍ଘ ୬ବର୍ଷ ପରେ ମଧ୍ୟ ପୋଲ ହୋଇପାରିଲା ନାହିଁ। ଏ ନେଇ ରାସ୍ତା ପଞ୍ଚାୟତର ତତ୍କାଳୀନ ସରପଞ୍ଚ ବନମାଳୀ ନାୟକ କହିଛନ୍ତି, ଜଣେ ବ୍ୟକ୍ତିଙ୍କ ଜମି ଉପରେ ପୋଲ ମାଡ଼ି ଯାଉଥିବାରୁ ସେ ଜମି ନ ଛାଡିବାରୁ ସେହି ସମୟରେ କାମ ବନ୍ଦ ହୋଇଥିଲା। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧିଙ୍କୁ ପଚାରିବାରେ ପୂର୍ବରୁ କାହିଁକି ଟଙ୍କା ଫେରିଗଲା କହିପାରିବି ନାହିଁ। ସେଠାରେ ପୋଲ ନିର୍ମାଣ ପାଇଁ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ଜିଲା ପରିଷଦ ବୈଠକରେ କଥା ଉଠାଇଥିଲେ। ସେହି ଅନୁଯାୟୀ ଏହି ପୋଲ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇଛୁ। ଅନୁମୋଦନ ହୋଇ ଆସିଲେ ପୋଲ ନିର୍ମାଣ ହେବ ବୋଲି ସେ କହିଛନ୍ତି।

# ପୁନଶ୍ଚ ଏକତ୍ରିତ ହେବା: ପ୍ରମାଣରୁ ବାସ୍ତବ ପାଇଁ




ବିଶ୍ୱରେ ସବୁଠାରୁ ଉଚ୍ଚରେ ରହିଛି ମା' ସ୍ଥାନ। ଏପରି କି କବି କହିଛନ୍ତି–ମୁଁ ତ କେବେ ଭଗବାନଙ୍କୁ ଦେଖିନାହିଁ, ମାତ୍ର ମୁଁ ନିଶ୍ଚିତ ଯେ ଭଗବାନଙ୍କ ରୂପ ମୋ ମା'ଙ୍କ ରୂପଠାରୁ କଦାପି ଅଲଗା ନୁହେଁ। ଗୋଟିଏ ସନ୍ତାନ ଗର୍ଭ ସଞ୍ଚାର ହେଲେ ସାଧାରଣ ମା'ଟିଏ ସୃଷ୍ଟି ହୋଇଥାଏ, ଅର୍ଥାତ୍ ଗର୍ଭବତୀ ମା' ପ୍ରସବ ପରେ ସେ ସବୁଦିନ ପାଇଁ ମା' ହୋଇଯାଏ।

ଆଗରୁ ଗର୍ଭଜନିତ, ପ୍ରସବଜନିତ ଓ ପ୍ରସବ ପରବର୍ତ୍ତୀ ବିଭିନ୍ନ ଅବସ୍ଥା ଯୋଗୁ ଅଧିକ ସଂଖ୍ୟକ ମା'ମାନେ ଅକାଳରେ ମୃତ୍ୟୁମୁଖରେ ପଡୁଥିଲେ। ପୁନଶ୍ଚ ମା' ଓ ଶିଶୁର ସ୍ୱାସ୍ଥ୍ୟ ପରସ୍ପର ସହିତ ଜଡିତ ଥିବାରୁ ତାହା ଶିଶୁ ପାଇଁ ମଧ୍ୟ ବିପଦ ସୃଷ୍ଟି କରୁଥିଲା ଓ ସ୍ଥଳ ବିଶେଷରେ ଶିଶୁଟି ମଧ୍ୟ ମୃତ୍ୟୁମୁଖରେ ପଡୁଥିଲା।

ସାଧାରଣ ସେବିକା (ଡାକ୍ତରୀ ସେବିକା)ମାନେ ଦୁଇଗୋଟି ମୁଖ୍ୟ କାର୍ଯ୍ୟ ନିର୍ବାହ କରିଥାଆନ୍ତି, ଯାହାକି ରୋଗୀର ଯତ୍ନ ଓ ସେବା ଅର୍ଥାତ୍ ନର୍ସିଂ ଓ ଦ୍ୱିତୀୟରେ ପ୍ରସବ ସମୟରେ ଯତ୍ନ, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ଯତ୍ନ–ଏସବୁ ହେଉଛି ଧାତ୍ରୀ ସେବା ବା ମିଡ୍‌ୱାଇଫେରି (Midwifery)।

ମିଡ୍‌ୱାଇଫେରି ଶବ୍ଦ ସହିତ ଅନେକେ ପରିଚିତ ନ ଥିବେ। କିନ୍ତୁ ବର୍ତ୍ତମାନ ଏହା ଅନେକ ଗୁରୁତ୍ୱ ବହନ କରିଛି। ଏହାଦ୍ୱାରା ମା'ର ସମ୍ପୂର୍ଣ୍ଣ ଯତ୍ନ ନିଆଯାଇ ତାଙ୍କୁ ସାଧାଣ ଶିଶୁ ପ୍ରସବ ପାଇଁ ପ୍ରସ୍ତୁତ କରାଯାଇପାରୁଛି ଏବଂ ଅସ୍ତ୍ରୋପଚାରଜନିତ ପ୍ରସବ ଅନେକ ହ୍ରାସ କରାଯାଇପାରୁଛି। ଏଠାରେ ଜାଣିବା ଉଚିତ ଯେ ଅସ୍ତ୍ରୋପଚାରଜନିତ ପ୍ରସବ ଏକ ଜଟିଳ ଏବଂ ମା'କୁ ଦୀର୍ଘଦିନ ଶଯ୍ୟାଶାୟୀ କରୁଥିବା ପ୍ରଣାଳୀ। ଅତି ଆବଶ୍ୟକ ନ ହେଲେ ଏହା କରିବା ଅନୁଚିତ।

ଆମ ରାଜ୍ୟରେ 'ମିଡୱାଇଫେରି ଇନିସିଏଟିଭ୍' ଆରମ୍ଭ ହୋଇସାରିଛି। ଏଥିଲାଗି ୨୦୨୧ରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ନର୍ସିଂ କଲେଜରେ ୩୦ ଜଣ ନର୍ସ ଅଧିକାରୀଙ୍କୁ ଏ ବିଷୟରେ ତାଲିମ ଦିଆଯାଉଛି। ସେମାନଙ୍କୁ ଛଅ ଜଣ ମିଡ୍‌ୱାଇଫେରି ଟ୍ରେନର ତାଲିମ ଦେଉଛନ୍ତି। ସେହିପରି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନର୍ସିଂ କଲେଜରେ ୨୦୨୨ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଚଳିତବର୍ଷ ବୁର୍ଲା ଭିମ୍‌ସାର ନର୍ସିଂ କଲେଜରେ ଏହା ଆରମ୍ଭ କରାଯିବ। ଏଥିପାଇଁ ରାଜ୍ୟ ସରକାର, ଜାତୀୟ ସ୍ୱାସ୍ଥ୍ୟ ମିଶନ, କେନ୍ଦ୍ର ସରକାରଙ୍କ ସହିତ ୟୁନିସେଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଛନ୍ତି।

ଏହାର ମୁଖ୍ୟ ଉଦ୍ଦେଶ ହେଲା– ସମ୍ମାନର ସହିତ ଗର୍ଭବତୀମାନଙ୍କର ଯତ୍ନ ନେବା ଓ ସେମାନଙ୍କୁ ଖାଦ୍ୟ, ବ୍ୟାୟାମ, ଟିକାକରଣ ଓ ମାନସିକ ସ୍ତରରେ ସାଧାରଣ ପ୍ରସବ ନିମନ୍ତେ ପ୍ରସ୍ତୁତ କରିବା। ଯେହେତୁ ୮୫ ପ୍ରତିଶତରୁ ଅଧିକ ପ୍ରସବ ସାଧାରଣ ଭାବେ କରାଯାଇପାରିବ, ତେଣୁ ଏହାକୁ ତାଲମପ୍ରାପ୍ତ ସେବିକା ଧାତ୍ରୀ (ଏନ୍‌ପିଏମ୍)ମାନେ ପରିଚାଳନା କରିପାରିବେ। ଏହାଦ୍ୱାରା ଉଭୟ ମା' ଓ ପରିବାର ଉପରୁ ଚାପ ହ୍ରାସ ସହିତ ଡାକ୍ତରମାନଙ୍କ କାମ କମ୍ କରାଯାଇପାରିବ। ଅସ୍ତ୍ରୋପଚାର ଦ୍ୱାରା କରାଯାଉଥିବା ପ୍ରସବ ହ୍ରାସ ପାଇବ ଓ କେବଳ ଅତ୍ୟନ୍ତ ଦରକାର ଥିବା କେସ୍‌ଗୁଡିକରେ ଏହା କରାଯିବା ଜରୁରୀ। ଅସ୍ତ୍ରୋପଚାର ଦ୍ୱାରା ପ୍ରସବ ବା ସିଜରିଆନ ସେକ୍ସନ ଅନୁଶୀଳନ ଓ ଅଡିଟ୍ ପାଇଁ ଏବେ ସରକାରୀ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଛି।

'ବିଶ୍ୱଧାତ୍ରୀ ଦିବସ' ୧୯୯୨ ଠାରୁ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ହେଉଛି 'ପୁନଶ୍ଚ ଏକତ୍ରିତ ହେବା: ପ୍ରମାଣରୁ ବାସ୍ତବ ପାଇଁ' (Together again: from evidence to reality)। ପ୍ରମାଣ ହେଲା ଯେ ମା'ମାନେ ପ୍ରସବ ପାଁଇ ଆଦୌ ଭୟଭୀତ ହେବା ଅନୁଚିତ। ଗର୍ଭଧାରଣ ସମୟରେ ସେବିକାଧାତ୍ରୀମାନଙ୍କର ଯତ୍ନ, ପରାମର୍ଶ, ତାଲିମ ଓ ବ୍ୟାୟାମ ଇତ୍ୟାଦି ଦ୍ୱାରା ଅଧିକାଂଶ ପ୍ରସବ ସାଧାରଣ ଭାବରେ କରାଯାଇପାରିବ। ଆମର ଲକ୍ଷ୍ୟ ରହିଛି ପ୍ରତି ୧ଲକ୍ଷ ପ୍ରସବ କ୍ଷେତ୍ରରେ ମାତୃ ମୃତ୍ୟୁ ହାର ୭୦କୁ କମାଇବା, ଯାହା ପାଇଁ ପ୍ରୟାସ ଜାରି ରହିଛି। ଆମ ଦେଶରେ ପ୍ରତିଦିନ ପାଖାପାଖି ୭୪ ଜଣ ମା' ପ୍ରସବଜନିତ ମୃତ୍ୟୁମୁଖରେ ପଡିଥାଆନ୍ତି। ଏହି ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ଆମ ରାଜ୍ୟରେ ସଫଳ ଭାବରେ ହ୍ରାସ କରାଯାଇପାରିଛି। ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି।

ମିଡ୍‌ୱାଇଫେରିମାନଙ୍କର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା: ସାଧାରଣ ପ୍ରସବ ଓ ମା'ମାନଙ୍କୁ ସଫଳ ଭାବେ ଏଥିପାଇଁ ପ୍ରସ୍ତୁତି। ସେବିକା ଧାତ୍ରୀମାନେ ମା'ମାନଙ୍କର ଜୀବନ ରକ୍ଷା କରିଥାଆନ୍ତି। ଏହା ଏକ ସଫଳ ପଦକ୍ଷେପ, ତାଲିମ ଓ ତା'ଠାରୁ ଅଧିକ ଅନୁଭବ। ଦୀର୍ଘସ୍ଥାୟୀ ବ୍ୟବସ୍ଥା, ଉଚ୍ଚମାନର ଟ୍ରେନିଂ ମଡେଲର ପ୍ରତିଷ୍ଠା, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞମାନଙ୍କ ସହିତ ସହଭାଗିତା ଓ ଏଥିଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଯୁକ୍ତ ଅର୍ଥ ବରାଦ ଇତ୍ୟାଦି ଗୁରୁତ୍ୱ ବହନ କରେ।

ଏହାର କ୍ଷେତ୍ରଗୁଡିକ ହେଲା– ସେବିକା ଧାତ୍ରୀମାନଙ୍କର ଯତ୍ନ, ପ୍ରସବ କ୍ଷେତ୍ରରେ ଭୂମିକା, ମା'ମାନଙ୍କର ସ୍ୱାସ୍ଥ୍ୟ, ଧାତ୍ରୀ ବିଜ୍ଞାନ ଓ ସେବିକା ପ୍ରାକ୍ଟିସର ବିଭିନ୍ନ ସମ୍ଭାବନା, ମା'ମାନଙ୍କର ନର୍ସିଂ ସ୍ୱାସ୍ଥ୍ୟ, ଗର୍ଭ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଯତ୍ନ, ଗର୍ଭ ସଞ୍ଚାର ଆଗର ଯତ୍ନ, ଗର୍ଭ ଓ ପ୍ରସବ ଯତ୍ନ, ତମାଖୁ ବର୍ଜନ, ଡାକ୍ତରଖାନାର ସେବିକା ଧାତ୍ରୀମାନଙ୍କର ଭୂମିକା, ସ୍ତନ୍ୟପାନ ତାଲିମ, ଜନ୍ମଠାରୁ ମା'ର ଯତ୍ନ, ପରିବାର କଲ୍ୟାଣ ଓ ହିପ୍ନୋବାର୍ଥିଙ୍ଗ ଅର୍ଥାତ, କଷ୍ଟରହିତ ପ୍ରସବ।

**–ଡା. ରାମଚନ୍ଦ୍ର ରାଉତ**
ସେବିକା ନିର୍ଦ୍ଦେଶକ, ଓଡ଼ିଶା
ମୋ– ୯୪୩୭୭୪୨୪୯୯

# ସ୍ୱୟଂ ପ୍ରଦୀପ ବନିଯାଅ

(ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ)



ଖ୍ରୀଷ୍ଟପୂର୍ବ ୫୬୩ର ବୈଶାଖ ପୂର୍ଣ୍ଣିମା, ବେଶ ମହତ୍ୱପୂର୍ଣ୍ଣ। ଏହି ଦିନ ଶାକ୍ୟ ଗଣରାଜ୍ୟର ତତ୍କାଳୀନ ରାଜଧାନୀ କପିଳାବାସ୍ତୁ ସମୀପସ୍ଥ ଲୁମ୍ବିନୀରେ କ୍ଷେତ୍ରୀୟ ରାଜବଂଶର ରାଜା ଶୁଦ୍ଧୋଦନ ଓ ମହାରାଣୀ ମାୟାଦେବୀଙ୍କ ପ୍ରାସାଦରେ ସିଦ୍ଧାର୍ଥ ରୂପେ ବୁଦ୍ଧଙ୍କ ଚେତନା ଅବତରିତ ହୁଏ। ଏ ଧରାପୃଷ୍ଠରେ ସିଏ ଭୂମିଷ୍ଠ ହେବା ସମୟରେ ଏକ ବିସ୍ମୟଜନକ ଘଟଣା ଘଟିଥିଲା। ତାଙ୍କ ଅପୂର୍ବ ଦର୍ଶନ ଲଭିବା ନିମନ୍ତେ ଉତୁଙ୍ଗ ହିମଗିରି ହିମାଳୟର ପରମ ତେଜସ୍ୱୀ ତଥା ତପସ୍ୱୀ ଋଷି ଅସିତା ଆସିଥିଲେ। ଆଉ କହିଥିଲେ ଆପଣଙ୍କ ସନ୍ତାନ କୌଣସି ଜଣେ ସାଧାରଣ ଜୀବାତ୍ମା ନୁହନ୍ତି। ଏ ଦିନେ ଜଣେ ପ୍ରବଳ ପରାକ୍ରମଶାଳୀ ଚକ୍ରବର୍ତ୍ତୀ ସମ୍ରାଟ ବନିଯିବ କିମ୍ବା ଜଣେ ମହାନ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ପାଲଟିଯିବ। ତେବେ ଋଷିଙ୍କର ଏକଥା ହୃଦବୋଧ ହୋଇଥିଲା ଯେ, ଏ ଶିଶୁ ଯେତେବେଳେ ବୁଦ୍ଧତ୍ୱର ପରାକାଷ୍ଠା ହାସଲ କରିବ ସେତେବେଳେ ସେ ତାଙ୍କୁ ଚର୍ମନେତ୍ରରେ ଅବଲୋକନ କରିପାରିବେ ନାହିଁ। କାରଣ ଏ ଇହଲୋକରୁ ତାଙ୍କର ବିଦାୟ ନେବାର ସମୟ ନିକଟ ହେଲାଣି। ମହାକାଳର ପ୍ରବାହରେ ସମୟ ବିତାଇ ସିଦ୍ଧାର୍ଥ ତାରୁଣ୍ୟରେ ପାଦ ଥାପନ୍ତି, ସମବୟସ୍କା ସୁନ୍ଦରୀ ଯଶୋଧାରା ତାଙ୍କର ରାଣୀ ହୁଅନ୍ତି, ଆଉ ରାହୁଳ ନାମରେ ସେ ପୁତ୍ର ସନ୍ତାନର ଜନକ ହୁଅନ୍ତି। ଚକ୍ରବର୍ତ୍ତୀ ସମ୍ରାଟ ହେବା ନିମନ୍ତେ ଆଜନ୍ମରୁ ହିଁ ତାଙ୍କ ପ୍ରତି ନିଘା ରହିଥିଲା, ହେଲେ କୌଣସି ପ୍ରକାର ସାଂସାରିକ ନର୍କ ଦୁଃଖ ତାଙ୍କୁ ସ୍ପର୍ଶ କରି ନ ଥିଲା। ରାଜକୁମାର ସିଦ୍ଧାର୍ଥ କିନ୍ତୁ ସ୍ୱପ୍ନରେ ଦେଖିଥିଲେ ସଂସାର ଦୁଃଖ। ସେଇ ଦୁଃଖଦ ସ୍ୱପ୍ନ ଯୋଗୁ ତାଙ୍କ ମୁଖମଣ୍ଡଳରେ ସଂଚରି ଯାଇଥିଲା ବିଷର୍ଣ୍ଣ, ବିମର୍ଷ ଭାବ। ସେ ସର୍ବଦା ଉଦ୍‌ବିଗ୍ନ, ଉଦାସ ରହୁଥିଲେ। ଆଉ ରାତିରେ ତାଙ୍କ ଚକ୍ଷୁ ଯୋଡ଼ିକରୁ ନିଦ ଅନ୍ତର୍ହିତ ହୋଇ ଯାଇଥିଲା। ପୁଣି ଦିନେ ତାଙ୍କ ହସ୍ତକୁ ଏମିତି ଏକ ସୁବର୍ଣ୍ଣ ଅବସର ଆସିଥିଲା ଯେତେବେଳେ ସଂସାରର ବାସ୍ତବତା ପରିଚିତି ଦେଇଥିଲା। ସେ ଦିନେ ଅନ୍ତରଙ୍ଗ ସାଥୀ ସାରଥୀ ଛନ୍ଦକ ସହିତ ନଗର ପରିକ୍ରମା କରିବା ନିମନ୍ତେ ରାଜ ଉଆସରୁ ବାହାରି ଆସନ୍ତି। ଏତିକିବେଳେ ତାଙ୍କ ନଜର ଲାଖିଯାଏ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥିବା ରୋଗୀଟି ଉପରେ, ହାତରେ ବାଡ଼ି ଟେକିଧରି ଚାଲୁଥବା ଜରାଜୀର୍ଣ୍ଣ ବୃଦ୍ଧଙ୍କ ଉପରେ, ଶ୍ମଶାନଘାଟକୁ କୋକେଇ ବୁହାହୋଇ ଯାଉଥିବା ନିଷ୍ପ୍ରାଣ ନିଷ୍ପନ୍ଦ ତଥା ନିର୍ଜୀବ ଶବଟି ଉପରେ, ଆଉ ଶେଷରେ ନଗର ପରିକ୍ରମା କରୁଥିବା ସନ୍ନ୍ୟାସୀ ଉପରେ। ସାରଥୀ ଛନ୍ଦକ ବୁଝାନ୍ତି ଜୀବନରେ ମନୁଷ୍ୟକୁ ରୋଗ ବ୍ୟାଧି ଗ୍ରାସକରେ, ବୃଦ୍ଧାବସ୍ଥା କବଳିତ ହୁଏ। ଏହିପରି ଭାବରେ ଜୀବନର ଅନ୍ତ ଘଟିଥାଏ। ସେଥି ପାଇଁ ସନ୍ନ୍ୟାସୀ ପରମ ଜ୍ଞାନ ସନ୍ଧାନ କରି ମୋକ୍ଷପ୍ରାପ୍ତ କରିବାକୁ ପ୍ରଯତ୍ନଶୀଳ ହୋଇଥାନ୍ତି। ଘଟଣା ସବୁ ଏମିତି ସ୍ପର୍ଶକାତର ଥିଲା ଯାହା କି ସିଦ୍ଧାର୍ଥଙ୍କ ମନରେ ସୃଷ୍ଟି କରିଥିଲା ଭାବାନ୍ତର। ଏ ସବୁ ଜାଣିବା ଉପରାନ୍ତେ ପ୍ରଚଣ୍ଡ ବୈରାଗ୍ୟ ଭାବନା ସୃଷ୍ଟି ହୋଇଥିଲା ତାଙ୍କ ମନରେ। ଦିନେ ସେ ତାଙ୍କ ପୁତ୍ର ରାହୁଳ ଓ ପତ୍ନୀ ଯଶୋଧାରାଙ୍କୁ ପରିତ୍ୟାଗ କରି ପ୍ରସ୍ଥାନ କରିଥିଲେ। ଏହିଭଳି ଯୁବରାଜ ମହାତପୀ ବନିଯାନ୍ତି, କଠୋର ତପସ୍ୟା ନିମଜ୍ଜିତ ରହି ତାଙ୍କ ଶରୀର ଜୀର୍ଣ୍ଣଶୀର୍ଣ୍ଣ, କୃଶ ହୋଇଯାଏ। ପରବର୍ତ୍ତୀ ସମୟରେ ସେ ଧ୍ୟାନମଗ୍ନ ରହି ବୁଦ୍ଧହୋଇ ନେତ୍ର ଉନ୍ମୀଳନ କରିଥିଲେ। ବୁଦ୍ଧତ୍ୱ ପ୍ରାପ୍ତିର ଏହି ଶୁଭ ପବିତ୍ର ଦିବସଟି ଥଲା ବୈଶାଖ ପୂର୍ଣ୍ଣିମା। ପରବର୍ତ୍ତୀ ସମୟରେ ବୁଦ୍ଧ ପୂର୍ଣ୍ଣିମା ନାମରେ ଏହା ଖ୍ୟାତ ହୋଇଛି।

**–ନଗେନ୍ଦ୍ର ନାଥ ପଟ୍ଟନାୟକ**
ମୋ–୯୪୩୮୩୩୨୧୩୮

# ଗୁରୁଦ୍ୱାରରେ ସୁରଜ



ମୁମ୍ବାଇ: ୨୦୧୩ରେ ଘଟିଥିବା ଅଭିନେତ୍ରୀ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ଫସିଥିବା ଅଭିନେତା ସୁରଜ ପାଞ୍ଚୋଲିଙ୍କୁ ନିକଟରେ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତେବେ ସେ ମୁକୁଳିବା ପରେ ବୁଧବାର ଦିଲ୍ଲୀର ଗୁରୁଦ୍ୱାର ବଙ୍ଗଲା ସାହିବଠାରେ ପହଞ୍ଚି ସେଠାରେ ହଳଦିଆ କପଡ଼ା ମୁଣ୍ଡରେ ବାନ୍ଧି ହାତ ଯୋଡ଼ିଥିବା ଦେଖିବାକୁ ମିଳିଛି। ଏହାର ଫଟୋ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏଥିସହ ସେ ମୁମ୍ବାଇର ସିଦ୍ଧେଶ୍ୱର ମନ୍ଦିରକୁ ଯାଇ ସେଠାରେ ଠାକୁରଙ୍କ ଆଶୀର୍ବାଦ ନେଇଥିବା ଜଣାପଡ଼ିଛି। ୧୦ ବର୍ଷ ପରେ ତାଙ୍କୁ ଦୋଷମୁକ୍ତ ଘୋଷଣା କରାଯିବା ପରେ ସେ ଟିକେ ଆଶ୍ୱସ୍ତ ମନେକରି ମନ୍ଦିର ଦର୍ଶନ କରୁଛନ୍ତି। ତାଙ୍କର ଏହି ୧୦ ବର୍ଷ ବହୁତ କଷ୍ଟରେ ବିତିଥିବାବେଳେ ସବୁ ରାତି ଅନିଦ୍ରା ରହିଥିବା କହିଛନ୍ତି। ସେ ଏତେ ବର୍ଷ ପରେ ତାଙ୍କ ପରିବାରକୁ ଫେରି ପାଇଛନ୍ତି, ଯାହା ତାଙ୍କ ପାଇଁ ସବୁଠୁ ଅଧିକ ଖୁସିର କଥା ବୋଲି ସେ କହିଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୬ **ବିଜ୍ଞାପନ** ତା:୦୨।୦୫।୨୦୨୩

No. CAD-439: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ନୀଳମଣି ସାହୁ, ପିତା: ୰ବିଶ୍ୱନାଥ ସାହୁ, ସା/ପୋ.: ସୀମର, ଥାନା: ଖୋର୍ଦ୍ଧା, ଜି.: ଖୋର୍ଦ୍ଧା | ଘର ନଂ. ଏଚ୍.ଆଇ.ଜି. (ଡି)–ସି–୫୭– HIG(D)-C-57, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ବାସନ୍ତୀ ସାହୁ (ସ୍ତ୍ରୀ) ୨. ପାର୍ଥ ସାରଥୀ ସାହୁ (ପୁତ୍ର) ୩. ଶ୍ରାବଣୀ ସାହୁ (ବି–କନ୍ୟା) ୪. ଶାଶ୍ୱତୀ ସାହୁ (ବି–କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0090/2324



## OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)

NIRMAN SOUDHA, BHUBANESWAR
E-mail: seec.bbsr2010@gmail.com

**Bid Identification No. S.E.E.C. (R&B) 03/2023-24**
No. 658 Date: 26.04.2023

No. B-149: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.06.05.2023 at 05.00 P.M. to Dt.20.05.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.22.05.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**. Addendum/Corrigendum, if required, will be available only in the website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0006/2324


## ରାଜ୍ୟ ଖବର

# ଜେଇଇ ମେନ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୫(ବ୍ୟୁରୋ)

ଜେଇଇ ମେନ୍ ସେସନ–୨ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଆଶାନୁରୂପ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ୫୪ଜଣ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୧ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଓ ପରିଚାଳକଙ୍କୁ ଅଭନନ୍ଦନ ଜଣାଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ସହ ମେଧାବୀ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ବୃଦ୍ଧି କରିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ୫–ଟି ସଚିବ ଭିକେ ପାଣ୍ଡିଆନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍ ଅଭିନନ୍ଦନ ଜଣାଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ପରୀକ୍ଷା ଫଳ ଖୁବ୍ ଉତ୍ସାହଜନକ ବୋଲି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ଜଣାଇଛନ୍ତି।

# ୨ କୋଟିରୁ ଉର୍ଦ୍ଧ୍ୱ ଅଲିଭ ରିଡ୍‌ଲେ କଇଁଛ ଶାବକ ସମୁଦ୍ରକୁ ଗଲେ



ଗହୀରମଥାର ଅଗରନାସୀ–୨ରେ ଅଣ୍ଡାରୁ ଅଲିଭ ରିଡ୍‌ଲେ କଇଁଛ ଶାବକ ବାହାରି ସମୁଦ୍ରକୁ ଯାଉଛନ୍ତି।

### ଅନ୍ତୁଡ଼ିଶାଳ ଗହୀରମଥା ଚଳଚଞ୍ଚଳ

ରାଜନଗର, ୪।୫(ଡି.ଏନ.ଏ.)

ଅଲିଭ ରିଡ୍‌ଲେ କଇଁଛମାନଙ୍କ ଅନ୍ତୁଡ଼ିଶାଳ କେନ୍ଦ୍ରାପଡ଼ା ଜିଲା ଗହୀରମଥା ସମୁଦ୍ର ବେଳାଭୂମି ଦୀର୍ଘ ୬୦ଦିନ ପରେ ଚଳଚଞ୍ଚଳ ହୋଇଉଠିଛି। ଲକ୍ଷ ଲକ୍ଷ ମା' କଇଁଛ ଗହୀରମଥାର ଅଗରନାସୀ–୨ରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଶେଷ କରିଥିଲେ। ୨୯ରୁ ୪ତାରଖ ୬ଦିନ ଭିତରେ ୨,୨୮,୫୨,୧୫୫ ଅଣ୍ଡାରୁ ଶାବକ ବାହାରି ମା'ଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଏହି ଶାବକମାନେ ଗଭୀର ସମୁଦ୍ର ଭିତରକୁ ଚାଲିଯାଇଛନ୍ତି। ଚଳିତବର୍ଷ ଫେବୃୟାରୀ ୧୦ରୁ ଆରମ୍ଭ ହୋଇଥିବା ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ୫ ଲକ୍ଷ ୩ ହଜାର ୭୧୯ ମା' କଇଁଛ ଅଣ୍ଡା ଦେଇଥିଲେ, ଯାହା ଗତବର୍ଷ ଅପେକ୍ଷା ୧୧ ହଜାରରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ଗହୀରମଥାର ଅଗରନାସୀ–୨ ସମେତ ସାତଭାୟା, ପେଣ୍ଠ ବେଳାଭୂମିରେ ସମୂହ ଅଣ୍ଡାଦାନ ପର୍ବ ଶେଷ କରିଥିଲେ। ୨ ମାସ ଭିତରେ ପ୍ରକୃତିର ନିୟମ ଅନୁସାରେ, ଅଣ୍ଡାଗୁଡ଼ିକରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଯାଇଛନ୍ତି। ଅଣ୍ଡାଗୁଡ଼ିକର ଛୁଆ ଫୁଟିବା ସମୟରେ କୁଆ, ବିଲୁଆ, ଛଞ୍ଚାଣ ପ୍ରଭୃତିଙ୍କ ଦାଉରୁ ସୁରକ୍ଷା ଦେବାକୁ ଗହୀରମଥା ରେଞ୍ଜ ଅଫିସର ବିଚିତ୍ରାନନ୍ଦ ବେହେରାଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ସଜାଗ ରହିଛନ୍ତି। ଏହି ପ୍ରକ୍ରିୟା ଆଉ ୨ରୁ ୪ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରକ୍ରିୟା ଆରମ୍ଭ ସମୟରେ ଆର୍‌ସିସିଏଫ୍ ସଞ୍ଜିତ କୁମାର ଅଗରନାସୀ–୨ରେ ପହଞ୍ଚି ଶାବକମାନେ ଯେପରି ସୁରକ୍ଷିତ ଭାବେ ସମୁଦ୍ର ଭିତରକୁ ଯାଇପାରିବେ ଏହାର ତଦାରଖ କରି ଫେରିଛନ୍ତି।


## GOVT. OF ODISHA
## DEPARTMENT OF PANCHAYATI RAJ & DRINKING WATER
## OFFICE OF THE PANCHAYAT SAMITI, KANTAPADA, CUTTACK

No. i-103
Phone No.: 7008045394, Email ID: ori-kantapara@nic.in

**'E' - PROCUREMENT NOTICE**

No. 02 Dated: 02.05.2023

| | | |
|---|---|---|
| 1 | Name of Work | 1. Construction of Day care sub-centre cum Health & Wellness Centre at Nodha<br>2. Construction of Day care sub-centre cum Health & Wellness Centre at Taradapada<br>3. Construction of Day care sub-centre cum Health & Wellness Centre at Patsundarpur<br>4. 1. Construction of Day care sub-centre cum Health & Wellness centre at Uradha |
| 2 | Tender Cost | Rs.28.45 Lakh |
| 3 | Class of Contractor | C & B |
| 4 | Period of Completion | 8 Months |
| 5 | Date and time of availability of bid documents in the portal | 05.05.2023 at 10.00 A.M. |
| 6 | Last date/time for receipt of bids in the portal | 19.05.2023 upto 05.00 P.M. |
| 7 | Date and time of Opening of Bid | 20.05.2023 at 11.30 A.M. |
| 8 | Name and address of the Officer Inviting Bid | Block Development Officer, Kantapada, O/o. Panchayat Samiti, Kantapada, Cuttack |

Further details can be seen from the Govt. website **www.tendersodisha.gov.in.**

Sd./- Block Development Officer, Kantapada
OIPR-19292/11/0004/2324



## OFFICE OF THE CDM & PHO-CUM-DISTRICT MISSION DIRECTOR

District Programme Management Unit,
DPMU, NHM, Dist: Balangir - 767001
E-mail: nhmbalangir@gmail.com

Advt. No. 1627/NHM/2023 Date: 03.05.2023

**ADVERTISEMENT**

No. E-75: Applications are invited from the eligible candidates to fill up the different vacant posts like MO Ayush (Co-located), MO Ayush under MHT, MO Ayush under Addl. MHU & Accountant-cum-DEO under NHM, Balangir. The eligibility criteria, term & conditions, vacancy, monthly remuneration & application form for the vacant post can be downloaded from the district website. Interested candidates may log on to **https://balangir.nic.in** for detail information.

Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only. The application should reach to the CDM&PHO-cum-DMD, NHM, Balangir latest by 18.05.2023 (upto 01.00 P.M.). The undersigned is not responsible for postal delay. The envelope containing the application should be super scribed with the name of the post applied for ________, the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information. The undersigned reserves the right to cancel/reject any or all the applications without assigning any reason thereof.

Sd./- Dr. Kuber Chandra Mahanta
CDM & PHO-cum-DMD, Balangir
OIPR-10019/11/0002/2324



## GOVERNMENT OF ODISHA
## OFFICE OF RURAL WATER SUPPLY & SANITATION, DIVISION, BOUDH

E-mail ID: rwssboudh@gmail.com

**NATIONAL COMPETITIVE BIDDING THROUGH E-Procurement**

**Tender Identification No. 02/S.E. RWSS, Boudh of 2023-24**

No. O-105: The Superintending Engineer, RWS&S Division, Boudh on behalf of the Government of Odisha invites Percentage Rate Bids in Single Cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted online in the website **www.tendersorissa.gov.in** separately for the work.

| | | |
|---|---|---|
| 1 | Nature of work | 0.20 MLD Capacity Water Filter House |
| 2 | Estimated Cost | 25.64 lakhs |
| 3 | No. of works | 01 No. |
| 4 | Tender Cost | 6000.00 |
| 5 | Class of Contractor | "C" & "B" |
| 6 | Availability of Bid document in the website | Dt.10.05.2023, 11 hours to 17.05.2023 17 hours |
| 7 | Date of seeking clarification | During the office hours of 10.05.2023 to 15.05.2023 |
| 8 | Date of Opening Bid | Dt.18.05.2023 at 11.00 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

OIPR-25039/11/0002/2324
Sd./- Superintending Engineer
RWS&S Division, Boudh

# ଅସୁରକ୍ଷିତ ବୌଦ୍ଧପୀଠ

## ଆଜି ବୁଦ୍ଧ ଜୟନ୍ତୀ

■ ଭାଷଣରେ ଚାଲିଛି ସୁରକ୍ଷା ଚିନ୍ତା

**ଚଣ୍ଡିଖୋଲ,୪।୫(ଡି.ଏନ୍.ଏ.):**

ଶୁକ୍ରବାର ଚନ୍ଦନ ପୂର୍ଣ୍ଣିମା। ଏହାକୁ ବୌଦ୍ଧ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଭଗବାନ ତଥାଗତ ବୁଦ୍ଧ ଏହି ଦିନ ଜନ୍ମଗ୍ରହଣ କରିଥିବାରୁ ଏହାକୁ ବୁଦ୍ଧ ଜୟନ୍ତୀ ରୂପେ ପାଳନ କରାଯାଏ। ଓଡ଼ିଶାର ପ୍ରମୁଖ ବୌଦ୍ଧକ୍ଷେତ୍ର ହୀରକ ତ୍ରିଭୁଜ କଟକ ଜିଲାର ଲଳିତଗିରି, ଯାଜପୁର ଜିଲାର ରତ୍ନଗିରି ଓ ଉଦୟଗିରି ବିଶ୍ୱବିଦିତ। ବିଶ୍ୱର କୋଣ ଅନୁକୋଣରୁ ଏଠାକୁ ପର୍ଯ୍ୟଟକ ତଥା ବୌଦ୍ଧ ଗବେଷକ ଆସିଥାନ୍ତି। କେନ୍ଦ୍ର ସରକାରଙ୍କ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଏହାର ଉତ୍ଖନନ ଓ ସୁରକ୍ଷା ଦାୟିତ୍ୱ ନେଇଛି। ଏହାକୁ ସୁରକ୍ଷିତ କରିବା ପାଇଁ ସମସ୍ତ ବୌଦ୍ଧ ପୀଠ ପରିଧି ସୀମାରେ ପାଚେରି ନିର୍ମାଣ କରାଯାଇଛି। ତେବେ ଏହି ପାଚେରିର ଲୁହା ଖଣ୍ଡଗୁଡ଼ିକୁ ବାରମ୍ବାର ଚୋରି କରି ନିଆଯାଉଥିବାରୁ ଏହା ଅସୁରକ୍ଷିତ ହୋଇପଡ଼ିଛି। ଏହାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲଳିତଗିରି, ଉଦୟଗିରି ଓ ରତ୍ନଗିରିର ଚତୁଃପାର୍ଶ୍ୱରେ ୨୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଚେରି ନିର୍ମାଣ କରାଯାଇଥିବାବେଳେ ଏବେ ବହୁ ସ୍ଥାନରୁ ଦୁର୍ବୃତ୍ତ ପାଚେରି ଭାଙ୍ଗିଦେଲେଣି, ଯାହାକୁ ନେଇ ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କରିଛନ୍ତି।

୧୯୭୬ରୁ ଏହି ବୌଦ୍ଧ ପୀଠଗୁଡ଼ିକର ଖନନ କରାଯାଇ ବ୍ୟାପକ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ଉଦୟଗିରିଠାରେ ୨ ମହାବିହାର ଯଥା ସିଂହପ୍ରସ୍ଥ ମହାବିହାର ଓ ମାଧବପୁର ମହାବିହାର ଆବିଷ୍କୃତ ହୋଇଛି, ଯାହାକି ୧୦ମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ସମୟ ବୋଲି ଐତିହାସିକ ମତବ୍ୟକ୍ତ କରିଛନ୍ତି। ସେହିଭଳି ଲଳିତଗିରିଠାରେ ଲଣ୍ଡାପାହାଡ଼ର ସୁଉଚ୍ଚ ପର୍ବତ ଶିଖରରେ ଯେଉଁ ସ୍ତୁପ ବାହାରିଛି ସେ ସ୍ତୁପ ମଧ୍ୟରୁ ତଥାଗତ ବୁଦ୍ଧଙ୍କ ଅସ୍ଥି ମିଳିଛି। ୩ଟି ଫରୁଆରେ ଆବଦ୍ଧ ହୋଇ ରହିଥିବା ଏହି ଅସ୍ଥିକୁ ପ୍ରଥମେ ଭୁବନେଶ୍ୱର ରାଜ୍ୟ ସଂଗ୍ରାହଳୟରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଲଳିତଗିରିଠାରେ ବୁଲେଟ ପ୍ରୁଫ୍ ସଂଗ୍ରାହାଳୟ ସ୍ଥାପନ କରାଯାଇ ଏହି ଅସ୍ଥିକୁ ରଖାଯାଇଛି। ସେହିଭଳି ଖ୍ରୀପୂ ଦ୍ୱିତୀୟ ଶତାବ୍ଦୀର ବିରଳ ସ୍ତୁପ ପାରାଭାଡ଼ିଠାରେ ମିଳିଛି। ଏହାକୁ ପାରାଭାଡ଼ି ସ୍ତୁପ କୁହାଯାଉଥିବାବେଳେ ଦୀର୍ଘ ବର୍ଷ ଧରି ଏହା ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲା।

୨୦୨୩ ଫେବୃୟାରୀରେ ଏହାର ଖନନ କାର୍ଯ୍ୟ କରାଯାଇ ଲୋକଲୋଚନକୁ ଆସିଥିବାବେଳେ ଏହା ସମ୍ପୂର୍ଣ୍ଣ ଖନନ ହୋଇନାହିଁ। ସେହିଭଳି ରତ୍ନଗିରିଠାରେ ବୌଦ୍ଧ ମହାବିହାର ମିଳିଥିବାବେଳେ ବୌଦ୍ଧ ଭୀକ୍ଷୁ ଓ ପ୍ରାଚୀନ କୀର୍ତ୍ତିରାଜୀ ଆବିଷ୍କୃତ ହୋଇଛି। ଐତିହାସିକ ମତ ଦିଅନ୍ତି ଯେ, ଏଠାରେ ସେ ସମୟରେ ପୁଷ୍ପଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟ ଥିଲା, ଯାହାର ଏବେବି କିଛି ଭଗ୍ନାବଶେଷ ଏହି ୩ଟି ବୌଦ୍ଧପୀଠରୁ ମିଳିଛି। ଖ୍ରୀପୂ ୬ଷ୍ଠ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୋଏନ୍‌ସାଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଏଠାରେ ପ୍ରାଚୀନ କୀର୍ତ୍ତିରାଜି ପରିପୂର୍ଣ୍ଣ ଥିବାନେଇ ସେତେବେଳେ ଉଲ୍ଲେଖ କରିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ଏଏସ୍ଆଇର ଭୁବନେଶ୍ୱର ସର୍କଲକୁ ଦୁଇ ଭାଗରେ ବିଭକ୍ତ କରିଦିଆଯାଇଛି। ନୂତନ ସର୍କଲ ପୁରୀଠାରେ ପ୍ରତିଷ୍ଠା କରାଯାଇଛି। ଏହି ହୀରକ ତ୍ରିଭୁଜକୁ ପୁରୀ ସର୍କଲ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି। ଏଠାରୁ ଆବିଷ୍କୃତ ବୌଦ୍ଧ ଯୁଗୀୟ ବର୍ଷାବାସ, ବୌଦ୍ଧ ଗୁମ୍ଫା ଓ ଭଗ୍ନ ବୌଦ୍ଧ ମୂର୍ତ୍ତି ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ସମୟର ବୋଲି ଏଏସ୍ଆଇ ପକ୍ଷରୁ ସୂଚନା ଦିଆଯାଇଛି।


ବୌଦ୍ଧ ପୀଠରେ ଥିବା କଳାକୃତି ଭାଙ୍ଗି ଗଲାଣି।

ସେହିଭଳି ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର କାଏମା, ଲାଙ୍ଗୁଡ଼ି ଓ ରାଧାନଗରରୁ ବହୁ ବୌଦ୍ଧ କୀର୍ତ୍ତିରାଜି ଆବିଷ୍କୃତ ହୋଇଛି। ଏହାକୁ ସୁରକ୍ଷିତ ରଖି ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେବାକୁ ଏଏସ୍ଆଇ ପକ୍ଷରୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ହେଲେ ଏଏସ୍ଆଇ ତରଫରୁ କେବେବି ବୁଦ୍ଧ ଜୟନ୍ତୀ ପାଳନ କରାଯାଇନାହିଁ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପ୍ରତ୍ୟେକ ବର୍ଷ ବୁଦ୍ଧ ଜୟନ୍ତୀ, ଲଳିତଗିରି, ଉଦୟଗିରି ଓ ରତ୍ନଗିରିଠାରେ ପାଳନ କରାଯାଏ। ଏହି ଜୟନ୍ତୀ ପାଳନ ଅବସରରେ ସୁରକ୍ଷାକୁ ନେଇ ବିଭିନ୍ନ ପ୍ରକାର ଭାଷଣ ଚାଲିଥାଏ। ଏଥିସହିତ ବୌଦ୍ଧପୀଠର ପ୍ରାକୃତିକ ପରିବେଶକୁ ନେଇ ଚିନ୍ତାବ୍ୟକ୍ତ କରାଯାଏ। କିନ୍ତୁ ଏଏସ୍ଆଇର ବିନା ଅନୁମତିରେ ବୌଦ୍ଧ ପୀଠ ଅଞ୍ଚଳରେ ପ୍ରବେଶ କରିବା କିମ୍ବା ସଭା କରିବା ସମ୍ଭବ ନୁହେଁ। ସ୍ଥାନୀୟ ଅଞ୍ଚଳବାସୀ ଏହାର ସୁରକ୍ଷାକୁ ନେଇ ବିଭିନ୍ନ ସମୟରେ ପ୍ରଚେଷ୍ଟା କରିଥିଲେ ମଧ୍ୟ ଏଏସ୍ଆଇ ପକ୍ଷରୁକୌଣସି ପଦକ୍ଷେପ ନିଆଯାଇ ନାହିଁ। ଏନେଇ ଏଏସ୍ଆଇର ପୁରୀ ସର୍କଲ ଅଧୀକ୍ଷକ ଡ. ଦିବିସଦ ବ୍ରଜସୁନ୍ଦର ଗଡ଼ନାୟକଙ୍କୁ ପଚାରିବାରେ ସେ କୁହନ୍ତି, ଏଠାରେ ଯାହା ଅସୁବିଧା ଅଛି ଓ ଚୋରି ହୋଇଛି ତୁରନ୍ତ ସେଗୁଡ଼ିକ କାର୍ଯ୍ୟକାରୀ କରାଯିବ।








ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

@ ଚନ୍ଦନ

@ ମନୀଷା

@ ରଶ୍ମିତା

@ ସସ୍ମିତ

@ ସୁବ୍ରତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ବ୍ୟବସାୟୀ ଅଟକ

**ମହାକାଳପଡ଼ା,୪।୫(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ପୋଲିସ ସହାୟତାରେ ଅବକାରୀ ବିଭାଗ କର୍ମଚାରୀମାନେ ଚଢାଉ କରି ଗୁରୁବାର ସନ୍ଧ୍ୟାରେ ଚଢ଼ାଇଗୁଆଁ ଗାଁର ପ୍ରଭାତ ସାହାଣୀ (୩୫)ଙ୍କ ଘରୁ ୬ ବସ୍ତା ଗଞ୍ଜେଇ ଜବତ କରିଛନ୍ତି। ବ୍ୟବସାୟୀ ପ୍ରଭାତ ସାହାଣୀଙ୍କୁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଅଟକ ରଖି ପଚରାଉଚରା କରୁଛନ୍ତି। ଜବତ ଗଞ୍ଜେଇ ବସ୍ତାଗୁଡ଼ିକୁ ଅବକାରୀ ବିଭାଗ କର୍ମଚାରୀମାନେ ଜିଲା କାର୍ଯ୍ୟାଳୟକୁ ନେଇଛନ୍ତି ବୋଲି ଜଣାପଡ଼ିଛି। ଏହି ଅଞ୍ଚଳରେ ବହୁଳ ପରିମାଣରେ ନିଶା ସାମଗ୍ରୀ ( ଗଞ୍ଜେଇ , ଅଫିମ୍) ଆଦି ଚାଲାଣ ହେଉଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ତେବେ ଗଞ୍ଜେଇ ଓ ଅଫିମଗୁଡ଼ିକ ବ୍ଲକର ବିଭିନ୍ନ ଅଞ୍ଚଳର ଦୋକାନ ବଜାରରେ ଛୋଟ ଛୋଟ ବ୍ୟବସାୟୀଙ୍କ ନିକଟକୁ ଯାଉଥିଲା। ତେବେ ଜବତ ଗଞ୍ଜେଇର ବଜାର ମୂଲ୍ୟ ଏକ କୋଟି ଟଙ୍କା ହେବ ବୋଲି ମହାକାଳପଡ଼ା ଥାନା ଅଧିକାରୀ ମହେଶ୍ୱର ସେଠୀ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ବିଭାଗ ନିରୀକ୍ଷକ କମଳ ଲୋଚନ ପାଇକରାୟଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।



ଜବତ ହୋଇଥିବା ଗଞ୍ଜେଇ, ଅଟକ ଥିବା ବ୍ୟବସାୟୀ ପ୍ରଭାତ ସାହାଣୀ।

# ଜମାକାରୀଙ୍କ ଫିକ୍ସ ଡିପୋଜିଟ୍‌ରୁ ୮ ଲକ୍ଷ ଟଙ୍କା ଗାଏବ

## ଫେରି ପାଇବାର ରାହା ପାଉନାହାନ୍ତି ଜମାକାରୀ

**ଡେରାବିଶ/ପାଟକୁରା, ୪।୫(ସ୍ୱ.ପ୍ର./ଡି.ଏନ୍.ଏ.)**

ଜମାକାରୀଙ୍କ ଅଗୋଚରରେ ଫିକ୍ସ ଡିପୋଜିଟ୍‌ରୁ ୮ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ମାହାଳସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ। ଏହି ଶାଖାରେ ନୂଆ ଶାସନ ଗ୍ରାମର ପ୍ରହଲ୍ଲାଦ ଦାସ ୧୦ ଲକ୍ଷ ଟଙ୍କା ଫିକ୍ସ ଡିପୋଜିଟ୍ କରିଥିଲେ।

୨୦୨୨ ଜୁନ୍ ୩୦ରେ ଦାସ ଏକ ଫୋନ୍ କଲ ପାଇଲେ। ଅପରପକ୍ଷରୁ ମାହାଳ ଶାଖାର ପରିଚାଳକ ବ୍ୟାଙ୍କରେ ଥିବା ସମସ୍ତ ଜମାଖାତାର ତଦାରଖ ପାଇଁ ଆଧାର କାର୍ଡ଼, କେୱାଇସି, ପାସ୍‌ପୋର୍ଟ ଫଟୋ ନେଇ ଆସିବାକୁ କହିଥିଲେ। ଏଥିସହ ତୁମ ଫୋନ୍‌କୁ ଏକ ଓଟିପି ନମ୍ବର ଯିବ ତାହା ଜଣାଇବା ପାଇଁ କହିଥିଲେ। ଏହି ଫୋନ୍ କଲ ଉପରେ ଦାସଙ୍କ ସନ୍ଦେହ ହେବାରୁ ସେ ଏହି ଘଟଣାକୁ ଗୁରୁତ୍ୱ ଦେଲେନି। କିନ୍ତୁ ପରେ ତାଙ୍କ ଜମାଖାତାରୁ ପ୍ରଥମେ ୨୦ହଜାର ଓ ପରେ ୧୫ ହଜାର ଡେବିଟ୍ ହୋଇଯାଇଥିବା ଦାସଙ୍କ ଫୋନ୍‌କୁ ମେସେଜ ଯିବାରୁ ସେ ବ୍ୟସ୍ତ ହୋଇ ସାଙ୍ଗେ ସାଙ୍ଗେ ମାହାଳ ଶାଖାକୁ ଯାଇଥିଲେ। ସେଠାରେ ମ୍ୟାନେଜରଙ୍କୁ କହିବା ପରେ ମ୍ୟାନେଜର ଦାସଙ୍କ ଫୋନ୍ ନେଇ ମେସେଜ୍‌ଗୁଡ଼ିକୁ ପଢ଼ିଲେ ଏବଂ ବ୍ୟାଙ୍କ ଜମାଖାତା ମିଳାଇ ଟଙ୍କା ଉଠାଣ ହୋଇ ନ ଥିବା କହିଥିଲେ। ଏଥିସହ ଜମାଖାତାକୁ ହୋଲ୍ଡ କରିଦେଲେ। କହିଲେ ଏବେ ଏହି ଜମାଖାତାରୁ କେହି ବି ଟଙ୍କା ଉଠାଇପାରିବେ ନାହିଁ। ଆପଣଙ୍କର ଦରକାର ହେଲେ ମୋତେ କହିଲେ ମୁଁ ହୋଲ୍ଡ ଉଠାଇ ଦେଲେ ଆପଣ ଟଙ୍କା ଉଠାଣ କରିପାରିବେ। ଦାସ ଫିକ୍ସ ଡିପୋଜିଟ୍ ବାବଦରେ ପଚାରିବାରୁ ମ୍ୟାନେଜର କହିଥିଲେ ‘ଯେ ପର୍ଯ୍ୟନ୍ତ ଫିକ୍ସ ଡିପୋଜିଟ୍ ବଣ୍ଡ ଆପଣଙ୍କ ପାଖରେ ଅଛି ସେପର୍ଯ୍ୟନ୍ତ ଆପଣଙ୍କ ଡିପୋଜିଟ୍‌ରେ କିଛି କ୍ଷତି ହେବ ନାହିଁ। ପରେ ଦାସ ଘରକୁ ଫେରିଥିଲେ। ତେବେ ସେବେଠାରୁ ଦାସଙ୍କୁ ଫୋନ୍ କଲ୍ କଲେ ଏହା ଅନ୍ୟ ଫୋନ୍‌କୁ ଲାଗୁଥିବାରୁ ଦାସ କେନ୍ଦ୍ରାପଡ଼ାର ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟକୁ ଯାଇ ଜାଣିଲେ ଯେ, ତାଙ୍କ ଫୋନ୍ କଲ୍‌କୁ ଅନ୍ୟ ଫୋନ୍‌କୁ ରିଡାଇରେକ୍ଟ ହୋଇଛି। ସେଠାରୁ ଏହାକୁ ସଜାଡ଼ି ଆଣିଥିଲେ। ୨୦୨୨ ଜୁଲାଇ ୨୭ରେ ଦାସଙ୍କ ଫିକ୍ସଡ୍ ଡିପୋଜିଟ୍‌ରୁ ଟଙ୍କା ଉଠାଣ ହୋଇଥିବା ଖବର ପାଇଥିଲେ ବି ୨୦୨୨ ଡିସେମ୍ବର ୧୪ରେ ଫୋନ୍‌କୁ ମେସେଜ୍‌ଆସିଥିଲା କିତୁମ ଫିକ୍ସଡିପୋଜିଟ୍‌ରୁ ୮ ଲକ୍ଷ ଟଙ୍କା ଲୋନ୍ ହୋଇଛି। ଏ ଖବର ପାଇ ଦାସ ବ୍ୟାଙ୍କରେ ପହଞ୍ଚି ମ୍ୟାନେଜରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ବରଂ ଦାସଙ୍କୁ ଖରାପ ବ୍ୟବହାର କରି ବ୍ୟାଙ୍କରୁ ବାହାରି ଯିବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ଦାସ ସେହି ମାସରେ ପାଟକୁରା ଥାନାରେ ମ୍ୟାନେଜରଙ୍କ ବିରୋଧରେ ଏତଲା ଦେଇ ତାଙ୍କ ଟଙ୍କା ଫେରି ପାଇବା ପାଇଁ ବ୍ୟବସ୍ଥା କରିବାକୁ କହିଥିଲେ। ଅପରପକ୍ଷରେ ଏ ସମ୍ପର୍କରେ ପୋଲିସ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ସାଇବର ଥାନା (କଟକ ଓ ଭୁବନେଶ୍ୱର), ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ଶାଖା ଯାଜପୁର ଅମ୍ବୁଡ୍‌ସ୍‌ମ୍ୟାନଙ୍କ ନିକଟରେ ଅଭିଯୋଗ କରିଥିଲେ ବି ସେମାନେ କୌଣସି ପଦକ୍ଷେପ ଅଦ୍ୟାବଧି ନେଇ ନାହାନ୍ତି। ଏପଟେ ମାହାଳ ଶାଖା ମ୍ୟାନେଜର ପାଟକୁରା ଥାନାରେ ତାଙ୍କୁ ଦାସ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ କରିଛନ୍ତି। ଫିକ୍ସ ଡିପୋଜିଟ୍‌ରୁ ଲୋନ୍ କରିବାକୁ ହେଲେ ଏହାର ବଣ୍ଡର ଆବଶ୍ୟକତା ରହିଥିବା ଏବଂ ଲୋନ୍ ଟଙ୍କା ଜମାକାରୀଙ୍କ ସଞ୍ଚୟ ଖାତାକୁ ଆସିବା ନିୟମ ଥିବା ବେଳେ କେଉଁ ବଣ୍ଡ ବଳରେ କେଉଁ ବ୍ୟକ୍ତି ଏହି ଲୋନ୍ କରିଛନ୍ତି ସେମାନଙ୍କର ଠିକଣା ଦେବାକୁ ବ୍ୟାଙ୍କ ଶାଖା ପରିଚାଳକ ଶୁଣୁନାହାନ୍ତି। ଏହାଛଡ଼ା ଏ ସମ୍ପର୍କରେ ଶାଖା ପରିଚାଳକ ଆଶିଷ କୁମାର ସାହୁ କୌଣସି ମନ୍ତବ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ତେବେ ଫିକ୍ସ ଡିପୋଜିଟ୍‌ରୁ ହଡପ ଟଙ୍କା ପାଇବାକୁ ଦାସ ପୁନର୍ବାର ଷ୍ଟେଟ୍ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ଦାସ ଗୁରୁବାର ସୂଚନା ଦେଇଛନ୍ତି। ଏପଟେ ଦାସଙ୍କ ଟଙ୍କା ଫେରି ପାଇବାର ସମସ୍ତ ଆଶା ଆଶଙ୍କାରେ ପରିଣତ ହେବା ତାଙ୍କୁ ଚିନ୍ତାରେ ପକାଇଛି।

# ଏସ୍‌ବିଆଇଆଞ୍ଚଳିକକାର୍ଯ୍ୟାଳୟ ସ୍ଥାନାନ୍ତର ପାଇଁ ଚକ୍ରାନ୍ତ

**ଯାଜପୁରରୋଡ୍,୪।୫(ଡି.ଏନ.ଏ.):**

ଯାଜପୁର ଜିଲାର ଯାଜପୁରରୋଡ୍ କଳିଙ୍ଗନଗରଶିଳ୍ପାଞ୍ଚଳରପ୍ରମୁଖବ୍ୟବସାୟିକ ପେଣ୍ଠସ୍ଥଳୀ। ଏହାକୁ ଆଖିଆଗରେ ରଖି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ୨୦୦୫ରେ ଯାଜପୁରରୋଡ୍‌ଠାରେ ଅବସ୍ଥାପିତ କରାଯାଇଥିଲା। ଏହି ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଯାଜପୁର ଜିଲାର ୨୭ ଏବଂ କେନ୍ଦ୍ରାପଡ଼ା ଜିଲାର ୨୪ ସମୁଦାୟ ୫୧ ଷ୍ଟେଟ୍ ବ୍ୟାଙ୍କ ଶାଖା କାର୍ଯ୍ୟକରୁଛି। ଏହି ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବଡ଼ବଡ଼ ବ୍ୟବସାୟିକ ସଂସ୍ଥାମାନଙ୍କୁ ଉଚ୍ଚ ହାରରେ ଋଣ ଅନୁମତି ପ୍ରଦାନ କରାଯାଇଥାଏ। ତତ୍‌ସହିତ ଗ୍ରାହକଙ୍କ ବିଭିନ୍ନ ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ୟା ଓ ଅସୁବିଧାର ସମାଧାନ ଏଠାରେ କରାଯାଏ। ବିଭିନ୍ନ ବ୍ୟାଙ୍କ ଶାଖାରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବଦଳି ସମ୍ବନ୍ଧୀୟ ନିଷ୍ପତ୍ତି ଆଞ୍ଚଳିକ ପ୍ରବନ୍ଧକ ନେଇଥାନ୍ତି। ତେବେ ୨ ଜିଲାର ଷ୍ଟେଟ୍ ବ୍ୟାଙ୍କ ଶାଖାଗୁଡ଼ିକର ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିବା ଏଭଳି ଏକ କାର୍ଯ୍ୟାଳୟକୁ ସ୍ଥାନାନ୍ତର ପାଇଁ ଚକ୍ରାନ୍ତ କରାଯାଇଛି। ଏହାକୁ କେନ୍ଦୁଝରର ଆଞ୍ଚଳିକ କାର୍ଯ୍ୟାଳୟ ସହ ମିଶ୍ରଣ କରି ଯାଜପୁରରୋଡ୍‌ରୁ ଉଠାଇ ନେବାକୁ ଯୋଜନା ହେଉଥିବା ଖବର ମିଳିଛି। ବର୍ତ୍ତମାନ ଯାଜପୁରରୋଡ୍ ଏବଂ ଯାଜପୁର ଜିଲାକୁ ଶ୍ରୀହୀନ କରିବା ପାଇଁ ଷ୍ଟେଟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଚକ୍ରାନ୍ତ କରି ସ୍ଥାନାନ୍ତରିତ ନିଷ୍ପତ୍ତି ନେଇଛନ୍ତି ବୋଲି ଅଭିଯୋଗ ହେଉଛି। ଏହା ଜୁନ ପହିଲାରୁ କେନ୍ଦୁଝରଠାରେ କାର୍ଯ୍ୟକାରୀ ହେବ ବୋଲି ବିଶେଷ ସୂତ୍ରରୁ ଖବରପ୍ରାପ୍ତ ହୋଇଛି। ତେବେ ଦୀର୍ଘ ୧୮ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଆଞ୍ଚଳିକ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତି ଜିଲାର ବ୍ୟବସାୟୀ ଓ ସହରବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିକୁ କୋରେଇ ସଂଗ୍ରାମ ସମିତି ଓ ଯାଜପୁରରୋଡ୍ ସିଭିଲି ସୋସାଇଟି ତୀବ୍ର ବିରୋଧ କରିଛି। ଏଭଳି ନିଷ୍ପତ୍ତିରୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ନ ଓହରିଲେ ଜନ ଆନ୍ଦୋଳନ ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆଞ୍ଚଳିକ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଶିଳ୍ପ ପ୍ରଦୂଷଣରେ ଆକ୍ରାନ୍ତ

■ ଜିଲାର ୭ ନଦୀ, ନାଳର ଜଳ ଜହର ପାଲଟିଛି

■ ମଣିଷ ସହ ଜୀବଜନ୍ତୁ ବଞ୍ଚିବା ପାଇଁ ସଂଘର୍ଷରତ

■ ପ୍ରଦୂଷଣ ରୋକିବା ପାଇଁ ନାହିଁ କାର୍ଯ୍ୟାନୁଷ୍ଠାନ

**କେନ୍ଦ୍ରାପଡ଼ା ଅଫିସ, ୪।୫**

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ପୂର୍ବପାର୍ଶ୍ୱରେ ବଙ୍ଗୋପସାଗର ଥିବା ବେଳେ ଅନ୍ୟ ୩ ପାର୍ଶ୍ୱରେ ୪ ଜିଲାର ଶିଳ୍ପାଞ୍ଚଳ ରହିଛି। ଜଗତସିଂହପୁର, କଟକ, ଯାଜପୁର ଓ ଭଦ୍ରକ ଜିଲାର ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ରାସାୟନିକ ପ୍ରଦୂଷଣ ଏହି ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ଜିଲାର ୭ ନଦୀ ଓ ୨୭ ନାଳର ପାଣି ଏବେ ମିଠା ଜହର ପାଲଟିଛି। ପାନୀୟ ଜଳ ସମେତ ଜିଲାର ବାୟୁମଣ୍ଡଳ ଏବେ ପ୍ରଦୂଷଣରେ ଆକ୍ରାନ୍ତ ବୋଲି ବିଭିନ୍ନ ରିପୋର୍ଟରେ ଉଲ୍ଲେଖ ଅଛି। ଜନସାଧାରଣଙ୍କ ସହ ଜଙ୍ଗଲ, ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଏଥିରେ ହନ୍ତସନ୍ତ ହେଉଛନ୍ତି। ପ୍ରଦୂଷଣକୁ ରୋକିବାକୁ ପ୍ରଶାସନିକଉଦ୍ୟମ ନାହିଁ। ଏହା ବିରୋଧରେ ଏନ୍‌ଜିଟି (ନ୍ୟାଶ୍‌ନାଲ ଗ୍ରୀନ ଟ୍ରିବ୍ୟୁନାଲ)ରେ ମାମଲା ହେବ ବୋଲି ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି, ପଡ଼ୋଶୀ ଜଗତ୍‌ସିଂହପୁର ଜିଲାର ୧୬ଟି ବୃହତ ଶିଳ୍ପ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକକୁ ଲାଗିଛି।


ପ୍ରଦୂଷିତ ଗୋବରୀ ନଦୀ।

ଶିଳ୍ପାଞ୍ଚଳରେ ଆମୋନିଆ, ନାଇଟ୍ରୋଜେନ, ହାଇଡ୍ରୋଜେନ, ସଲଫର ଡାଇଅକ୍ସାଇଡ, କ୍ଲୋରିନ ପରି ମାରାତ୍ମକ ଗ୍ୟାସ ବ୍ୟବହାର ହେଉଛି। କଳକାରଖାନାରୁ ନିର୍ଗତ ମିଥାଇଲ ଆଇସୋସିଆନେଡ, କ୍ଲୋର ପ୍ରିକ୍ରିନ, କ୍ଲୋର ବେଞ୍ଜାଇକ ଆଦି ବର୍ଜ୍ୟ ରାସାୟନିକ ବସ୍ତୁକୁ ନିକଟସ୍ଥ ନଦୀନାଳକୁ ଛଡ଼ା ଯାଉଛି। ଏହି ଗ୍ୟାସ ଏବେ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ବିପଦ ସାଜିଛି। ବିଷାକ୍ତ ଗ୍ୟାସ ଫଳରେ ଚାଷ ଓ ଫସଲ ନଷ୍ଟ ହେଉଥିବା ବେଳେ ଚର୍ମରୋଗଠାରୁ ଆରମ୍ଭ କରି କ୍ୟାନସର ରୋଗର କାରଣ ସାଜିଛି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଦୂଷଣ ରୋକିବାକୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏ ନେଇ ଏକ ମାମଲା ଏନ୍‌ଜିଟିରେ ହେବ ବୋଲି ସେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୧୧ରେ ଏହି ଜିଲାରେ ଏକ ସର୍ଭେ କରିଥିଲେ। ଭୂତଳ ଜଳକୁ ପରୀକ୍ଷା ପରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ ଆବଶ୍ୟକତାଠାରୁ ବହୁ ପରିମାଣରେ ଜଳରେ ଥିବା ଜାଣିଥିଲେ। ୨୦୧୪ରେ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜିର ପ୍ରଫେସର ବି.ସି. ବେହେରା, ଭୁବନେଶ୍ୱରସ୍ଥିତ ଏମ୍ଆଇଟିଏସ୍ ସ୍କୁଲ ଅଫ ବାୟୋଟେକ୍ନୋଲୋଜିର ପ୍ରଫେସର ଆର. ଆର. ମିଶ୍ର, ବାଙ୍ଗାଲୋରସ୍ଥିତ ଆଇଆରଏସ୍‌ର ପ୍ରଫେସର ଏସ୍. କେ. ଦତ୍ତା ପ୍ରମୁଖ ଏକ ରିପୋର୍ଟ କରିଛନ୍ତି। ଏଥିରେ ବାୟୁ ସହ ଜଳ ମାତ୍ରାଧିକ ପ୍ରଦୂଷଣ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ପଡୋଶୀ ୪ ଜିଲାର ଶିଳ୍ପକୁ ଦାୟୀ କରାଯାଇପାରେ। ବ୍ରାହ୍ମଣୀ ନଦୀରେ ତାଳଚେର ଜିଲାର ଶିଳ୍ପ ବର୍ଜ୍ୟବସ୍ତୁ ଛାଡୁଥିବା ବେଳେ ଏଥିରେ କଳିଙ୍ଗନଗର ଶିଳ୍ପ ସାମିଲ ହୋଇଛି। ସେହିପରି ମହାନଦୀର ଜଳକୁ କଟକ ଓ ଜଗତ୍‌ସିଂହପୁର ଜିଲାର ଶିଳ୍ପାଞ୍ଚଳ ନଷ୍ଟ କରୁଥିବା ବେଳେ ଧାମରା ବନ୍ଦର ମଧ୍ୟ ଏହି ଜିଲାର ପରିବେଶକୁ ନଷ୍ଟ କରୁଛି। ଏସବୁ ଶିଳ୍ପାଞ୍ଚଳ କେନ୍ଦ୍ରାପଡ଼ା ଜିଲାର ରାସ୍ତାକୁ ଉପଯୋଗ କରୁଥିବା ବେଳେ ରାସାୟନିକ ବିପର୍ଯ୍ୟୟ ପାଇଁ କୌଣସି ତତ୍ପରତା ନାହିଁ। ସେହିପରି ପଡ଼ୋଶୀ ଜିଲା କେନ୍ଦ୍ରାପଡ଼ାରେ ସିଏସ୍ଆର୍ ଫଣ୍ଡ ବିନିଯୋଗ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ସୁବାଶିଷ ଷଡଙ୍ଗୀ କହିଛନ୍ତି, ୨୦୨୧ରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ଦେଶର ୧୧୨ଟି ପ୍ରଦୂଷିତ ଅଞ୍ଚଳକୁ ଚିହ୍ନଟ କରିଛନ୍ତି। ଏଥିରେ ପାରାଦୀପ ବନ୍ଦର ୪୮ତମ ସ୍ଥାନରେ ଅଛି। ପ୍ରଦୂଷଣ ଯୋଗୁ ଜାତୀୟ ଉଦ୍ୟାନ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରୁ ବାଦ ପଡିଛି। ଏପରିସ୍ଥିତି ଜାରି ରହିଲେ ଏହି ଅଭୟାରଣ୍ୟରେ ବହୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀ ନିଶ୍ଚିହ୍ନ ହେବା ସହ ତଟକ୍ଷୟ ଦ୍ରୁତଗତିରେ ହେବ। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ବିଭାଗୀୟ ଅନୁଧ୍ୟାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ପରିବେଶ ବିଭାଗକୁ ଚିଠି ହୋଇଛି। ପ୍ରଦୂଷିତ କରୁଥିବା ପ୍ଲାଣ୍ଟଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଚିଠିରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଛନ୍ତି।

# ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ବାଦ୍ ଦେଇ ଭିଡିଓ ଗ୍ରାଫି ହୋଇଥିଲା


ଅର୍ଦ୍ଧ ନିର୍ମିତ ଶୌଚାଳୟ ।


ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରି ଫାଟିଛି ।


ନେଟ ୱାର୍କ ନ ଥିବାରୁ ଯୋଗାଯାଇଥିବା କମ୍ପ୍ୟୁଟର ରୁମ୍‌ରେ ରହିଛି ।

**ନୂଆଗାଁ, ୪ା୫ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତରେ ଥିବା ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ (ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ) ଓ ଖଣ୍ଡୁଗାଁ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ୫–ଟି ଯୋଜନାରେ ରୂପାନ୍ତରଣ ହୋଇଛି। ଡିମିରିପଲି ସରକାରୀ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ଅଧପନ୍ତରିଆ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଲୋକର୍ପଣ କରିଛନ୍ତି।

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ଡିମିରିପଲ୍ଲୀଠାରେ ୧୯୫୬ ମସିହାରେ ସ୍କୁଲ ପ୍ରତିଷ୍ଠା କରାଯାଇଛି। ଯେଉଁ ସ୍କୁଲରେ



ଅନୁସୂଚିତ ଜାନଜାତି ଓ ଅନୁସୂଚିତ ଜାତି, ଡିମିରିପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ।

ଜିଲା ତଥା ଜିଲା ବାହାରୁ ଅନେକ ଛାତ୍ର ହଷ୍ଟେଲରେ ରହି ପାଠ ପଢନ୍ତି। ଉକ୍ତ ସ୍କୁଲଟି ନୂଆଗାଁଠାରୁ ବାହାଡ଼ାଖୋଲା ଦେଇ ଓଡ଼ଗାଁ ଯାଇଥିବା ରାସ୍ତା କଡ଼ରେ ଅବସ୍ଥିତ। ଦୂରଦୂରନ୍ତ ଜିଲା ବାହାରୁ ଛାତ୍ରମାନେ ଆସି ରହୁଥିବାବେଳେ କୌଣସି ଛାତ୍ରଙ୍କ ସୁବିଧା ଅସୁବିଧା ହେଲେ କିମ୍ବା ରୋଗରେ ପଡ଼ିଲେ କାହା ସହ ଯୋଗାଯୋଗ କରିବାକୁ ମୋବାଇଲ ନେଟୱାର୍କ ନାହିଁ। ଛାତ୍ରୀଛାତ୍ରମାନଙ୍କୁ ନୂତନ ଜ୍ଞାନକୌଶଳ ତଥା ଡିଜିଟାଲ ଶିକ୍ଷା ଦେବା ଚଳିତବର୍ଷ ଡିମିରିପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟକୁ ୫–ଟି ଯୋଜନାରେ ରୂପାନ୍ତରଣ କରି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି। ସେଥିପାଇଁ ସ୍ମାର୍ଟ କ୍ଲାସ୍‌ରୁମରେ ଏଲଇଡି ଲଗାଯିବା ସହ ୧୦ଟି କମ୍ପ୍ୟୁଟର ରହିଛି। ତେବେ ନେଟୱାର୍କ ନ ଥିଲେ ଛାତ୍ରୀଛାତ୍ର କିଭଳି ଡିଜିଟାଲ ମାଧ୍ୟମରେ ପାଠ ପଢ଼ିବେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଛାତ୍ରୀଛାତ୍ରମାନଙ୍କ ପାଇଁ ଖେଳ ସାମଗ୍ରୀ ଦିଆଯାଇଥିଲେ ମଧ୍ୟ ନିୟମିତ ଖେଳ ଶିକ୍ଷକ ନାହାନ୍ତି। ବିଜ୍ଞାନ ପାଠ ପଢ଼ାଇବା ପାଇଁ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକଙ୍କ ଅଭାବ ରହିଛି। ରୂପାନ୍ତରଣ କାର୍ଯ୍ୟ ପାଇଁ ଅନେକ ଅର୍ଥ ବ୍ୟୟ କରାଯାଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ କରାଯାଇଛି। ଫଳରେ

- **କାମ ସରିନି ତରବରିଆ ଭାବେ ରୂପାନ୍ତରିତ ସ୍କୁଲ ଉଦ୍‌ଘାଟିତ**
- **ମୋବାଇଲ ନେଟ ୱାର୍କ ସାଜିଛି ମୁଖ୍ୟ ସମସ୍ୟା**

ଉଦ୍‌ଘାଟନ ହେବା ପୂର୍ବରୁ ପାଚେରୀ ଫାଟି ଆଁ କଲାଣି। ଅଦ୍ୟାବଧି ଗେଟ୍, ଶୌଚାଳୟ, ପାଚେରୀ ନିର୍ମାଣ ଅସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତରବରିଆ ଭାବେ ଉଦ୍‌ଘାଟନ କରି ଦିଆଯାଇଛି। ଏ ସମ୍ପର୍କରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଏଠି ଯୋଗ ଦେବା ପୂର୍ବରୁ କାର୍ଯ୍ୟ ଚାଲୁ ରହିଥିଲା। ତେଣୁ ଏ ବିଷୟରେ ଯନ୍ତ୍ରୀଙ୍କ ସହ କଥା ହେବା ପରେ କହିବି ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ଉପାଧ୍ୟକ୍ଷଙ୍କ ଗୋଷ୍ଠୀ

**ନୟାଗଡ଼ ଅଫିସ,୪ା୫**

ନୟାଗଡ଼ ଜିଲା ରଣପୁର ବ୍ଲକର ଅଧ୍ୟକ୍ଷାଙ୍କ ମନମାନି ଓ ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଘଟଣାରେ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରଭାତ ବେହେରା ଓ ସମର୍ଥକ ସରପଞ୍ଚ, ସମିତିସଭ୍ୟ ଜିଲାପାଳ ଓ ଜିଲା ପରିଷଦ ସଭାପତିଙ୍କୁ ଭେଟି ଫେରାଦ୍ ହୋଇଛନ୍ତି। ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା ଏବିଡିଓଙ୍କ କାର୍ଯ୍ୟାଳୟକୁ ନିଜ ଦଖଲକୁ ନେଇ ଗତ ୧ତାରିଖରେ ଉପାଧ୍ୟକ୍ଷଙ୍କ କାର୍ଯ୍ୟାଳୟ କରିବା ପରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। ଉପାଧ୍ୟକ୍ଷଙ୍କ ନିଷ୍ପତ୍ତିକୁ ନୀନ୍ଦନୀୟ କହି ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା

**ରଣପୁରରେ ବ୍ଲକ ଅଧ୍ୟକ୍ଷା ଉପାଧ୍ୟକ୍ଷ ବିବାଦ ତେଜିଲା**

ପ୍ରତିବାଦ କରିବା ପରେ ରାଜନୈତିକ ଉଷ୍ମତା ବଢ଼ିଚାଲିଛି। ପ୍ରକାଶଥାଉ କି ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଅଧିକାଂଶ ସମିତି ସଭ୍ୟ ସମର୍ଥକ ରହିଥିବାବେଳେ ଭାଜପା ସମର୍ଥକ ନିର୍ମଳା ବେହେରା ଅଧ୍ୟକ୍ଷା ପଦକୁ ହାତେଇ ନେଇଥିଲେ। ଉପାଧ୍ୟକ୍ଷ ନିର୍ବାଚନରେ କିନ୍ତୁ ବିଜେଡି ସମର୍ଥକ ପ୍ରଭାତ ଦଳବେହେରା ବିଜୟୀ ହୋଇଥିଲେ। ଅଧ୍ୟକ୍ଷରେ ହାରି ଉପାଧ୍ୟକ୍ଷ ପଦବୀକୁ କବଜା କରିବା ପରେ ସେହି ଦିନଠାରୁ ରାଜନୈତିକ ପାଣିପାଗ ଉଷ୍ମ ରହିଛି ।



ରଣପୁର ବ୍ଲକ ଉପାଧ୍ୟକ୍ଷ ଓ ସମର୍ଥକ ସରପଞ୍ଚ ସମିତିସଭ୍ୟ ଜିଲାପାଳଙ୍କ ଅଭିଯୋଗ କରି ଫେରୁଛନ୍ତି।

# ଜବରଦଖଲରେ ସରକାରୀ ଜାଗା, ପ୍ରଶାସନ ନୀରବ


ଜବରଦଖଲରେ ଥିବା ସରକାରୀ ଜମି।

**ଖଣ୍ଡପଡା,୪ା୫(ସ୍ୱ.ପ୍ର)**

ଦୀର୍ଘବର୍ଷ ଧରି ଖଣ୍ଡପଡ଼ା ତହସିଲ ଅଧୀନ କୁମ୍ଭାରପଡ଼ା ଗ୍ରାମରେ ଏକର ଏକର ସରକାରୀ ଜାଗା ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରି କବ୍‌ଜାରେ ରଖିଛନ୍ତି। ସରକାରୀ ଜାଗା, ପ୍ରଭୁ ଶ୍ରୀଜଗନ୍ନାଥ ଜୀଉଙ୍କ ମୂଲ୍ୟବାନ ଜାଗାକୁ କେବଳ ମାଡ଼ି ବସି ନାହାନ୍ତି, ସ୍ଥାୟୀ ବାସଗୃହ ନିର୍ମାଣ କରି ରହୁଛନ୍ତି। କେହି କେହି ବାଡ଼ବନ୍ଦି କରି ଫାର୍ମ ହାଉସ କରିବା ସହ ମୋ ପୋଖରୀ ଯୋଜନାରେ ପୋଖରୀ ଖନନ କରିଥିବା ଅଭିଯୋଗ ହେଉଛି। ପ୍ରଶାସନ ଏହି ମୂଲ୍ୟବାନ ସରକାରୀ ଜାଗାକୁ ଜବରଦଖଲକାରୀମାନଙ୍କୁ ହଟାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ଓ ଗ୍ରାମବାସୀଙ୍କ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, କୁମ୍ଭାରପଡା ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ, ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଥିବା ଏଲଆଇ କାର୍ଯ୍ୟାଳୟ ନିର୍ମାଣ, କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ନୂତନ ଖେଳପଡ଼ିଆ ନିର୍ମାଣ ସହ ଅନ୍ୟ ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ମାତ୍ର ଜବରଦଖଲକାରୀମାନେ ବିଭିନ୍ନ ସ୍ଥାନରେ ସରକାରୀ ଜାଗା, ଗୋଚର ଜମି ଓ ସଂରକ୍ଷିତ ଜଙ୍ଗଲ ଜମିକୁ ଅନଧିକାର ଭାବେ ଦଖଲ କରିଥିବାରୁ ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଉପଯୁକ୍ତ ଜାଗାର ଅଭାବ ଦେଖା ଦେଇଛି। ତେବେ ସରକାରୀ ଜାଗାକୁ ଚିହ୍ନଟ କରି ଉକ୍ତ ସ୍ଥାନରୁ ଜବରଦଖଲକାରୀମାନଙ୍କୁ ହଟାଇବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଲିପସା ରାୟଙ୍କୁ ପଚାରିବାରେ ସରପଞ୍ଚ ଏନେଇ ଅଭିଯୋଗ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସରପଞ୍ଚ ଭାବେ ବିଜୟୀ ହେଲେ ସୀମନ୍ତ ନାୟକ

**ଦଶପଲ୍ଲା, ୪ା୫ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଗୁରୁବାର ଫଳାଫଳ ଘୋଷଣା ହୋଇଛି। ୧୨ ରାଉଣ୍ଡ ଭୋଟ ଗଣତି ଶେଷରେ ସୀମନ୍ତ ନାୟକ ୧୦୯ ଖଣ୍ଡ ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱି ବଳଭଦ୍ର ଜାନୀଙ୍କୁ ପରାସ୍ତ କରିଛନ୍ତି। ମଙ୍ଗଳବାର ପୋଖରୀଗୋଛା ପଞ୍ଚାୟତରେ ୧୭୧୬ ଭୋଟରଙ୍କ ମଧ୍ୟରୁ ୧୩୧୪ ଜଣ ନିଜର

**ପୋଖରୀଗୋଛା ପଞ୍ଚାୟତ ଉପନିର୍ବାଚନ**

ମତଦାନ ସାବ୍ୟସ୍ତ କରିଥିଲେ। ମତଦାନ ହାର ୭୬.୬ ପ୍ରତିଶତ ରହିଥିଲା। ଏହି ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା। ଏକଜ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର କେ. ଭେଙ୍କଟେଶ୍ୱର ରାଓ ଏବଂ ପ୍ରକାଶ ସେଠ ରହିଥିବା ବେଳେ ଥାନା ଅଧିକାରୀ ବସନ୍ତ କୁମାର ସାହୁ ଉପସ୍ଥିତ ରହି ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ଦେଇଥିଲେ। ସକାଳ ୮ଟାରୁ ଦଶପଲ୍ଲା ବ୍ଲକ୍ କାର୍ଯ୍ୟାଳୟରେ ୧୨ଟି ରାଉଣ୍ଡରେ ଭୋଟ୍ ଗଣତି ହୋଇଥିଲା। ଶେଷରେ ପୂର୍ବତନ ସରପଞ୍ଚ ଶିବସେନ ନାୟକଙ୍କ ପୁଅ ତଥା ଦଶପଲ୍ଲା ସ୍ୱାଭିମାନ ମଞ୍ଚ ସମର୍ଥିତ ପ୍ରାର୍ଥୀ ସୀମନ୍ତ ବିଜୟ ଲାଭ କରିଛନ୍ତି। ସୀମନ୍ତଙ୍କ ବିଜୟ ପରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ଥାନୀୟ ଲୁଣି ବଗିଚାଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦନ


@ ମନୀଷା


@ ରଶ୍ମିତା


@ ସମ୍ପିତ


@ ସୁବ୍ରତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସିଡିଭିଓଙ୍କ ସହ ୨୮ ପ୍ରାଣୀ ଚିକିତ୍ସକଙ୍କ ଇସ୍ତଫା

**ଦାବି ପୂରଣ ନ କରି କର୍ମକର୍ତ୍ତାଙ୍କୁ ବଦଳି ପରେ ପ୍ରତିବାଦ**

**ନୟାଗଡ଼ ଅଫିସ,୪ା୫**

ରାଜ୍ୟ ସରକାର ପ୍ରାଣୀ ଚିକିତ୍ସକମାନଙ୍କ ଦାବି ପୂରଣ କରିବା ବଦଳରେ ରାଜ୍ୟସ୍ତରୀୟ କର୍ମକର୍ତ୍ତାଙ୍କୁ ଅକ୍ରୋଶମୂଳକ ଭାବେ ରାତି ଅଧିଆ ବଦଳି କରିଛନ୍ତି। ବେଆଇନ ବଦଳିର ପ୍ରତିବାଦ କରି ରାଜ୍ୟରେ ପ୍ରାଣୀ ଚିକିତ୍ସକମାନେ ସାମୂହିକ ଇସ୍ତଫା ଦେଇଛନ୍ତି। ନୟାଗଡ଼ ଜିଲାରେ ନୟାଗଡ଼ ଜିଲା ପ୍ରାଣୀ ଚିକିତ୍ସକ(ସିଡିଭିଓ)ଙ୍କ ସମେତ ଜିଲାର ୨୮ ପ୍ରାଣୀ ଚିକିତ୍ସକ ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କୁ ଭେଟି ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷେ ୨୭ ଜିଲାରେ ପ୍ରାୟ ୧ ହଜାର ପ୍ରାଣୀ ଚିକିତ୍ସକ ଇସ୍ତଫା ଦେଇ ସାରିଲେଣି ବୋଲି ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ନୟାଗଡ଼ ଜିଲା ଶାଖା ପକ୍ଷରୁ ସିନ୍ଦୁରିଆ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ପ୍ରାଣୀ ଚିକିତ୍ସା ସେବା ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ଶତପଥୀ, ଜିଲା ପ୍ରାଣୀ ଚିକିତ୍ସାଳୟର


ନୟାଗଡ଼ରେ ପ୍ରାଣୀ ଚିକିତ୍ସକମାନଙ୍କ ପକ୍ଷରୁ ଖବରଦାତା ସମ୍ମିଳନୀ।

ଉପନିର୍ଦ୍ଦେଶକ ଦେବରାଜ ନାୟକ, ଜିଲା କୋଷାଧ୍ୟକ୍ଷ ସୁବାଶିଷ ମହାପାତ୍ର, ଜିଲା ପ୍ରାଣୀ ନିଦାନଗାର ଡା. ରାଜଶ୍ରୀ ବିଶୋଇ ଓ ବାଣିଗୋଛା ଭିଏସ୍ ଶ୍ରୀକିତା ଗୌଡ ଯୋଗଦେଇଥିଲେ। ସେମାନେ କହିଥିଲେ ପ୍ରାଣୀ ଚିକିତ୍ସକଙ୍କର ୮ଟି ଦାବି ରହିଛି। ୨୪ ଘଣ୍ଟିଆ ପ୍ରାଣୀ ଚିକିତ୍ସା ସେବା, ବିଶେଷଜ୍ଞ ଚିକିତ୍ସା, ପ୍ରାଣୀ ରୋଗ ନିଦାନ ସୁବିଧା, ଦ୍ୱାର ଦେଶରେ ନିଃଶୁଳ୍କ ପ୍ରାଣୀ ଚିକିତ୍ସା, ନିରବଚ୍ଛିନ୍ନ ଔଷଧ ଯୋଗାଣ, ସାଧାରଣବର୍ଗ ଡାକ୍ତରଙ୍କ ସହ ସମାନ ଦରମା ଓ ପଦୋନ୍ନତି ସୁବିଧା, କାର୍ଯ୍ୟ ସମୟ ଓ କାର୍ଯ୍ୟ ସାରଣୀ ନିର୍ଦ୍ଧାରଣ, ସ୍ୱତନ୍ତ୍ର ସୁରକ୍ଷା ଆଇନ, ପ୍ରାଣୀ ଚିକିତ୍ସାଳୟ ଭିତ୍ତିଭୂମି ଓ ମାନବ ସମ୍ବଳ ବ୍ୟବସ୍ଥା ପରି ଦାବିକୁ ସରକାର ଶୁଣିଲେ ନାହିଁ। ବରଂ ରାତି ଅଧିଆ ରାଜ୍ୟ କର୍ମକର୍ତ୍ତାଙ୍କୁ ଦୂରଦୂରାନ୍ତର ସ୍ଥାନକୁ ବଦଳି କରିଛନ୍ତି। ରାଜ୍ୟ ସରକାରଙ୍କ ବଦଳିରେ ନୟାଗଡ଼ ଜିଲାର ଦଶପଲ୍ଲା ବ୍ଲକ ଭେଟେନାରୀ ଅଫିସର ପ୍ରଦୀପ ଚୌଧୁରୀ ଓ ଖଣ୍ଡପଡ଼ାର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଲିଙ୍କଂଶ କାନୁନ୍‌ଗୋ ଅଛନ୍ତି। ଏଭଳିସ୍ଥଳେ ରାଜ୍ୟ ସଂଘ ପକ୍ଷରୁ ମେ ୧ରୁ ଡିଜିଟାଲ କାର୍ଯ୍ୟ ବର୍ଜନ, ଅତିରିକ୍ତ କାର୍ଯ୍ୟ ଯଥା ଆନିମଲ ହେଲପ ଲାଇନ୍, କାର୍ଯ୍ୟାଳୟ ସମୟ ପରେ, ଛୁଟିଦିନ ଓ କାର୍ଯ୍ୟାଳୟ ପରିସରରେ ସେବା ବର୍ଜନ କରିଛନ୍ତି। ତେବେ ବେଆଇନ ବଦଳି ପ୍ରତିବାଦରେ ପ୍ରାଣୀ ଚିକିତ୍ସକମାନେ ସାମୂହିକ ଇସ୍ତଫା ଦେଇଛନ୍ତି ବୋଲି କହିଛନ୍ତି।

# ଚାଷୀ ସରକାର ଗଠନ ପାଇଁ ଚାଷୀ ମେଳି

**ନୟାଗଡ଼ରେ ଲୋକସମ୍ପର୍କ ଯାତ୍ରା**

**ନୟାଗଡ଼ ଅଫିସ,୪ା୫**

ଚାଷୀ ସରକାର ଗଠନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଚାଷୀ ସମାବେଶ ଗୁରୁବାର ହୋଇଛି। ନବନିର୍ମାଣ କୃଷକ ସଙ୍ଗଠନର ମାର୍ଗଦର୍ଶନରେ ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ନ୍ୟାୟିକ ଆନ୍ଦୋଳନର ଅଗ୍ରଣୀ ସଙ୍ଗଠକମାନଙ୍କୁ ନେଇ ଏପ୍ରିଲ ୨୩ ଅକ୍ଷୟ ତୃତୀୟାରେ ପୁରୀରୁ ବାହାରିଥିବା ଲୋକସମ୍ପର୍କ ଯାତ୍ରା ନୟାଗଡ଼ରେ ପହଞ୍ଚିବା ପରେ ଗୁରୁବାର ଚାଷୀ ସମାବେଶ ଆରମ୍ଭ ହୋଇଛି। ନୟାଗଡ଼ ବ୍ଲକର ବଢ଼ିଆସାହିଠାରେ ବଢ଼ିଆସାହି, ନଡ଼ିଆଳି, ଗବକଳ, ଅଶ୍ୱସ୍ତପଡ଼ା, ଅସୁରଡ଼ିପା, ହିଞ୍ଚଳଗାଡ଼ିଆ, ବାଲିପାଟଣାର ଚାଷୀମାନେ ଏକାଠି ହୋଇ ଚାଷୀ ସରକାର ଉପରେ ଆଲୋଚନାରେ ସାମିଲ ହୋଇଛନ୍ତି। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହସଂଯୋଜକ ନିମାଇ ରାୟ, ଉମାକାନ୍ତ ଭରତ, ରାଜ୍ୟ


ଚାଷୀ ସରକାର ଗଠନ ପାଇଁ ଖବରଦତା ସମ୍ମିଳନୀ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ଅନ୍ୟମାନେ।

କାର୍ଯ୍ୟକାରିଣୀ ସଦସ୍ୟ ଡ. କୁଳମଣି, ନାରାୟଣ ମହାରଣା, ଶିଶିର ବେହେରା, ଯୁବ ଛାତ୍ର ନେତା ମନୋହର ଅଲ୍ଲୀ ପ୍ରମୁଖ ଚାଷୀମାନଙ୍କୁ ଚାଷୀ ସରକାରର ସୁଫଳ ଟିପ୍ପଣି ଦେଇଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କୁ କିପରି କେନ୍ଦ୍ର ଓ ରାଜ୍ୟ ସରକାର ହଇରାଣ କରୁଛନ୍ତି ସେ ଉପରେ ବୁଝାଇଥିଲେ। ଏ ଅବସରରେ ନୟାଗଡ଼ରେ ଏକ ଖବରଦାତା ସମ୍ମିଳନୀ କରି ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, କ୍ଷମତାରେ ଥିବା କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କ୍ରମାଗତ ଭାବେ ଚାଷୀ ଆତ୍ମହତ୍ୟା ବଢୁଥିବାବେଳେ ଚାଷ ପ୍ରତି ବିତସ୍ପୃହ ହୋଇ ଚାଷୀ ଦାଦନ ପଳାଉଛନ୍ତି। ଚାଷୀ ଓ ଚାଷ ବୁଡିବାକୁ ବସିଥିବାବେଳେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଦରମାରେ ସରକାର ଯେତିକି ଅର୍ଥ ବ୍ୟୟ କରୁଛନ୍ତି ଚାଷୀଙ୍କ ପାଇଁ ୪ ଭାଗରୁ ଭାଗେ ଖର୍ଚ୍ଚ କରୁନାହାନ୍ତି। ଚାଷୀଙ୍କ ପାଇଁ ଯେଉଁ ଅର୍ଥ ବ୍ୟୟ ବରାଦ ହେଉଛି ତାହା ଅଣଚାଷୀ, ଦଲାଲ, କମ୍ପାନୀ ଲାଭ ନେଉଛନ୍ତି। ସ୍ୱାଧୀନ ଭାରତର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଦରମାର ୮ ଭାଗରୁ ଭାଗେ ଜଣେ ଚାଷୀଙ୍କୁ ସରକାର ଦେବାକୁ ପ୍ରସ୍ତୁତ ନୁହନ୍ତି। ଏପରିପ୍ରେକ୍ଷୀରେ ଚାଷୀମାନେ ଭୋଟ ରାଜନୀତିରେ ମୁଣ୍ଡ ପୂରାଇବାକୁ ଇଛା ପ୍ରକଟ କରିଛନ୍ତି। ଉତ୍ତରପ୍ରଦେଶ, ହରିଆନା ପରି ଚାଷୀ ରାଜନୀତିରେ ଆଗରେ ରହି ରାଜନୈତିକ ରୂପରେଖକୁ ବଦଳାଇ ଚାଷୀ ସରକାର ଗଠନ କରିବା ଦରକାର। ଏଥିପାଇଁ ନବନିର୍ମାଣ ସଙ୍ଗଠନର ପ୍ରାୟାସ ଆରମ୍ଭ ହୋଇଛି। ଏପ୍ରିଲ ୨୩ରୁ ବାହାରିଥିବା ଲୋକସମ୍ପର୍କ ଯାତ୍ରା ମେ ୮ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉଦ୍‌ଯାପନ କରାଯିବ। ଏଣୁ ଚାଷୀମାନଙ୍କୁ ସଚେତନତା ପାଇଁ ସବୁ କିଛି କରାଯାଉଛି ବୋଲି କହିଥିଲେ। ନୟାଗଡ଼ରେ ଚାଷୀ ସମାବେଶ ଓ ଖବରଦାତା ସମ୍ମିଳନୀକୁ ଜିଲା ସଂଯୋଜକ ରଣଜିତ ଦଳ ବେହେରା ପରିଚାଳନା କରିଥିଲେ।

# ୭ରେ ଝାରସୁଗୁଡ଼ା ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୫(ବ୍ୟୁରୋ)

ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଗସ୍ତରେ ଯିବେ । ସେଠାରେ ଦଳୀୟ ପ୍ରାର୍ଥୀ ଦୀପାଳି ଦାସଙ୍କ ପାଇଁ ସେ ପ୍ରଚାର କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଜେଡି କର୍ମୀମାନେ ଉତ୍ସାହିତ ହୋଇଛନ୍ତି। ସେଥିପାଇଁ ପ୍ରସ୍ତୁତି ମଧ୍ୟ ଜୋରସୋରରେ ଆରମ୍ଭ ହୋଇଛି। ବିଜେଡି ପଶ୍ଚିମ ଓଡ଼ିଶା ନେତା ତଥା ଝାରସୁଗୁଡ଼ା ଉପ ନିର୍ବାଚନ ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ପୂରା ଦମ୍‌ରେ ପ୍ରସ୍ତୁତି ଚଳାଇଛନ୍ତି। ଦଳର ଷ୍ଟାର ପ୍ରଚାରକମାନେ ଦୀପାଳିଙ୍କ ପାଇଁ ଘରକୁ ଘର ବୁଲି ପ୍ରଚାରରେ ଲାଗି ପଡିଛନ୍ତି।


ନବୀନ ପଟ୍ଟନାୟକ


ଧର୍ମେନ୍ଦ୍ର ପ୍ରଧାନ

ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ ଭୋଟ ଭିକ୍ଷା କରିବା ସକାଶେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ୭ ତାରିଖରେ ଝାରସୁଗୁଡ଼ା ଗସ୍ତରେ ଯିବେ। ଗୋଟିଏ ଦିନରେ ଦୁଇ ଦଳର ହେଭିୱେଟ ନେତାଙ୍କ ଗସ୍ତ ଝାରସୁଗୁଡ଼ା ଉପ ନିର୍ବାଚନକୁ ସରଗରମ କରିଛି। ପ୍ରଚାରକୁ

## ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ଧର୍ମେନ୍ଦ୍ର

ନେଇ ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେଉଛି। ଉପ ନିର୍ବାଚନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପୂରା ଦମ୍ ଲଗାଇ ଥିବା ବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ପଶ୍ଚିମ ଓଡ଼ିଶା ଏମ୍‌ପି, ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀମାନେ ଜୋର ଲଗାଇଛନ୍ତି। ନିର୍ବାଚନ ଆଉ ମାତ୍ର ୫ ଦିନ ଥିବାବେଳେ ୮ ତାରିଖ ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ଶେଷ ହେବ। ହାତରେ ଆଉ ୪ ଦିନ ଥିବାରୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ଘର ଘର ବୁଲି ପ୍ରଚାରକୁ ଜୋରଦାର କରିଛନ୍ତି।

# ନିକ୍ତିମାଲ ହିଂସାକୁ ନେଇ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି

## ଭାଜପା ପ୍ରାର୍ଥୀ ଟଙ୍କଧର, ବିଧାୟିକା କୁସୁମ ଟେଟେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି



ବିଜେଡି ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

ଭୁବନେଶ୍ୱର,୪।୫(ବ୍ୟୁରୋ)

### ଝାରସୁଗୁଡ଼ା ଉପ ନିର୍ବାଚନ

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ପ୍ରଚାର ଜୋରସୋରରେ ଚାଲିଥିବା ବେଳେ ଲୋକଙ୍କ ସମର୍ଥନ ପାଉ ନ ଥିବାରୁ ହତାଶ ଓ ଉତକ୍ଷିପ୍ତ ହୋଇ ଭାଜପା ନେତାମାନେ ଗୁଣ୍ଡାଗର୍ଦ୍ଦି କରିବା ସହ ଭୋଟରଙ୍କୁ ଧମକଚମକ ଦେଉଛନ୍ତି। ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ନିକ୍ତିମାଲ ଅଞ୍ଚଳରେ ଭାଜପା ବିଧାୟକ ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଓ ତାଙ୍କ ସମର୍ଥକମାନେ ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ କରିଥିବା ବିଜେଡି ଅଭିଯୋଗ କରିଛି। ଗୁରୁବାର ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେଡି ମୁଖପାତ୍ର ଗୌତମ ବୁଦ୍ଧ ଦାସ କହିଛନ୍ତି, ବୁଧବାର ସନ୍ଧ୍ୟାରେ ବିଜେଡି କର୍ମୀମାନେ ଘରକୁ ଘର ବୁଲି ପ୍ରଚାର କରୁଥିବାବେଳେ ଭାଜପାର ଏହି ନେତା ଓ ତାଙ୍କ ସମର୍ଥକମାନେ ସେଠାରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ । ଏପରିକି ଟଙ୍କଧର ତ୍ରିପାଠୀ ଓ କୁସୁମ ଟେଟେ ଦିଲ୍ଲୀପ ପ୍ରଧାନ ନାମକ ଜଣେ ବିଜେଡି କର୍ମୀଙ୍କୁ ଜାତିଆଣ ଆକ୍ଷେପ କରି ଧମକ ଦେବା ସହ ତାଙ୍କ ଗୋଡ଼ରେ ଗାଡ଼ି ଚଢ଼ାଇ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଭାଜପା ନେତା ଓ କର୍ମୀଙ୍କ ଏପରି ଗୁଣ୍ଡାଗର୍ଦ୍ଦିକୁ ବିରୋଧ କରି ଗାଁ ଲୋକମାନେ ଏକଜୁଟ ହେବାରୁ ସେମାନେ ସେଠାରୁ ପଳାଇ ଆସିଥିଲେ। ମାତ୍ର ସେମାନଙ୍କ ଇସାରାରେ ଏହାର କିଛି ସମୟ ପରେ ପୁନର୍ବାର ୪୦/୫୦ ଜଣ ଭାଜପା କର୍ମୀ ଗାଁରେ ପହଞ୍ଚି ବିଜେଡି ସମର୍ଥକମାନଙ୍କୁ ଧମକ ଚମକ ଦେବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ ଏବଂ ଟେକା ପଥର ଫିଙ୍ଗିଥିଲେ। ଆଗକୁ କେହି ବିଜେଡି ପାଇଁ ପ୍ରଚାର କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏହା ଫଳରେ କାଲିଠାରୁ ନିକ୍ତିମାଲରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# 'କେନ୍ଦ୍ରୀୟ ବାହିନୀ ମୁତୟନ କରାଯାଉ'

## ସିଇଓ ଏବଂ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ଭାଜପା ଫେରାଦ

ଭୁବନେଶ୍ୱର,୪।୫(ବ୍ୟୁରୋ)


ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ଦଳ ।

ଝାରସୁଗୁଡ଼ା ଉପନିର୍ବାଚନରେ ହିଂସାଭିମୁଖୀ ଆଚରଣକୁ ନେଇ ଉଭୟ ବିଜେଡି ଏବଂ ଭାଜପା ପରସ୍ପର ବିରୋଧରେ ଦୋଷ ଲଦାଲଦି ହେବା ଆରମ୍ଭ କରିଦେଇଛନ୍ତି। ଭାଜପା ବିଧାୟିକା କୁସୁମ ଟେଟେଙ୍କ ଗାଡ଼ି ଉପରକୁ ଆକ୍ରମଣ କରାଯାଇଥିବା ଅଭିଯୋଗ ନେଇ ଗୁରୁବାର ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିବା ବେଳେ ଆଉ ଏକ ଟିମ୍ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ଡି.କେ.ତିୱାରୀ ଏବଂ କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକ ମହମ୍ମଦ ଅନ୍‌ସାରିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଭାଜପା ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ପରାଜୟ ଭୟରେ ଝାରସୁଗୁଡ଼ା ଉପନିର୍ବାଚନକୁ ହିଂସାଭିମୁଖୀ କରିବା ପାଇଁ ବିଜେଡି ଷଡ଼ଯନ୍ତ୍ର ଆରମ୍ଭ କରିଛି। ଭାଜପାର ପ୍ରାର୍ଥୀ ଏବଂ ଦଳର ତାରକା ପ୍ରଚାରକଙ୍କ ମୁକ୍ତ ଯାତାୟାତରେ ବିଜେଡି ପ୍ରତିବନ୍ଧକ ସୃଷ୍ଟି କରୁଛି। ଗତ ୩ ତାରିଖ ଲଇକେରା ଥାନା ଅନ୍ତର୍ଗତ ନିକ୍ତିମାଲ ଗାଁରେ ବିଧାୟିକା ଟେଟେଙ୍କ ଉପରେ ଆକ୍ରମଣ କରାଯାଇଥିଲା।

# ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା ଭାଜପା

## କୋଟିଆ ପ୍ରସଙ୍ଗ ନେଇ ପ୍ରତିବାଦ

କୋରାପୁଟ,୪।୫(ସ୍ୱ.ପ୍ର.)

ଆନ୍ଧ୍ର ପ୍ରଦେଶ ଉପ ମୁଖ୍ୟମନ୍ତ୍ରୀ ପିଡିକା ରାଜନ ଦୋରା ବାରମ୍ବାର କୋଟିଆ ଗ୍ରାମପୁଞ୍ଜିକୁ ଅନୁପ୍ରବେଶ କରୁଥିବାରୁ ଏହାକୁ ନେଇ ଭାଜପା ନେତା ଓ କର୍ମୀମାନେ ଗୁରୁବାର ପ୍ରତିବାଦ ଉଠାଇଛନ୍ତି। ସ୍ଥାନୀୟ କଳାନିକେତନଠାରେ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରି ଦୋରାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ, ସଦସ୍ୟା ପୂର୍ଣ୍ଣିମା ନାୟକ, ପୂର୍ବତନ ଜିଲା ସଭାପତି ବିଜୟ ମିଶ୍ର, ଜୟରାମ ଗରଡ଼ା, ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ସମ୍ପାଦକ କାଳୀରାମ ମାଝି, ଭାଗୀରଥି ପାଟନିଆ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ୫-ଡି ସରକାର ଚାଲିଛି : ପ୍ରଦୀପ

ଗଞ୍ଜାମ,୪।୫(ଡି.ଏନ.ଏ.)

ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ଗୁରୁବାର ନୃସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ନିଜ ସମର୍ଥକଙ୍କ ସହ ପୁଇଁତୋଳା ଆସି ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟରେ ୫-ଟି ବଦଳରେ ୫-ଡି ଚାଲିଛି ବୋଲି ବିଧାୟକ ପାଣିଗ୍ରାହୀ କହିଥିଲେ। ଦୁର୍ନୀତି, ଦୁଷ୍କର୍ମ, ଦୁର୍ବ୍ୟବହାର, ଦୁଷ୍ଟାମି ଓ ଦରିଦ୍ରର ସରକାର ଚାଲିଛି । ସମୟ ଆସିଲାଣି ଖୁବଶୀଘ୍ର ଲୋକେ ଏହାର ଜବାବ ଦେବେ ବୋଲି ସେ କହିଥିଲେ।


**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
OFFICE OF THE GENERAL MANAGER (MECH.),ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR -751010 (ODISHA)
No.CAD-451: Tel- 0674 : 2580896, E-mail: gmerectionocc@gmail.com
(GSTIN-21AAACO2571K2ZM)
**"e"-Tender Notice No. 07/OCCL/2023-24 (on-line)**
Type of work : Erection, Commissioning, Testing of 03 (Three) sets of Spillway Radial Gates with hoisting arrangements, Hoist supporting structures for Radial Gates, Trunnion walkway, Latch for Radial Gates of Ghatakeswar Multipurpose Project under Chikiti Irrigation Division, Berhampur as per approved drawings pertaining to Ghatakeswar Multipurpose Project and direction of the Engineer-in-Charge.
Total No. of work : 01 (One). Period of completion : 90 (Ninety) days.

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line)" | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance , OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 13/2022-23 | Rs.11,800/- (Non-refundable) | 05.05.2023 10.00AM to 19.05.2023 5.00 PM | 05.05.2023 10.00AM to 19.05.2023 5.00 PM |

Date of opening of the Technical Bid : 20.05.2023 at 11.30 A.M.
Further details can be seen from the Govt. website (www.tendersodisha.gov.in)
Amendment/corrigendum/cancellation, if any shall be posted on-line only.
Sd./- General Manager (Mech.)
Erection and Maintenance
OCC Ltd., Bhubaneswar
OIPR-34163/11/0001/2324



**OFFICE OF THE CDM & PHO cum DISTRICT MISSION DIRECTOR**
**DISTRICT PROGRAMME MANAGEMENT & SUPPORT UNIT, NHM**
**HEALTH & FAMILY WELFARE DEPARTMENT, GOVT. OF ODISHA**
MALKANGIRI, ODISHA - 764045
E-mail: cdmomkg@gmail.com, Phone: 06861-231543
Letter No. 4001 Date: 03.05.2023
**RECRUITMENT OF DOCTORS UNDER CORPUS FUND**
No. E-77: The following posts of specialists on contract basis with consolidated remuneration shall be filled up by the District Administration out of Corpus Fund, CDM&PHO Office, Malkangiri. The details of Qualification/Age/Vacancy/required documents and Application Form may be downloaded from the website: **www.malkangiri.nic.in**. The eligible candidates may appear before the undersigned with all required original documents and a set of self-attested Xerox copies on Dt.16.05.2023 at 10.00 A.M. in the Office Chamber of CDM&PHO, Malkangiri

| Sl. No. | Name of the Position | No. Required | Qualification | Consolidated Remuneration | Age | Date of Walk-in-Interview |
|---|---|---|---|---|---|---|
| 1 | Specialist in Pediatric | 02 Nos. (DHH, Malkangiri and CHC-Kalimela) | MD (Pediatric) with registration in any Medical Council of India | Negotiable | Upto 65 years as on the date of Interview | 16.05.2023 |
| 2 | Super Specialist in Nephrology | 01 No. (DHH, Malkangiri) | MD (Nephrology) with registration in any Medical Council of India | Negotiable | Upto 65 years as on the date of Interview | 16.05.2023 |
| 3 | Specialist in O&G | 01 No. (SDH, Chitrakonda Malkangiri) | MD (O&G) with registration in any Medical Council of India | Negotiable | Upto 65 years as on the date of Interview | 16.05.2023 |
| 4 | Specialist in Orthopedic | 01 No. (DHH, Malkangiri) | MD (Orthopedics) with registration in any Medical Council of India | Negotiable | Upto 65 years as on the date of Interview | 16.05.2023 |

The number of vacancy may vary from time to time. Vacancies will be filled up as per the requirement at the time of appointment and from panel list if required later. The undersigned reserves the right to cancel any or all the applications without assigning any reason thereof. These engagements are purely contractual in nature and not against regular vacancy. So, the applicant should be sure that it will never be regularized under any condition. The continuation of the post depends on requirement and availability of fund which may lead to termination of the agreement.
OIPR-10206/11/0002/2324 Sd./- CDM & PHO, Malkangiri


# କର୍ଣ୍ଣାଟକ ନିର୍ବାଚନ | ଆଜି ପ୍ରଚାରକୁ ଓହ୍ଲାଇବେ ସୋନିଆ


ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ, ୪।୫ : ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ ପ୍ରଚାରରୁ ଦୂରେଇ ରହିଥିବା ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶନିବାର କର୍ଣ୍ଣାଟକର ହୁବ୍ଳିରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। କର୍ଣ୍ଣାଟକରେ ଏହା ସୋନିଆଙ୍କ ପ୍ରଥମ ନିର୍ବାଚନୀ ସଭା ହେବ। ୧୦ରେ ଭୋଟ ଗ୍ରହଣ ହେବାକୁ ଥିବା ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ଗତବର୍ଷ ଅକ୍ଟୋବର ୬ରେ ସୋନିଆ କର୍ଣ୍ଣାଟକର ମାଣ୍ଡ୍ୟାରେ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇ ରାହୁଲଙ୍କ ସହ ପଦଯାତ୍ରାରେ ଯାଇଥିଲେ। ଗତବର୍ଷ ଜୁନ୍‌ରେ ସୋନିଆ କୋଭିଡ୍ ସଂକ୍ରମିତ ହୋଇଥିବାବେଳେ ଗତ ମାର୍ଚ୍ଚ ୨ରେ ଜ୍ୱର କାରଣରୁ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ସେ କିଛିଦିନ ହେଲା ସାଧାରଣ ଜନତାଙ୍କଠାରୁ ଦୂରେଇ ରହିଥିଲେ। ତେବେ କର୍ଣ୍ଣାଟକରେ କ୍ଷମତାକୁ ଆସିଲେ ବର୍ଷକ ମଧ୍ୟରେ ଭାଜପା ସରକାର ଗୃହୀତ କରାଇଥିବା ସମସ୍ତ ଅନୈତିକ ଓ ଜନବିରୋଧୀ ଆଇନକୁ ରଦ୍ଦ କରିବ ବୋଲି କଂଗ୍ରେସ ଏହାର ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି।


**OFFICE OF THE SUPERINTENDING ENGINEER**
**NAYAGARH IRRIGATION DIVISION, NAYAGARH**
e-mail- eenidivn@gmail.com
**NOTICE**
**No.A-96:**It is notified that tender invited for the works from Sl. No.1 to 15 except Sl.No.-6 vide "e" procurement Notice No.03 (NGR) 2022-23 dated 19.10.2022 is hereby cancelled due to some unavoidable reasons.
Sd./- Superintending Engineer
OIPR-32303/11/0003/2324 Nayagarh Irrigation Division, Nayagarh



**GOVERNMENT OF ODISHA**
**"e" Procurement Notice**
No. B-152
GOVT. OF ODISHA
e-mail: eepwdkeonjhar@yahoo.com
Bid Identification No. PWDK-04/2023-24
No. G2/3320 Dt.28.04.2023
1. No. of the Work : 10 Nos. Building Work and 02 Nos. Road Work
2. Estimated Cost : Rs.8.16 lakh to Rs.81.76 lakh
3. Period of Completion : 3 (Three) to 4 (Four) Calendar Months
4. Date and time of availability of Bid document in the portal : From 10.00 hr. 09.05.2023 to 17.00 hr. of 25.05.2023
5. Last date/time for receipt of bids in the portal : 17.00 hr. of 25.05.2023
6. Date of Opening of Bid from portal : 11.30 hr. of 26.05.2023
7. Name and address of the Officer Inviting Bid : Superintending Engineer, Keonjhar (R&B) Division, Keonjhar
Further details can be seen from the e-procurement portal "http://tendersodisha.gov.in".
Sd./- Superintending Engineer
Keonjhar (R&B) Division
OIPR-34004/11/0003/2324



**OFFICE OF THE MUNICIPAL COUNCIL, KHORDHA**
H&UD Department, Govt. of Odisha, Khordha - 752055
e-Mail: khurda_municipality@yahoo.co.in, Phone No.: 06755-220674
2nd Corrigendum to E-Tender Notice No. 1250 Dated: 18.04.2023
No. 1441 Date: 04.05.2023
No. C-234: It is hereby informed that the e-Tender Call Notice No. 1250 Dated: 18.04.2023 and uploaded in **tendersodisha.gov.in** will be opened at 9.00 A.M. on dated 09.05.2023.
Sd./- Executive Officer
OIPR-13082/11/0007/2324 Khordha Municipality



**GOVERNMENT OF ODISHA** No. B-160
**e-Procurement Notice**
**Angul (R&B) Division**
Bid Identification No. 03 of 2023-24
e-mail ID: angulrbdivision@yahoo.co.in
1. Number of Works : 1 (One) number of Building works
2. Approximate estimated cost : Rs.3.02 Cr.
3. Period of Completion : 05 (Five) Calendar months
4. Date & time of availability of bid document in the portal : Dt.10.05.2023 at 10.00 A.M.
5. Last date/time for receipt of bid in the portal : Dt.25.05.2023 upto 5.00 P.M.
6. Date of Opening Bid : Dt.26.05.2023 at 11.00 A.M.
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in ONLINE bidding only.
Further details can be seen from the e-procurement portal **https:/tendersodisha.gov.in**.
Sd./- Executive Engineer
Angul (R&B) Division
OIPR-34074/11/0004/2324



**OFFICE OF THE MUNICIPAL COUNCIL, PARADEEP**
Tel.: (06722) 222485, 222307, Fax: (06722) 220533
E-mail: paradipmunicipality@gmail.com
www.paradeepmunicipality.org
RfP No.: 1560 Dt.04.05.2023
No. C-238: The Executive Officer, Paradeep Municipality on behalf of the Municipal Council, Paradeep invites sealed Request for Proposal from Consultance firms/agencies for providing Non-technical personnel (support staff & security personnel) in the Office of Paradeep Municipality initially for a period of one year with provision for extension of up to one year based on satisfactory performance to be selected on Quality and Cost Based Selecrtion (QCBC) process. The prescribed RfP schedule can be obtained from Paradeep Municipality office and Municipality website i.e. **www.paradeepmunicipality.org**. The date of submission of RfP is from 7.00 A.M. of 06.05.2023 to 1.00 P.M. of 15.05.2023 during office hour.
Sd./- Executive Officer
Paradeep Municipality
OIPR-13120/11/0001/2324



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
No.O-111: E-Mail: eerwel_bbsr@yahoo.co.in
**e-Procurement Notice No -EERWELBBSR- 01/2023-24**

| | | |
|---|---|---|
| 1 | Name of the work | 10 Nos of shifting work of 11 Kv line LT line, Sub-Station due to PMGSY road widening work and bridge work under RW Division, Bhubaneswar & 1 no work of RW Divn., Balasore |
| 2 | Estimated Cost | From 6.89 lakhs to 26.66 lakhs (Excluding GST) |
| 3 | Period of completion | 60 days |
| 4 | Bid Identification No | EERWELBBSR- 01/2023-24 |
| 5 | Date and time of availability of Bid documents in the portal | From Dt.09.05.2023 at 12.00 A.M. to Dt 17.05.2023 up to 5.00 P.M |
| 6 | Date & Time of opening of tender | Dt.18.05.2023 at 1:00 P.M. |
| 7 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall, Dist.-Khurda, Odisha, Pincode-751010 |

Further detail can be seen from the Govt. website www.tenderorissa.gov.in.
Sd./- Executive Engineer
Rural Work Electrical Division, Bhubaneswar
OIPR-25168/11/0001/2324



Annexure - II
**OFFICE OF DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), DHENKANAL DISTRICT**
Phone: (06762) 295760, District Website: www.dhenkanal.nic.in
Tender No. 899 Date: 03.05.2023
No. CAD-446: District Manager, Odisha State Civil Supplies Corporation Ltd., **Dhenkanal** District invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | Selection and appointment of **Handling Contractor** (Labour Works) for Handling of Food grains (Rice, Wheat) at the RRCs (except in those PEG godowns where godown onwer is undertaking handling work) in the district of the State of Odisha for the year 2023-24 & 2024-25 |
| 2 | Availability of bid document in the portal | From Dt.03.05.2023 |
| 3 | Last date/time for receipt of bids in the portal | Dt.17.05.2023 upto 5.00 P.M. |
| 4 | Date/Time of Opening of Technical Bid | Dt.18.05.2023 at 10.00 A.M. |
| 5 | Name and address of the Office Inviting Tender | District Manager, OSCSC Ltd., Dhenkanal (District) |

Tender documents & other details can be seen from the e-procurement portal of **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/Retenders etc. if any shall be published only in above websites.
Sd./- District Manager
OSCSC Ltd., Dhenkanal
OIPR-07005/11/0007/2324



Government of Odisha "e" Procurement Notice
**WORKS DEPARTMENT**
Bid Identification No. C.C.E.K.C.. Keonjhar No. 03 / 2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
No.B-157: Letter No. 2044, dt. 29.04.2023
1. Name of the work : Construction of Approach Road to Jhumpura New Bus Stand in the District of Keonjhar under DMF for the year 2023-24
2. Estimated cost : Rs. 133.53 Lakhs
3. Class of Contractor : "B" Class & "A" Class
4. Period of completion : 06 (Six) Calendar Months
5. Date and Time of availability of Bid document in the portal : From 11.30 hours of 08.05.2023 to 16.00 hours of 22.05.2023
6. Last date / Time for receipt of bids in the portal : 16.00 hours of 22.05.2023
7. Date of opening of Bid from Portal : 11.30 hours on 23.05.2023
8. Name and address of the Officer inviting Bid : Chief Construction Engineer, Keonjhar (R&B) Circle, Keonjhar-758001.
Further details can be seen from the e-procurement portal "http://tendersodisha.gov.in".
Sd./-Chief Construction Engineer
OIPR-34033/11/0009/2324 Keonjhar (R&B) Circle, Keonjhar



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At: Ambapua, Po:Engineering School, Near Income Tax Office, Berhampur - 760011
(E-Mail:- serwbpr2004@yahoo.com, Tel/Fax:- 0680-2404287)
**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
NATIONAL COMPETITIVE BIDDING THROUGH e-Procurement
Bid identification No. Online Tender/05-2023-24/PMGSY/BPR
**No.O-110:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads & Bridges under Pradhan Mantri Gram Sadak Yojana in the districts of **Ganjam for 08 (Eight)** number of packages with estimated cost totalling to **Rs. 21.47 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways.** The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of Invitation for Bids through e-procurement. Dtd. **08.05.2023**
**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in.** The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/ Time for receipt of bids through e-procurement: 29.05.2023 upto 3.00 P.M.**
For further details and corrigendum (if any) please log on to www.pmgsytenders.gov.in.
Sd./- Chief Construction Engineer
R.W.Circle, Berhampur
OIPR-25071/11/0008/2324



**Office of The General Manager**
**Sewerage, WATCO, Cuttack**
**At-Mahanadivihar,PO-Nayabazar,Cuttack-753004**
email: pe_cs@owssb.in
NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB) No: GM-WATCO-Sewerage-03/2022-23
dtd:03.05.2023
**No.C-231:**The General Manager, Sewerage, WATCO, Cuttack on behalf of Governor of Odisha invites percentage rate bid in single cover system in online mode from eligible contractors for the works mentioned below:
1. No. of Works : 7 No Works
2. Nature of work : House Sewer Connection
3. Class of Contractor : 'D', 'C' & 'B'
4. Paper Cost : Rs. 6000.00 (Offline)
5. Date & Time of Availability of Bid Document in the Portal : 11:00 hours of dt. 09.05.2023 17:00 hours of dt. 23.05.2023.
6. Date and time of opening of Bid : Dt.24.05.2023 at 11.00 hours
The bidders have to participate in online bidding only. Further details can be seen from the website www.tendersodisha.gov.in. Any addendum /corrigendum/Cancellation of tender can also be seen in the same website.
Sd./- General Manager
Sewerage, WATCO, Cuttack
OIPR-13232/11/0001/2324


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୯ରେ ଖୋଲିବ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଆଇପିଓ

**ନୂଆଦିଲ୍ଲୀ,୪।୫**

ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ୨୦୨୩ ମେ ୯ ରେ ଖୋଲିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏହା ଜରିଆରେ କମ୍ପାନୀ ପ୍ରାୟ ୩୨୦୦ କୋଟି ଟଙ୍କାର ପୁଞ୍ଜି ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହି ପବ୍ଲିକ୍ ଅଫର ଜରିଆରେ କମ୍ପାନୀ ୧୪୦୦ କୋଟି ଟଙ୍କାର ନୂଆ ଶେୟାର ଜାରି କରିବ ଏବଂ ୧୮୦୦ କୋଟି ଟଙ୍କାର ଅଫର ଫର୍ ସେଲ୍‌ରେ ଅଂଶଧନକାରୀଙ୍କ ଶେୟାର ଉପଲବ୍ଧ କରାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଉକ୍ତ ଅଫରର ଶେୟାର ପିଛା ଦାମ୍ ୯୫ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ରହିଛି। ଏହି ଅଫର ୨୦୨୩ ମେ ୧୧ରେ ବନ୍ଦ ହେବ। ଏହାର ଆଙ୍କର ନିବେଶକମାନେ ୨୦୨୩ ମେ ୮ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। କାରଣ ଅଫରର ଗୋଟିଏ ଦିନ ପୂର୍ବରୁ ନିବେଶକମାନେ ବିଡ୍ ଦାଖଲ କରିପାରିବେ।

ଉଲ୍ଲେଖଯୋଗ୍ୟ, ୱିନ୍‌ଫୋର୍ଡ ଇନ୍‌ଭେଷ୍ଟମେଣ୍ଟ ଲିମିଟେଡ୍ ହେଉଛି ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ପ୍ରାୟୋଜକ ଏବଂ ନେକ୍ସସ୍ ସିଲେକ୍ଟ ମଲ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ହେଉଛି ଏହାର ମ୍ୟାନେଜର।




ଆକ୍ସିସ୍ ଟ୍ରଷ୍ଟି ସର୍ଭିସେସ୍ ଲିମିଟେଡ୍ ହେଉଛି ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଟ୍ରଷ୍ଟି। ଏ ସମ୍ପର୍କରେ ବ୍ଲାକ୍‌ଷ୍ଟୋନ୍ ଏସିଆ ପାସିଫିକ୍‌ର ଅଧ୍ୟକ୍ଷ ଓ ରିଅଲ ଇଷ୍ଟେଟ୍ ଏସିଆର ମୁଖ୍ୟ କ୍ରିସ୍ ହେଡି କହିଛନ୍ତି, ଭାରତର ପ୍ରଥମ ରିଟେଲ କୈନ୍ଦ୍ରିକ ଆର୍‌ଇଆଇଟି ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ। ଭାରତ ପ୍ରତି ଏହା ବ୍ଲାକ୍‌ଷ୍ଟୋନର ପ୍ରତିବଦ୍ଧତାକୁ ଦୋହରାଉଛି, ଯେଉଁଠାରେ ଏହା ୧୫ ବର୍ଷରୁ ଅଧିକ ସମୟ ଧରି ରହିଛି ଏବଂ ପ୍ରଥମ ଦୁଇଟି ଆର୍‌ଇଆଇଟି ଉନ୍ମୋଚନରେ ଅଂଶଗ୍ରହଣ କରିଛି। ସେହିଭଳି ନେକ୍ସସ୍ ସିଲେକ୍ଟ ମଲ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦଲିପ୍ ସେହଗଲ୍ କହିଛନ୍ତି, ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ ହେଉଛି, ଭାରତର ସର୍ବବୃହତ୍ ମଲ୍ ପ୍ଲାଟ୍‌ଫର୍ମ ଏବଂ ଭାରତର ସ୍ୱତନ୍ତ୍ର ଉପଯୋଗିତାରୁ ଏହା ଲାଭବାନ୍ ହେବା ଲାଗି ବହୁତ ଭଲ ସ୍ଥିତିରେ ରହିଛି। ଭାରତର ରିଟେଲ ଯାତ୍ରାର ଆଗରେ ରହିଥିବାରୁ ଆମେ ଉତ୍ସାହିତ।

ସୂଚନାଯୋଗ୍ୟ, ଏହି ଅଫରର ବୁକ୍ ରନିଂ ଲିଡ୍ ମ୍ୟାନେଜର ଯଥା ବିଓଏଫ୍‌ଏ ସିକ୍ୟୁରିଟିଜ୍ ଇଣ୍ଡିଆ ଲିମିଟେଡ୍, ଆକ୍ସିସ୍ କ୍ୟାପିଟାଲ୍ ଲିମିଟେଡ୍, ସିଟି ଗ୍ରୁପ୍ ଗ୍ଲୋବାଲ୍ ମାର୍କେଟ୍‌ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଏଚ୍‌ଏସ୍‌ବିସି ସିକ୍ୟୁରିଟିଜ୍ ଆଣ୍ଡ କ୍ୟାପିଟାଲ ମାର୍କେଟସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଏମ୍ ଫାଇନାନ୍ସିଆଲ୍ ଲିମିଟେଡ୍, ଜେପି ମୋର୍ଗାନ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, କୋଟାକ୍ ମହିନ୍ଦ୍ରା କ୍ୟାପିଟାଲ୍ କମ୍ପାନୀ ଲିମିଟେଡ୍, ମୋର୍ଗାନ ଷ୍ଟାନ୍‌ଲି ଇଣ୍ଡିଆ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଓ ଏସ୍‌ବିଆଇ କ୍ୟାପିଟାଲ ମାର୍କେଟ୍‌ସ ଲିମିଟେଡ୍ ଆଦି ସାମିଲ ଅଛନ୍ତି।

# ଆଇସିଆଇସିଆଇ ବ୍ୟାଙ୍କର ନୂତନ ଫାସିଲିଟି

**ନୂଆଦିଲ୍ଲୀ,୪।୫**

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଫାସିଲିଟିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବ୍ୟାଙ୍କର ଗ୍ରାହକମାନେ ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ଫାସ୍‌ଟାଗ୍ ସ୍ୱୟଂକ୍ରିୟ ରିଚାର୍ଜ ସକ୍ଷମ କରାଇପାରିବେ। ଏହି ସୁବିଧା ଗ୍ରାହକମାନଙ୍କୁ ସ୍ୱୟଂକ୍ରିୟ ଭାବେ ଫାସ୍‌ଟାଗ୍‌କୁ ସମ୍ପୂର୍ଣ୍ଣ ଡିଜିଟାଲ ମାଧ୍ୟମରେ ପୂର୍ବ ନିର୍ଦ୍ଧାରିତ ବାରମ୍ବାରତା ଅନୁସାରେ ରିଚାର୍ଜ କରିବାର ଆଉ ଏକ ବିକଳ୍ପ ପ୍ରଦାନ କରୁଛି। ଏପରିକି ସମସ୍ତ ଟୋଲ୍ ପ୍ଲାଜାରେ ନିରବଚ୍ଛିନ୍ନ ଭାବେ ଗତି କରିବା ଏବଂ ନିଜ ଖାତାରେ ଆବଶ୍ୟକ ପାଣ୍ଠି ନ ଥିବାର ଅସୁବିଧାକୁ ଦୂରକରିବାରେ ଏହା ବ୍ୟବହାରକାରୀଙ୍କୁ ସହାୟକ ହେବ। ସେହିଭଳି ଶୀଘ୍ର ଏବଂ ସହଜ ପ୍ରକ୍ରିୟାରେ ବ୍ୟବହାରକାରୀମାନେ ଥରେ ୟୁପିଆଇ ମ୍ୟାନ୍‌ଡେଟ୍ ଜରିଆରେ ଷ୍ଟାଣ୍ଡିଂ ଇନ୍‌ଷ୍ଟ୍ରକ୍ସନ୍ ଦେଇପାରିବେ। ଏପରିକି ଦୈନିକ, ସାପ୍ତାହିକ, ମାସିକ କିମ୍ବା ତ୍ରୈମାସିକ ଭିତ୍ତିରେ ଚୟନ କରାଯାଇଥିବା ବାରମ୍ବାରତା ଅନୁସାରେ ଗାଡ଼ିରେ ଲାଗିଥିବା ଫାସ୍‌ଟାଗ୍ କିମ୍ବା ଫାସ୍‌ଟାଗ୍ ୱାଲେଟ୍‌କୁ ରିଚାର୍ଜ କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ୍ କାର୍ଡ,ପେମେଣ୍ଟ ସମାଧାନ ଓ ମର୍ଚ୍ଚାଣ୍ଟ ଇକୋସିଷ୍ଟମ୍ ମୁଖ୍ୟ ସୁଦୀପ୍ତ ରାୟ କହିଛନ୍ତି, ଫାସ୍‌ଟାଗ୍ ପାଇଁ ୟୁପିଆଇ ମ୍ୟାନ୍‌ଡେଟ୍ ଜରିଆରେ ସ୍ୱୟଂକ୍ରିୟ ରିଚାର୍ଜ ସୁବିଧାର ଶୁଭାରମ୍ଭ କରିଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ।


For Occasion of AKSHAYA TRITIYA
SMILE GOLD JEWELLERS
GOLD | DIAMOND | SILVER | GEMSTONE | WATCHES
Making Flat 50% OFF · Flat 25% OFF · Flat 25% OFF · Flat 25% OFF
ZERO Making Charges on Gold Jewellery (Price @ 24kt)
MINIMUM ₹20,000/- PURCHASE GATE A COUPON
BUMPER LUCKY DRAW · GOLD COIN · COUPON
Plot No. B38, Fancy Market, Saheed Nagar, Bhubaneswar - 751007, Ph.: 0674- 2969696 / 2969797
Mob.: 9438019696 / 9438029797



CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡା. ଅର୍ଥୋଙ୍କୁ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ ଅଫ୍ ଇଣ୍ଡିଆ ସମ୍ମାନ

**ନୂଆଦିଲ୍ଲୀ,୪।୫** ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ ଡା. ଅର୍ଥୋକୁ ନିକଟରେ ଭାରତର ଶ୍ରେଷ୍ଠ ବ୍ରାଣ୍ଡ ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଡା. ଅର୍ଥୋକୁ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ ଅଫ୍ ଇଣ୍ଡିଆ-୨୦୨୩ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ମାର୍କସମ୍ୟାନ ଡେଲି ଟିମ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡା. ଅର୍ଥୋ ବ୍ରାଣ୍ଡ ପାଇଁ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ରାଧିକା ଚିମାଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏପରିକି ସଂସ୍ଥାର ମିଶନ ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଦେଶର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନରେ ଯୋଗଦାନ ରଖିଥିବା ୫୦ ପ୍ରମୁଖ ପ୍ରତିଷ୍ଠାନକୁ ସଂସ୍ଥା ପକ୍ଷରୁ ଚୟନ କରାଯାଇ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି।




ମୁମ୍ବାଇର ଏକ ୫ ତାରକା ହୋଟେଲରେ ଆୟୋଜିତ ସମ୍ମାନ ପ୍ରଦାନ ସମାରୋହରେ ବଲିଉଡ୍ ଅଭିନେତ୍ରୀ ନେହା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ଅର୍ଥୋ ବ୍ରାଣ୍ଡକୁ ଭାରତର ଶ୍ରେଷ୍ଠ ବ୍ରାଣ୍ଡ-୨୦୨୩ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିଭିସା ହର୍ବାଲ୍ସ ପ୍ରା.ଲି.ର ରାଧିକା ଚିମା ଏବଂ ଗୁର୍‌ବିନ୍ଦର ଚିମା ନେହା ଶର୍ମାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


Happy 2nd Anniversary

LITU weds KUNU
Badagada, BBSR
Wish you both a Happy Marriage Anniversary.
-:Best wishes from:-
Family, Friends & Relatives.
D-0261


# ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ ରିପୋର୍ଟ ଉନ୍ମୋଚିତ

**ନୂଆଦିଲ୍ଲୀ,୪।୫**

ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କର୍ମସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ଏକ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତୁତ 'ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ' ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିକି ଇଣ୍ଡିଆର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡାଙ୍କ ସମେତ ଫିକି ଖଣି କମିଟିର କୋ-ଚେୟାରମ୍ୟାନ୍ ପଙ୍କଜ ସତିଜା, ସେକ୍ରେଟାରି ଜେନେରାଲ ଶୈଳେଶ ପାଠକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ରିପୋର୍ଟରେ ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ ସମ୍ପର୍କରେ ବିସ୍ତୃତ ସୂଚନା ସହ ଭୌଗୋଳିକ ତଥା ଭୂତାତ୍ତ୍ୱିକ ତଥ୍ୟ, ବ୍ୟବହାର, ବଜାର ଦୃଷ୍ଟିକୋଣ, ଚ୍ୟାଲେଞ୍ଜ ଏବଂ ସୁଯୋଗ ଆଦି ସବିଶେଷ ସୂଚନା ରହିଛି।

# ବରଗଡ଼ ଅରୁନ୍ଧତୀ ଜୁଏଲର୍ସର ୪ର୍ଥ ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୪।୫**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ବରଗଡ଼ସ୍ଥିତ ବରଗଡ଼ ଅରୁନ୍ଧତୀ ଜୁଏଲର୍ସର ୪ର୍ଥ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସାଥ୍ ଦେଇଥିବା ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଇପାରିଛି। ସେଥିପାଇଁ ସମସ୍ତ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ପରିବାର ପକ୍ଷରୁ କୃତଜ୍ଞତା ଜଣାଉଛି। ଅପରପକ୍ଷରେ ପ୍ରତିଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନର ସର୍ବୋତ୍ତମ ଡିଜାଇନ୍‌ର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ରୁପା ଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏପରିକି ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି (୨% ଅତିରିକ୍ତ ରିହାତି କର୍ପୋରେଟ ଓ ସରକାରୀ କର୍ମଚାରୀଙ୍କ ପାଇଁ) ରହିଛି। ସେହିଭଳି ପୁରୁଣା ଗହଣା ଉପରେ ୫୦୦ ଟଙ୍କାର ଅତିରିକ୍ତ ଏକ୍ସଚେଞ୍ଜ ବୋନସ ତଥା ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆକର୍ଷଣୀୟ ଉପହାର ମଧ୍ୟ ଦିଆଯାଉଛି। ବିଶେଷକରି ଅନୁଷ୍ଠାନର ୫ଷ୍ଟାର ପ୍ରୋମିଜ୍‌ସ ଜରିଆରେ ମାଗଣା ଅଳଙ୍କାର ବୀମା ଓ ଆଜୀବନ ଗହଣାର ମରାମତିର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମସ୍ତ ଗ୍ରାହକବନ୍ଧୁଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି।




ଅରୁନ୍ଧତୀ ଜୁଏଲର୍ସର ୪ର୍ଥ ବାର୍ଷିକ ଉତ୍ସବରେ ବଲିଉଡ୍ ଅଭିନେତା ଗୋବିନ୍ଦା ଏବଂ ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସମ୍ମାନିତ ଅତିଥିଭାବେ ଯୋଗଦେଇଛନ୍ତି।


# Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0262

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

1BHK flat for sale near Sundarpada, Bhubaneswar at minimum price- 9776088188. D-74856

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/ sqft. 9178727577, 7855816205. D-0235

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854


CONSTRUCTION

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082

Build your dream home with Vastu based planning, Earth quake resistant, structural design, estimate, 3D elevation, interior, PMC: 9658718029, 8249899544. D-73760




Newly open SPA positively health benefit with expert. Contact: 7751083098. D-74537

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types of professional body massage by professional therapy. 9556924059/ 7077933109. D-0202

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରମାମଣୀ ମହାପାତ୍ର**
ପ୍ଲଟ୍ ନଂ.- A/7, ନାଗେଶ୍ୱରଟାଙ୍ଗୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ମାଘ ସପ୍ତମୀ ୧୯୪୩
ତିରୋଧାନ:ବୈଶାଖ ପୂର୍ଣ୍ଣିମା ୨୦୦୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୦୨୫୯

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**୰ରଜନୀକାନ୍ତ ମହାପାତ୍ର**
ପ୍ଲଟ୍ ନମ୍ବର-୫, ଶକ୍ତିନଗର, କଟକ
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ନିବେଦନ।
-:ଶୋକସନ୍ତପ୍ତ:-
ପତ୍ନୀ, କନ୍ୟା, ଜାମାତା, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୦୨୫୮

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ନିର୍ମଳ କୁମାର ମିଶ୍ର

# ଘରୋଇ କ୍ରିକେଟ ସିଜନ




ଏପ୍ରିଲ ୧୧ତାରିଖରେ ବିସିସିଆଇ ଘରୋଇ କ୍ରିକେଟ କାର୍ଯ୍ୟସୂଚୀ ପ୍ରକାଶ କରିଛି। ୨୦୨୩-୨୪ ସିଜନ୍‌ରେ ୯ ମାସରେ ମୋଟ ୧୮୪୬ଟି ମ୍ୟାଚ ଖେଳାଯିବ। ଯାହାକି ବିଶ୍ୱ ଘରୋଇ କ୍ରିକେଟ୍ ଇତିହାସରେ ଏକ ରେକର୍ଡ। ୨୦୨୩ ଜୁନ୍ ଶେଷ ସପ୍ତାହରୁ ମାର୍ଚ୍ଚ ୨୦୨୪ ମଧ୍ୟରେ ବିଭିନ୍ନ ବର୍ଗର ସମ୍ମାନଜନକ ଟ୍ରଫି ପାଇଁ ଲଢ଼େଇ ଆରମ୍ଭ ହେବ। ବର୍ତ୍ତମାନ ଚାଲିଥିବା ଆଇପିଏଲ୍ ୧୬ତମ ସଂସ୍କରଣର ଫାଇନାଲ ମେ ୨୮ରେ ଖେଳାଯିବ। ଏହି ଘରୋଇ କାର୍ଯ୍ୟସୂଚୀ ମଧ୍ୟରେ ସର୍ବୋଚ୍ଚ ଘରୋଇ ଟୁର୍ନାମେଣ୍ଟର ୮୮ତମ ରଣଜୀ ସଂସ୍କରଣ ମଧ୍ୟ ରହିଛି। ଦୁଲିପ ଟ୍ରଫିରୁ ଭାରତର ଘରୋଇ ସିଜନ୍ ଆରମ୍ଭ ହେବ। ଏହା ଜୁନ୍ ୨୮ରୁ ଆରମ୍ଭ ହୋଇ ଜୁଲାଇ ୧୬ରେ ଶେଷ ହେବ। ଏହି ଜୋନ୍‌ଭିତ୍ତିକ ପ୍ରଥମ ଶ୍ରେଣୀ କ୍ରିକେଟ ଟୁର୍ନାମେଣ୍ଟରେ ଗତବର୍ଷ ୱେଷ୍ଟ ଜୋନ୍ ଚାମ୍ପିୟନ ହୋଇଥିଲା। ସାଉଥ ଜୋନ୍‌କୁ ରନରଅପ୍ ହେବାକୁ ପଡ଼ିଥିଲା।

ସେହିପରି ଦେଓଧର ଟ୍ରଫି ଜୁଲାଇ ୨୪ରୁ ଆରମ୍ଭ ହୋଇ ଅଗଷ୍ଟ ୩ ପର୍ଯ୍ୟନ୍ତ ଖେଳାଯିବ। ୬ଟି ଜୋନ୍‌କୁ ନେଇ ସେଣ୍ଟ୍ରାଲ, ସାଉଥ, ନର୍ଥ, ଇଷ୍ଟ, ୱେଷ୍ଟ ଏବଂ ନର୍ଥ ଇଷ୍ଟକୁ ନେଇ ଏହି ଲିଷ୍ଟ-ଏ ଟୁର୍ନାମେଣ୍ଟ ୫୦ ଓଭରବିଶିଷ୍ଟ ହୋଇଥିବା ବେଳେ ଇଣ୍ଡିଆ-ବି ୫୧ ରନ୍‌ରେ ଇଣ୍ଡିଆ-ସିକୁ ପରାସ୍ତ କରି ୨୦୧୯-୨୦ ଫାଇନାଲରେ ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଇରାନୀ ଟ୍ରଫି ଅକ୍ଟୋବର ୧ରୁ ଅବଶିଷ୍ଟ ଭାରତ ଏକାଦଶ ଏବଂ ଗତବର୍ଷର ରଣଜୀ ଚାମ୍ପିୟନ ସୌରାଷ୍ଟ୍ର ମଧ୍ୟରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ୧୯୫୯-୬୦ରୁ ଆରମ୍ଭ ହୋଇଥିବା ଇରାନୀ ଟ୍ରଫିର ଶେଷ ସିଜନ୍‌ରେ ସୌରାଷ୍ଟ୍ର ଦଳକୁ ୮ ଉଇକେଟରେ ହରାଇ ଅବଶିଷ୍ଟ ଭାରତ ଏକାଦଶ ଚାମ୍ପିୟନ ରହିଛି। ସୟଦ ମୁସ୍ତାକ ଅଲୀ ହ୍ୱାଇଟ ବଲ୍ ଟୁର୍ନାମେଣ୍ଟ ଅକ୍ଟୋବର ୧୬ରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ଟି୨୦ ଟୁର୍ନାମେଣ୍ଟରେ ଗତବର୍ଷ ତାମିଲନାଡୁ ଚାମ୍ପିୟନ ଓ କର୍ନାଟକ ରନରଅପ୍ ହୋଇଥିଲା। ସେହିପରି ନଭେମ୍ବର ୨୩ରୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ବିଜୟ ହଜାରେ ଟ୍ରଫି ଅନୁଷ୍ଠିତ ହେବ। ହ୍ୱାଇଟ ବଲ୍ ଫର୍ମାଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ମୋଟ ୩୮ଟି ଦଳ ଭାଗ ନେବେ। ଏଥିରେ ୫ଟି ଗ୍ରୁପରେ ୭ଟି ଟିମ୍ ଏବଂ ୩ଟି ଗ୍ରୁପରେ ୮ଟି ଦଳ ରହିବେ। ଏହି ଟ୍ରଫିରେ ୨୦୨୨-୨୩ରେ ସୌରାଷ୍ଟ୍ର ଟିମ୍ ମହାରାଷ୍ଟ୍ର ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ସିନିୟର ମହିଳା କ୍ରିକେଟ ସିଜନ୍ ଟି ୨୦ ମ୍ୟାଚରୁ ଆରମ୍ଭ ହେବ। ଏହା ୧୯ ଅକ୍ଟୋବରରୁ ୯ ନଭେମ୍ବର ମଧ୍ୟରେ ଖେଳାଯିବା ପରେ ସିନିୟର ମହିଳା ଇଣ୍ଟର ଜୋନ୍ ଖେଳାଯିବ।

ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ସମ୍ମାନଜନକ ରଣଜୀ ଟ୍ରଫି ଆସନ୍ତା ଜାନୁୟାରୀ ୫ରୁ ଆରମ୍ଭ ହେବ। ଏହାର ଫାଇନାଲ ମାର୍ଚ୍ଚ ୧୪ରେ ଖେଳାଯିବ। ମୋଟ ୩୮ଟି ଟିମ୍‌କୁ ୫ଟି ଗ୍ରୁପରେ ବିଭକ୍ତ କରାଯାଇଛି। ୪ ଏଲିଟ୍ ଗ୍ରୁପ୍‌ରେ ୩୨ ଦଳ ଲିଗ୍ ପର୍ଯ୍ୟାୟରେ ୭ଟି ଲେଖାଏ ମ୍ୟାଚ ଖେଳିବେ। ପ୍ଲେଟ ଗ୍ରୁପ୍‌ର ୬ ଦଳକୁ ଲିଗ୍ ପର୍ଯ୍ୟାୟରେ ୫ଟି ମ୍ୟାଚ ଖେଳିବାକୁ ହେବ। ପ୍ରତି ଏଲିଟ୍ ଗ୍ରୁପର ୨ଟି ଲେଖାଏ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ। ସୌରାଷ୍ଟ୍ର ଦଳ କ୍ରମାଗତ ୨ୟ ଥର ପାଇଁ ଚାମ୍ପିୟନ ହୋଇଥିବା ବେଳେ ଗତଥର ବେଙ୍ଗଲକୁ ଫାଇନାଲରେ ହରାଇଛି। କ୍ରମାଗତ ୧୫ଥର ଏବଂ ସର୍ବାଧିକ ୪୧ଥର ଚାମ୍ପିୟନ ମୁମ୍ବାଇ ଟିମ୍‌ର ରଣଜୀ ଚମକ ଆଉ ଦେଖିବାକୁ ମିଳୁନାହିଁ। ଘରୋଇ ସିଜନର ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ମଧ୍ୟରେ ଭାରତୀୟ ଦଳ ଅନେକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳିବ। ଏଥିମଧ୍ୟରେ ଡବ୍ଲ୍ୟୁଟିସି ଫାଇନାଲ ଟେଷ୍ଟ ମ୍ୟାଚ, ୱେଷ୍ଟଇଣ୍ଡିଜ ଟୁର, ଏସିଆକପ, ଅଷ୍ଟ୍ରେଲିଆ ସହିତ ଘରୋଇ ଏକଦିବସୀୟ ସିରିଜ, ଆଇସିସି ଦିନିକିଆ ବିଶ୍ୱକପ ସାମିଲ। ଘରୋଇ ପ୍ରତିଯୋଗିତା ପାଇଁ ସମସ୍ତ ରାଜ୍ୟ ବୋର୍ଡଗୁଡ଼ିକ ସେମାନଙ୍କର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଓସିଏ (ଓଡ଼ିଶା କ୍ରିକେଟ ଆସୋସିଏଶନ) ମଧ୍ୟ ଆଗାମୀ ଘରୋଇ ସିଜନ ପାଇଁ ଜୋରଦାର ପ୍ରସ୍ତୁତି ଭିଜନ ୨୦୨୪ ମାଧ୍ୟମରେ ଆରମ୍ଭ କରିଛି। ରାଜ୍ୟର ସର୍ବୋଚ୍ଚ ଟୁର୍ନାମେଣ୍ଟ କଳାହାଣ୍ଡି କପ୍ ଏବେ ଚାଲୁରହିଛି। ଇତି ମଧ୍ୟରେ ଏକଦିବସୀୟ ମ୍ୟାଚଗୁଡ଼ିକ ସଫଳତାର ସହ ସରିଥିବା ବେଳେ 'ସୁପରଲିଗ୍' ପର୍ଯ୍ୟାୟ ମଲ୍‌ଟି ଡେ' ମ୍ୟାଚ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ ଯାଉଛି। ସେହିପରି ଟି୨୦ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

**ଭାରତୀୟ ଘରୋଇ କ୍ରିକେଟ ସିଜନରେ ୩ଟି ପ୍ରତିଯୋଗିତା ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଥାଏ। ଟି୨୦ ମୁସ୍ତାକ ଅଲୀ ଟ୍ରଫି, ଏକଦିବସୀୟ ବିଜୟ ହଜାରେ ଟ୍ରଫି ଏବଂ ଏକାଧିକ ଦିବସବିଶିଷ୍ଟ ରଣଜୀ ଟ୍ରଫି। ଅନେକ ଚେଷ୍ଟା ସତ୍ତ୍ୱେ ଏହି ୩ଟି ଫର୍ମାଟ୍‌ରେ ଓଡ଼ିଶା ଦଳ ୨୦୨୨ ସିଜନ୍‌ରେ ନକ୍‌ଆଉଟ୍ ପର୍ଯ୍ୟାୟକୁ ଯାଇପାରି ନାହିଁ...**

ଭାରତୀୟ ଘରୋଇ କ୍ରିକେଟ ସିଜନରେ ୩ଟି ପ୍ରତିଯୋଗିତା ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିଥାଏ। ଟି୨୦ ମୁସ୍ତାକ ଅଲୀ ଟ୍ରଫି, ଏକଦିବସୀୟ ବିଜୟ ହଜାରେ ଟ୍ରଫି ଏବଂ ଏକାଧିକ ଦିବସବିଶିଷ୍ଟ ରଣଜୀ ଟ୍ରଫି। ଅନେକ ଚେଷ୍ଟା ସତ୍ତ୍ୱେ ଏହି ୩ଟି ଫର୍ମାଟ୍‌ରେ ଓଡ଼ିଶା ଦଳ ୨୦୨୨ ସିଜିନ୍‌ରେ ନକ୍‌ଆଉଟ୍ ପର୍ଯ୍ୟାୟକୁ ଯାଇପାରିଲା ନାହିଁ। ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଏଲିଟ୍ ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଦୁର୍ବଳ ପ୍ରଦର୍ଶନ ଯୋଗୁ ପଏଣ୍ଟ ଟେବୁଲରେ ୬ଷ୍ଠ ସ୍ଥାନରେ ରହିଲା। କେବଳ ସିକିମ ଏବଂ ଗଣ୍ଡିଗଡଠାରୁ ମ୍ୟାଚ ଜିତିଥିବା ବେଳେ ଛତିଶଗଡ, ଝାଡଖଣ୍ଡ, ବେଙ୍ଗଲ ଏବଂ ତାମିଲନାଡୁଠାରୁ ହାରିଥିଲା। ବିଜୟ ହଜାରେ ଟ୍ରଫିରେ ମଧ୍ୟ ଖରାପ ପ୍ରଦର୍ଶନ ଯୋଗୁ ପଞ୍ଜାବ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ବରୋଦା ଏବଂ ଜମ୍ମୁ-କଶ୍ମୀରଠାରୁ ଶୋଚନୀୟଭାବେ ହାରିଥିଲା। ଏକମାତ୍ର ବିଜୟ ନାଗାଲାଣ୍ଡ ବିପକ୍ଷ ମ୍ୟାଚରୁ ମିଳିଥିଲା। ଏଲିଟ୍ ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୫ ପରାଜୟ ଏବଂ ୧ ବିଜୟ ସହ ୪ପଏଣ୍ଟ ପାଇ ପୁଣି ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ରାଜେଶ ଧୂପର ଏବଂ ସ୍ପିନର ତାରେଣୀ ସ' ବ୍ୟାଟିଂ ଏବଂ ବୋଲିଂରେ ସଫଳ ହୋଇଥିଲେ। ସେହିପରି ରଣଜୀ ଟ୍ରଫିରେ ବେଙ୍ଗଲ ବିପକ୍ଷରେ ଏକମାତ୍ର ବିଜୟ ସ୍ୱାଦ ଚାଖିଥିବାବେଳେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶଠାରୁ ହାରିଥିଲା ଏବଂ ଉତ୍ତର ପ୍ରଦେଶ, ନାଗାଲାଣ୍ଡ, ହରିୟାଣା ଓ ବରୋଦା ସହ ମ୍ୟାଚ ଡ୍ର ରଖିଥିଲା। ସଫଳ ବ୍ୟାଟର ଭାବେ ଶାନ୍ତନୁ ମିଶ୍ର ୧୨ ଇନିଂସ୍‌ରେ ୫୮୧ରନ୍ (୫୨ ଆଭରେଜ), ଶୁଭ୍ରାଂଶୁ ସେନାପତି ୭ ମ୍ୟାଚରୁ ୪୯୮ ରନ୍ କରିଥିବା ବେଳେ ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂ ଠାକୁର, କାର୍ତ୍ତିକ ବିଶ୍ୱାଳ କିଛିଟା ସଫଳ ରହିଥିଲେ। ବୋଲିଂରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୫ ଏବଂ ଏସ.କେ. ରାଉତ ୧୯ଟି ଉଇକେଟ ନେଇଥିଲେ। ସର୍ବଭାରତୀୟ ସ୍ତରରେ ଶାନ୍ତନୁ ମିଶ୍ର ୨୫ ଏବଂ ସୂର୍ଯ୍ୟକାନ୍ତ ୪୬ ତମ ସ୍ଥାନରେ ରହିଥିଲେ। ଏଲିଟ୍ ଗ୍ରୁପ-ଏ'ରେ ୫ମ ସ୍ଥାନରେ ରହି ଓଡ଼ିଶା ତା'ର ଲଢ଼େଇ ଶେଷ କରିଥିଲା। ୨୦୧୬-୧୭ ଗୋବିନ୍ଦ ପୋଦ୍ଦାର ଏବଂ ୨୦୧୯-୨୦ରେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱରେ ଟିମ୍ ଓଡ଼ିଶା ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ଖେଳିଥିଲା।

ସମସ୍ତ ପ୍ରକାର ସୁବିଧା ସୁଯୋଗ ସତ୍ତ୍ୱେ ଓଡ଼ିଶା ଦଳର ବିଫଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆମ ଖେଳାଳିମାନେ କାହିଁକି ଆଇପିଏଲ୍‌ରେ ସୁଯୋଗ ପାଉ ନାହାନ୍ତି ତାହା ଏପରି ପ୍ରଦର୍ଶନରୁ ବେଶ୍ ବାରିହୋଇ ପଡୁଛି। ଦେଖିବାର କଥା ଯେ ଆଗାମୀ ଘରୋଇ ସିଜନରେ ଓଡ଼ିଶା ଦଳ କିପରି ପ୍ରଦର୍ଶନ କରୁଛି। ଜଣେ କିମ୍ବା ୨ଜଣ ଖେଳାଳିଙ୍କ ଉପରେ ନିର୍ଭର କରି ଆମେ ଆଗକୁ ଯାଇପାରିବା ନାହିଁ। ଦଳଗତ ସଫଳତା ଏକାନ୍ତ ଆବଶ୍ୟକ।

# ଚର୍ଚ୍ଚାରେ ଭେଟେରାନ୍ ପ୍ଲେୟର





ଅଭିଜ୍ଞତାର କିଛି ବିକଳ୍ପ ନ ଥାଏ। ଚଳିତ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ଅଧାଅଧି ଶେଷ ହେବାକୁ ବସିଥିବା ବେଳେ କିଛି ଅଭିଜ୍ଞ ଖେଳାଳିଙ୍କ ପ୍ରଦର୍ଶନ ଏହାକୁ ଠିକ୍ ପ୍ରମାଣିତ କରିଛି। ଏହି ଲିଗ୍‌ରେ ସାଧାରଣତଃ ଯୁବ ଖେଳାଳିଙ୍କଠାରୁ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଥାଏ। ଚଳିତ ବର୍ଷର ଆଇପିଏଲରେ ଦେଖିବାକୁ ମିଳିଛି ଏକ ବ୍ୟତିକ୍ରମ। ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ, ଅର୍ଶଦୀପ ସିଂ, ରିଙ୍କୁ ସିଂଙ୍କ ପରି ଯୁବ ଖେଳାଳି ନିଃସନ୍ଦେହ ଚମତ୍କାର ପ୍ରଦର୍ଶନ କରିଛନ୍ତି। ତେବେ ଏମିତି ଅନେକ ଖେଳାଳି ଯେଉଁମାନେ ଟିମ୍ ଇଣ୍ଡିଆର ରାଡାରରୁ ବେଶ୍ ଦୂରରେ ସେମାନେ ନିଜ ପ୍ରଦର୍ଶନ ଜରିଆରେ ଚହଳ ସୃଷ୍ଟି କରିଛନ୍ତି। ଅଜିଙ୍କ୍ୟ ରାହାନେ, ଇଶାନ୍ତ ଶର୍ମା, ଶିଖର ଧାୱନ, ମୋହିତ ଶର୍ମା, ସନ୍ଦୀପ ଶର୍ମା, ପୀୟୂଷ ଚାୱଲା ଓ ଅମିତ ମିଶ୍ରଙ୍କ ପରି ଖେଳାଳି ଏହି ତାଲିକାରେ ଅଛନ୍ତି। ରାହାନେ ନିଜ ପ୍ରଦର୍ଶନ ଆଧାରରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଦଳକୁ ଫେରିଥିବା ବେଳେ ଅନ୍ୟମାନେ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଏମିତି ଖେଳାଳିଙ୍କ ଉପରେ ଏକ ଆଲେଖ୍ୟ.....

**ଅଜିଙ୍କ୍ୟ ରାହାନେ:** ଭାରତୀୟ ଦଳର ଅଧିନାୟକ ରହି ସାରିଥିବା ରାହାନେଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ରହିଛି ଆଇପିଏଲ୍ ୨୦୨୩। ଚଳିତ ଆଇପିଏଲ୍‌ରେ ସେ ୧୯୦ରୁ ଅଧିକ ଷ୍ଟ୍ରାଇକ ରେଟ୍‌ରେ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କ ଫିଲ୍ଡିଂ ଦକ୍ଷତାରେ ସେ ସମସ୍ତଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି। ୮ ମ୍ୟାଚରୁ ୨ଟି ଅର୍ଦ୍ଧଶତକ ସହିତ ରାହାନେ ୨୨୪ ରନ୍ ସ୍କୋର କରିଛନ୍ତି। ରାହାନେ ଯଦି ଟୁର୍ନାମେଣ୍ଟ ଶେଷଯାଏ ସମାନ ଫର୍ମ ବଜାୟ ରଖନ୍ତି ତେବେ ଭାରତର ସୀମିତ ଓଭର ଦଳ ତଥା ଆଗାମୀ ଦିନିକିଆ ବିଶ୍ୱକପରେ ସେ ପ୍ରତ୍ୟାବର୍ତ୍ତନ କରିପାରନ୍ତି।

**ଇଶାନ୍ତ ଶର୍ମା:** ଭାରତୀୟ ଦଳର ପୂର୍ବତନ ଷ୍ଟ୍ରାଇକ୍ ବୋଲର ରହିଥିବା ଇଶାନ୍ତ ଶର୍ମା ବର୍ତ୍ତମାନ ଭାରତୀୟ ଚୟନକର୍ତ୍ତାଙ୍କ ରାଡାରରୁ ବାହାରେ। ୩୭ ବର୍ଷୀୟ ଇଶାନ୍ତ ଦୀର୍ଘ ବର୍ଷ ଧରି ଭାରତୀୟ ଦଳର ଅଂଶ ନଥିବା ଇଶାନ୍ତ ନିଜ ଆଇପିଏଲ ପ୍ରତ୍ୟାବର୍ତ୍ତନରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୪ ମ୍ୟାଚ୍ ଖେଳି ସାରିଥିବା ଇଶାନ୍ତଙ୍କ ଇକୋନୋମି ରେଟ୍ ୬.୫୦ ରହିଥିବା ବେଳେ ସେ ନେଇଛନ୍ତି ୬ ଉଇକେଟ। ଚଳିତ ସିଜନର ୪ ମ୍ୟାଚରୁ ଇଶାନ୍ତ ୨ ଥର ପ୍ଲେୟର ଅଫ୍ ଦ ମ୍ୟାଚ୍ ମଧ୍ୟ ହୋଇଛନ୍ତି।

**ଶିଖର ଧାୱନ:** ଏକଦା ସୀମିତ ଓଭର ଭାରତୀୟ ଦଳର ଅଧିନାୟକ ରହିଥିବା ଶିଖର ଧାୱନଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଦଳରୁ ବାଦ ଦିଆଯାଇଥିଲା। ୩୭ ବର୍ଷ ବୟସରେ ବି ଧାୱନ ବେଶ୍ ଚମତ୍କାର ବ୍ୟାଟିଂ କରୁଛନ୍ତି। ଚଳିତ ସିଜନରେ ୭ ମ୍ୟାଚ୍‌ରୁ ୧୫୦ ଷ୍ଟ୍ରାଇକରେଟ୍ ସହିତ ସେ ୨୯୨ ରନ୍ କରିଛନ୍ତି। ଏହା ସହିତ ତାଙ୍କର ଆଭରେଜ ୫୮ ରହିଛି।

**ଅନେକ ଖେଳାଳି ଯେଉଁମାନେ ଟିମ୍ ଇଣ୍ଡିଆର ରାଡାରରୁ ବେଶ୍ ଦୂରରେ ସେମାନେ ନିଜ ଆଇପିଏଲ୍ ପ୍ରଦର୍ଶନ ଜରିଆରେ ଚହଳ ସୃଷ୍ଟି କରିଛନ୍ତି। ଅଜିଙ୍କ୍ୟ ରାହାନେ, ଇଶାନ୍ତ ଶର୍ମା, ଶିଖର ଧାୱନ, ମୋହିତ ଶର୍ମା, ସନ୍ଦୀପ ଶର୍ମା, ପୀୟୂଷ ଚାୱଲାଙ୍କ ପରି ଖେଳାଳି ଏହି ତାଲିକାରେ ଅଛନ୍ତି...**

**ମୋହିତ ଶର୍ମା:** ଚେନ୍ନାଇ ସୁପର କିଙ୍ଗ୍ସରୁ ନିଜର ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ ମୋହିତ ଶର୍ମା। ପର୍ପଲ କ୍ୟାପ୍ ହାସଲ କରିବା ସହିତ ମୋହିତ ଭାରତୀୟ ଦଳରୁ ଡାକରା ପାଇଥିଲେ। ଏହାପରେ ଖରାପ ଫର୍ମ କାରଣରୁ ଭାରତୀୟ ଦଳରୁ ବାଦ୍ ପଡିଥିବା ବେଳେ ଆଇପିଏଲରେ ମଧ୍ୟ କୌଣସି ଦଳ ତାଙ୍କୁ କିଣି ନ ଥିଲେ। ୨୦୨୨ ସିଜନରେ ଗୁଜରାଟ ଟାଇଟନ୍ସରେ ନେଟ୍ ବୋଲର ଭାବରେ ଯୋଗ ଦେଇଥିଲେ ମୋହିତ। ଚଳିତ ସିଜନରେ ଯଶ ଦୟାଲଙ୍କ ସ୍ଥାନରେ ଖେଳିବା ପରେ ମୋହିତ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ୬ ମ୍ୟାଚ୍‌ରୁ ସେ ୮ ଉଇକେଟ ନେଇଥିବା ବେଳେ ତାଙ୍କର ଇକୋନୋମି ୬.୯୪ ରହିଛି।

**ସନ୍ଦୀପ ଶର୍ମା:** ବଲ୍ ସୁଇଙ୍ଗ କରିବାରେ ଭୁବନେଶ୍ୱର କୁମାରଙ୍କ ବିକଳ୍ପ ଭାବେ ସନ୍ଦୀପ ଶର୍ମାଙ୍କୁ ବିବେଚନା କରାଯାଏ। ତେବେ ପେସ୍‌ର ଅଭାବ କାରଣରୁ ସନ୍ଦୀପ କଦାପି ଭାରତୀୟ ଦଳରେ ସ୍ଥାନ ପାଇବାରେ ସମର୍ଥ ହୋଇ ନ ଥିଲେ। ଚଳିତ ସିଜନରେ ସନ୍ଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ୍ ମଧ୍ୟ କିଣି ନ ଥିଲେ। ତେବେ ପ୍ରସିଦ୍ଧ କ୍ରିଷ୍ଣା ଆହତ ହୋଇ ବାଦ୍ ପଡ଼ିବାରୁ ବିକଳ୍ପ ଖେଳାଳି ଭାବେ ସନ୍ଦୀପଙ୍କୁ ସାମିଲ କରାଯାଇଥିଲା। ଏହାପରେ ନିଜ ସୁଇଙ୍ଗ୍ ସହିତ ଡେଥ୍ ଓଭର ବୋଲିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଭାରତୀୟ ଦଳରେ ସେ ଭୁବନେଶ୍ୱର କୁମାରଙ୍କ ବିକଳ୍ପ ସାବ୍ୟସ୍ତ ହୋଇପାରନ୍ତି।

**ଅମିତ୍ ମିଶ୍ର:** ଚଳିତ ଆଇପିଏଲ୍‌ର ସବୁଠାରୁ ବୟସ୍କ ଖେଳାଳି ହେଉଛନ୍ତି ଅମିତ୍ ମିଶ୍ର। ୪୨ ବର୍ଷ ବୟସରେ ତାଙ୍କର ଭାରତୀୟ ଦଳକୁ ଫେରିବାର ସମ୍ଭାବନା ନାହିଁ। ଚଳିତ ସିଜନରେ ୬ ମ୍ୟାଚ୍‌ରୁ ୬ ଉଇକେଟ ନେଇଥିବା ବେଳେ ତାଙ୍କର ଇକୋନୋମି ୭.୫୦ ରହିଛି।

**ପୀୟୂଷ ଚାୱଲା:** ୩୪ ବର୍ଷ ବୟସ୍କ ପୀୟୂଷ ଚାୱଲା ମୁମ୍ବାଇର ସବୁଠାରୁ ସଫଳତମ ବୋଲର ରହିଛନ୍ତି। ୩୪ ବର୍ଷ ବୟସ୍କ ଚାୱଲା ୯ ମ୍ୟାଚରୁ ୧୫ ଉଇକେଟ ନେଇ ପର୍ପଲ କ୍ୟାପ୍ ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି। ଏହି ପ୍ରଦର୍ଶନ ଜରିଆରେ ସେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି।

ପ୍ରସ୍ତୁତି: **ସରୋଜ କୁମାର ଜେନା**

## ପ୍ରୋତ୍ସାହନ

ଏସିଆ ବ୍ୟାଡମିଣ୍ଟନ
ଚାମ୍ପିୟନଶିପରେ
ଇଣ୍ଡିଆର ଦୁଇ ଯୋଡି
ନୂଆ ଏସିଆ ଚାମ୍ପିୟନ ହୋଇଛନ୍ତି
ଚିରାଗ ଓ ରାଙ୍କିରେଡ୍ଡୀ
ଅଠାବନ ବର୍ଷ ପଡି
ଦୀନେଶ ଖାନ୍ନାଙ୍କ ପରେ ଏହି ଷ୍ଟାର
ଡବଲ୍ସ ଯୋଡି ରେଡି(୧)
ପଞ୍ଚମ ଏସିଆନ୍ ୟୁଥ୍ ଆଥଲେଟିକ୍ସ
ଉଜବେକିସ୍ତାନରେ ବାପି
ହାଁସଦା ଦୌଡରେ ଦ୍ୱିତୀୟ ହୋଇକି
ରୌପ୍ୟ ପଦକରେ ହାପି
ଇନକ୍ୱାରି କର ଲିପି
ପ୍ରୋତ୍ସାହନ ବିନା ବାପି ପରି କେତେ
ଆଥଲେଟ ଯାନ୍ତି ଛପି।(୨)
ଆଇପିଏଲ୍‌ର ୧୦୦୦ତମ ମ୍ୟାଚ୍
ଏବେ ହୋଇଅଛି ଶେଷ
ଲଳିତ ମୋଦିଙ୍କ ମାନସ ସନ୍ତାନ
ମୋତୁଅଛି ଆଜି ନିଶ
କୋଟିରେ ସଭିଏଁ ବଶ
ପ୍ରୋତ୍ସାହନ ସହଯୋଗ ବିନା କିଏ
ମରେ ଏଠି ପିଇ ବିଷ।
**-ସୁବାସ ଚନ୍ଦ୍ର ପ୍ରଧାନ**

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୫/୨୦୨୩ Bhubaneswar, Friday, May 5/ 2023

# କୋଲକାତାର ଚତୁର୍ଥ ବିଜୟ

ହାଇଦ୍ରାବାଦ,୪।୫

ଶେଷ ଓଭରରେ ବରୁନ ଚକ୍ରବର୍ତ୍ତୀଙ୍କ ଘାତକ ବୋଲିଂ ବଳରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଏହାର ୪ର୍ଥ ବିଜୟ ହାସଲ କରିଛି। ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲର ୪୭ ତମ ମ୍ୟାଚରେ କେକେଆର ୫ ରନ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରି ୧୦ମ ମ୍ୟାଚରୁ ୪ର୍ଥ ବିଜୟ ସହ ୮ ପଏଣ୍ଟ ଅର୍ଜନ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେକେଆର ୨୦ ଓଭରରେ ୮ ଉଇକେଟରେ ୧୭୧ ରନ୍ ସଂଗ୍ରହ କରିଥିଲା। ଜବାବରେ ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୬୬ ରନ୍‌ରେ ସୀମିତ ରହିଥିଲା।

ମାର୍କୋ ଜାନ୍‌ସେନ୍‌ଙ୍କ ଘାତକ ବୋଲିଂ ବଳରେ କେକେଆର ୩୫ ରନ୍‌ରେ ୩ ଉଇକେଟ ହରାଇଥିଲା। ନୀତିଶ ରାଣା(୪୨) ଓ ରିଙ୍କୁ ସିଂ(୪୬) ଚତୁର୍ଥ ଉଇକେଟରେ ୬୧ ରନ୍ ଯୋଡିଥିଲେ। ଆନ୍ଦ୍ରେ ରସେଲ୍ ୧୫ ବଲ୍‌ରୁ ୨୪ ରନ୍ କରିଥିଲେ। ଟପ୍ ସ୍କୋରର ରହିଥିବା ରିଙ୍କୁ ୩୫ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ସନରାଇଜର୍ସ ପକ୍ଷରୁ ମାର୍କୋ ଜାନସେନ୍ ଓ ଟି ନଟରାଜନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୭୨ ରନ୍‌ର ପିଛା କରୁଥିବା ହାଇଦ୍ରାବାଦ ୫୪ ରନ୍‌ରେ ୪ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ଏଡେନ୍ ମାରକ୍ରମ ୪୧ ଓ ହେନ୍‌ରିଚ୍ କ୍ଲାସେନ୍ ୩୬ ପଞ୍ଚମ ଉଇକେଟରେ ୭୦ ରନ୍ ଯୋଡିଥିଲେ। ଉଭୟ ଖେଳାଳି ମାତ୍ର ଦୁଇ ଓଭର ବ୍ୟବଧାନରେ ଆଉଟ ହେବା ସହ ସନରାଇଜର୍ସ ସଙ୍କଟରେ ପଡିଥିଲା। ତେବେ ଅବଦୁଲ୍ ସମଦ ୨୧ ରନ୍ କରି ଦଳକୁ ବିଜୟର ନିକଟତର କରିଥିଲେ। ଅନ୍ତିମ ଓଭରରେ ୯ ରନ୍ ଆବଶ୍ୟକ ଥିବା ବେଳେ ବରୁନ୍ ମାତ୍ର ୩ ରନ୍ ଦେଇଥିଲେ। କେକେଆର ପକ୍ଷରୁ ବୈଭବ ଅରୋରା ଓ ଶାର୍ଦ୍ଦୂଳ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ଗୁଜରାଟ ବନାମ ରାଜସ୍ଥାନ**
ସ୍ଥାନ:ଜୟପୁର,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ନୀତୀଶ ରାଣାଙ୍କୁ କଟ୍ ଆଣ୍ଡ୍ ବୋଲ୍ଡ କରୁଛନ୍ତି ଏଡେନ୍ ମାରକ୍ରମ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୧/୮(ରିଙ୍କୁ ସିଂ-୪୬, ନୀତିଶ ରାଣା-୪୨, ଆନ୍ଦ୍ରେ ରସେଲ-୨୪, ମାର୍କୋ ଜାନସେନ୍-୨/୨୪, ଟି ନଟରାଜନ-୨/୩୦, ଏଡେନ୍ ମାରକ୍ରମ-୧/୨୪)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୬/୮(ଏଡେନ୍ ମାରକ୍ରମ-୪୧, ହେନରିଚ୍ କ୍ଲାସେନ୍-୩୬, ଅବଦୁଲ ସମଦ-୨୧, ବୈଭବ ଅରୋରା-୨/୩୨, ଶାର୍ଦ୍ଦୂଳ ଠାକୁର-୨/୨୩, ଆନ୍ଦ୍ରେ ରସେଲ୍-୧/୧୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୧୨ | +୦.୫୩୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୪ | ୧୧ | +୦.୩୨୯ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | -୦.୩୭୩ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୧୦୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୬ | -୦.୫୪୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

# ଶ୍ରଦ୍ଧାଞ୍ଜଳି ଜାତୀୟ ଫୁଟ୍‌ବଲ ଚୟନକର୍ତ୍ତା

ଭୁବନେଶ୍ୱର, ୪।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଓ କୋଚ୍ କିମ୍ବଦନ୍ତୀ ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ଉପରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପୁଣି ଆସ୍ଥା ପ୍ରକଟ କରିଛି। ତାଙ୍କୁ ମହିଳା ଜାତୀୟ ଫୁଟ୍‌ବଲ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତି ଦେଇଛି। ଗୁଜରାଟର ଅହମଦାବାଦରେ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଗତ ଏପ୍ରିଲ ୩୦ରୁ ଆରମ୍ଭ ହୋଇଛି। ଏହା ମେ ୨୧ ପର୍ଯ୍ୟନ୍ତ ଚାଲିବ। ଏଥିରୁ ପ୍ରଦର୍ଶନ ଭିତ୍ତିରେ ଜାତୀୟ ଦଳ ପାଇଁ ଯୋଗ୍ୟ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଚୟନ କରିବେ। ସୂଚନାଯୋଗ୍ୟ, ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ଏହି ପୂର୍ବତନ ଖେଳାଳି ଦଶନ୍ଧି ହେଲା ଭାରତୀୟ ଦଳର ବିଭିନ୍ନ ବର୍ଗ ପାଇଁ ପ୍ରଶିକ୍ଷକ ଓ ଚୟନକର୍ତ୍ତା ଭାବେ ସଫଳତାର ସହ ତୁଲାଇ ଆସୁଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ଶ୍ରଦ୍ଧାଞ୍ଜଳି ଏଆଇଏଫ୍‌ଏଫ, ଫାଓ (ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା) ଏବଂ ତାଙ୍କ ନିଯୁକ୍ତିଦାତା ନାଲକୋ କର୍ତ୍ତୃପକ୍ଷଙ୍କ ପ୍ରତି ତାଙ୍କର କୃତଜ୍ଞତା ଜ୍ଞାପନ କରିଛନ୍ତି। ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ତାଙ୍କୁ ଉତ୍ସାହିତ କରିଥିବା ସେ କହିଛନ୍ତି।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

## ଭାରତ ରିକର୍ଭ, କମ୍ପାଉଣ୍ଡ ମିକ୍ସଡ ଟିମ୍ ଇଭେଣ୍ଟ ଫାଇନାଲରେ

**ତାସ୍‌କେଣ୍ଟ, ୪।୫ (ପି.ଟି.):** ଏସିଆ କପ୍ ଷ୍ଟେଜ୍-୨ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ଭାରତୀୟ ତୀରନ୍ଦାଜମାନେ ସେମାନଙ୍କର ପ୍ରାଧାନ୍ୟ ଜାରି ରଖିଛନ୍ତି। ରିକର୍ଭ ଓ କମ୍ପାଉଣ୍ଡ ମିକ୍ସଡ ଯୋଡ଼ି ବିଭାଗରେ ସେମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ଫଳରେ ଏହି କଣ୍ଟିନେଣ୍ଟାଲ ଇଭେଣ୍ଟରେ ଭାରତୀୟ ତୀରନ୍ଦାଜମାନେ ସମସ୍ତ ୧୦ଟି ବିଭାଗରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବାଏ ପାଇ କ୍ୱାର୍ଟରଫାଇନାଲରେ ସ୍ଥାନ ପାଇଥିବା ଭାରତର ଦ୍ୱିତୀୟ ସିଡ୍ ମିକ୍ସଡ ଯୋଡ଼ି ମୃଣାଳ ଚୌହାନ ଓ ସଙ୍ଗୀତା ହଂକଂକୁ ୬-୦ (୩୭-୩୨, ୩୪-୩୩, ୩୬-୩୪)ରେ ହରାଇ ଦେଇଥିବା ବେଳେ ସେମିଫାଇନାଲରେ ଉଜ୍‌ବେକିସ୍ତାନକୁ ୫-୪ (୩୬-୩୭, ୩୬-୩୫, ୩୯-୩୬, ୩୭-୩୯)ରେ ହରାଇ ଦେଇଥିଲେ।

## ଓଡ଼ିଶାରୁ ଭାଗନେବେ ୪ ଆଥଲେଟ୍


ଅଫିସିଆଲ୍‌ଙ୍କ ସହ ଓଡ଼ିଶାର ୪ ପାରା ଆଥଲେଟ।

**ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ**

ଭୁବନେଶ୍ୱର,୪।୫(ସ୍ପୋର୍ଟ୍ସ ବ୍ୟୁରୋ)

ବେଙ୍ଗାଲୁରୁ ସ୍ଥିତ ଶ୍ରୀ କାନ୍ତିବୀରା ଷ୍ଟାଡିୟମରେ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ସ ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ ମେ ୫ରୁ ୭ ତାରିଖ ଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୪ ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଜୟନ୍ତୀ ବେହେରା (୧୦୦, ୨୦୦ ଓ ୪୦୦ ମି.), ସୁଚିତ୍ରା ପରିଡା(ଡିସ୍କସ୍ ଓ ଜାଭେଲିନ୍ ଥ୍ରୋ), ପଙ୍କଜ ଭୁଏ (ଲଙ୍ଗଜମ୍ପ, ୧୦୦ ଓ ୨୦୦ ମିଟର) ଏବଂ ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ(ଶଟ୍‌ପୁଟ୍ ଓ ଜାଭେଲିନ୍ ଥ୍ରୋ) ରେ ଅଂଶଗ୍ରହଣ କରିବେ। ଅନ୍ୟମାନଙ୍କ ମଧ୍ୟରେ କୋଚ୍ ଭାବରେ ପୂର୍ବତନ ପାରା ଅଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ ଓ ବିଷ୍ଣୁ ପ୍ରସାଦ ମିଶ୍ର କୋଚ୍ ଭାବରେ ଯୋଗ ଦେଉଛନ୍ତି।

# ଭାରତୀୟ ଦଳର ନେତୃତ୍ୱ ନେବେ ଉତ୍ତମ

**ବେଙ୍ଗାଲୁରୁ, ୪।୫ (ପି.ଟି.):** ଓମାନର ସାଲାଲାଠାରେ ମେ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ହେବାକୁଥିବା ଜୁନିୟର ଏସିଆ କପ୍ ହକି ଟୁର୍ନାମେଣ୍ଟ ପାଇଁ ଯୁବ ଫରୱାର୍ଡ ଉତ୍ତମ ସିଂଙ୍କୁ ଭାରତୀୟ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗତବର୍ଷ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ଯୋଗୁ ଭାରତ ସୁଲ୍‌ତାନ ଜୋହର କପ୍ ଜିତିଥିଲା। ଏସିଆ କପ୍ ଆହୁରି ମଧ୍ୟ ଡିସେମ୍ବରରେ ମାଲେସିଆରେ ହେବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ପାଇଁ ଏକ କ୍ୱାଲିଫାଇଙ୍ଗ ଇଭେଣ୍ଟ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ପାକିସ୍ତାନ, ଜାପାନ, ଥାଇଲାଣ୍ଡ ଓ ଚାଇନିଜ ତାଇପେ ସହ ଭାରତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ କୋରିଆ, ମାଲେସିଆ, ଓମାନ, ବାଂଲାଦେଶ ଓ ଉଜ୍‌ବେକିସ୍ତାନ ରହିଛନ୍ତି। **ଭାରତ ଜୁନିୟର ହକି ଦଳ-** ଗୋଲକିପର: ମୋହିତ ଏଚ୍.ଏସ୍, ହିମାୱାନ ସିହାଗ୍; ଡିଫେଣ୍ଡର: ଶର୍ଦ୍ଧାନନ୍ଦ ତିୱାରୀ, ରୋହିତ, ଅମନଦୀପ ଲାକ୍ରା, ଅମିର ଅଲି, ଯୋଗେମ୍ବର ରାୱତ; ମିଡ୍‌ଫିଲ୍ଡର: ବିଷ୍ଣୁକାନ୍ତ ସିଂ ରାଜିନ୍ଦର ସିଂ, ପୁଭାନ୍ନା ସି. ବି, ଅମନଦୀପ, ସୁନୀତ ଲାକ୍ରା; ଫରୱାର୍ଡ: ବବି ସିଂ ଧାମି (ଉପଅଧିନାୟକ), ଅରାଇଜିତ ସିଂ ହୁଣ୍ଡାଲ, ଆଦିତ୍ୟ ଲାଲାଗେ, ଉତ୍ତମ ସିଂ (ଅଧିନାୟକ), ସୁଦୀପ ଚିର୍‌ମାକୋ ଓ ଅଙ୍ଗଦ ବୀର୍ ସିଂ।

# କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା, କଳାହାଣ୍ଡି ବିଜୟୀ

ଭୁବନେଶ୍ୱର, ୪।୫
(ସ୍ପୋର୍ଟ୍ସ ବ୍ୟୁରୋ)

**ସାହାଣୀ କପ୍ ଫୁଟବଲ**

୬୨ତମ ପୁରୁଷ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ କନ୍ଧମାଳ, ଢେଙ୍କାନାଳ, ଖୋର୍ଦ୍ଧା ଓ କଳାହାଣ୍ଡି ସେମାନଙ୍କ ମ୍ୟାଚଗୁଡ଼ିକରେ ବିଜୟ ଲାଭ କରିଛନ୍ତି। କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ କନ୍ଧମାଳ ୨-୧ ଗୋଲ୍‌ରେ ଭଦ୍ରକକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ପିଣ୍ଟୁ ସାନ୍ତା ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଭଦ୍ରକ ତରଫରୁ ଅଜୟ ମାରାଣ୍ଡି ଗୋଟିଏ ଗୋଲ୍ ଦେଇଥିଲେ। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଢେଙ୍କାନାଳ ୪-୦ ଗୋଲ୍‌ରେ କେନ୍ଦ୍ରାପଡ଼ାକୁ ପରାଜିତ କରିଛି। ଢେଙ୍କାନାଳ ପକ୍ଷରୁ ଅନୀଲ ସ୍ୱାଇଁ, ଆଶିଷ ମାଝି, ରଜତ କୁମାର ରାଉତ ଓ ଫଗୁଆ କିସ୍କୁ ଗୋଲ ଦେଇଥିଲେ। ସେହିପରି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଗ୍ରାଉଣ୍ଡରେ ସମ୍ବଲପୁର ବିପକ୍ଷରେ ଖୋର୍ଦ୍ଧା ୨-୧ ଗୋଲ୍‌ରେ ବିଜୟ ଲାଭ କରିଛି। ଖୋର୍ଦ୍ଧ ପକ୍ଷରୁ ସକିର ଅହମ୍ମଦ ଓ ମନୋଜ ସ୍ୱାଇଁ ଗୋଲ ସ୍କୋର କରିଥିବା ବେଳେ ବିପକ୍ଷ ସମ୍ବଲପୁର ପକ୍ଷରୁ ଏକମାତ୍ର ଗୋଲ ରଞ୍ଜନ ମୁଣ୍ଡା ସ୍କୋର କରିଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ କଳାହାଣ୍ଡି ୬-୧ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭବାନୀ ଶଙ୍କର ବିମଳ ବ୍ୟକ୍ତିଗତ ୩ ଗୋଲ୍ ସ୍କୋର କରିଥିବା ବେଳେ ସମୀର ମାଝି ଦୁଇଟି ଏବଂ ଭେଙ୍କଟେଶ୍ୱର ଓରାମ ଗୋଟିଏ ଗୋଲ୍ ଦେଇଥିଲେ। ନୂଆପଡ଼ା ପକ୍ଷରୁ ଏକମାତ୍ର ଗୋଲ୍ ଅର୍ଜୁନ ନିଆଲ ଦେଇଥିଲେ। ଗୁରୁବାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ୮ଟି ଦଳ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସେମାନେ ହେଲେ ଗ୍ରୁପ୍ 'ଏକ୍ସ'ରୁ ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ ଓ ଝାରସୁଗୁଡ଼ା ଏବଂ ଗ୍ରୁପ୍ 'ୱାଇ'ରୁ କଟକ, କନ୍ଧମାଳ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଓ ଖୋର୍ଦ୍ଧା। କ୍ୱାର୍ଟରଫାଇନାଲ ଶୁକ୍ରବାର ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।


କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ଗୁରୁବାର କନ୍ଧମାଳ ଓ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଓସିଏ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ୍


ସମ୍ବଲପୁରରେ ଅନୁଷ୍ଠିତ ଓସିଏ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପରେ ଉପସ୍ଥିତ ଖେଳାଳି ଓ କର୍ମକର୍ତ୍ତା।

ସମ୍ବଲପୁର, ୪।୫ (ବ୍ୟୁରୋ)

ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା ଓ ଦେବଗଡ଼ ଜିଲାକୁ ନେଇ ଜୋନାଲ ଭେନ୍ୟୁ ସମ୍ବଲପୁରରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୨ଜଣ ସ୍ପିନର ଭାଗ ନେଇଥିଲେ। ସମ୍ଭାବ୍ୟ ଶ୍ରେଷ୍ଠ ପ୍ରତିଭା ସ୍ପିନର ବାଛିବା ଲାଗି ଭେନ୍ୟୁରେ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟକୋଚ୍ ଦୀନେଶ ମୋଙ୍ଗିଆଙ୍କ ସମେତ ଓସିଏର ସିନିୟର ଓ ଜୁନିୟର ଚୟନକର୍ତ୍ତାଗଣ ଯଥା ଅମିୟ ରାୟ, ସୁବିତ୍ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ୟାମ୍ପର ଉଦ୍‌ଘାଟନୀ ଉତ୍ସବରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଏବଂ ସମ୍ବଲପୁର ଜିଲା ଆଥଲେଟିକ୍ ଆସୋସିଏଶନର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ରହିଥିଲେ ଦୁଲାଲଚନ୍ଦ୍ର ପ୍ରଧାନ (ଉପସଭାପତି), ସୁନୀଲ କୁମାର ସାହୁ(ସାଧାରଣ ସମ୍ପାଦକ), ଉମାପତି ତ୍ରିପାଠୀ (କୋଷାଧ୍ୟକ୍ଷ), ଅବିନାଶ ନନ୍ଦ (କ୍ରିକେଟ ସମ୍ପାଦକ) ଏବଂ କାଉନ୍‌ସିଲ ସଦସ୍ୟ ସୁବୋଧ ସାହୁ, ପଦ୍ମ ନାୟକ ଏବଂ ବିଭୂତି ଭୂଷଣ ମିଶ୍ର। ଓସିଏର ପରବର୍ତ୍ତୀ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଶନିବାର ରେଲୱେ ଷ୍ଟାଡ୍ୟିମ, ଭଦ୍ରକରେ ହେବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ